# ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟ

ମହାଶ୍ୱେତା ଦେବୀ



OR
891.443 092
B 223 A

ଭାରତୀୟ
ସାହିତ୍ୟର

OR
891.443 092
B 223 A

INDIAN INSTITUTE
OF
ADVANCED STUDY
LIBRARY, SHIMLA





ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

# ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟ

ମହାଶ୍ୱେତା ଦେବୀ

ଅନୁବାଦ

ରମେଶ ଚନ୍ଦ୍ର ଧଳ

ସାହିତ୍ୟ ଅକାଦେମି

*TARASANKAR BANDYOPADHYAYA* :
Translated into Oriya by Ramesh Chandra Dhal from the same title in English by M Devi.
Sahitya Akademi, New Delhi 1989.

SAHITYA AKADEMI
REVISED PRICE Rs. 15.00

OR
891.443 092
B 223 A

© ସାହିତ୍ୟ ଅକାଦେମି

ସାହିତ୍ୟ ଅକାଦେମୀ
ରବୀନ୍ଦ୍ରଭବନ, ୩୫ ଫିରୋଜଶାହ ରୋଡ୍,
ନୂଆଦିଲ୍ଲୀ ୧୧୦୦୦୧

Library IIAS, Shimla
OR 891.443 092 B 223 A
00117817

ଶାଖା କାର୍ଯ୍ୟାଳୟ

ରବୀନ୍ଦ୍ର ସରୋବର ଷ୍ଟାଡିୟମ୍,
ବ୍ଲକ୍ ୫ ବି, କଲିକତା ୭୦୦୦୨୯

୨୯, ଏଲଡାମସ୍ ରୋଡ୍, ଟେନାମ୍‌ପେଟ୍,
ମାଡ୍ରାସ ୬୦୦୦୧୮

୧୭୨, ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦାର,
ବମ୍ବେ ୪୦୦୦୧୪

117817
21/12/04

SAHITYA AKADEMI
REVISED PRICE Rs. 15.00

ମୁଦ୍ରଣ
ସଂସାର ପ୍ରେସ୍, କଟକ ୭୫୩୦୦୯

ତାରାଶଙ୍କର ବନ୍ଦ୍ୟୋପାଧ୍ୟାୟ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନ କୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନି ଜଣ ଜ୍ୟୋତିଷ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

# ପ୍ରଥମ ପରିଚ୍ଛେଦ

ତାରାଶଙ୍କର ବନ୍ଦୋପାଧ୍ୟାୟ ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାର ଲାଭପୁର ଗ୍ରାମରେ ୨୫ ଜୁଲାଇ ୧୮୯୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ବାପାଙ୍କ ନାମ ଶ୍ରୀ ହରିଦାସ ବନ୍ଦୋପାଧ୍ୟାୟ ଓ ମା'ଙ୍କ ନାମ ଶ୍ରୀମତୀ ପ୍ରଭାବତୀ ଦେବୀ । ସେ ପରିବାରରେ ସମସ୍ତଙ୍କଠାରୁ ବଡ଼ ଥିଲେ । ତାଙ୍କର ଗୋଟିଏ ଭଉଣୀ ଓ ଦୁଇଟି ଭାଇ ଥିଲେ ।

ପୁରାଣଶାସ୍ତ୍ରାନୁସାରେ ଲାଭପୁର ଅଟ୍ଟହାସ ନାମରେ ସୁପରିଚିତ । ଏହା ଏକାବନଗୋଟି ପବିତ୍ର ସ୍ଥାନ ମଧ୍ୟରୁ ଅନ୍ୟତମ । କିଂବଦନ୍ତୀ ଅନୁଯାୟୀ ସତୀଙ୍କ ଛେଦିତ ଅଙ୍ଗର କେତେକାଂଶ ଏଠାରେ ପଡ଼ିଥିଲା । ଶାକ୍ତ ଓ ବୈଷ୍ଣବ ଉଭୟ ସଂପ୍ରଦାୟର ବିଶେଷ ପ୍ରଭାବ ଏଠାରେ ଦେଖାଯାଇଥାଏ ।

ବଙ୍ଗଳାର ଅନ୍ୟାନ୍ୟ ଜିଲ୍ଲାପରି ବୀରଭୂମ ଲୋକସଂଗୀତରେ ବିଶେଷଭାବେ ସମୃଦ୍ଧ । ତାରାଶଙ୍କର ଶିଶୁ ଥିଲାବେଳେ ବାଉଲ, ବୈଷ୍ଣବ ଓ ଶାକ୍ତ ଗାୟକମାନଙ୍କ ଗାନ ଶୁଣି ସକାଳୁ ବିଛଣାରୁ ଉଠୁଥିଲେ । ଏମାନେ ଭିକ୍ଷାପାଇଁ ଦ୍ୱାରଦ୍ୱାର ବୁଲନ୍ତି । ଗ୍ରାମର ଲୋକମାନେ ଏମାନଙ୍କୁ ଭିକ୍ଷା ନ ଦେଇ କେବେ ଫେରାଇ ଦେଇ ନ ଥାନ୍ତି । ମୁସଲମାନ ଭକ୍ତମାନେ ଆସି ମୁସଲମାନ ପିର୍ ଓ ହିନ୍ଦୁ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଭକ୍ତିସଂଗୀତମାନ ଗାନ କରନ୍ତି । ବୀରଭୂମ ଲୋକମାନଙ୍କ ମଧ୍ୟରେ ଉତ୍ତମ ସାଂପ୍ରଦାୟିକ ସଦ୍‌ଭାବ ଥିଲା । ଯାଯାବରଙ୍କ ପରି ଘୂରିବୁଲୁଥିବା ପଟୁଆରୂପେ ପରିଚିତ ମୁସଲମାନ-ଧର୍ମାବଲମ୍ବୀ ଗୋଷ୍ଠୀର ଲୋକମାନେ ମୋଡ଼ା କାଗଜ ଉପରେ କୃଷ୍ଣ ଓ ଗୌରାଙ୍ଗଙ୍କ ଜୀବନ ବୃତ୍ତାନ୍ତ ଚିତ୍ରଣ କରି ତାହା ହାତରେ ଧରି ଗୀତ ଗାଇ ଗାଇ ଗାଆଁମାନଙ୍କୁ ଆସୁଥିଲେ । ପେଶାଦାର ସାପୁଆ କେଳାମାନେ ମଧ୍ୟ ମୁସଲମାନ ଥିଲେ । ଏହି ସଂପ୍ରଦାୟର ପୁରୁଷମାନଙ୍କର ଚେହେରା ଖୁବ୍ ସୁନ୍ଦର ଥିଲା । ନାରୀମାନେ ଉଚ୍ଚ-କୋଟୀର ପ୍ରେମିକା ଓ ନୃତ୍ୟକଳାରେ ପ୍ରବୀଣା ଥିଲେ । ଏହି ବିଚିତ୍ର ଯାଯାବର ଶ୍ରେଣୀର ମହିଳାମାନେ ଅନ୍ୟମାନଙ୍କୁ ବିଶେଷଭାବେ ଆକୃଷ୍ଟ କରୁଥିଲେ ଏବଂ ପ୍ରେମପଢ଼ଆ ଓ କୁହୁକ ଔଷଧ ସରଳ ଗ୍ରାମବାସୀମାନଙ୍କୁ ବିକ୍ରୀ କରୁଥିଲେ । ପୁରୁଷମାନେ ଠେକୁଆ, ଝିଙ୍କପକ୍ଷୀ, ବଡ଼ ଟିଟିପିଟି ଶିକାର କରୁଥିଲେ ।

ଗ୍ରାମମାନଙ୍କରେ ଉଚ୍ଚଶ୍ରେଣୀର ସାନବଡ଼ ଜମିଦାରମାନେ ବାସ କରୁଥିଲେ । ସେମାନଙ୍କ ମଧ୍ୟରୁ କେତେକ କୋଇଲାଖଣି କିଣିବାପରେ ଧନୀ ହୋଇ ପାରିଥିଲେ । ଦରିଦ୍ର ଲୋକମାନେ ଅତି ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ଜୀବନଯାପନ କରୁଥିଲେ । ମାତ୍ର ଉଚ୍ଚଶ୍ରେଣୀ ଲୋକଙ୍କପାଇଁ ଜୀବନଯାତ୍ରା ସହଜ ନ ଥିଲା । ତାରାଶଙ୍କର ଲେଖିଛନ୍ତି, "ବର୍ଷକୁ ଚାରି ମାଣ୍ଡହଜାର (ଆପଣା ଜମିଦାରୀରୁ ହେଉଥିବା ଆୟ)

ଟଙ୍କାରେ ଜଣେ ରାଜାପରି ଚଳିପାରୁଥିଲା । ମାସକୁ ଜଣେ ପରିବାପନ୍ତ ପାଇଁ ୭୫ ପଇସା ଖର୍ଚ୍ଚ କରୁଥିଲା । ସପ୍ତାହରେ ବସୁଥିବା ଦୁଇପାଳିକିଆ ହାଟରେ ମୋଟେ ସତଇଶ ପଇସା ଖର୍ଚ୍ଚ ହେଉଥିଲା । ଗୋଟିଏ ଚାକରର ମାସିକ ଦରମା ଥିଲା ଏକଟଙ୍କା ପଚିଶ ପଇସା । ତାଲିମପ୍ରାପ୍ତ ପିଅନ ମାସିକ ଦୁଇଟଙ୍କା ପଚିଶ ପଇସା, ରୋଷେଇ କରି ଦେବାଲାଗି ସ୍ତ୍ରୀ ଲୋକଙ୍କୁ ଦୁଇଟଙ୍କା ପଚିଶ ପଇସା ଦିଆଯାଉଥିଲା । ପୂଜାରୀଙ୍କୁ ତିନି ଟଙ୍କା କିମ୍ବା ତିନି ଟଙ୍କା ପଚିଶ ପଇସାରୁ ଅଧିକ ଦିଆଯାଉ ନ ଥିଲା ।

ପାରଂପରିକ ଧନୀ ପରିବାର ଏବଂ କୋଇଲା ବ୍ୟବସାୟ କରି ଧନୀ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଭିତରିଆ ଶତ୍ରୁତା ଥିଲା । ବ୍ୟବସାୟୀମାନେ ବୈଷ୍ଣବ ଏବଂ ଜମିଦାରମାନେ ଶାକ୍ତ ଥିଲେ । କିଏ ମନ୍ଦିର, କିଏ ଜଳାଶୟକୁ ପଡ଼ିଥିବା ପାହାଚ ମରାମତି କରିବ ଏବଂ ମାଇନର ଓ ହାଇସ୍କୁଲକୁ କିଏ ଆର୍ଥିକ ସହାୟତା କରିବ ସେଥିପାଇଁ ସେମାନଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିଥିଲା । ବିଭିନ୍ନ ପର୍ବପର୍ବାଣି ଉତ୍ସବାନୁଷ୍ଠାନ ପାଳନ ଅବସରରେ ସେମାନେ ବାଣମାରିବା ଏବଂ ଅଭିନୟାଦି କରିବାରେ ଉଭୟ ଗୋଷ୍ଠୀ ପରସ୍ପରଠାରୁ ଆଗେଇଯିବା ଲାଗି ଚେଷ୍ଟା କରୁଥିଲେ । ନାଟକପାଇଁ ଲାଭପୁରର ଉଚ୍ଚ ପରମ୍ପରା ଥିଲା । ଏହି ଗାଁରେ ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ଓ ପ୍ରେକ୍ଷାଳୟ ଥିଲା । ଏଥିରେ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା ଥିଲା । ବିଶିଷ୍ଟ ଯାତ୍ରାଦଳମାନେ ଏହି ଗାଁକୁ ଅଭିନୟ କରିବାକୁ ଆସୁଥିଲେ ।

ଏହା ହେଲା ତାରାଶଙ୍କରଙ୍କ ସମୟର ସମାଜ ଏବଂ ଲୋକମାନଙ୍କର ଚିତ୍ର । ବୀରଭୂମର ଲାଲ ଶୁଷ୍କ ମାଟି ଏବଂ ଦୁର୍ଦ୍ଦାନ୍ତ କୋପାଇ ନଦୀ ତାରାଶଙ୍କରଙ୍କ ଉପରେ କିଛି କମ୍ ପ୍ରଭାବ ପକାଇ ନାହିଁ । ପ୍ରଗତିଶୀଳ ହିନ୍ଦୁଧର୍ମର ପ୍ରଚଣ୍ଡ ଆକ୍ରମଣରୁ ରକ୍ଷା ପାଇଯାଇଥିବା କିଛିଟା ପୂଜାପଦ୍ଧତି, ଡାହାଣୀର ଯନ୍ତ୍ରଣାଜନକ କରୁଣ ଚିତ୍କାର ପରି ଧୂଳିଝଡ଼, ମୌସୁମୀର ଆଗମନରେ ଉତ୍ତପ୍ତ ଧରଣୀର ଶୀତଳତା, ନଦୀବନ୍ୟାର ପ୍ଲାବନ ପ୍ରଭୃତି କଥାବସ୍ତୁକୁ ଭିତ୍ତିକରି ତାରାଶଙ୍କର ତାଙ୍କର ମୁଖ୍ୟ ଗଳ୍ପ ଉପନ୍ୟାସ ରଚନା କରିଥିଲେ । ତାଙ୍କର ସର୍ବପ୍ରଥମ ପ୍ରକାଶିତ ଉପନ୍ୟାସ 'ଚଇତାଲି ଘୂର୍ଣ୍ଣି' ମୃତ୍ୟୁପରେ ପ୍ରକାଶିତ 'ଶତାବ୍ଦୀର ମୃତ୍ୟୁ' ପ୍ରଭୃତି ପ୍ରତିଟି ପୁସ୍ତକରେ ସେ ଏ ଦେଶର ମାଟି ଓ ପ୍ରକୃତି ଏବଂ ମଣିଷକୁ ବାରମ୍ବାର ଆବିଷ୍କାର କରିଛନ୍ତି ।

ତାଙ୍କ ବାପା ସ୍କୁଲ ଶିକ୍ଷା ଶେଷ କରି ନ ଥିଲେ । ସେ ନିଜେ ନିଜର ଗୁରୁ ଥିଲେ ଏବଂ ଅନେକ ପଢ଼ାପଢ଼ି କରୁଥିଲେ । ତାଙ୍କର ଗୋଟିଏ ଉନ୍ନତ ଲାଇବ୍ରେରୀ ଥିଲା ଏବଂ ସେ ଲାଇବ୍ରେରୀ ପାଇଁ ସେ ସମୟର ବିଭିନ୍ନ ପତ୍ରପତ୍ରିକା ଓ ସମ୍ବାଦପତ୍ର ମଗାଇଥିଲେ ।

ସେ ଅଳ୍ପ ବୟସରେ ପ୍ରାଣ ହରାଇଥିଲେ । ସେତେବେଳକୁ ତାରାଶଙ୍କରଙ୍କ ବୟସ ମାତ୍ର ଆଠ । ପାଟଣାର ଏକ ଶିକ୍ଷିତ ପରିବାରରୁ ତାଙ୍କ ମାଆ ଆସିଥିଲେ । ପୁରାତନ ରକ୍ଷଣଶୀଳ ବ୍ୟକ୍ତିମାନେ ଇଂରେଜ ଶିକ୍ଷାକୁ ଉତ୍ସାହିତ କରୁ ନ ଥିଲେ । ମାତ୍ର ତାଙ୍କ ମାମୁଘର ଲୋକମାନେ ଇଂରେଜୀ ଶିକ୍ଷାରେ ଆଗୁଆ ଥିଲେ । ମା'ଙ୍କ ପ୍ରଭାବ ତାଙ୍କ ଉପରେ ଯଥେଷ୍ଟ ପଡ଼ିଥିଲା । ତାଙ୍କ ଘରେ ଦେଖା ଦେଇଥିବା ଅବ୍ୟବସ୍ଥାକୁ ତାଙ୍କ ମାଆ ସୁଧାରି ନେଇଥିଲେ ଓ ଦକ୍ଷତାର ସହ ଗୃହପରିଚାଳନା କରିଥିଲେ । ଆପଣାର ସ୍ୱାମୀ ଓ ପୁତ୍ରକୁ ଏକାଦିନରେ ହରାଇ ତାଙ୍କର ପିଉସୀ ଆସି ତାଙ୍କ ଘରେ ରହୁଥିଲେ । ସେ ତାରାଶଙ୍କରଙ୍କୁ ଅତିମାତ୍ରାରେ ଭଲ ପାଉଥିଲେ । ଏହି ଦୁଇଜଣ ମହିଳାଙ୍କର ଠିକ୍ ବେଠିକ୍‌ର ସଚେତନତା ଓ ଉଚ୍ଚ ମୂଲ୍ୟବୋଧ ତାରାଶଙ୍କରଙ୍କର ତରୁଣ ଜୀବନ ଉପରେ ବିଶେଷ ପ୍ରଭାବ ପକାଇଥିଲା ।

ତାଙ୍କର ମାଆ ତାରାଶଙ୍କରଙ୍କ ଘରକୁ ଆସିବାପରେ ତାଙ୍କ ଘରେ ଅନେକ ସ୍ୱାଗତଯୋଗ୍ୟ ପରିବର୍ତ୍ତନ ହୋଇଥିଲା । ସେ ଖୁବ୍ ଭଲ ଗପ କହିପାରୁଥିଲେ । 'ଗଣଦେବତା' ଓ 'ପଞ୍ଚଗ୍ରାମ'ର ନ୍ୟାୟରତ୍ନଙ୍କ ପରି ତାଙ୍କର ଅନେକ ରଚନାରେ ଆମେ ଜଣେ ଜଣେ ଉତ୍ତମ ଗପ କହିପାରୁଥିବା ବ୍ୟକ୍ତିଙ୍କୁ ଦେଖୁ । ତାଙ୍କ ମାଆ ମଧ୍ୟ ଜଣେ ଦେଶଭକ୍ତ ପରିବାରରୁ ଆସିଥିଲେ । ତାଙ୍କ ଭାଇମାନେ ସେମାନଙ୍କ ସମୟର ଜାତୀୟ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ । ୧୯୦୫ରେ ଯେଉଁ ଦିନ କର୍ଜନ ବଙ୍ଗଳାକୁ ଭାଗ ଭାଗ କଲେ ସେଦିନ ତାରାଶଙ୍କରଙ୍କ ମାମୁ ତାଙ୍କ ଭଉଣୀଙ୍କ ହାତରେ ଗୋଟିଏ ରାକ୍ଷୀ ବାନ୍ଧିଦେଇଥିଲେ ଏବଂ ଅନ୍ୟ ଗୋଟିଏ ରାକ୍ଷୀ ଆଣି ତାଙ୍କ ମାଆ ଶିଶୁପୁତ୍ର ତାରାଶଙ୍କରଙ୍କ ହାତରେ ବାନ୍ଧିଦେଇଥିଲେ । ତାଙ୍କ ପିତାଙ୍କର ମୃତ୍ୟୁ, ତାଙ୍କ ମା'ଙ୍କର ସାହସ ଓ ମାନସିକ ଦୃଢ଼ତା, ତାଙ୍କ ପିଉସୀଙ୍କର ତାଙ୍କ ପ୍ରତି ଥିବା ଗଭୀର ପ୍ରେମ ପ୍ରଭୃତି ଘଟଣାକୁ ସେ ଅତି ନିଖୁଣଭାବେ 'ଧାତ୍ରୀ ଦେବତା'ରେ ଲିପିବଦ୍ଧ କରିଛନ୍ତି ।

ଜମିଦାରମାନେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଲୋକରୂପେ ବଦ୍‌ଖର୍ଚ୍ଚୀ, ନିଶାଖୋର ଏବଂ ବୃଥାଭିମାନୀ ଥିଲେ । ସେମାନଙ୍କ ବ୍ୟକ୍ତିଗତ ଓ ସାମାଜିକ ଆଚରଣ ଉଚ୍ଚମାନର ଥିଲା । ଶେଷ ପର୍ଯ୍ୟନ୍ତ ଜମିଦାରମାନଙ୍କ ପ୍ରତି ତାଙ୍କର ଦୁର୍ବଳତା ଥିଲେ ମଧ୍ୟ ସେ ଜମିଦାରୀ ପ୍ରଥାର ଅନେକ ଦୋଷ ଦୁର୍ବଳତା ତାଙ୍କ ଲେଖାରେ ଦର୍ଶାଇଛନ୍ତି । ଜମିଦାରମାନେ ନିଷ୍ଠାର ସହିତ ଧର୍ମକର୍ମ କରୁଥିଲେ । ତାରାଶଙ୍କରଙ୍କ ନିଜ ପରିବାରର ଲୋକମାନଙ୍କର ମଧ୍ୟ ଗଭୀର ଭଗବତ୍ ବିଶ୍ୱାସ ଥିଲା । ଭଲ ମନ୍ଦ, ଭୁଲ୍ ଏବଂ ଠିକ୍ ସ୍ପଷ୍ଟ ଭାବେ ଭାଗ ଭାଗ ହୋଇଯାଇଥିଲା । ଯାହା ଭଲ ତାହା ସବୁବେଳେ ଭଲ ଏବଂ ଯାହା ମନ୍ଦ ତାହା ସବୁବେଳେ ମନ୍ଦ ବୋଲି ବିବେଚିତ ହେଉଥିଲା । ଧର୍ମ ଏବଂ

ପ୍ରଭାବଶାଳୀ ବ୍ୟକ୍ତିମାନେ ଭୁଲ୍ କଲେ ତାହା ମଧ୍ୟ ଭୁଲ୍ ବୋଲି ବିବେଚିତ ହେଉଥିଲା । କୌଣସି କ୍ଷେତ୍ରରେ କୌଣସି କାରଣରୁ ତାହାକୁ ଠିକ୍ ବୋଲି କୁହାଯାଉ ନ ଥିଲା । ଏହି ବିଶ୍ୱାସ ମଧ୍ୟରେ ତାରାଶଙ୍କର ବଢ଼ିଥିଲେ । ଯୌବନରେ ବିଭିନ୍ନ ବସ୍ତୁର ମୂଲ୍ୟବୋଧ ସମ୍ପର୍କରେ ସେ ସଚେତନ ହୋଇ ନ ଥିଲେ । ତେଣୁ ଏହି ଜନତା, ପ୍ରକୃତି, ସମାଜ, ପରିବାର, ଧର୍ମଧାରଣା, ଭଗବାନଙ୍କ ଉପରେ ବିଶ୍ୱାସ ପ୍ରଭୃତି ତାଙ୍କ ଚିନ୍ତାଧାରାରେ ନିର୍ଦ୍ଦିଷ୍ଟ ରେଖାପାତ କରିଥିଲା । □

# ଦ୍ୱିତୀୟ ପରିଚ୍ଛେଦ

ଯୁବକ ଯେତେବେଳେ ପ୍ରକୃତ ମଣିଷରେ ପରିଣତ ହୋଇଥାଏ ଏବଂ ବିଭିନ୍ନ ଘଟଣା ତା ଉପରେ ସହଜ ରେଖାପାତ କରିଥାଏ, ଠିକ୍ ସେହି ସମୟରେ ନଳିନୀ ବାଗ୍‌ଚି ନାମକ ସୁପରିଚିତ ଯୁବବିପ୍ଳବୀଙ୍କ ସହ ତାରାଶଙ୍କରଙ୍କର ସାକ୍ଷାତ ହୋଇଥିଲା । ନଳିନୀ ବାଗ୍‌ଚି ତାଙ୍କୁ ରାଜନୀତି କରିବାପାଇଁ ଉତ୍ସାହିତ କରିଥିଲେ । ଏହା ବେଶ୍ ଜଣାଶୁଣା ଯେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଆମର ବିପ୍ଳବୀମାନେ ଦୁଇଟି କାମ ଉପରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ପ୍ରଥମ କାମଟି ହେଲା ପ୍ରତିବାଦ କରିବାକୁ ସୈନ୍ୟମାନଙ୍କୁ ଉତ୍‌କାଇବା ଏବଂ ଅନ୍ୟଟି ହେଲା ଜର୍ମାନୀଠାରୁ ଅସ୍ତ୍ରଶସ୍ତ୍ର ପାଇ ବାଘାଯତୀନ୍ ନାମରେ ଅଧିକ ପରିଚିତ ଯତୀନ୍ଦ୍ରନାଥ ମୁଖାର୍ଜୀଙ୍କ ନେତୃତ୍ୱରେ ଯୁଦ୍ଧ କରିବା । ଏହି ପ୍ରସ୍ତାବିତ କାର୍ଯ୍ୟକ୍ରମ ବ୍ୟର୍ଥ ହୋଇ ଯାଇଥିଲା, କାରଣ ଆତଙ୍କ ସୃଷ୍ଟି କରୁଥିବା ବ୍ୟକ୍ତିଗଣ ଯୁଦ୍ଧକରି ମୃତ୍ୟୁବରଣ କରୁଥିଲେ କିମ୍ବା ଦୀର୍ଘଦିନ ଜେଲ୍‌ରେ ରହି ଦଣ୍ଡ ଭୋଗୁଥିଲେ । ଅନେକଙ୍କୁ ଫାଶୀ ହେଉଥିଲା ।

ତାରାଶଙ୍କର ୧୯୧୬ ମସିହାରେ ଲାଭପୁର ଯାଦବଲାଲ୍ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ମାଟ୍ରିକ୍ ପାଶ୍ କରିଥିଲେ । ସେହି ବର୍ଷ ମଧ୍ୟ ସେ ବିବାହ କରିଥିଲେ । ସେ କଲିକତାର ସେଣ୍ଟ ଜାଭିୟର୍ସ କଲେଜରେ ଭର୍ତ୍ତି ହୋଇଥିଲେ । ମାତ୍ର ତାଙ୍କୁ ପରେ କଲେଜ ଛାଡ଼ିବାକୁ ପଡ଼ିଥିଲା । କାରଣ ଯେଉଁ ବ୍ୟକ୍ତିମାନେ ରାଜନୀତି କରୁଛନ୍ତି ବୋଲି ସନ୍ଦେହ କରାଯାଉଥିଲା ସେହି ତାଲିକାରେ ତାରାଶଙ୍କରଙ୍କ ନାମ ଥିଲା । ପରେ ସେ ସାଉଥ୍ ସବ୍-ଅର୍ବାନ୍ କଲେଜରେ ନାମ ଲେଖାଇଥିଲେ । ବର୍ତ୍ତମାନ ଏହାକୁ ଆଶୁତୋଷ କଲେଜ କୁହାଯାଉଛି । ଅସୁସ୍ଥତା ହେତୁ ଏଥର ମଧ୍ୟ ତାଙ୍କର ପାଠପଢ଼ା ହୋଇପାରିଲା ନାହିଁ ।

ସନ୍ତ୍ରାସବାଦ କାର୍ଯ୍ୟକଳାପ ସାମୟିକ ଶାନ୍ତ ପଡ଼ିଯିବା ପରେ ୧୯୨୧ ମସିହାରେ ପୁଣି ଏକ ମହା ଜାଗରଣ ଦେଖାଗଲା । ମହାତ୍ମା ଗାନ୍ଧୀଙ୍କ ଅହିଂସ ଅସହଯୋଗ ଆନ୍ଦୋଳନ ତାରାଶଙ୍କରଙ୍କର ରୋମାଞ୍ଚକର ଚିନ୍ତାରାଜ୍ୟରେ ଚମକ ସୃଷ୍ଟି କଲା । ତାଙ୍କର ଆତ୍ମଚରିତମୂଳକ ରଚନାରୁ ଜଣାଯାଏ ଯେ ଏହି ସମୟରେ ନିଜ ଦେଶସେବା କରିବା ନିମନ୍ତେ ସେ ବିଶେଷଭାବେ ମନ ବଳାଇଥିଲେ । ସେ କୌଣସି ଗୋଷ୍ଠୀଭୁକ୍ତ ହେବାପାଇଁ କିମ୍ବା ସନ୍ତ୍ରାସବାଦୀମାନଙ୍କ କାର୍ଯ୍ୟକଳାପରେ ଯୋଗଦେବାପାଇଁ ବିଶେଷ ଆଗ୍ରହ ପ୍ରକାଶ କରି ନ ଥିଲେ । ସନ୍ତ୍ରାସବାଦୀମାନଙ୍କ ସହିତ ତାଙ୍କର ସ୍ୱଳ୍ପ ସଂପର୍କ ଥିଲା । ତାଙ୍କର ଆତ୍ମଚରିତମୂଳକ ଉପନ୍ୟାସ 'ଧାତ୍ରୀ-ଦେବତା'ରେ ତାଙ୍କର ନିଜସ୍ୱ ରାଜନୈତିକ ଦୃଷ୍ଟିକୋଣର ପରିଚୟ ମିଳିଥାଏ ।

ବାସ୍ତବରେ ତାରାଶଙ୍କର କେବେ ଭାରତୀୟ ସନ୍ତ୍ରାସବାଦୀମାନଙ୍କ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ । ପରେ କଲ୍ଲୋଲଗୋଷ୍ଠୀର ଲେଖକମାନଙ୍କ ସଂପର୍କରେ ମତାମତ ଦେଇ ସେ ଲେଖିଛନ୍ତି—'ମୁଁ କେବେ ବିପ୍ଳବୀ ନ ଥିଲି' । ରାଜନୀତି ପ୍ରତି ତାଙ୍କର ଆଗ୍ରହ ମୁଖ୍ୟତଃ ଚିନ୍ତାରାଜ୍ୟରେ ସୀମିତ ଥିଲା ଏବଂ ପରେ ଏହା ସାହିତ୍ୟିକର ଆଗ୍ରହରେ ପର୍ଯ୍ୟାୟଭୁକ୍ତ ହେଲା । ତାଙ୍କର ମନରେ ଯେଉଁସବୁ ପ୍ରଶ୍ନ ଉତ୍‌ଥାପିତ ହୋଇଥିଲା, ଗାନ୍ଧୀଙ୍କର ଆଦର୍ଶରେ ସେସବୁର ଉତ୍ତର ସେ ପାଇ ପାରୁଥିଲେ । ରାଜନୈତିକ ସ୍ୱାଧୀନତା କେବେ ମଣିଷକୁ ମୁକ୍ତ କରିପାରିବ ନାହିଁ । ଜଣେ ଯେପର୍ଯ୍ୟନ୍ତ ଅନ୍ଧବିଶ୍ୱାସର ଦାସତ୍ୱ ସ୍ୱୀକାର କରିଛି, ଏକମାତ୍ର ଧନଲିପ୍ସୁ, ଅଜ୍ଞାନ ଓ କ୍ଷୁଦ୍ରମନା ହୋଇ ରହିଛି, ସେପର୍ଯ୍ୟନ୍ତ ସେ କେବେ ସ୍ୱାଧୀନ ହୋଇପାରିବନାହିଁ । ରାଜନୈତିକ ସ୍ୱାଧୀନତା ଭାରତର ଅଗଣିତ ଜନତାକୁ କେବେ ମୁକ୍ତି ଦେଇପାରିବନାହିଁ । ସେମାନଙ୍କୁ ଦାରିଦ୍ର୍ୟ, ଶୋଷଣ, ରୋଗବ୍ୟାଧି, ନିରକ୍ଷରତା, ଭାଗ୍ୟଉପରେ ଭରସା କରିବାର ମନୋବୃତ୍ତିରୁ ମୁକ୍ତ ହେବାକୁ ପଡ଼ିବ । ନିଜ ଦେଶବାସୀଙ୍କ ପ୍ରତି ଏହି ମନୋଭାବ ତାଙ୍କ ହୃଦୟରେ ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଥିଲା ।

ତାଙ୍କ ଜୀବଦ୍ଦଶାରେ ସେ ଜଣେ ମହାନ୍ ଲେଖକରୂପେ ସ୍ୱୀକୃତି ଲାଭ କରିଥିଲେ । ତାଙ୍କୁ ମହାନ୍ ଲେଖକ କୁହାଯିବାର କାରଣ ଲେଖାରେ ତାଙ୍କର ସେପରି ମହାନ୍ ଉପାଦାନମାନ ରହିଛି । ସେଗୁଡ଼ିକ ହେଲା ଜନସାଧାରଣଙ୍କ ସମସ୍ୟା ପ୍ରତି ଆଗ୍ରହ ପ୍ରଦର୍ଶନ, ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ଲେଖାମାଧ୍ୟମରେ ପ୍ରଦର୍ଶନ କରିବା ଲାଗି ସଂକଳ୍ପ ଏବଂ ବାରମ୍ବାର ସେହି କଥାକୁ ଶ୍ରଦ୍ଧା ଓ ସହାନୁଭୂତିର ସହ ଲିପିବଦ୍ଧ କରିବା । ରାଜନୀତି ପ୍ରତି ନୁହେଁ, ଜନସାଧାରଣଙ୍କ ସ୍ୱାର୍ଥସଂରକ୍ଷଣ ପ୍ରତି ସେ ସଂକଳ୍ପବଦ୍ଧ ଥିଲେ ।

ମଣିଷର ସମୃଦ୍ଧ ବିକାଶରେ ସେ ବିଶ୍ୱାସ କରୁଥିଲେ । ତାଙ୍କର ବିଶିଷ୍ଟ ଉପନ୍ୟାସ ଗୁଡ଼ିକର ମୁଖ୍ୟ ନାୟକମାନେ ଆଦର୍ଶବାଦୀ । ଉଦାହରଣ ସ୍ୱରୂପ 'ଗଣଦେବତା' ଓ 'ପଞ୍ଚଗ୍ରାମ'ର ଦେବୁ, 'ଧାତ୍ରୀ ଦେବତା'ର ଶିବନାଥ ଏବଂ 'ସନ୍ଦୀପନ ପାଠଶାଳା'ର ସୀତାନାଥ ।

ଜଣେ ସଂପୂର୍ଣ୍ଣ ମଣିଷ ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ରାଜନୀତିକ ଦାୟିତ୍ୱରୁ କେବେ ନିଜକୁ ମୁକୁଳାଇ ଦେଇ ନଥାଏ । ସେ ଆପଣା ନିମନ୍ତେ ଏକ ଉଚ୍ଚ ଆଦର୍ଶ ସ୍ଥାପନ କରେ ଏବଂ ସେହି ଅନୁଯାୟୀ ଜୀବନ ନିର୍ବାହ କରିବାଲାଗି ଖୁବ୍ ଉଦ୍ୟମ କରିଥାଏ । ସେ ସର୍ବଦା ଅନ୍ୟମାନଙ୍କ ସ୍ୱାର୍ଥପାଇଁ ଆପଣାର ସ୍ୱାର୍ଥ ତ୍ୟାଗ କରିଥାଏ । ପୂର୍ଣ୍ଣାଙ୍ଗ ମଣିଷ ସମସ୍ତଙ୍କ ଦ୍ୱାରା ସମ୍ମାନିତ ହୋଇଥାଏ, ମାତ୍ର କ୍ୱଚିତ୍ ଅନ୍ୟମାନେ ତାକୁ ବୁଝିଥାଆନ୍ତି ।

ତେଣୁ ବସ୍ତୁତଃ ସେ ଏକ ନିଃସଙ୍ଗ ମଣିଷରୂପେ ରହିଯାଏ । □

# ତୃତୀୟ ପରିଚ୍ଛେଦ

ତାରାଶଙ୍କର ଜଣେ ଆଶାୟୀ କବି ଥିଲେ । ୧୯୨୬ ମସିହାରେ ତାଙ୍କର ଜଣେ ସଂପର୍କୀୟ ତାଙ୍କର କବିତାଗୁଡ଼ିକୁ ଏକତ୍ର କରି 'ତ୍ରିପତ୍ର' ନାମ ଦେଇ ଗୋଟିଏ ବହି ଛପାଇ ଦେଇଥିଲେ । ତା ପୂର୍ବରୁ ତାଙ୍କର ଗୋଟିଏ କବିତା 'ଭାରତବର୍ଷ' ପତ୍ରିକାରେ ପ୍ରକାଶ ପାଇଥିଲା । ଏହି ସୁନାମଧନ୍ୟ ପତ୍ରିକାକୁ ଜଳଧର ସେନ୍ ସଂପାଦନା କରୁଥିଲେ । 'ତ୍ରିପତ୍ର' ମୁଦ୍ରଣ ହୋଇ ଘରୋଇଭାବେ ପ୍ରକାଶିତ ହୋଇ-ଥିଲା । ପରବର୍ତ୍ତୀ ଜୀବନରେ ତାରାଶଙ୍କର କ୍ୱଚିତ୍ କବିତା ରଚନା କରିଛନ୍ତି । ମାତ୍ର ଛନ୍ଦମୟତା ଶେଷ ପର୍ଯ୍ୟନ୍ତ ତାଙ୍କ ଭିତରେ ରହିଯାଇଥିଲା । ଏହା ଏକ ଈଶ୍ୱରଦତ୍ତ ଗୁଣ । ସାଧାରଣତଃ 'କବିଆଲ'ମାନଙ୍କଠାରେ ଏହା ଦେଖାଯାଏ । କବିଆଲମାନେ ଗୀତ ରଚନା କରି ତାହାକୁ ଗାଇଥାଆନ୍ତି । ତାରାଶଙ୍କର କବିତା ଓ ଗୀତ ରଚନା କରିବାରେ ସିଦ୍ଧହସ୍ତ ଥିଲେ । ତାର ଦୃଷ୍ଟାନ୍ତ ହେଉଛି 'କବି' । କବି ତାଙ୍କର ଏକ ଗ୍ରାମ୍ୟ କବି ସଂପର୍କରେ ରଚିତ ଏକ ଉପନ୍ୟାସ ।

ଲାଭପୁର ରଙ୍ଗମଞ୍ଚର ପ୍ରାଚୀନ ପରମ୍ପରା ରହିଛି । ସେହି ଗାଁର ନିର୍ମଳଶିବ ବାନାର୍ଜୀ ନାମକ ଜଣେ ଧନୀ ବ୍ୟକ୍ତି ନାଟ୍ୟକାର ରୂପେ ସୁନାମ ଅର୍ଜନ କରିଥିଲେ । ତାଙ୍କର ନାଟକଗୁଡ଼ିକ ବ୍ୟବସାୟିକ ଭିତ୍ତିରେ କଲିକତାରେ ମଞ୍ଚସ୍ଥ ହେଉଥିଲା । ତାରାଶଙ୍କର ନାଟକ ଲେଖିବା ପାଇଁ ପ୍ରଥମେ ସ୍ଥିର କରିଥିଲେ । ସେ ଅଠରଟଙ୍କା ନେଇ ଗ୍ରାଣ୍ଟ ଡଫ୍‌ଙ୍କ ଦ୍ୱାରା ଲିଖିତ 'ମରହଟ୍ଟା-ଇତିହାସ'ର ତିନିଖଣ୍ଡିଯାକ ବହି କିଣିଥିଲେ ଏବଂ ତାହା ପାଠ କରି ସେ ତୃତୀୟ ପାନିପଥ ଯୁଦ୍ଧ ଉପରେ ଗୋଟିଏ ନାଟକ ରଚନା କରିଥିଲେ । ନିର୍ମଳ ଶିବ ବାନାର୍ଜୀଙ୍କ ଉତ୍ସାହରେ ଏହି ନାଟକଟିକୁ ସେ ଜଣେ ଥିଏଟର ମ୍ୟାନେଜରଙ୍କ ନିକଟକୁ ପଠାଇଥିଲେ । ମାତ୍ର ଜଣେ ଅପରିଚିତ ନାଟ୍ୟକାରଙ୍କ ନାଟକକୁ ସେ ପାଠକରିବା ନିମନ୍ତେ ମନା କରି ଫେରାଇ ଦେଇ-ଥିଲେ । ତାରାଶଙ୍କର ଘରକୁ ଫେରି ସେ ପାଣ୍ଡୁଲିପିଟିକୁ ନିଆଁରେ ଜଳାଇ ଦେଇଥିଲେ ।

ଏହା ତାଙ୍କୁ ଆଘାତ ଦେଇଥିଲା । ସେ ଏତେ ପରିମାଣରେ ଆଘାତ ପାଇଥିଲେ ଯେ ସେ ଆଉ ଲେଖାଲେଖି କରିବେ ନାହିଁ ବୋଲି ଶପଥ କରିଥିଲେ । ସେ କଂଗ୍ରେସ ପାଇଁ କାର୍ଯ୍ୟ କରୁଥିଲେ ଏବଂ ସେ ତାଙ୍କର 'ସମାଜସେବକ ସମିତି' କାମରେ ବ୍ୟସ୍ତ ରହୁଥିଲେ । ସେ ଜଣେ ଗ୍ରେଡ଼ ଜମିମାଲିକ ଥିଲେ ଏବଂ ଜମିରୁ ଯେଉଁ ଆୟ ହେଉଥିଲା, ସେଥିରେ ତାଙ୍କର ପରିବାର ଚଳିଯାଉଥିଲା ।

ଖୁବ୍ ଶୀଘ୍ର ସେ ତାଙ୍କର ସଙ୍କଳ୍ପ ଭୁଲି ଯାଇଥିଲେ ଏବଂ ଅନ୍ୟ ଜଣେ ଯୁବକଙ୍କ ସଙ୍ଗେ ମିଶି 'ପୂର୍ଣ୍ଣିମା' ନାମକ ମାସିକ ପତ୍ରିକା ସଂପାଦନା ଆରମ୍ଭ

କରିଥିଲେ । ସେ କବିତା, କ୍ଷୁଦ୍ରଗଳ୍ପ, ପୁସ୍ତକ ସମୀକ୍ଷା ଏବଂ ସମ୍ପାଦକୀୟମାନ ଲେଖୁଥିଲେ । ଏହାଦ୍ୱାରା ତାଙ୍କର ଲେଖିବାର ଯେ ପ୍ରବୃତ୍ତି ତା'ର ବାନଯୋଗ ହେଉଥିଲା । ମାତ୍ର ଏହା ବୃତ୍ତିଭିତ୍ତିକ ନ ଥିଲା । ଏହା ତାଙ୍କର ଚେତନାରେ ଏକ ଶୂନ୍ୟତା ସୃଷ୍ଟି କରିଥିଲା । ତାପରେ ଆକସ୍ମିକ ଭାବେ ସେ 'କାଲି ଓ କଲମ' ନାମକ ଏକ ପତ୍ରିକାରୁ ପ୍ରେମେନ୍ଦ୍ର ମିତ୍ର ଓ ଶୈଳଜାନନ୍ଦ ମୁଖାର୍ଜିଙ୍କ ଦ୍ୱାରା ଲିଖିତ ଦୁଇଟି ଗଳ୍ପ ପାଠ କରିଥିଲେ । ଏହା ପାଠକରି ସେ ବିହ୍ୱଳିତ ହୋଇପଡ଼ିଥିଲେ । ଏହି ସମୟରେ ସେ ବରାବର କଲିକତା ଯାଉଥିଲେ । ମାତ୍ର ଅତି ଆଶ୍ଚର୍ଯ୍ୟର କଥା ଯେ ସେ ସମୟର ସାହିତ୍ୟର ନୂତନ ଆଭିମୁଖ୍ୟ ଏବଂ ସାହିତ୍ୟିକ କାର୍ଯ୍ୟକ୍ରମ ସମ୍ପର୍କରେ ସେ କିଛି ଜାଣି ନ ଥିଲେ । ସେ ଅନୁଭବ କଲେ ଯେ ଏହା ପୂର୍ବରୁ ସେ ଜାଣିଥିବା ସାହିତ୍ୟିକମାନଙ୍କ ଚିନ୍ତାଧାରା ତୁଳନାରେ ଏବେ ଜାଣୁଥିବା ସାହିତ୍ୟିକମାନଙ୍କ ଚିନ୍ତାଧାରା ସହିତ ତାଙ୍କ ଚିନ୍ତାଧାରାର ଅନେକ ସାମଞ୍ଜସ୍ୟ ଅଛି । ପରେ ଏହି ଗଳ୍ପ ଦୁଇଟି ସମ୍ପର୍କରେ ସେ ତାଙ୍କର ପ୍ରଥମ ପ୍ରତିକ୍ରିୟା ପ୍ରକାଶ କରି କହିଥିଲେ ଯେ ଏହା ପାଠକରି ଯଦିଓ ସେ ଭାବବିହ୍ୱଳ ହୋଇପଡ଼ିଥିଲେ ତଥାପି ଗଳ୍ପଦୁଇଟି ଅତିମାତ୍ରାରେ ପାର୍ଥିବ ଥିଲା ଓ ବହୁ ପରିମାଣରେ ସେଗୁଡ଼ିକରେ ଭାବପ୍ରବଣତା ପ୍ରକାଶ ପାଇଥିଲା ।

ସେ ଥରେ ତାଙ୍କର ଜମିଦାରୀର କୌଣସି ଏକ ସ୍ଥାନକୁ ଯାଇଥିଲାବେଳେ ଜଣେ ସୁନ୍ଦରୀ ବୈଷ୍ଣବ ବାଳିକାକୁ ଦେଖିଥିଲେ । ସେ ସେହି ବାଳିକାକୁ ନେଇ ଗୋଟିଏ ଗଳ୍ପ ରଚନା କରିଥିଲେ ଏବଂ ଗଳ୍ପଟିର ନାମ ଥିଲା 'ରସକଲି' । ସେ ସମୟର ଏକ ପ୍ରତିଷ୍ଠିତ ପତ୍ରିକାକୁ ସେ ଏହି ଗଳ୍ପଟିକୁ ପଠାଇଥିଲେ । ଦୀର୍ଘ ଆଠ-ମାସ ପରେ ସେ କଲିକତା ଯାଇ ଗଳ୍ପଟି ସମ୍ପର୍କରେ ଅନୁସନ୍ଧାନ କରି ଜାଣିଲେ ଯେ ଏହି ଗଳ୍ପଟିକୁ ଜଣେ ସୁଦ୍ଧା କେହି ପଢ଼ିନାହାନ୍ତି । ଅଶ୍ରୁଳ ନୟନରେ ଭଗ୍ନହୃଦୟରେ ସେ କେନ୍ଦ୍ର କଲିକତାରୁ ଦକ୍ଷିଣ କଲିକତା ପର୍ଯ୍ୟନ୍ତ ଚାଲିଚାଲି ଆସିଥିଲେ । ପୁଣି ଥରେ ସେ ଆଉ ଲେଖାଲେଖି କରିବେ ନାହିଁ ଏବଂ ଜୀବନର ବାକି ସମୟ ସମାଜ ସେବାରେ ବିତାଇବେ ବୋଲି ଶପଥ କରିଥିଲେ ।

ସେ ଲାଭପୁରକୁ ଫେରିଆସିଲେ ଏବଂ ଗ୍ରାମ ଇଉନିୟନ ବୋର୍ଡ଼ର ସଭାପତି ହେଲେ । ଖଣ୍ଡେ ସାଇକେଲରେ ସେ ଜିଲ୍ଲାସାରା ଭ୍ରମଣ କଲେ ଓ ଲୋକମାନଙ୍କ ସହିତ ମିଶିଲେ । ଏହା ତାଙ୍କୁ ଗ୍ରାମଜୀବନ ସମ୍ପର୍କରେ ଅନେକ ନୂତନ ଧାରଣା ଦେଲା । ବୀରଭୂମ୍ ଜିଲ୍ଲାରେ ସର୍ବଦା ଜଳାଭାବ ଦେଖାଦେଇଥାଏ । ସେଠାରେ ଲାଗଲାଗ ଦୁଇବର୍ଷ ଧରି ହଇଜା ରୋଗରେ ଅନେକ ଲୋକ ମୃତ୍ୟୁବରଣ କରିଥିଲେ । ଏହି ଭୟଙ୍କର ରୋଗରୁ କିପରି ରକ୍ଷାପାଇହେବ, ସେ ଲୋକମାନଙ୍କୁ ଶିକ୍ଷା ଦେଇଥିଲେ । ତାଙ୍କର ଏହି ବିସ୍ତୃତ ଗସ୍ତ ଫଳରେ ସେ ବିଭିନ୍ନ ଲୋକଙ୍କର ଘନିଷ୍ଠ

ସମ୍ପର୍କରେ ଆସିଥିଲେ । ଏହିମାନଙ୍କୁ ସେ ତାଙ୍କର ଗଳ୍ପଉପନ୍ୟାସରେ ସିଧାସଳଖ ଭାବରେ ଚିତ୍ରଣ କରିଛନ୍ତି । ସେ ଲେଖିଛନ୍ତି ଏହିପରି ଭାବରେ ସେ 'ହଂସୁଲିବାଙ୍କର ଉପକଥା'ର ସୁଚନ୍ଦ, ନାସୁବାଲା, କବର, ନିତାଇ ଏବଂ ଅନ୍ୟାନ୍ୟ ବହୁ ଚରିତ୍ର ପାଇପାରିଛନ୍ତି ।

ସମସ୍ତ ବହିଶୃଙ୍ଖଳ । ସେ ସମୟର ବହୁଚର୍ଚ୍ଚିତ କଲ୍ଲୋଲର ପ୍ରଥମ ପୃଷ୍ଠା ଦର୍ଶନରେ ସେ ତାଙ୍କର ଶପଥ ପୂରା ଭୁଲିଯାଇଥିଲେ ଏବଂ ପୂର୍ବରୁ ମନୋନୀତ ହୋଇ ନ ଥିବା 'ରସକଳି' ଗଳ୍ପଟିକୁ ଏହି ପତ୍ରିକାକୁ ପଠାଇ ଦେଇଥିଲେ ।

ମାତ୍ର ଗୃରଦନ ମଧ୍ୟରେ ଗଳ୍ପଟି ମିଳିଛି ବୋଲି ସେ ଚିଠି ପାଇଥିଲେ । ଯଥା ସମୟରେ ଗଳ୍ପଟି ମୁଦ୍ରିତ ହୋଇ ଉଚ୍ଚ ପ୍ରଶଂସା ଲାଭ କରିଥିଲା । ସମ୍ପାଦକ ତାଙ୍କଠାରୁ ଆଉ ଗୋଟିଏ ଗଳ୍ପ ଚାହିଁଥିଲେ । ଏହା ମଧ୍ୟ ପ୍ରକାଶ ପାଇଲା । ଅନ୍ୟ ଏକ ପତ୍ରିକା 'କାଳିକଲମ' ମତାମତ ଦେଲେ ଯେ କ୍ୱଚିତ୍ ଏପରି ଭଲ ଗଳ୍ପ ଦେଖାଯାଇଥାଏ । ଏହି ଗଳ୍ପଗୁଡ଼ିକ ୧୯୨୯ ମସିହାରେ ପ୍ରକାଶ ପାଇଥିଲା ।

'କାଳିକଲମ', 'କଲ୍ଲୋଲ', 'ଉପାସନା' ଏବଂ 'ଧୂପଛାୟା' ପ୍ରଭୃତି ପତ୍ରିକାଗୁଡ଼ିକ ପକ୍ଷରୁ ତାଙ୍କୁ ଲେଖିବାକୁ କୁହାଯାଇଥିଲା । ଏହି ସମୟ ମଧ୍ୟରେ ତାଙ୍କ ଦ୍ୱାରା ଲିଖିତ ଗଳ୍ପଗୁଡ଼ିକ ମଧ୍ୟରେ 'ଶ୍ମଶାନ୍‌ର ପଥେ' ଉଲ୍ଲେଖଯୋଗ୍ୟ । ଟଙ୍କା କରଜ ଦେଉଥିବା ଜମିଦାର, ସ୍ଥାନୀୟ ଓ ଆଫଗାନ୍ ମହାଜନମାନଙ୍କ ଶୋଷଣ, ମ୍ୟାଲେରିଆ ରୋଗ ଏବଂ ଏଥିପାଇଁ କର୍ତ୍ତୃପକ୍ଷଙ୍କର ଅମାନୁଷିକ ଉଦାସୀନତା ହେତୁ ଗୋଟିଏ ଗାଁ କିପରି ଧୀରେ ଧୀରେ ମୃତ୍ୟୁମୁଖକୁ ଟାଣିହୋଇ ଯାଇଛି ଏବଂ ଶେଷରେ ତାହା ନିଶ୍ଚିହ୍ନ ହୋଇଯାଇଛି ସେହି କଥା ବର୍ଣ୍ଣନା କରାଯାଇଛି । ଏହି ଗଳ୍ପଟିକୁ ଭିତ୍ତିକରି 'ଚଇତାଳି ଘୁର୍ଣ୍ଣି' ଉପନ୍ୟାସ ଗଢ଼ିଉଠିଛି ।

ବିଭିନ୍ନ କାମରେ ସେ ବାରମ୍ବାର କଲିକତା ଆସୁଥିଲେ । ମାତ୍ର ଏବେ ସେ 'କାଲିକଲମ' ଓ 'କଲ୍ଲୋଲ' ଅଫିସକୁ ଗଲେ । ତାଙ୍କର ଆତ୍ମଜୀବନୀମୂଳକ ପୁସ୍ତକରେ 'ମୋର ସାହିତ୍ୟ ଜୀବନ' ସେ ଯାହା ଲେଖିଛନ୍ତି ସେଥିରୁ ଜଣାଯାଏ ଯେ, ସ୍ୱନାମଧନ୍ୟ 'କଲ୍ଲୋଲ' ପତ୍ରିକା ଯଦିଓ ତାଙ୍କ ଲେଖା ପ୍ରଥମେ ପ୍ରକାଶ କରିଥିଲା ଏବଂ ତାଙ୍କ ପ୍ରତିଭାକୁ ସ୍ୱୀକୃତି ଦେଇଥିଲା ତଥାପି କଲ୍ଲୋଲଗୋଷ୍ଠୀ ଲେଖକବୃନ୍ଦ ଓ ତାଙ୍କ ମଧ୍ୟରେ ପ୍ରଥମେ ଯେଉଁ ଦେଖାସାକ୍ଷାତ ହୋଇଥିଲା ତାହା ସୁଖପ୍ରଦ ନ ଥିଲା । ସେ ଅତିମାତ୍ରାରେ ଆତ୍ମସଚେତନ ହୋଇ ପଡ଼ିଥିଲେ ଏବଂ ସେମାନଙ୍କ ଗହଣରେ ନିଜକୁ ଖାପଖୁଆଇ ପାରୁ ନ ଥିଲେ । ସେ ଶୈଳଜାନନ୍ଦଙ୍କୁ ଆଗରୁ ଜାଣିଥିଲେ । ଅନ୍ୟ ଲେଖକମାନେ ଯୁବସ୍ୱପ୍ନବାଦୀ ଥିଲେ । ସେମାନଙ୍କ କାମରେ କୁହୁକ ପ୍ରବାହ ଘେରି ରହିଥିଲା । ସେମାନେ ଆପଣାର ସୁନାମରେ ଆତ୍ମସନ୍ତୋଷ ଲାଭ କରୁଥିଲେ ।

ତାରାଶଙ୍କରଙ୍କର ସହରର ଜୀବନ ସହିତ ସ୍ୱଳ୍ପସମ୍ପର୍କ ଥିଲା । ସେମାନଙ୍କର ଉଦାସୀନତା ଏବଂ ଆତ୍ମବିଶ୍ୱାସ ଯାହାକି ସେମାନେ ଦେଖାଇଥାଆନ୍ତି ତାହା ଯେ କେବଳ ଲୋକଦେଖାଣିଆ ସେ କଥା ସେ ବୁଝିପାରି ନ ଥିଲେ । ସେମାନଙ୍କ ପରି ସେ ନିଜେ ପ୍ରଥମ ଯୌବନରେ ପଦାର୍ପଣ କରି ନ ଥିଲେ । ସେ ଗାଁରୁ ଆସିଥିଲେ ଅଥଚ ସେମାନେ ସମସ୍ତେ ସହରର ଲୋକ । ସେତେବେଳକୁ ସେ ବିବାହ କରି ସାରିଥିଲେ । ତାଙ୍କର ପିଲାପିଲି ହୋଇ ସାରିଥିଲା । ଜୀବନର କୁତ୍ସିତରୂପ ସେମାନେ ଆବିଷ୍କାର କରୁଥିଲେ । ଏହା ସେମାନଙ୍କର ଚିନ୍ତାରୁ ଜନ୍ମ ନେଉଥିଲା ଏବଂ ଏସବୁ ସେମାନେ ଅନୁଭବ କରିବାକୁ ଚାହୁଁଥିଲେ । ମାତ୍ର ଜୀବନର କୁତ୍ସିତରୂପ ଅନୁଭବକୁ ଆଣିବାନିମନ୍ତେ ତାରାଶଙ୍କରଙ୍କୁ କଳ୍ପନା କରିବାକୁ ପଡ଼ୁ ନ ଥିଲା । ଜୀବନର ରୁକ୍ଷ ନିର୍ମମ ବାସ୍ତବତା କ'ଣ ସେସବୁ ସେ ଅଙ୍ଗେ ଲିଭାଇଥିଲେ । ସେ ଧରିନେଇଥିଲେ ଯେ ସେ ନିଜେ ସହରର ସାହିତ୍ୟିକ ଗୋଷ୍ଠୀଭୁକ୍ତ ନୁହନ୍ତି । ଗୋଟିଏ ଜିନିଷ ତାଙ୍କ ମନୋବଳକୁ ଦୁର୍ବଳ କରିଦେଉଥିଲା । ତାହା ହେଉଛି ଅତିମାତ୍ରାରେ ଭାବପ୍ରବଣତା । ମଫସଲର ପରିବେଶରେ ସେ ନିଜକୁ ସୁସ୍ଥ ଓ ସ୍ୱାଭାବିକ ଅନୁଭବ କରୁଥିଲେ । 'କାଲିକଲମ'ର ସମ୍ପାଦକ ମୁରଲୀଧର ବସୁଙ୍କ ସହ ସେ ବେଶ୍ ମିଶି ପାରୁଥିଲେ । ନୀପେନ୍ଦ୍ରକୃଷ୍ଣ ଚାଟାର୍ଜୀ, ଦିନେଶ୍ ଦାସ, ପବିତ୍ର ଗାଙ୍ଗୁଲି, ଅଚିନ୍ତ୍ୟ କୁମାର ସେନଗୁପ୍ତ, ପ୍ରେମେନ୍ଦ୍ର ମିତ୍ର, ସରୋଜକୁମାର ରାୟଚୌଧୁରୀ, ସାବିତ୍ରୀ ପ୍ରସନ୍ନ ଚ୍ୟାଟେର୍ଜୀ ଏବଂ ଅନ୍ୟାନ୍ୟ କେତେକ ଲେଖକଙ୍କର ସହିତ ତାଙ୍କର ଏହି ସମୟ ମଧ୍ୟରେ ପରିଚୟ ହୋଇପାରିଥିଲା । ଶେଷ ବ୍ୟକ୍ତିଜଣକ ହେଉଛନ୍ତି 'ଉପାସନା'ର ସମ୍ପାଦକ । ପରେ ସେ ତାରାଶଙ୍କରଙ୍କୁ ତାଙ୍କ 'ଚଇତାଳି ଘୂର୍ଣ୍ଣି' ପ୍ରକାଶ କରିବାରେ ସାହାଯ୍ୟ କରିଥିଲେ । ଉପରେ କୁହାଯାଇଥିବା ଲେଖକମାନଙ୍କ ମଧ୍ୟରୁ ପରେ କେତେକ ତାଙ୍କର ଆଜୀବନ ବନ୍ଧୁ ହୋଇ ପାରିଥିଲେ ।

୧୯୨୯ ପରଠାରୁ କିଛି ଦିନ ପାଇଁ ଭାରତ ଚରମ ଅଶାନ୍ତମୟ ପରିବେଶ ମଧ୍ୟଦେଇ ଗତି କରିଥିଲା । ଏହି ସମୟ ମଧ୍ୟରେ ମିରଟ୍ ଷଡ଼ଯନ୍ତ୍ର, ଚଟ୍ଟାଗଞ୍ଜ ଅସ୍ତ୍ରାଗାର ଲୁଟ ଉଲ୍ଲେଖଯୋଗ୍ୟ । ମହାତ୍ମା ଗାନ୍ଧୀ ଏହି ଚରମ ଅଶାନ୍ତମୟ ପରିବେଶରେ ଅପ୍ରେଲ ୧୯୩୦ରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଆରମ୍ଭ କରି ଏକ ନୂତନ ପଥ ପ୍ରଦର୍ଶନ କରିଥିଲେ । ଅଠସ୍ତରିଜଣ ଉତ୍ସର୍ଗୀକୃତ ଅନୁଗାମୀଙ୍କୁ ଧରି ସେ ତାଙ୍କ ଐତିହାସିକ ଡାଣ୍ଡି ଅଭିଯାନ ଆରମ୍ଭ କରିଥିଲେ । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରୁ ବଙ୍ଗଳାର ମେଦିନୀପୁର ପର୍ଯ୍ୟନ୍ତ, ଉତ୍ତର ପ୍ରଦେଶରୁ ବମ୍ବେ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଭାରତୀୟ ଗାନ୍ଧୀଙ୍କର ଏହି ଆହ୍ୱାନର ଜବାବ ଦେଇଥିଲେ । ମେ ମାସରେ ଗାନ୍ଧୀଜୀ ଗିରଫ୍ ହୋଇଥିଲେ । ଜୁନ୍ ମାସରେ ଭାରତୀୟ ଜାତୀୟ କଂଗ୍ରେସ

ଏକ ବେଆଇନ ଅନୁଷ୍ଠାନ ବୋଲି ଘୋଷିତ ହୋଇଥିଲା । ମାତ୍ର ଦଶମାସ ମଧ୍ୟରେ ନବେ ହଜାର ଲୋକ ସ୍ୱଇଚ୍ଛାରେ ଗିରଫ ହୋଇଥିଲେ ।

୧୯୩୧ ମସିହାରେ ପଶ୍ଚିମବଙ୍ଗର ମେଦିନୀପୁର, ହିଜଲି ଜେଲରେ ଦୁଇଜଣ ରାଜନୈତିକ ବନ୍ଦୀ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ । ଏହାର ପ୍ରତିବାଦ କରିବାକୁ କଲିକତାରେ ସର୍ବସାଧାରଣଙ୍କ ତରଫରୁ ଏକ ବିରାଟ ସଭା ଅନୁଷ୍ଠିତ ହୋଇଥିଲା । କବି ରବୀନ୍ଦ୍ରନାଥ ଠାକୁର ଏହି ସଭାରେ ଉଦ୍‌ବୋଧନ ଦେଇଥିଲେ । ୧୯୩୦ରେ ତାରାଶଙ୍କର ଜେଲ ଯାଇଥିଲେ । ଜେଲ୍‌ରେ ଥିବାବେଳେ ସେ ଅନୁଭବ କରିଥିଲେ ଯେ ରାଜନୀତି ମାଧ୍ୟମରେ ଖୁବ୍ ଶୀଘ୍ର କ୍ଷମତାର ଏକ ଖେଳ ହେବାକୁ ଯାଉଛି । କେତେକ ବନ୍ଦୀଙ୍କ ଅତି ଉତ୍ସାହ ତାଙ୍କ ମନରେ ଆତଙ୍କ ସୃଷ୍ଟି କରିଥିଲା । ଜେଲରେ ସେ ଦୁଇଟି ନୂଆ ଉପନ୍ୟାସ 'ଚଇତାଲି ଘୂର୍ଣ୍ଣି' ଓ 'ପାଷାଣପୁରୀ'ର ରଚନା ଆରମ୍ଭ କରିଥିଲେ । ୧୯୩୦ ମସିହା ଡିସେମ୍ବର ମାସରେ ସେ ଜେଲରୁ ଖଲାସ ହୋଇଥିଲେ ।

ଜେଲରୁ ଖଲାସ ହେବାପରେ ସେ ପ୍ରଥମଥର ପାଇଁ ସୁଭାଷ ବୋଷଙ୍କୁ ସାକ୍ଷାତ କରିଥିଲେ । ସୁଭାଷ ବୋଷ ଓ ଜେ. ଏମ୍. ସେନ୍‌ଗୁପ୍ତଙ୍କ ମଧ୍ୟରେ କେତେକ ଭୁଲବୁଝାମଣା ହୋଇଥିବା ପରି ମନେ ହେଉଥିଲା । ଘଟଣା କ'ଣ ବୁଝିବାପାଇଁ ଶ୍ରୀ ଆନେ କଲିକତା ଆସିଥିଲେ । ତାରାଶଙ୍କର ବୀରଭୂମରୁ ଜଣେ ସାକ୍ଷୀରୂପେ ଡକା-ହୋଇ ଆସିଥିଲେ । ସେ ସୁଭାଷ ବୋଷଙ୍କୁ ଭେଟି ତାଙ୍କପରି କର୍ମୀମାନେ ବ୍ୟକ୍ତି-ବିଶେଷଙ୍କର ନୁହେଁ କଂଗ୍ରେସର ସେବା କରିବା ପାଇଁ ଆସିଛନ୍ତି ବୋଲି କହିଥିଲେ । ସୁଭାଷଚନ୍ଦ୍ର ବୋଷଙ୍କ ବ୍ୟକ୍ତିତ୍ୱରେ ସେ ଏପରି ମୁଗ୍ଧ ହୋଇ ଯାଇଥିଲେ ଯେ ପରେ ସେ ତାଙ୍କୁ ତାଙ୍କର ବହି 'ଚଇତାଲିଘୂର୍ଣ୍ଣି' ପୁସ୍ତକ ଉତ୍ସର୍ଗ କରିଥିଲେ । ଘରକୁ ଫେରି ସେ ପରିବାରର ମହିଳାମାନଙ୍କର ଅଳଙ୍କାରକୁ ବିକ ସେହି ଟଙ୍କାରେ ଗୋଟିଏ ଛୋଟ ପ୍ରେସ୍ ବୋଲପୁରରେ ପକାଇଥିଲେ । ମୁଦ୍ରଣ ମେସିନ୍‌ଟିକୁ ଗୋଟିଏ ଛୋଟ କୋଠରୀରେ ସ୍ଥାପନ କରାଯାଇଥିଲା । ସେଠାରେ ସେ ସରୋଜ କୁମାର ଚୌଧୁରୀଙ୍କ-ଦ୍ୱାରା ସମ୍ପାଦିତ 'ଉପାସନା' ଓ 'ଅଭ୍ୟୁଦୟ' ପାଇଁ ଲେଖୁଥିଲେ । ଚୌଧୁରୀ ମଧ୍ୟ ଜେଲରୁ ଖଲାସ ହୋଇ ଆସିଥାଆନ୍ତି ।

ଜଣେ ଜିଲ୍ଲା ପ୍ରଶାସକ ବଙ୍ଗଳାର ଲୋକନୃତ୍ୟକୁ ପୁନର୍ଜୀବିତ କରିବାପାଇଁ ଗ୍ରାମମାନଙ୍କରୁ ଜୋର ଜବରଦସ୍ତ ଅତି ପ୍ରାଚୀନ ବସ୍ତୁ ସଂଗ୍ରହ କରିବା ନିମନ୍ତେ ଆରମ୍ଭ କରିଦେଇଥିଲେ । ଏଥିପାଇଁ ସେ ଆପଣାର କ୍ଷମତା ପ୍ରୟୋଗ କରୁଥିଲେ । ଏହାଦ୍ୱାରା ସେ ଗ୍ରାମଲୋକମାନଙ୍କ ମଧ୍ୟରେ ଅପ୍ରିୟ ହୋଇପଡ଼ିଥିଲେ । ଲୋକନୃତ୍ୟ ନିମନ୍ତେ ତାଙ୍କର ଏ ଉତ୍ସାହକୁ ସନ୍ଦେହ ଚକ୍ଷୁରେ ଦେଖାଗଲା । ଜାତୀୟ ସଂଗ୍ରାମରୁ ବଙ୍ଗଳାର ଯୁବକ-

ମାନଙ୍କୁ ନିବୃତ୍ତ କରିବାପାଇଁ ଏହା ଏକ ଚକ୍ରାନ୍ତ ବୋଲି ଧରାଗଲା । ଏପରି ସିଦ୍ଧାନ୍ତ ହୁଏତ ସମ୍ପୂର୍ଣ୍ଣ ଭୁଲ୍ ନୁହେଁ । ଗାଁ ଗହଳରୁ ଗ୍ରାମ୍ୟମୂର୍ତ୍ତି ସମ୍ବନ୍ଧ ସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟିକଲା । ଜଣେ କ୍ଷୁବ୍ଧ ରାଜନୈତିକ କର୍ମୀ ଏକ ସୁପରିଚିତ ଲୋକଗୀତକୁ ବ୍ୟଙ୍ଗକରି ତାରାଶଙ୍କର ନ ଥିବାବେଳେ ତାଙ୍କ ପ୍ରେସ୍‌ରେ ଏହାକୁ ଛାପିଦେଲେ । ଏହି ବ୍ୟଙ୍ଗ କବିତାଟି ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଲେଖାଯାଇଥିଲା । ଏହାଦ୍ୱାରା ପ୍ରଶାସକ କ୍ଷୁବ୍ଧ ହୋଇ ଉଠିଥିଲେ । ଏଥିପାଇଁ ଯେଉଁ ଲୋକ ଦାୟୀ ତାକୁ ଗିରଫ କରାଯାଇଥିଲା । ତାରାଶଙ୍କରଙ୍କ ଉପରେ ମଧ୍ୟ ତାଙ୍କ କୋପଦୃଷ୍ଟି ପଡ଼ିଥିଲା । ମାତ୍ର ତାଙ୍କୁ ଗିରଫ କରାଯାଇପାରି ନ ଥିଲା । ଅନ୍ୟ କୌଣସି ଦଫାରେ ତାଙ୍କୁ ଗିରଫ କରାଯିବାଲାଗି ଉଦ୍ୟମ କରାଯାଇଥିଲା । ବୋଲପୁର ପ୍ଲାଟଫର୍ମ ଉପରେ ଦ୍ୱିତୀୟ ଥର ପାଇଁ ସୁଭାଷଚନ୍ଦ୍ରଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ବଣ୍ଡ୍ ଲେଖି ନ ଦେବା ଲାଗି କିମ୍ବା ଆତ୍ମସମର୍ପଣ ନ କରିବା ପାଇଁ ସେ ତାଙ୍କୁ ପରାମର୍ଶ ଦେଇଥିଲେ । ତାରାଶଙ୍କର ନିଜର ମୁଦ୍ରଣ ଯନ୍ତ୍ରଟିକୁ ଉଠାଇ ଗୋଟିଏ ବଳଦ ଗାଡ଼ିରେ ଲଦି ଲାଭପୁରକୁ ଫେରିଆସିଥିଲେ ।

ଏହି ଅବସ୍ଥାରେ କଂଗ୍ରେସ ସହିତ ତାଙ୍କର ଖୁବ୍ କମ୍ ସମ୍ପର୍କ ଥିଲା । ଗ୍ରାମ୍ୟଜୀବନ କଷ୍ଟକର ହୋଇ ପଡ଼ିଥିଲା । ଗୋଟାଏ ପରେ ଗୋଟାଏ ଧନ୍ଦାରେ ଫେଲ ମାରୁଥିବା ଲୋକଟିକୁ ଗାଆଁ ଲୋକମାନେ ମୋଟେ ବୁଝିପାରୁ ନ ଥିଲେ । ଅଶାନ୍ତ ମନରେ ସେ ପୁଣି ଜିଲ୍ଲାସାରା ଘୂରିବୁଲୁଥିଲେ । ଗୋଟିଏ ଛୋଟ ବାଳିକାର ମୃତ୍ୟୁକୁ ନେଇ ତାଙ୍କର ଗଳ୍ପର ପ୍ରଥମାଂଶ ସେ ଲେଖିବାକୁ ଆରମ୍ଭ କରିଥିଲେ । ଏହି ଲେଖାଟି ଶେଷହେବା ପୂର୍ବରୁ ତାଙ୍କର ଛଅବର୍ଷର ଝିଅ ବୁଲୁର ମୃତ୍ୟୁ ହୋଇ ଯାଇଥିଲା ।

ଦୁଃଖରେ ମ୍ରିୟମାଣ ହୋଇ ସେ କଲିକତା ଚାଲିଯାଇଥିଲେ । 'ଉପାସନା'ର ସମ୍ପାଦକ ସାବିତ୍ରୀପ୍ରସନ୍ନ ଚାଟାର୍ଜୀ ପତ୍ରିକାଟି ବନ୍ଦ କରିଦେଇଥାଆନ୍ତି । ସେ ତାରାଶଙ୍କରଙ୍କୁ 'ଉପାସନା' ପତ୍ରିକାରେ ପ୍ରକାଶିତ ତାଙ୍କର ଗଳ୍ପ ଉପନ୍ୟାସ ପାଇଁ ପ୍ରାପ୍ୟ ଦେଇ ନ ଥିଲେ । ସଜନୀକାନ୍ତ ଦାସ 'ଉପାସନା'ର ଅଫିସ ତାଙ୍କ ପତ୍ରିକା 'ବଙ୍ଗଶ୍ରୀ' ପାଇଁ ନେଇଥାଆନ୍ତି । ସେଦିନର ଏକ ଲେଖକ ସମାବେଶରେ ତାରାଶଙ୍କର ଅଜଣା, ନିଃସଙ୍ଗ ଅନୁଭବ କଲେ ଏବଂ ଆପଣା ଦୁଃଖରେ ବୁଡ଼ିରହିଲେ । ସେ ଲାଭପୁର ଫେରିଗଲେ ।

ଏହାର କିଛି ଦିନ ପରେ ସେ ଗ୍ରାମଉନ୍ନୟନ କାର୍ଯ୍ୟକ୍ରମ ନେଇ ଆଲୋଚନା କରିବା ଲାଗି ଶାନ୍ତିନିକେତନରେ କବି ରବି ଠାକୁରଙ୍କ ସହିତ ସାକ୍ଷାତ କଲେ । ସେ ଯେ ଧନସମ୍ପତ୍ତି ସୃଷ୍ଟି କରି ପାରୁ ନ ଥିଲେ ଏକଥା ସେ ଜାଣିଥିଲେ । ତାଙ୍କ ସ୍ତ୍ରୀଙ୍କର

ସଂପର୍କୀୟମାନେ ତାଙ୍କୁ କୋଇଲା ବ୍ୟବସାୟ କରିବାକୁ ଉତ୍ସାହିତ କରିଥିଲେ । ମାତ୍ର ସେଥିରେ ସେ ସଫଳ ହୋଇପାରି ନ ଥିଲେ ।

ବର୍ତ୍ତମାନ ଲଛମପୁର ତାରାଶଙ୍କରଙ୍କର ଗାଁ ରୂପେ ଅଧିକ ପରିଚିତ । ସେ ସମୟରେ ଗାଁ ଲୋକମାନେ ଏହି ବିଚିତ୍ର ମଣିଷଟିକୁ ମୋଟେ ବୁଝିପାରୁ ନ ଥିଲେ । ତାଙ୍କର ଆଚରଣ ଅତି ବିଚିତ୍ର ଥିଲା । ସେ ସ୍ୱଇଚ୍ଛାରେ ଜେଲ୍‌ବରଣ କରିଥିଲେ । ଗାଁ ଗାଁ ଗସ୍ତ କରୁଥିଲେ । ଟଙ୍କା ରୋଜଗାର କରିବାରେ ଉଦାସୀନ ଥିଲେ । ଗଳ୍ପ ଉପନ୍ୟାସ ରଚନା କରୁଥିଲେ । ଏକ ସାଧାରଣ କଥା ଉପରେ ତାରାଶଙ୍କରଙ୍କ ପ୍ରତି ଗ୍ରାମବାସୀଙ୍କର ଶତ୍ରୁତା ସୃଷ୍ଟି ହୋଇଥିଲା । ଗ୍ରାମ୍ୟ ସଂଗଠନ ଯେଉଁ ଲୋକଟିକୁ ସମାଲୋଚନା କରୁଥିଲା, ତାରାଶଙ୍କର ତାଙ୍କୁ ସମର୍ଥନ କରୁଥିଲେ । ସେହି ଲୋକ ଲଣ୍ଡନରୁ ସଦ୍ୟ ଫେରିଥିବା ଜଣେ ଯୁବକଙ୍କୁ ତାଙ୍କ କନ୍ୟାକୁ ବିବାହ ଦେଇଥିଲେ । ଲଛମପୁର ନିଶ୍ଚିତଭାବେ ଗୋଟିଏ ରକ୍ଷଣଶୀଳ ଗ୍ରାମ ହୋଇଥିବ । କାରଣ ଊନବିଂଶ ଶତାବ୍ଦୀରେ ପଶ୍ଚିମବଙ୍ଗର ବିଭିନ୍ନ ଜିଲ୍ଲାରୁ ଅନେକ ଲୋକ ଲଣ୍ଡନ ଯାଇଥିଲେ । ବଙ୍ଗଳାରେ ଯେଉଁ ପୁନଃଜାଗରଣ ହୋଇଥିଲା ତାହା କେବଳ ପଶ୍ଚିମବଙ୍ଗ ଲୋକଙ୍କ ପାଇଁ ସମ୍ଭବ ହୋଇପାରିଥିଲା ।

ତାରାଶଙ୍କର କଲିକତା ଆସିଥିଲେ । ତାଙ୍କର ଗୋଟିଏ ବାଳକର ମୃତ୍ୟୁ ସଂପର୍କରେ ରଚିତ ଗଳ୍ପ 'ଶ୍ମଶାନଘାଟ' ସଜନୀକାନ୍ତ ଦାସଙ୍କ ଉପରେ ଏପରି ପ୍ରଭାବ ପକାଇଥିଲା ଯେ ସେ ସେହି ଗଳ୍ପଟିକୁ 'ବଙ୍ଗଶ୍ରୀ'ର ପ୍ରଥମ ସଂଖ୍ୟାରେ ପ୍ରକାଶ କରିଥିଲେ । ବିଭିନ୍ନ ଘଟଣା ସଂପର୍କରେ ଆସିବାଲାଗି ସେ କଲିକତାରେ ରହିବା ଉଚିତ ବୋଲି ଅନୁଭବ କଲେ । ସୁନାମଧନ୍ୟ ଶିଳ୍ପୀ ଯାମିନୀକାନ୍ତ ରାୟ ତାଙ୍କୁ କଲିକତାରେ ରହିବାପାଇଁ ପରାମର୍ଶ ଦେଲେ । କଲିକତାରେ ରହିବାଲାଗି ଜଣଙ୍କର ମାସକୁ କୋଡ଼ିଏ ପଚିଶ ଟଙ୍କା ଦରକାର । ଏହି ଟଙ୍କା ସେ କିପରି ରୋଜଗାର କରି ପାରିବେ ? ଗୋଟିଏ ଗଳ୍ପ ଏବଂ ଧାରାବାହିକ ଭାବରେ ଦଶଟି ସଂଖ୍ୟାରେ ଗୋଟିଏ ଉପନ୍ୟାସ ପ୍ରକାଶ ପାଇଥିବାରୁ ପ୍ରସନ୍ନ ଚଟାର୍ଜି ଉପନ୍ୟାସ ଲାଗି ଷାଠିଏ ଟଙ୍କା ଏବଂ କ୍ଷୁଦ୍ରଗଳ୍ପ ଲାଗି ଦଶ ଟଙ୍କା ତାରାଶଙ୍କରଙ୍କୁ ଦେଇଥିଲେ । ସବୁ ସଂପାଦକମାନେ ଯେ ଏପରି ଉଦାର ଥିଲେ ଭାବିବା ଠିକ୍ ନୁହେଁ । ସେ ସମୟରେ ପୁସ୍ତକଗୁଡ଼ିକର କ୍ୱଚିତ୍ତ ଦ୍ୱିତୀୟ ମୁଦ୍ରଣ ହୋଇପାରୁଥିଲା । ଲେଖାଲେଖି କରି ଅର୍ଥ ରୋଜଗାର କରିବା କଥା ଲେଖକମାନେ କେବେ ଭାବିପାରୁ ନ ଥିଲେ ।

ସେ ଲଛମପୁର ଫେରିଯାଇଥିଲେ । ପୁଣି ଏକ ପର୍ଯ୍ୟାୟ ଅଶାନ୍ତ ଗସ୍ତକ୍ରମ ସେ ଆରମ୍ଭ କରି ଦେଇଥିଲେ । ଏହି ସମୟରେ ତାଙ୍କର ଅନ୍ୟ ଦୁଇଟି ସ୍ମରଣୀୟ ଗଳ୍ପ 'ବଙ୍ଗଶ୍ରୀ' ଓ 'ଭାରତବର୍ଷ'ରେ ପ୍ରକାଶ ପାଇଥିଲା । ସେଥିରୁ ଗୋଟିଏ ହେଉଛି

ଗାଁଅର ମେଳା ଓ ଅନ୍ୟଟି ହେଉଛି ଗାଁର ଏକ ନିଃସ୍ୱ ସ୍ତ୍ରୀ ଲୋକ ସମ୍ପର୍କରେ, ଯାହାକୁ ଗାଁ ଡାହାଣୀ କହି ଲୋକମାନେ ଭୟ କରୁଥିଲେ ।

ଡାହାଣୀ ପାଇଁ ଉପାଦାନ ସଂଗ୍ରହ କରୁଥିବାବେଳେ ହଠାତ୍ ତାଙ୍କର ଜଣେ ବନ୍ଧୁ ପୁଲିସ ଅଫିସର ତାଙ୍କୁ ସତର୍କ କରାଇଦେଇ କହିଥିଲେ ଯେ ସାମସୁଦୋହା (ଜିଲ୍ଲା ପୋଲିସ୍ ମୁଖ୍ୟ) ତାଙ୍କ ବିଷୟରେ ପଚରାଉଚରା କରୁଥିଲେ ।

ବୀରଭୂମର ଲୋକେ ସାମ୍‌ସୁଦୋହାଙ୍କୁ ଏତେଶୀଘ୍ର ଭୁଲିଯାଇପାରିବେ ନାହିଁ । ସେ ଏକ ଆତଙ୍କପୂର୍ଣ୍ଣ ଶାସନ ଚଳାଇଥିଲେ । ତାରାଶଙ୍କର ତାପରେ କଲିକତା ଆସିଥିଲେ । କଲିକତାରେ ଚଳିବା ପାଇଁ ସେ କେଉଁଠୁ ଟଙ୍କା ପାଉଛନ୍ତି ସେ ନେଇ ସେ ଅନୁସନ୍ଧାନ ଚଳାଇଥିଲେ । ଏଥିରେ ସଜନୀକାନ୍ତ ଦାସ ତାଙ୍କୁ ଅନେକ ସାହାଯ୍ୟ କରିଥିଲେ । ସେ ତାଙ୍କ ପାଖରେ କାମ କରୁଛନ୍ତି ଏବଂ ଏଥିପାଇଁ ସେ ମାସକୁ ତିରିଶ ଟଙ୍କା ବେତନ ପାଉଛନ୍ତି ବୋଲି ହିସାବଖାତାରେ ଦର୍ଶାଇଥିଲେ ।

ପ୍ରକୃତରେ ତାରାଶଙ୍କର ମାସକୁ ତିରିଶ ଟଙ୍କା ବେତନ ପାଉ ନ ଥିଲେ । ତାଙ୍କ ସନ୍ଦେହ ମୋଚନଲାଗି ହିସାବ ଖାତାରେ ଏପରି ଦର୍ଶାଯାଇଥିଲା । ଲେଖା-ଲେଖିରୁ ସେ ଯାହା ପାଉଥିଲେ ସେଥିରେ ସେ ଚଳି ଯାଉଥିଲେ । କଲିକତାରେ ଟିଣଛପର ହୋଇଥିବା ଗୋଟିଏ କୋଠରୀ ଭଡ଼ା ନେଇ ସେ ସେଠାରେ ରହୁଥିଲେ । ଏଥିପାଇଁ ମାସକୁ ତାଙ୍କୁ ପାଞ୍ଚ ଟଙ୍କା ଭଡ଼ାଦେବାକୁ ପଡ଼ୁଥିଲା । ଘରେ ବିଦ୍ୟୁତ୍ ବ୍ୟବହାର ପାଇଁ ଆଉ ଗୋଟିଏ ଟଙ୍କା ଦେଉଥିଲେ । ଗରିବ ଲୋକମାନେ ଖାଉଥିବା ହୋଟେଲରେ ଦୁଇବେଳା ଦୁଇଥର ଖାଇବାଲାଗି ତାଙ୍କୁ ମାସକୁ ଆଠଟଙ୍କା, ସ୍କୁଲ ଜଳଖିଆ ପାଇଁ ସାତ ଆଠଟଙ୍କା ଏବଂ ଯିବା ଆସିବାଲାଗି ତାଙ୍କୁ ସମପରିମାଣର ଅର୍ଥବ୍ୟୟ କରିବାକୁ ପଡ଼ୁଥିଲା । ସଫାସୁତୁରା ଓ ଲୁଗାପଟା ଧୋଇବା କାମ ସେ ନିଜ ହାତରେ କରୁଥିଲେ । ସେ ତଳେ ଶୋଉଥିଲେ ଏବଂ ସୁଟ୍‌କେଶ୍‌ଟିକୁ ଲେଖା-ଟେବୁଲରୂପେ ବ୍ୟବହାର କରୁଥିଲେ ।

ଏହିରୂପେ ସେ ତାଙ୍କ ଲେଖକ ଜୀବନ ଆରମ୍ଭ କରିଥିଲେ । □

# ଚତୁର୍ଥ ପରିଚ୍ଛେଦ

୧୯୩୩ ମସିହାରେ ତାରାଶଙ୍କର ଯେତେବେଳେ କଲିକତାରେ ରହିବାପାଇଁ ଆସିଥିଲେ ସେତେବେଳେ ବଙ୍ଗଳା ସାହିତ୍ୟିକପରିବେଶ କିପରି ଥିଲା ? ବର୍ତ୍ତମାନ ପରି ସେତେବେଳେ ମଧ୍ୟ କଲିକତା ବଙ୍ଗଳାର ପ୍ରାଣକେନ୍ଦ୍ର ଥିଲା । ବିଭିନ୍ନ ସ୍ଥାନମାନଙ୍କରେ ରାଜନୈତିକ କାର୍ଯ୍ୟକଳାପ ଚାଲିଥିଲା । ଛୋଟ ଛୋଟ ସହର-ମାନଙ୍କରେ ସାହିତ୍ୟ ସଂସ୍ଥାମାନ ଥିଲା । କଲିକତାରେ କିନ୍ତୁ ଲେଖକମାନେ ଏକାଠି ହେଉଥିଲେ । ସେଠାରେ ପତ୍ରପତ୍ରିକା ଏବଂ ପୁସ୍ତକମାନ ପ୍ରକାଶ ପାଉଥିଲା । ରବିଠାକୁର ଓ ଶରତଚନ୍ଦ୍ରଙ୍କୁ ବାଦ୍‌ଦେଲେ ଅନ୍ୟ ଲେଖକମାନେ ଲେଖାରୁ ଭଲ ଟଙ୍କା ପାଇପାରୁ ନ ଥିଲେ । ଏହାସତ୍ତ୍ୱେ ଅନେକେ ଲେଖାକୁ ସେମାନଙ୍କର ବୃତ୍ତିରୂପେ ବାଛି ନେଇଥିଲେ । କେବଳ ସାହିତ୍ୟକୁ ନେଇ ସେମାନେ ବଂଚୁଥିଲେ ।

କେତେକଙ୍କର ମୃତ୍ୟୁ ହୋଇଗଲା । ଅଚିନ୍ତ୍ୟକୁମାର ସେନଗୁପ୍ତ ଲେଖିଛନ୍ତି 'ଆମେ ମୃତ୍ୟୁର ପ୍ରେମରେ ପଡ଼ିଯାଇଥିଲୁ । ରାଜନୈତିକ ଓ ସାହିତ୍ୟିକ ବିପ୍ଳବୀ-ମାନଙ୍କ ପାଇଁ ମୃତ୍ୟୁ ସଂପୂର୍ଣ୍ଣ ରୋମାଞ୍ଚକର ଥିଲା ।' (କଲ୍ଲୋଲଯୁଗ—ଅଚିନ୍ତ୍ୟକୁମାର ସେନଗୁପ୍ତ) । ସେ ସମୟରେ ଚିନ୍ତାଶୀଳ ଓ ତ୍ୟାଗୀ ଯୁବକମାନେ ଲେଖକ କିମ୍ବା ବିପ୍ଳବୀ ହେଉଥିଲେ ।

ଲେଖକମାନେ ଜାଣିଥିଲେ ଯେ ଲେଖାକୁ ବାଛିନେବା ଅର୍ଥ କେବଳ ଦାରିଦ୍ର୍ୟ ଓ ଅନାହାରକୁ ବରଣ କରିବା । ତାରାଶଙ୍କରଙ୍କର ଅଳ୍ପକିଛି ଜମିଜମା ଥିଲା । ସେ ଅନାହାରରେ କେବେ ମରି ନ ଥାନ୍ତେ । ତଥାପି ତାଙ୍କ ସଂକଳ୍ପ କିଛି ସାଧାରଣ କଥା ନ ଥିଲା । ସେ ଏକ ଏକାନ୍ନବର୍ତ୍ତୀ ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଥିଲେ । ଅନ୍ୟମାନଙ୍କ ଭଲମନ୍ଦ ବୁଝିବା ତାଙ୍କ ଦାୟିତ୍ୱ ଥିଲା ।

ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ଶେଷଭାଗ ଏବଂ ତୃତୀୟ ଦଶନ୍ଧିର ଆରମ୍ଭମାରମ୍ଭ ମଧ୍ୟରେ କବି ଠାକୁରଙ୍କର 'ମାନଷୀ', 'ଚାର୍‌ଅଧ୍ୟାୟ', 'ଦୁଇ ବୋନ', ଶରତଚନ୍ଦ୍ରଙ୍କର 'ଶ୍ରୀକାନ୍ତ'ର ତୃତୀୟ ପର୍ବ ଏବଂ 'ଶେଷପ୍ରଶ୍ନ' ପ୍ରକାଶ ପାଇଥିଲା । ଏହା ପୂର୍ବରୁ କବି ଠାକୁରଙ୍କର 'ଚତୁରଙ୍ଗ' 'ଘରେ ବାଇରେ', ଶରତଚନ୍ଦ୍ରଙ୍କର 'ପଥେର ଦାବୀ' ପ୍ରଭୃତି ପୁସ୍ତକ ପ୍ରକାଶିତ ହୋଇସାରିଥିଲା । ଶେଷରେ ନାମିତ ପୁସ୍ତକଟି ଗୋଟିଏ ଉପନ୍ୟାସ ଏବଂ ଏଥିରେ ଜଣେ ନିର୍ଭୀକ ବିପ୍ଳବୀଙ୍କୁ ଚିତ୍ରଣ କରାଯାଇଛି । ଏହି ପୁସ୍ତକଟି ସାରା ବଙ୍ଗଳାରେ ଚହଳ ସୃଷ୍ଟି କରିଥିଲା ।

'କଲ୍ଲୋଲ' ପତ୍ରିକା ଏବଂ ଏହା ସହିତ ସଂପୃକ୍ତ ଲେଖକମାନଙ୍କ ସଂପର୍କରେ ଅନେକ କଥା କୁହାହେଲାଣି । ସତ କହିବାକୁଗଲେ ସେତେବେଳର ପୃଥିବୀ ଏକ

ଅଶାନ୍ତମୟ ପର୍ଯ୍ୟାୟରେ ଅର୍ଥନୈତିକ ଅସ୍ଥିରତା ମଧ୍ୟଦେଇ ଗତି କରୁଥିଲା । ଏହି ସ୍ୱଳ୍ପସମୟ ମଧ୍ୟରେ ଯେଉଁମାନେ ଏ ପରିସ୍ଥିତିର ଶିକାର ହୋଇଥିଲେ ସେମାନଙ୍କ ସାହିତ୍ୟରୁ ସୌନ୍ଦର୍ଯ୍ୟ, ତୃପ୍ତି ଓ ସନ୍ତୋଷଲାଭ କରିବା ଅବାସ୍ତବ ପରି ମନେ ହେଉଥିଲା । ରୁଷ ବିପ୍ଲବ ପରାଧୀନ ରାଷ୍ଟ୍ରର ଅଧିବାସୀମାନଙ୍କ ଉପରେ ଖୁବ୍ ପ୍ରଭାବ ପକାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ (୧୯୧୪-୧୯୧୮) ପୃଥିବୀ ଗ୍ରେଟ ହୋଇଗଲା । ଫଳରେ ଲୋକମାନେ ଅନ୍ୟଦେଶ କଥା ଜାଣିବାପାଇଁ ଅଧିକ ଆଗ୍ରହ ପ୍ରକାଶ କଲେ । ଯୁବ ପାଠକମାନେ ସେହିମାନଙ୍କ ଲେଖାକୁ ସ୍ୱାଗତ କଲେ । ଯେଉଁମାନେ ରାଷ୍ଟ୍ରର ସୀମା ଓ ଭାଷା ଅତିକ୍ରମ କରି ଅନ୍ୟ ଚିନ୍ତାଧାରା ସହିତ ସେମାନଙ୍କୁ ଅଭିନ୍ନ ବୋଲି ପ୍ରମାଣ କଲେ । ଜୋଲା, ଗର୍କି, ହାମ୍‌ସୁନ, ବୋୟର, ରୋଲାଁ ଓ ଅନ୍ୟମାନେ ବଙ୍ଗଳାର ଯୁବଲେଖକ ଏବଂ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କଲେ ।

ରୁକ୍ଷ ବାସ୍ତବତା ଓ ରୋମାଞ୍ଚକର ବିଷାଦର ଗଳ୍ପ, ଉପନ୍ୟାସ, କବିତା ଯାହାସବୁ, ସେସବୁ ମୁଖ୍ୟତଃ 'କଲ୍ଲୋଲ'ରେ ପ୍ରକାଶ ପାଉଥିଲା । ମାତ୍ର 'କଲ୍ଲୋଲ' କୌଣସି ନୂତନ ଦିଗନ୍ତର ସନ୍ଧାନ ଦେଇ ନ ଥିଲା । 'ଭାରତୀ', 'ମାନସୀ', 'ସବୁଜପତ୍ର', ପ୍ରଭୃତି ମାସିକ ପତ୍ରିକାଗୁଡ଼ିକର ସମୀକ୍ଷାକଲେ ଦେଖାଯାଏ କେତେକ ଲେଖକ ସେମାନଙ୍କର ଲେଖାରେ ଏହିସବୁ ଚିନ୍ତାଧାରା ଦେଇ ଲେଖିବାକୁ ଆରମ୍ଭ କରିଦେଇଥିଲେ । ପୂର୍ବବର୍ତ୍ତୀ ଲେଖକମାନଙ୍କ ମଧ୍ୟରେ ଚାରୁଚନ୍ଦ୍ର ବାନାର୍ଜୀ, ପ୍ରେମାଙ୍କୁର ଆତର୍ଥୀ, ମଣିନ୍ଦ୍ରଲାଲ ବସୁ, ହେମେନ୍ଦ୍ରକୁମାର ରାୟ ସ୍ୱତନ୍ତ୍ର ସ୍ୱୀକୃତି ପାଇବାର ହକ୍‌ଦାର । ଜଗଦୀଶ ଗୁପ୍ତ ଓ ରମେଶଚନ୍ଦ୍ର ସେନ ଏମାନଙ୍କର ସାମାନ୍ୟ ପରେ ଲେଖାଲେଖି ଆରମ୍ଭ କରିଥିଲେହେଁ ଏମାନେ ସାମାଜିକ ବାସ୍ତବତା ପ୍ରତି ଅଧିକ ଗୁରୁତ୍ୱ ଆରୋପ କରିଥିଲେ ।

'କଲ୍ଲୋଲ' ପତ୍ରିକା ସମ୍ପର୍କରେ ଅନେକ କଥା ଲୁହାଗଲାଣି । ମାତ୍ର ଏକ ଉଲ୍ଲେଖଯୋଗ୍ୟ ଏବଂ ପ୍ରାସଙ୍ଗିକ ବିଷୟପ୍ରତି ସ୍ୱଳ୍ପ ଦୃଷ୍ଟି ଆକର୍ଷଣ କରାଯାଇଛି । ତାହାହେଲା ଏହି ପତ୍ରିକା ସହିତ ସଂପୃକ୍ତ ଲେଖକମାନେ ସମସ୍ତେ ଯୁବକ ଥିଲେ । ସେମାନେ ସମସ୍ତେ ଚରମ ଅଶାନ୍ତ ମଧ୍ୟ ଦେଇ ଗତି କରୁଥିଲେ । ମାତ୍ର ସମସାମୟିକ ରାଜନୀତି ଘଟଣା ପ୍ରବାହ ଯାହାସବୁ ସାରାଦେଶରେ ଅଶାନ୍ତ ସୃଷ୍ଟି କରୁଥିଲା, ସେଥିରୁ ସେମାନେ ଦୂରେଇ ରହୁଥିଲେ । ସେ ସମୟରେ ଦେଶରେ ଅଶାନ୍ତ ସୃଷ୍ଟି କରୁଥିବା ଘଟଣାପ୍ରବାହଠାରୁ ସଂଖ୍ୟାଧିକ ଲେଖକ ଦୂରରେ ରହି ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ । କେବଳ ସେ ସମୟରେ ନୁହେଁ, ବର୍ତ୍ତମାନ ମଧ୍ୟ ଏହି ପରମ୍ପରା ପରିଲକ୍ଷିତ ହେଉଛି । ୧୯୨୦-୧୯୩୦ ମଧ୍ୟରେ 'କଲ୍ଲୋଲ' ପ୍ରତିଷ୍ଠା ଲାଭ କରିଥିଲା । ୧୯୨୪ ମସିହାରେ ପ୍ରଥମ ବ୍ୟାଚ୍ ଭାରତୀୟ କମ୍ୟୁନିଷ୍ଟମାନେ କାନପୁର

ଷଡ଼ଯନ୍ତ୍ର କେଶ୍‌ରେ ଦଣ୍ଡିତ ହେଲେ । ସେହି ବର୍ଷ ଗୋପୀନାଥ ସାହା ନାମରେ ଜଣେ ଯୁବ ବଙ୍ଗାଳୀ, ଜଣେ ଇଂରେଜ ଲୋକଙ୍କୁ ଦୁଷ୍ଟ ପୋଲିସ ଅଫିସର ଭାବି କଲିକତାରେ ଗୁଳିକରି ଦେଇଥିଲେ ଏବଂ ଏଥିପାଇଁ ସେ ଫାଶି ପାଇଥିଲେ । ୧୯୨୫ରେ କେତେକ ଆତଙ୍କବାଦୀ କାକୋରୀ ରେଲଷ୍ଟେସନରେ ଗାର୍ଡଠାରୁ ଜବରଦସ୍ତ ଟଙ୍କା ନେଇ ଯାଇଥିଲେ ଏବଂ ଏହି କାକୋରି ଅଭିଯୋଗର ବିଚାର ପରେ କେତେକ ଫାଶି ପାଇଥିଲେ । ସେହି ବର୍ଷ ଦକ୍ଷିଣେଶ୍ୱର ବୋମାକେଶ୍ ହୋଇଥିଲା । ୧୯୨୬-୨୭ରେ ମଜଦୁର୍ ଓ କୃଷୀଦଳ ଗଠିତ ହୋଇଥିଲା । ଚଟ୍ଟଗ୍ରାମ ଅସ୍ତ୍ରାଗାର ଲୁଟି କେଶ୍ ସେତେବେଳକୁ ହୋଇଗଲାଣି । ୧୯୩୧ ମସିହାରେ ମେଦିନୀପୁର ହିଜ୍‌ଲି ଜେଲ୍‌ରେ ପୁଲିସ ଗୁଳି ଚଳାଇ ଦୁଇଜଣ ବନ୍ଦୀଙ୍କୁ ହତ୍ୟା କରିଥିଲେ । ୧୯୩୧, ୧୯୩୨, ୧୯୩୩ ମସିହାରେ ମେଦିନୀପୁରରେ ତିନି ଜଣ ଇଂରେଜ ଜିଲ୍ଲା କଲେକ୍ଟରଙ୍କୁ ଆତଙ୍କବାଦୀମାନେ ହତ୍ୟା କରିଥିଲେ । ଫଳରେ ପୁଲିସ ଅତ୍ୟାଚାର ସୀମା ଟପି ଯାଇଥିଲା । ଏହିସବୁ ଘଟଣାର ପ୍ରତିକ୍ରିୟା ପ୍ରତ୍ୟେକ ଲେଖକ ସେମାନଙ୍କ ଲେଖାରେ ଲିପିବଦ୍ଧ କରିବା ଆଶାକରିବା ସ୍ୱାଭାବିକ । ମାତ୍ର କଲ୍ଲୋଲଗୋଷ୍ଠୀର ଲେଖକମାନଙ୍କ ଲେଖାରେ ଏସବୁ ଦେଖାଯାଇ ନ ଥିଲା । ଦୁଇଟି ମୁଖ୍ୟ ଜିନିଷ, ରୋମାଣ୍ଟିକର ବିଷାଦ ଏବଂ କାହିଁ କି ଅସନ୍ତୋଷଜନିତ ପ୍ରତିବାଦ ସାହିତ୍ୟରେ ଗଢ଼ିଆସୁଥିବା ପରଂପରା ବିରୁଦ୍ଧରେ ଦେଖାଯାଇଥିଲା । ଏହି ଚିନ୍ତାଧାରା ଦ୍ୱାରା ଲେଖକମାନେ ପ୍ରଭାବିତ ହେଉଥିଲେ । ରାଜନୀତିଠାରୁ ଦୂରରେ ରହିବା ପଛରେ ସେମାନଙ୍କର ସେପରି କୌଣସି କାରଣ ନ ଥିଲା । ପତିତ ଓ ଅବହେଳିତମାନଙ୍କ ପ୍ରତି ପ୍ରେମ କେତେକ ଲେଖକଙ୍କ ଲେଖାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ମନୀଷ୍ ଘଟକଙ୍କ (ଛଦ୍ମନାମ ଯୁବନାଶ୍ୱ) 'କଲ୍ଲୋଲ'ରେ ପ୍ରକାଶ ପାଇଥିବା ମଦ୍ୟପ, ବେଶ୍ୟା, ଭିକାରୀ, ଦରିଦ୍ର, ଚୋରମାନଙ୍କ ଉପରେ ଲିଖିତ ଗଳ୍ପଗୁଡ଼ିକ ଉଲ୍ଲେଖଯୋଗ୍ୟ । ନୃପେନ୍ଦ୍ରକୃଷ୍ଣ ଚଟ୍ଟୋପାଧ୍ୟାୟ ଉପଯୁକ୍ତ ସମୟ ଭାବି 'କଲ୍ଲୋଲ' ପାଇଁ ନ ହେଲେ ବି ଗର୍କିଙ୍କର 'ମା' ପୁସ୍ତକର ଅନୁବାଦ କରିଥିଲେ । ଐତିହାସିକ ଦୃଷ୍ଟିକୋଣରୁ ଆମ ସମସ୍ତଙ୍କର ବିଚାର କଲେ ଜଣାଯାଏ ଯେ ସାହିତ୍ୟିକ ଲକ୍ଷ୍ୟ ହାସଲପାଇଁ 'କଲ୍ଲୋଲ'ର ଉଲ୍ଲେଖନୀୟ ଅବଦାନ ଥିଲାପରି ମନେହୁଏ ନାହିଁ ।

ତାରାଶଙ୍କର ଏହି ସମସ୍ତଙ୍କୁ ସହାନୁଭୂତିର ସହ ଉଲ୍ଲେଖ କରିଛନ୍ତି । ସମାଲୋଚକମାନେ କୁହନ୍ତି ଏହି ସମୟର ସାହିତ୍ୟିକ ବିଚାରଧାରାରେ ତତ୍କାଳୀନ ଇଉରୋପର ସାହିତ୍ୟରେ ଦେଖାଦେଇଥିବା ଚିନ୍ତାଧାରାର ପ୍ରତିଧ୍ୱନି ଏବଂ ଅନୁକରଣ ଦେଖିବାକୁ ମିଳିଥାଏ । ସମାଲୋଚକମାନଙ୍କର ଏହି ମତ ଭୁଲ୍ ନୁହେଁ । ବାସ୍ତବରେ ଏହି ଅନୁକରଣ ସାହିତ୍ୟରେ ଦେଖାଦେଇଥିଲା । ମାତ୍ର ଅସନ୍ତୋଷ ଏବଂ ଅଶାନ୍ତ

ଲେଖକମାନଙ୍କୁ ଅଧିକ ବିବ୍ରତ କରୁଥିଲା । ଦୁଇଥର ୧୯୨୧ ଏବଂ ୧୯୩୦ରେ ଗଣଆନ୍ଦୋଳନ ବ୍ୟର୍ଥ ହୋଇଥିଲା । ଅହିଂସା ଆନ୍ଦୋଳନ ମାଧ୍ୟମରେ ଜୀବନୀଶକ୍ତି ଓ ବାସ୍ତବତାର ସମନ୍ୱୟ ରକ୍ଷାକରି କାର୍ଯ୍ୟ କରାଯାଇପାରିବ ବୋଲି ଆମେ ନିଶ୍ଚିତ ଥିଲୁ । ମାତ୍ର ତାହା ହୋଇପାରିଲା ନାହିଁ । ପ୍ରଥମ ବିଶ୍ୱଯୁଦ୍ଧଯୋଗୁଁ ସାରାପୃଥିବୀ ରାଜନୈତିକ ଓ ଅର୍ଥନୈତିକ ଦୁର୍ବିପାକ ମଧ୍ୟଦେଇ ଗତିକରୁଥିଲା । ଆମମାନଙ୍କ ଜୀବନ ସାଧାରଣତଃ ବିଶ୍ରାମହୀନ ଓ ଅସନ୍ତୋଷରେ ପରିବ୍ୟାପ୍ତ ହୋଇ ଉଠିଥିଲା । ସାହିତ୍ୟର ଉଦ୍ଦେଶ୍ୟ ପ୍ରତିବାଦ କରିବା, ସମନ୍ୱୟ ରକ୍ଷା କରିବା ନୁହେଁ । ତେଣୁ ଯୁବ ଲେଖକମାନଙ୍କ ସାହିତ୍ୟରେ ଅଶାନ୍ତି ଓ ଅସ୍ଥିରତା ସ୍ଥାନ ପାଇଲା ।

ବଙ୍ଗଳାର ରାଜନୈତିକ ପରିବେଶ ଯୁବଲେଖକମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇ ପାରିଥିଲା ପରି ମନେହୁଏ ନାହିଁ । ସେମାନେ ସାହିତ୍ୟରେ ବିପ୍ଳବ କରିବାକୁ ଆସିଥିଲେ । ମାତ୍ର ସାମାଜିକ ଢାଞ୍ଚାରେ ପରିବର୍ତ୍ତନ ଲାଗି ନୁହେଁ । ଅଶାନ୍ତ ପରିବେଶରୁ ସେମାନେ ଯେଉଁ ନିଃଶ୍ୱାସ ପ୍ରଶ୍ୱାସ ନେଉଥିଲେ ତାହା ସେମାନଙ୍କର ବୈପ୍ଳବିକ ମନୋଭାବ ସୃଷ୍ଟି କରୁଥିଲା ।

ସବୁ ଲେଖକ ସେମାନଙ୍କ ପ୍ରଥମ ପରିଚୟ ପାଇଁ 'କଲ୍ଲୋଳ' ଉପରେ ନିର୍ଭର କରୁ ନ ଥିଲେ । 'ପ୍ରବାସୀ', 'ବିଚିତ୍ରା', 'ଭାରତବର୍ଷ' ସେ ସମୟର ତିନୋଟି ପ୍ରତିଷ୍ଠିତ ପତ୍ରିକା ଥିଲା । ପ୍ରବାସୀ ସବୁଠାରୁ ଅଧିକ ସମ୍ମାନଜନକ ସ୍ଥାନ ଲାଭ କରିଥିଲା । ଅଚିନ୍ତ୍ୟକୁମାର ସେନଗୁପ୍ତ 'କଲ୍ଲୋଳ'ରେ ଲେଖାଲେଖି କରିବା ପୂର୍ବରୁ ପ୍ରବାସୀରେ ଲେଖାଲେଖି କରୁଥିଲେ । ମାନିକ ବାନାର୍ଜୀ 'ବିଚିତ୍ରା'ରେ ଗଳ୍ପ ଲେଖୁଥିଲେ । ସାହିତ୍ୟର ବିକାଶ ଦୃଷ୍ଟିକୋଣରୁ ୧୯୨୯ରେ ବିଭୂତିଭୂଷଣ ବାନାର୍ଜୀଙ୍କ 'ପାଥେର ପାଞ୍ଚାଲି' ପ୍ରକାଶନ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହା ଏକ ସୁପ୍ରତିଷ୍ଠିତ ଉପନ୍ୟାସ ଯାହା କି 'ବିଚିତ୍ରା'ରେ ଧାରାବାହିକ ଭାବେ ପ୍ରକାଶିତ ହେଉଥିଲା । ସଜନୀକାନ୍ତ ଦାସ 'ଶନି-ବାରେର ଚିଠି'ର ସଂପାଦନା କରୁଥିଲେ । ବଳିଷ୍ଠ ଏବଂ ରକ୍ଷଣଶୀଳ ମତାମତ ପାଇଁ ଏହି ପତ୍ରିକା ଜଣାଶୁଣା ଥିଲା । ବନାରସରୁ ସୁରେଶଚନ୍ଦ୍ର ଚକ୍ରବର୍ତ୍ତୀ 'ଉତ୍ତରା' ନାମକ ଏକ ପତ୍ରିକା ସଂପାଦନା କରୁଥିଲେ । ଧୂର୍ଜଟି ପ୍ରସାଦ ମୁଖାର୍ଜୀ 'ଉତ୍ତରା'ରେ ସ୍ୱାଧୀନମତ ଲେଖୁଥିଲେ । ୧୯୩୧ ମସିହାରେ ସୁଧୀନ୍ଦ୍ରନାଥ ଦତ୍ତ 'ପରିଚୟ' ନାମରେ ଏକ ତ୍ରୈମାସିକ ପତ୍ରିକା ପ୍ରକାଶ କରିଥିଲେ । ୧୯୩୫ରେ ବୁଦ୍ଧଦେବ ବସୁଙ୍କ ସଂପାଦିତ ତ୍ରୈମାସିକ 'କବିତା' ପତ୍ରିକା ପ୍ରଥମେ ପ୍ରକାଶ ପାଇଥିଲା । 'ପରିଚୟ' ଗୁରୁତ୍ୱପୂର୍ଣ୍ଣ ସାହିତ୍ୟ ପ୍ରକାଶ କରି ତାର ଉଚ୍ଚମାନ ରକ୍ଷା କରିଥିଲା । ଆଧୁନିକ କବିତାର ପ୍ରସାର ନିମନ୍ତେ 'କବିତା'ର ଉଲ୍ଲେଖନୀୟ ଭୂମିକା ଥିଲା । 'କବିତା'ରେ

ଆଧୁନିକ କବିତା ପ୍ରକାଶ ପାଉଥିଲା । ଆଧୁନିକ କବିତା ପାଇଁ ଏହା ଭିତ୍ତି ସ୍ଥାପନ କରିଥିଲା । ଅନ୍ୟ କୌଣସି ପତ୍ରିକା ନୂଆ କବିମାନଙ୍କୁ ଉତ୍ସାହିତ କରୁନଥିଲା ।

ଗ୍ରାମ୍ୟ-ଉନ୍ନୟନମୂଳକ କାର୍ଯ୍ୟକ୍ରମ ନେଇ ତାରାଶଙ୍କର ପ୍ରଥମଥର କବି ଠାକୁରଙ୍କୁ ସାକ୍ଷାତ କରିଥିଲେ । ତାର କିଛିଦିନ ପରେ ତାରାଶଙ୍କର ତାଙ୍କର ଉପନ୍ୟାସ 'ରାଇକମଲ' (ଜନୈକା ବୈଷ୍ଣବ ବାଳିକାଙ୍କ ନାମ) ଏବଂ ଗଳ୍ପ ସଂକଳନ 'ଛଳନାମୟୀ' ଠାକୁରଙ୍କ ନିକଟକୁ ଡାକ ଯୋଗେ ପଠାଇ ଦେଇଥିଲେ । ଏହି ଉପନ୍ୟାସଟି ଠାକୁରଙ୍କୁ ଭଲ ଲାଗିଥିଲା ବୋଲି ସେ ତାଙ୍କୁ ଲେଖିଥିଲେ । ଅନ୍ୟ ଏକ ଚିଠିରେ ଗଳ୍ପଗୁଡ଼ିକର ଉଚ୍ଚପ୍ରଶଂସା କରି ସେ ତାରାଶଙ୍କରଙ୍କୁ ଲେଖିଥିଲେ । ଠାକୁରଙ୍କୁ ସାକ୍ଷାତ କରିବା ପାଇଁ ତାରାଶଙ୍କର ଶାନ୍ତିନିକେତନ ଯାଇଥିଲେ । ତାରାଶଙ୍କର ତାଙ୍କ ସହିତ ପ୍ରଥମ ସାକ୍ଷାତ କଥା ଠାକୁର ଠିକ୍ ଭାବେ ସ୍ମରଣ ରଖିଥିଲେ । ସେ କହିଲେ ଗ୍ରାମ୍ୟଜୀବନର ଚିତ୍ର ତାରାଶଙ୍କର ସାହିତ୍ୟରେ ଯେପରି ଚିତ୍ରଣ କରିଛନ୍ତି ତା ପୂର୍ବରୁ ବଙ୍ଗଳା ସାହିତ୍ୟରେ ସେପରି କେହି ଲେଖିଥିବାର ସେ ଜାଣନ୍ତି ନାହିଁ । ଜଣେ ବିଦ୍ୱାନ ବ୍ୟକ୍ତିଙ୍କ ସହ କଲିକତାରେ କଥାବାର୍ତ୍ତାବେଳେ ତାରାଶଙ୍କରଙ୍କ 'ଡାହାଣୀ' କଥା କବି ଉଲ୍ଲେଖ କରିଥିଲେ । ଏକଥା ଶୁଣି ସେ କହିଥିଲେ ଯେ ପାଶ୍ଚାତ୍ୟ ସାହିତ୍ୟରୁ ଏ କଥାବସ୍ତୁ ନିଶ୍ଚିତଭାବେ ନିଆଯାଇଛି । ଏକଥା ଶୁଣି ବଙ୍ଗାଳି ଲେଖକଙ୍କର ଏ ମାଟି ସହ ସ୍ୱଳ୍ପ ପରିଚୟ ଥିବା କହି ଠାକୁର ଦୁଃଖ ପ୍ରକାଶ କରିଥିଲେ । ଠାକୁରଙ୍କ ଦ୍ୱାରା ପ୍ରଶଂସିତ ହୋଇ ତାରାଶଙ୍କର ଖୁବ୍ ଆନନ୍ଦିତ ହୋଇଥିଲେ । ସେ ପୁନର୍ବାର ତାଙ୍କୁ କଲିକତାରେ ସାକ୍ଷାତ କରି ତାଙ୍କର ଗଳ୍ପ ସଙ୍କଳନ 'ଜଲ୍‌ସାଘର' ଉପହାର ଦେଇଥିଲେ । ତାପରେ ପରେ ଠାକୁର ଖୁବ୍ ଅସୁସ୍ଥ ହୋଇ ପଡ଼ିଥିଲେ । ସେ 'ରାଇବାର' ଗଳ୍ପଟି ପଢ଼ିଦେଇଥିଲେ । ଗଳ୍ପରେ ରାବଣେଶ୍ୱର ରାୟ ଗୃହତ୍ୟାଗ କରି ଚାଲିଯାଇଛନ୍ତି । ମାତ୍ର ଚାଲିଯାଉଥିବାବେଳେ ଶେଷଥର ପାଇଁ ଘରକୁ ଚାହିଁବାଲାଗି ବୁଲିପଡ଼ି ଦେଖନ୍ତି ଯେ ଦରବାର ହଲ୍‌ରେ ଲ୍ୟାମ୍ପଗୁଡ଼ିକ ଜଳୁଛି । ସତେ ଯେମିତି କେହି ତାଙ୍କୁ ଫେରିଯିବାକୁ କହୁଛି ଏବଂ ତାହା ଦେଖି ସେ ଫେରିଯାଇଥିଲେ । ରାବଣେଶ୍ୱରର ଫେରିବା ଏବଂ ତାଙ୍କର ନିଶ୍ଚିତାବସ୍ଥା ( କୋମା )ରୁ ଚେତାବସ୍ଥାକୁ ଫେରିବା ଭିତରେ ବହୁ ସାମଞ୍ଜସ୍ୟ ରହିଥିବା କଥା ଠାକୁର କହିଥିଲେ ।

ତାପରେ ସେ ଯେତେବେଳେ ଶାନ୍ତିନିକେତନ ଯାଇଥିଲେ, ସେ ବାରବାର କାହିଁକି ଶାନ୍ତିନିକେତନ ଆସୁନାହାନ୍ତି ବୋଲି ଠାକୁର ତାଙ୍କଠାରୁ ଜାଣିବାକୁ ଚାହିଁଲେ । ତାରାଶଙ୍କରଙ୍କ ସ୍ମୃତିକଥାରୁ ଜଣାଯାଏ ଯେ ତାରାଶଙ୍କର ଶାନ୍ତିନିକେତନ

ସବୁ ଅଧିକ ନିକଟତର ହେବାଲାଗି ଠାକୁର ଗୃହୁଁ ଥିଲେ । ସେ ପୁଣି ମନେପକାଇ କହନ୍ତି ଯେ ଠାକୁର କହିଥିଲେ ଶାନ୍ତିନିକେତନ ବୀରଭୂମ ଜିଲ୍ଲାବାସୀଙ୍କ ପାଇଁ ଏକ ବିଦେଶୀ ସ୍ଥାନ ହୋଇ ରହିଲା । ପ୍ରତିବନ୍ଧକ କେଉଁଠାରେ ରହିଯାଇଥିଲା, ସେ ତାହା ଜାଣି ପାରି ନ ଥିଲେ । ଏହା ନିଶ୍ଚିତ କଥା ଯେ ଠାକୁର ତାରାଶଙ୍କରଙ୍କ-ଠାରେ ବହୁ ଉଚ୍ଚ ସମ୍ଭାବନା ଲକ୍ଷ୍ୟ କରିପାରିଥିଲେ । ତାରାଶଙ୍କର ଭିନ୍ନଧରଣର ଲୋକ ହୋଇଥିଲେ ଠାକୁରଙ୍କର ଅଧିକ ନିକଟବର୍ତ୍ତୀ ହେବାକୁ ଚେଷ୍ଟା କରି-ଥାଆନ୍ତେ । ଆଶାୟୀ ଲେଖକମାନଙ୍କ ପ୍ରତି ଠାକୁର କେତେଦୂର ଉଦାର ଥିଲେ ତାହା ବେଶ୍ ଜଣାଥିଲା । ଠାକୁର ତାରାଶଙ୍କରଙ୍କ ଲେଖାକୁ ଯେ ଭଲ ପାଉଥିଲେ ସେ କଥା ସେ ତାଙ୍କୁ କହିଥିଲେ । ଏହାର ସୁଯୋଗ ନେବା ନିମନ୍ତେ ତାରାଶଙ୍କର ଉଦ୍ୟମ କରି ନ ଥିଲେ । ଏହାହିଁ ତାରାଶଙ୍କରଙ୍କ ଚରିତ୍ରର ବିଶେଷତ୍ୱ ପ୍ରତିପାଦନ କରିଥାଏ ।

ସେ ଲେଖକ ହୋଇ ନ ଥିବାବେଳେ ଅଧିକ କଷ୍ଟର ସମ୍ମୁଖୀନ ହୋଇଥିଲେ । ଆଦ୍ୟ ଲେଖକ ଜୀବନରେ ସେ କେତେକ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ୍ୟ ସୌଭାଗ୍ୟରୁ ଲେଖକଭାବେ ସେ ଆଶୁ ସ୍ୱୀକୃତି ଲାଭ କରିଥିଲେ । ତାଙ୍କ ଲେଖକ ଜୀବନ ଯେପରି ସୁରୁଖୁରୁରେ ଅତିବାହିତ ହୋଇଥିଲା, ବହୁ ଲେଖକଙ୍କ ଭାଗ୍ୟରେ ସେପରି ଘଟି ନ ଥାଏ । ସାହିତ୍ୟ ଜଗତରେ ପ୍ରଭାବ ଥିବା ତାଙ୍କର କେତେକ ଅନ୍ତରଙ୍ଗ ବନ୍ଧୁ ଥିଲେ । ସେ ଦୃଷ୍ଟିରୁ ସେ ଭାଗ୍ୟବାନ । ଯେଉଁ ସଜନୀକାନ୍ତ ଦାସଙ୍କ ବ୍ୟଙ୍ଗବିଦ୍ରୂପ ଅନେକ ଲେଖକଙ୍କୁ ଆଘାତ କରିଥିଲା, ସେ ତାରାଶଙ୍କରଙ୍କର ଜଣେ ଘନିଷ୍ଠ ବନ୍ଧୁ ଓ ସମର୍ଥକ ଥିଲେ । ମୋହିତଲାଲ୍ ମଜୁମଦାର, ଯେ ସେ ସମୟର ଅନ୍ୟତମ ବରିଷ୍ଠ କବି, ପ୍ରାବନ୍ଧିକ, ସମାଲୋଚକ, ସେ କୁହନ୍ତି ଯେ ତାଙ୍କ ମତରେ ସେ ସମୟର ବରିଷ୍ଠ ଲେଖକମାନଙ୍କ ମଧ୍ୟରେ ତାରାଶଙ୍କର ଅନ୍ୟତମ ଥିଲେ ।

ବ୍ରଜେନ୍ଦ୍ରନାଥ ବାନାର୍ଜୀ, ପ୍ରତିଷ୍ଠିତ ପଣ୍ଡିତ, ଲେଖକ ଏବଂ ଊନବିଂଶ ଶତାବ୍ଦୀର ବଙ୍ଗଳାର ସର୍ବଶ୍ରେଷ୍ଠ ଦଲିଲ୍‌କାର । ତାରାଶଙ୍କରଙ୍କର ବନ୍ଧୁ ଓ ଶୁଭେଚ୍ଛୁ ଥିଲେ । ବିଖ୍ୟାତ ସମ୍ପାଦକ ଓ ସାଂବାଦିକ ରାମାନନ୍ଦ ଚାଟାର୍ଜୀ ତାରାଶଙ୍କରଙ୍କର ଲେଖାକୁ ବରାବର ଛାପୁଥିଲେ । ଯୁବ ବୟସରେ ଯଦିଓ ତାରାଶଙ୍କରଙ୍କୁ କିଛି ଅର୍ଥଦେଇ ନିଜର ଗୋଟିଏ ପୁସ୍ତକ ପ୍ରକାଶ କରିବାକୁ ପଡ଼ିଥିଲା, ପରେ ତାଙ୍କୁ ପୁସ୍ତକ ପ୍ରକାଶ ନିମନ୍ତେ ପ୍ରକାଶକ ପାଇବାରେ ସେପରି କୌଣସି କଷ୍ଟ ସ୍ୱୀକାର କରିବାକୁ ପଡ଼ି ନ ଥିଲା । ନୂତନ ଦୃଷ୍ଟିକୋଣରୁ ସେ ଗାଁ ଉପରେ ଲେଖୁଥିଲେ । [illegible] ସେ କୌଣସି କଥା ଲେଖି ନ ଥିଲେ ।

ଅନେକ ଦୃଷ୍ଟିରୁ ସେ ପରମ୍ପରାବାଦୀ ଥିଲେ । ବଙ୍ଗଳାର ପାଠକ ଓ ସର୍ବସାଧାରଣ, ସର୍ବଦା ଯେଉଁ ଲେଖକମାନେ ପରିଚିତ କଥାବସ୍ତୁ ବା ବଙ୍ଗଳାର ପଲ୍ଲୀଚିତ୍ର ଚିତ୍ରଣ କରନ୍ତି ସେମାନଙ୍କୁ ସହଜରେ ଗ୍ରହଣ କରିନେଇଥାଆନ୍ତି । ତାରାଶଙ୍କରଙ୍କର ଯେଉଁ-ସବୁ ପୁସ୍ତକଗୁଡ଼ିକୁ ଆଧୁନିକ କ୍ଲାସିକ କୁହାଯାଏ, ସେଥିରୁ ଅଧିକାଂଶରେ ବଙ୍ଗଳାର ଗ୍ରାମ୍ୟଜୀବନ ସମ୍ପର୍କରେ ଲେଖାଯାଇଛି । ତାରାଶଙ୍କର ନୂତନ ଉଦ୍ଦୀପନା ଏବଂ ଗମ୍ଭୀର ଆନ୍ତରିକତାର ସହ ଲେଖୁଥିଲେହେଁ ଲେଖାରେ ସେ କୌଣସି ନୂତନ ପଥ ପ୍ରଦର୍ଶନ କରିନାହାନ୍ତି । ଅବିଲମ୍ବେ ସେ ସ୍ୱୀକୃତି ଲାଭ କରିଥିଲେ । □

117817

# ପଞ୍ଚମ ପରିଚ୍ଛେଦ

କ୍ଷୁଦ୍ରଗଳ୍ପ ମାଧ୍ୟମରେ ତାରାଶଙ୍କର ସର୍ବପ୍ରଥମେ ବଙ୍ଗଳା ସାହିତ୍ୟରେ ପରିଚିତ ହୋଇଥିଲେ ।

ସେ ଅନେକ କ୍ଷୁଦ୍ରଗଳ୍ପ ରଚନା କରିଛନ୍ତି ଏବଂ ସେସବୁକୁ ଶ୍ରେଣୀଭୁକ୍ତ କରିବା କଷ୍ଟ । କାରଣ ସେ ଇତିହାସ ଓ ରାଜନୀତି ସଂପର୍କରେ ଅତିମାତ୍ରାରେ ସଚେତନ ଥିଲେ । ନିଜ ଅନୁଭୂତିରେ ଆସିଥିବା ପ୍ରାୟ ସମସ୍ତ ବିଷୟ ଉପରେ ସେ ଲେଖିଛନ୍ତି । ଆମ୍ଭେମାନେ ତାଙ୍କର କେବଳ କେତେଗୋଟି ବଡ଼ ବଡ଼ କ୍ଷୁଦ୍ରଗଳ୍ପ ଆଲୋଚନା ପାଇଁ ନେବା ଏବଂ ବିଭିନ୍ନ ଗଳ୍ପରେ ଲେଖକଙ୍କ ଚିନ୍ତାଧାରା କିପରି ପ୍ରତିଫଳିତ ହୋଇଛି ତାହା ଆଲୋଚନା କରିବା । 'ଜଳସାଘର', 'ରାଇବାରି', 'ସାହେବପାଡ଼ା ଗଣ୍ଡାର ଜମିଦାର' (ଜଣେ ଶ୍ରେଷ୍ଠ ଜମିଦାର) ଏବଂ ଅନ୍ୟ କେତୋଟି ଗଳ୍ପରେ ଜମିଦାରମାନଙ୍କ ଜୀବନର ବିଭିନ୍ନ ଦିଗ ରୂପାୟିତ ହୋଇଛି । ନିଃସ୍ୱ ଜମିଦାରମାନଙ୍କ ପତନ ଏବଂ ବିଲୋପର କାହାଣୀ ବିଭିନ୍ନ ଗଳ୍ପରେ ଏକାଧିକବାର ଦେଖାଯାଇଥାଏ । 'ରାଇବାରି'ର ଭୁବନେଶ୍ୱର ରାୟ ଊନବିଂଶ ଶତାବ୍ଦୀର ଏକ ସ୍ୱତନ୍ତ୍ର ଧରଣର ଜମିଦାରଙ୍କ କାହାଣୀ । ସେ ସ୍ୱେଚ୍ଛାଚାରିତା, ନିର୍ଦ୍ଦୟତା ଏବଂ ଉଦାରତାର ମଧୁର ସମନ୍ୱୟ ଥିଲେ । ତାଙ୍କ ପୂର୍ବପୁରୁଷମାନେ କୃଷକମାନଙ୍କୁ ଜବରଦସ୍ତ ଖଟାଇ ଏବଂ ଶୋଷଣ କରି ଧନ ଅର୍ଜନ କରିଥିଲେ । ସେ କାମୁକ ପ୍ରକୃତିର ଥିଲେ ଏବଂ ଏକ ଦରବାର ହଲ୍ ନିର୍ମାଣ କରାଇଥିଲେ । ସେହିଦିନ ତାଙ୍କ ସ୍ତ୍ରୀ ଏବଂ ପୁତ୍ରର ମୃତ୍ୟୁ ହୋଇଥିଲା । ଏହା ତାଙ୍କୁ ଦାରୁଣ ଆଘାତ ଦେଇଥିଲା ଏବଂ ସେ ଘର ଛାଡ଼ି ଚାଲିଯାଇଥିଲେ । ମାତ୍ର ନିଜ ନଅରକୁ ଶେଷଥର ପାଇଁ ଦେଖିବା ଲାଗି ସେ ଯେତେବେଳେ ବୁଲି ଚାହାଁନ୍ତି, ସେ ଦେଖିଲେ ଲ୍ୟାମ୍ପଗୁଡ଼ିକ ହଲ୍‌ରେ ଜଳୁଛି । ସତେ ଯେପରି ସେସବୁ ତାଙ୍କୁ ଫେରିଯିବାକୁ ସଙ୍କେତ ପ୍ରଦର୍ଶନ କରୁଛନ୍ତି । ସେ ମଧ୍ୟ ଫେରିଯାଇଥିଲେ ।

ତାଙ୍କର ନାତି ବିଶ୍ୱମ୍ଭର ରାୟ 'ଜଳସାଘର'ର ନାୟକ ଅନେକଗୁଡ଼ାଏ ଋଣ, ଦୀର୍ଘଦିନ ଧରି ବିଚାର ଚାଲିଥିବା ଏକ ମକଦ୍ଦମା ଏବଂ ଏକ ରାଜକୁମାରର ପ୍ରକୃତି ବ୍ୟତୀତ ଉତ୍ତରାଧିକାରୀ ରୂପେ ତାଙ୍କ ପୂର୍ବପୁରୁଷମାନଙ୍କଠାରୁ ଆଉ କିଛି ପାଇ ନ ଥିଲେ । ବ୍ୟବହୃତ ହେଉ ନ ଥିବା ହଲ୍, ଗୋଟିଏ ବୁଢ଼ା ଘୋଡ଼ା ଏବଂ ଗୋଟିଏ ବୁଢ଼ା ହାତୀ ତାଙ୍କ ଅତୀତ ଓ ତାଙ୍କ ମଧ୍ୟରେ ସଂଯୋଗରକ୍ଷା କରୁଥିଲା । ପ୍ରିଭି କାଉନସିଲରେ ସେ ଯେଉଁଦିନ ମକଦ୍ଦମାଟିରେ ନୂଆ ହୋଇ ଧନୀ ହୋଇଥିବା ଗାଙ୍ଗୁଲିଠାରୁ ହାରିଲେ, ସେଦିନ ମଧ୍ୟ ହଲ୍‌ରେ ଭୋଜନୋତ୍ସବ ବନ୍ଦ କରି ନ ଥିଲେ ।

ଗାଙ୍ଗୁଲିଙ୍କୁ ଚିଡ଼େଇବା ପାଇଁ ସଙ୍ଗୀତ ଓ ନୃତ୍ୟ ଜାଣିଥିବା ଦୁଇଜଣ ବାଳିକାଙ୍କୁ ହଲ୍‌କୁ ନିମନ୍ତ୍ରଣ କରିଥିଲେ । ଏହି ଅନ୍ତିମ ଭୋଜି ଉତ୍ସବ ପାଇଁ ତାଙ୍କ ପାଖରେ ଯାହାକିଛି ଥିଲା ଶେଷ ପଇସାଟି ପର୍ଯ୍ୟନ୍ତ ସେ ଖର୍ଚ୍ଚ କରିଦେଇଥିଲେ । ଅତୀତରେ ସେ ଯେପରି ଘୋଡ଼ା ଚଢ଼ି ଯାଉଥିଲେ, ତା ପରଦିନ ସକାଳେ ଠିକ୍ ସେହିପରି ଯାଇଥିଲେ । ମକଦ୍ଦମାରେ ପରାଜୟ ହେବାରୁ ଗାଙ୍ଗୁଲିଙ୍କୁ ସେ ଯେଉଁ ଗାଁଗୁଡ଼ିକ ହରାଇଲେ ତା ମଧ୍ୟରେ ରାଗାନ୍ଧ୍ୟୁତ ହୋଇ ଘୋଡ଼ା ଛୁଟାଇ ଯାଉଥିବାବେଳେ ସେ ବାସ୍ତବତା ପ୍ରତି ସଚେତନ ହୋଇ ଉଠିଥିଲେ । ସେ ଅନୁଭବ କରୁଥିଲେ ସତେ ଯେପରି ସାରା ଦୁନିଆ ତାଙ୍କର ନଗ୍ନତା ଓ ଦୁର୍ବଳତାକୁ ଦେଖି ବିଦ୍ରୂପ କରୁଛି । ସେ ଘୋଡ଼ା ଚଢ଼ି ଘରକୁ ଫେରି ଆସିଥିଲେ । ପାହାଚରେ ଚଢ଼ି ସେ ଦେଖିଲେ ହଲ୍‌ର କବାଟଗୁଡ଼ିକ ଖୋଲା ରହିଛି ଏବଂ ଲ୍ୟାମ୍ପଗୁଡ଼ିକ ଏବେବି ଝାଡ଼ ଆଲୋକରେ ଜଳୁଛି । ବନ୍ଧାଇ ହୋଇଥିବା ବଡ଼ ବଡ଼ ଛବି ଭିତରୁ ତାଙ୍କ ପୂର୍ବପୁରୁଷମାନେ ତାଙ୍କୁ ଚାହିଁ ଥିଲା ପରି ତାଙ୍କର ମନେ ହେଉଥିଲା । ଭୟଭୀତ ହୋଇ ସେ ଫେରି ଆସିଥିଲେ । ସେ ପୂର୍ବପୁରୁଷଙ୍କ ଛବି ଭିତରେ ଆପଣାକୁ ଦେଖି ପାରୁଥିଲେ । ତାଙ୍କ ଛବିଟି ଥିଲା ଏକ ଅତି କାମପ୍ରବଣ ବ୍ୟକ୍ତିର ଯାହାକୁ କି ସେ ତାଙ୍କର ପୂର୍ବପୁରୁଷ-ମାନଙ୍କଠାରୁ ଉତ୍ତରାଧିକାରୀ ସୂତ୍ରରେ ପାଇଥିଲେ । ଭୟଭୀତ ହୋଇ ଦରବାର ହଲ୍‌ର କବାଟଗୁଡ଼ିକୁ ବନ୍ଦ କରିଦେବା ନିମନ୍ତେ ପାଟିକରି ସେ ତାଙ୍କ ଚାକରକୁ ନିର୍ଦ୍ଦେଶ ଦେଇଥିଲେ ।

ରାୟମାନଙ୍କ ଚରିତ୍ର ସେ ଅତି ସହାନୁଭୂତିର ସହିତ ଚିତ୍ରଣ କରିଛନ୍ତି । ତାରାଶଙ୍କର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜମିଦାରମାନଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରି ଆସୁଥିଲେହେଁ ଏହି ଦୁଇଟି ଗଳ୍ପରେ ଉଚ୍ଚକୋଟୀର ନାଟକୀୟତା ଏବଂ ଆନ୍ତରିକତାପୂର୍ଣ୍ଣ ବିଳାପ ଭରି ରହିଛି । 'ସାରେସାତ ଗଣ୍ଡାର' ଜମିଦାର ବନବିହାରୀ ସରକାର ବୃଦ୍ଧ, ସମୟ ଦ୍ୱାରା ପରାଜିତ ଏବଂ ପରିତ୍ୟକ୍ତ । ସେ ତାଙ୍କ ପୁତୁରାଙ୍କ ସହି ରହନ୍ତି ଏବଂ ପ୍ରଜାମାନଙ୍କଠାରୁ ଖଜଣା ଆଦାୟ କରନ୍ତି । ତାଙ୍କୁ ଖଜଣା ଦେବାକୁ କେହି ବ୍ୟସ୍ତ, ବିବ୍ରତ ହୁଅନ୍ତି ନାହିଁ । ଏହାର ଦୁଇଟି କାରଣ ଥିଲା । ପ୍ରଥମତଃ ସେ ଜଣେ ଶ୍ରେଷ୍ଠ ଜମିଦାର ଏବଂ ଦ୍ୱିତୀୟତଃ ଚାଷିମାନେ ଜାଣିଥିଲେ ଯେ କାହାର କିଛି କ୍ଷତି କରିବା ତାଙ୍କର କ୍ଷମତା ନାହିଁ । ତାଙ୍କ ଆଚରଣ ପାଇଁ ତାଙ୍କ ପୁତୁରା ଲଜ୍ଜିତ ହେଉଥିଲେ । ଏହି ବୃଦ୍ଧ ଯେତେବେଳେ ଅନୁଭବ କଲେ ଯେ ତାଙ୍କର ବଞ୍ଚିବାର କୌଣସି ମାନେ ନାହିଁ, ସେତେବେଳେ ତାଙ୍କୁ କାଶୀ ପଠେଇଦେବା ନିମନ୍ତେ ସେ ତାଙ୍କ ପୁତୁରାଙ୍କୁ ଅନୁରୋଧ କରିଥିଲେ । ତାଙ୍କର ଦୁଃଖ ଜଣେ ନିଃସ୍ୱ ଜମିଦାରର ଦୁଃଖ ନଥିଲା । ସେ ଦୁଃଖ ଥିଲା ବାର୍ଦ୍ଧକ୍ୟ ଏବଂ ଅସହାୟତାର ଦୁଃଖ । ସେ ଠିକ୍

ବୃତ୍ତି ପାଉଥିଲେ ଯେ ଆଉ ଯେତେ ଅଧିକ ଦିନ ସେ ବଞ୍ଚିବେ, ସେତେଦିନ ସେ ଅପରର ଗଲଗ୍ରହ ହୋଇ ରହିବେ । ଯେତେ ଅଧିକ ଦିନ ଅକର୍ମଣ୍ୟ ଓ ପରଉପରେ ନିର୍ଭରଶୀଳ ହୋଇ ରହିବାକୁ ପଡ଼ିବ, ସେତେଦିନ ପର୍ଯ୍ୟନ୍ତ ଅନ୍ୟଙ୍କୁ ଅସୁବିଧାରେ ପକାଇ ଚାଲିଥିବେ ।

ମଣିଷର ସହଜାତ ପ୍ରବୃତ୍ତିକୁ ଭିତ୍ତିକରି ତାରାଶଙ୍କର ଅନେକଗୁଡ଼ିଏ ଗଳ୍ପ ରଚନା କରିଛନ୍ତି । ସେ ଧରିନେଇଥିଲେ ଯେ ମଣିଷ ସ୍ୱଚ୍ଛନ୍ଦ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ କାମ କରିଥାଏ । ଅତି ମାତ୍ରାରେ ଭାବପ୍ରବଣତା, ମେଲୋଡ୍ରାମା ବା ନାଟକୀୟ ଘଟଣା ପ୍ରବାହ ଯାହାକି ଅସାଧାରଣ ପରିବେଶ ହେତୁ ସମ୍ଭବ, ସେ ପ୍ରତି ତାଙ୍କର ଆଗ୍ରହ ଥିଲା । ମାନବିକ ଦୁର୍ବଳତା, ପ୍ରେମ ଓ ପ୍ରବୃତ୍ତି ହେଉଛି 'ବେଦିନୀ' ଓ 'ତାରିଣୀମାଝି' ଗଳ୍ପର କଥାବସ୍ତୁ । ତାରିଣୀମାଝୀ (କେଉଟପିଲା) ଗୋଟିକରେ ମାନବିକ ପ୍ରେମ ଏବଂ ଅନ୍ୟଟିରେ ଆତ୍ମସଂରକ୍ଷଣ ପାଇଁ ମଣିଷର ସହଜାତ ପ୍ରବୃତ୍ତି ଚିତ୍ରିତ ହୋଇଛି । ରାଧିକା ଜନୈକା ଧୂର୍ତ୍ତ ମହିଳା ଓ ସେ ପ୍ରତିବର୍ଷ ଗାଁ ମେଳାକୁ ତାର ସଂଗୀ ଶମ୍ଭୁ ସହ ଆସିଥାଏ । ସେମାନଙ୍କ ସାଙ୍ଗରେ ଥାଏ ଗୋଟିଏ ପୁରୁଣା ତମ୍ବୁ ଏବଂ ଗୋଟିଏ ବୁଢ଼ା ଚିତାବାଘ । ସେ ନିଜ ସ୍ୱାମୀକୁ ଛାଡ଼ି ଶମ୍ଭୁର କମଳା-ରଙ୍ଗୀ କେଶରାଶି ଓ ଯନ୍ତ୍ରାରେ ଥିବା ଚିତାବାଘ ପ୍ରତି ଆକୃଷ୍ଟା ହୋଇ ପଳାଇ ଆସିଥିଲା । ବର୍ତ୍ତମାନ ଶମ୍ଭୁ ଓ ଚିତାବାଘ ଉଭୟଙ୍କର ବୃଦ୍ଧାବସ୍ଥା । ମାତ୍ର ରାଧିକା ଯୁବତୀ ଏବଂ ବହୁଶକ୍ତିର ଅଧିକାରିଣୀ । ସ୍ୱଚ୍ଛନ୍ଦ ଆନୁଗତ୍ୟ ହେତୁ ସେ ଶମ୍ଭୁ ପାଖରେ ରହିଥିଲା । ସେବର୍ଷ ରାଧିକା ଦେଖିଲା ମେଳା ପଡ଼ିଆରେ କେଷ୍ଟୋ ଗୋଟିଏ ନୂଆ ତମ୍ବୁ ଆଣି ପକାଇଛି । ରାଧିକା ଏବଂ ଶମ୍ଭୁ ଉଭୟଙ୍କ ପାଇଁ ଏହା ଅସହ୍ୟ ଅପମାନସୂଚକ ହୋଇ ଉଠିଥିଲା । କେଷ୍ଟୋର ତମ୍ବୁରେ ନିଆଁ ଲଗାଇଦେବାପାଇଁ ସେମାନେ ନିଷ୍ପତ୍ତି ନେଇଥିଲେ । ଗଭୀର ରାତିରେ ସେ ଯେତେବେଳେ କେଷ୍ଟୋର ତମ୍ବୁରେ ପ୍ରବେଶ କଲା, ସେତେବେଳେ ତାର ଯୌବନର ଲାଳିତ୍ୟଭରା ସୁନ୍ଦର ମୁଖମଣ୍ଡଳ ଦେଖି ପ୍ରବୃତ୍ତିର ଆହ୍ୱାନରେ ବିହ୍ୱଳିତ ହୋଇ ଉଠିଲା । ସେ ତାକୁ ନିଦରୁ ଉଠାଇଲା ଏବଂ ତା ସାଙ୍ଗରେ ପଳାଇଯିବାକୁ ପ୍ରବର୍ତ୍ତାଇଲା । ଅସ୍ଥିର ରାଧିକା ଏବଂ ଅସ୍ଥିରମନା ଯୁବକ କେଷ୍ଟୋ ଗୋଟାଏ ମୁହୂର୍ତ୍ତ ପାଇଁ ମଧ୍ୟ ଆଗପଛ ଭାବିଲେ ନାହିଁ । ରାଧିକା ଶମ୍ଭୁର ତମ୍ବୁ ଉପରେ କିରାସିନି ଢାଳି ନିଆଁ ଲଗାଇଦେଲା ଏବଂ ଆନନ୍ଦରେ ହସିହସି କହିଲା, ''ଏ ବୁଢ଼ାଟା ନିଆଁରେ ପୋଡ଼ିହୋଇ ମରୁ । କେବଳ ଯୁବକ ଏବଂ କାମପ୍ରବଣ ବ୍ୟକ୍ତିମାନଙ୍କର ବଞ୍ଚିବାର ଅଧିକାର ରହିଛି । ଏ ଧରଣୀ ବୃଦ୍ଧ ଏବଂ ବାର୍ଦ୍ଧକ୍ୟ ଜର୍ଜରିତମାନଙ୍କ ପାଇଁ ନୁହେଁ ।'' 'ବେଦିନୀ' ତାରାଶଙ୍କରଙ୍କ ଅନ୍ୟତମ କ୍ଷୁଦ୍ରଗଳ୍ପ । ସେ ଦୈନନ୍ଦିନ ଜୀବନରୁ ଚରିତ୍ର ଆହରଣ କରୁଥିଲେ ଏବଂ

ଜୀବନ ସଂପର୍କରେ ଭଲଭାବେ ଜାଣିଥିଲେ । ରାଧିକାକୁ ବର୍ଣ୍ଣନା କରିବାକୁ ଯାଇ ସେ ତାଙ୍କର କେତେକ ପ୍ରିୟ ପ୍ରତୀକ ବ୍ୟବହାର କରିଛନ୍ତି । ରାଧିକା କଳାନାଗ ପରି କ୍ଷୀଣାଙ୍ଗୀ ଏବଂ ଲମ୍ବା । ସେ ଅନ୍ୟକୁ ମତୁଆଳ କରେ । ତାକୁ ଦେଖିଲେ ମନେହୁଏ ସତେ ଅବା ମଦ ସମୁଦ୍ରରେ ସ୍ନାନ ସାରି ସେ ଆସିଛି । ସେ ଅନ୍ୟକୁ ଆକର୍ଷିତ କରେ । ଏହି ଧୂର୍ତ୍ତ ସ୍ତ୍ରୀଲୋକର ହସ ଭିତରେ କ୍ଷୁରଧାରର ତୀକ୍ଷ୍ଣତା ଲୁଚି ରହିଥାଏ । ମଣିଷ ଏହିମାନଙ୍କୁ ପ୍ରେମ କରି ମୃତ୍ୟୁ ବରଣ କରିଥାଏ ।

'ତାରିଣୀ' (କେଉଟ ପିଲା) ଗଳ୍ପରେ ତାରାଶଙ୍କର ମଣିଷ ପ୍ରକୃତିକୁ ଦର୍ଶାଇଛନ୍ତି । ସେ ମୟୂରାକ୍ଷୀ ନଦୀରେ ବନ୍ୟା ଆସିବା ଲାଗି ବଳି ଦେଇଥାଏ । କାରଣ ନଦୀରେ ବନ୍ୟା ଆସିଲେ କେବଳ ସେ ଡଙ୍ଗା ବାହିବ । ମାତ୍ର ଲୋକମାନେ ତାକୁ ଅଭିଶାପ ଦିଅନ୍ତି । କାରଣ ବନ୍ୟା ସେମାନଙ୍କୁ ଦୁଃଖ ଆଣି ଦେଇଥାଏ । ବନ୍ୟା ମଧ୍ୟ ପଟୁ ମାଟି ବୋହିଆଣି ନୀରସ ଜମିରେ ପକାଇଥାଏ ଏବଂ ଜମିକୁ ଜଳ ଯୋଗାଇଦିଏ । ତାରିଣୀ ତା ସ୍ତ୍ରୀକୁ ଅତି ମାତ୍ରାରେ ଭଲ ପାଏ । ଦୀର୍ଘଦିନର ମରୁଡ଼ି ପରେ ଗୋଟାଏ ବଡ଼ ବନ୍ୟା ଆସିଲା । ତାରିଣୀ ନିଜ ସ୍ତ୍ରୀ ସହ ଡଙ୍ଗାରେ ପଳାଇଯାଇ ଏହି ବନ୍ୟାରୁ ରକ୍ଷା ପାଇବା ପାଇଁ ଚେଷ୍ଟା କରିଥିଲା । ଡଙ୍ଗା ଓଲଟି ପଡ଼ିଲା । ସେମାନେ ଏକ ଭଉଁରୀରେ ପଡ଼ିଗଲେ । ଭୟରେ ତା ସ୍ତ୍ରୀ ତାକୁ ଜାବୁଡ଼ି ଧରିଲା । ତାଙ୍କ ମୁଣ୍ଡ ଉପରଦେଇ ପାଣି ବୋହିଚାଲିଲା । ସେମାନେ ପାଣିରେ ବୁଡ଼ିଗଲେ । ବର୍ତ୍ତମାନ ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ । ଜଣେ ମଲେ ଆଉ ଜଣକ ବଞ୍ଚିବ । ପ୍ରେତ ପ୍ରଭାବିତ ହେଲାପରି ତାରିଣୀ ତା ସ୍ତ୍ରୀର ବେକ ଧରି ଟାଣିଲା ଏବଂ ତାର କଠିନ ଜାବୁଡ଼ାରୁ ନିଜକୁ ମୁକୁଳାଇବା ପାଇଁ ଚେଷ୍ଟା କଲା ଏବଂ ପାଣି ଉପରକୁ ଭାସି ଉଠିଲା । ସେ ପବନରେ ନିଶ୍ୱାସ ମାରିଲା ଏବଂ ବଞ୍ଚିଯାଇଥିବାରୁ ଖୁବ୍ ଖୁସି ହେଲା । ମଣିଷର ନିଚ୍ଛୁକ ପ୍ରବୃତ୍ତିକୁ ରୂପଦେବାରେ ତାରାଶଙ୍କର ସମସ୍ତଙ୍କୁ ବଳିଯାଇଛନ୍ତି । ଏହିପରି ପରିସ୍ଥିତିରେ ମଣିଷ କେବଳ ପଶୁପ୍ରବୃତ୍ତି ଅନୁଯାୟୀ କାର୍ଯ୍ୟ କରିଥାଏ । ଜଣେ କିପରି ବ୍ୟବହାର କରିବ ତାହା ଜଣଙ୍କ ଅର୍ଜିତ ଗୁଣ ଉପରେ ନିର୍ଭର କରେ ।

ଅଲୌକିକତାରେ ଅନ୍ଧବିଶ୍ୱାସ କରିବା ମଣିଷ ଚିନ୍ତାଧାରାରେ ରହିଯାଇଛି ଏବଂ ଏହି ବିଶ୍ୱାସର ବଶବର୍ତ୍ତୀ ହୋଇ ମଣିଷ ଯେ କୌଣସି ଅପ୍ରାକୃତିକ କାର୍ଯ୍ୟ କରିପାରେ । ତାଙ୍କର କେତେକ ଗଳ୍ପରେ ଏହି କଥା ମୁଖ୍ୟତଃ ସ୍ଥାନ ପାଇଛି । ଏହି ଗଳ୍ପଗୁଡ଼ିକ କେତେଗୁଡ଼ିଏ ଅପ୍ରିୟ ସତ୍ୟ ପ୍ରକାଶ କରିଦେଇଛି । ଅନ୍ଧକାର ଏବଂ ଆଲୋକ ପାଖାପାଖି ହୋଇ ରହିଛନ୍ତି । ଜଣେ ଲୋକ ତା ଜୀବନର ଅଧିକ ସମୟ ଜଣେ ସଭ୍ୟ ଲୋକ ପରି ଆଚରଣ କରିପାରେ । ମାତ୍ର ହଠାତ୍ ସେହି ମଣିଷ ପୁଣି

ଦୂର ଅତୀତର ତା ପୂର୍ବପୁରୁଷମାନଙ୍କ ପରି ଶିଶୁକୁ ନଦୀରେ ଫିଙ୍ଗିଦେଇପାରେ, ବାଲ୍ୟବିଧବାକୁ ଚିତାଗ୍ନିରେ ନିକ୍ଷେପ କରିପାରେ ବା ଦେବୀ କାଳୀଙ୍କ ପୂଜାବେଦୀରେ ମଣିଷ ବଳି ଦେଇପାରେ । 'ଛଳନାମୟୀ' ଗଳ୍ପରେ କୋଇଲାଖଣିର ପରିଚାଳକ ତନ୍ତ୍ରମନ୍ତ୍ର ବଳରେ ଅତି କ୍ଷମତାସମ୍ପନ୍ନ ହୋଇଥିଲେ । ସେ ପ୍ରକୃତିକୁ ବିଜୟ କରିବାକୁ ଚାହୁଁଥିଲେ । କେତେକ ନିର୍ଦ୍ଦିଷ୍ଟ ଶୁଭ ସଙ୍କେତ ଥିବା ଗୋଟିଏ ପୁରୁଷର ଶବ ସେ ଚାହୁଁଥିଲେ । ଶ୍ମଶାନରୁ ଏପରି ଶବ ପାଇବାରେ ବ୍ୟର୍ଥ ହେବାରୁ ଉକ୍ତ ଚିହ୍ନଥିବା ଜଣେ ମଣିଷକୁ ସେ ହତ୍ୟା କରିଥିଲେ । ଶ୍ମଶାନରେ ପୂଜାବିଧି କରୁଥିବାବେଳେ ତାର ଝିଅ ଭୟଭୀତ ହୋଇ ବାପା ବାପା ବୋଲି ଚିତ୍କାର କରୁଥିବାର ସେ ଶୁଣି ପାରିଥିଲେ । ଭୁଲବଶତଃ ସେ ନିଜର ଜ୍ୱାଇଁକୁ ହତ୍ୟା କରିଥିଲେ । ବାପା ରାତିର ଅନ୍ଧକାରରେ ଲୁଚି ଯାଇଥାଏ । ସମସ୍ତ ଶୁଭସଙ୍କେତ ଥିବା ଶବ ପାଇଁ ମଧ୍ୟ ସେ ତାଙ୍କ ଲକ୍ଷ୍ୟ ପୂରଣ କରିପାରି ନ ଥିଲେ । ସର୍ବଶକ୍ତିମାନ ତାଙ୍କୁ ଏଥିରୁ ବଞ୍ଚିତ କଲେ । ତନ୍ତ୍ର, ଶାପ, ଧୂର୍ତ୍ତ-ମଣିଷ ଶବସତ୍କାର, ପୂଜାବିଧି, ଶିକାର, ଭକ୍ତି ପାଇଁ ନୃଶଂସତା, ନିର୍ଦ୍ଦୟତା, ହିଂସା, ଅସ୍ପୃଶ୍ୟତା, ଇନ୍ଦ୍ରିୟ-ପରାୟଣତା ପ୍ରଭୃତିରେ ସୃଷ୍ଟି ପାଇଁ ପ୍ରଚୁର ଉପାଦାନ ରହିଥିବା କଥା ପ୍ରଥମ ଲେଖକରୂପେ ତାଙ୍କର ହୃଦ୍‌ବୋଧ ହୋଇଥିଲା ଏବଂ ଏସବୁକୁ ସେ ସଫଳତାର ସହିତ ଆପଣାର ଲେଖାରେ ବିନିଯୋଗ କରିଥିଲେ । ତାରାଶଙ୍କରଙ୍କର ଅତିମାତ୍ରାରେ ନାଟକୀୟ ଚେତନାବୋଧ ଥିଲା ଏବଂ ତାଙ୍କର ସଂଳାପଗୁଡ଼ିକ ପୁରାପୁରି ନାଟକୀୟ ଥିଲା । ନାଟକୀୟ ଭାବେ ରଚିତ 'ଅଗ୍ରଦାନୀ' ତାଙ୍କର ଏକ ଗଳ୍ପ । ଅସ୍ପୃଶ୍ୟତାକୁ ନେଇ ଯେ ଚମତ୍କାର ଗଳ୍ପ ରଚନା କରାଯାଇପାରେ, ଏହି ଗଳ୍ପ ତାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । 'ଅଗ୍ରଦାନୀ' (ଜଣେ ବ୍ରାହ୍ମଣ ଯେ ମୃତ ବ୍ୟକ୍ତିକୁ ପ୍ରଦତ୍ତ ଖାଦ୍ୟ ଖାଇ ସେଥିପାଇଁ ଉପହାର ଗ୍ରହଣ କରିଥାଏ) ଚକ୍ରବର୍ତ୍ତୀ ସମ୍ପର୍କରେ ରଚିତ ଗଳ୍ପ । ସେ ଜାତିରେ ବ୍ରାହ୍ମଣ । ସ୍ୱର୍ଗତ ଆତ୍ମା ଉଦ୍ଦେଶ୍ୟରେ ପ୍ରଦତ୍ତ ଖାଦ୍ୟ ସେ ଖାଉଥିଲା ଏବଂ ଏଥିପାଇଁ ତାକୁ ଅନ୍ୟ ବ୍ରାହ୍ମଣମାନେ ଘୃଣା କରିଥାନ୍ତି । ଚକ୍ରବର୍ତ୍ତୀର ସ୍ତ୍ରୀ ଓ ପିଲାମାନେ ଉପବାସରେ ରହନ୍ତି । ମାତ୍ର ସେ ସେମାନଙ୍କ କଥା ନ ଭାବି କେବଳ ଆପଣାର ପେଟକଥା ଭାବିଥାଏ । ଏହି ଖାଦ୍ୟ ଲୋଭ ତାକୁ ପଶୁରେ ପରିଣତ କରିଥିଲା । ଏହି ଲୋଭର ବଶବର୍ତ୍ତୀ ହୋଇ ସେ ଜମିଦାରଙ୍କ ପୁଅ ଜନ୍ମ ହେବାଦିନ ରାତିରେ ତାଙ୍କ ଘରକୁ ଯାଇଥିଲା । ଜମିଦାରଙ୍କ ପିଲାଗୁଡ଼ିକ ଜନ୍ମ ହେବା ସଙ୍ଗେ ସଙ୍ଗେ ମରି ଯାଉଥିଲେ । ଯଦି ଏହି ପିଲାଟି ନ ମରି ବଞ୍ଚିଯାଏ ତେବେ ଚକ୍ରବର୍ତ୍ତୀ ଜମି ଏବଂ ମନ୍ଦିରରୁ ଖାଇବାକୁ ପାଇବ ବୋଲି ସ୍ଥିର ହୋଇଥିଲା । ସେଦିନ ରାତିରେ ମଧ୍ୟ ଚକ୍ରବର୍ତ୍ତୀଙ୍କ ସ୍ତ୍ରୀ ଗୋଟିଏ ପୁତ୍ର ସନ୍ତାନ ଜନ୍ମ କରିଥିଲେ । ଜମିଦାରଙ୍କ ପୁତ୍ରଟି ମରିଗଲାପରେ, ମୃତ ପୁତ୍ରଟିକୁ ନେଇ ତା ବଦଳରେ ଆପଣାର ଜୀବିତ ପୁତ୍ରଟିକୁ ସେ ଦେଇଦେଇଥିଲା । ଏହି ବଦଳାବଦଳି

କଥା କେହି ଜାଣି ନ ଥିଲେ । ତାର ନିଜ ପୁଅ ଜମିଦାରଙ୍କ ପୁଅ ପରି ବଢ଼ିଲା । ସେ ବଡ଼ ହେଲା ଏବଂ ମଲା । ତା ଅନ୍ତ୍ୟେଷ୍ଟିକ୍ରିୟାରେ ପ୍ରସ୍ତୁତ ଖାଦ୍ୟ ଖାଇବାକୁ ସେ ମନାକଲା । ମାତ୍ର ସେ ଖାଦ୍ୟ ଖାଇବାକୁ ତାକୁ ଜମିଦାର ବାଧ୍ୟ କଲେ । ତାର ଲୋଭହିଁ ତାଙ୍କୁ ଅନୁରୂପ ଅପ୍ରାକୃତିକ କାମ କରିବାକୁ ବାଧ୍ୟ କରିଥିଲା । 'ପୁତ୍ରେଷ୍ଟି' ଗଳ୍ପରେ (ପୁତ୍ରଲାଭ ପାଇଁ ପୂଜା) ଜଣେ ବୃଦ୍ଧ ଜମିଦାର ପୁତ୍ର ଲାଭ ପାଇଁ ମଣିଷ ବଳିର ବ୍ୟବସ୍ଥା କରିଛି । ତାଙ୍କର ଏହି ଉଦ୍ୟମକୁ ତାଙ୍କ ସ୍ତ୍ରୀ ବ୍ୟର୍ଥ କରିଦେଇଥିଲେ ।

ଆଦିମକାଳରୁ ଆଜି ପର୍ଯ୍ୟନ୍ତ ଡାହାଣୀ ଅଛି ବୋଲି ବିଶ୍ୱାସ ରହିଆସିଛି । 'ଡାୟିନୀ' ଗଳ୍ପରେ ମଣିଷର ଅନ୍ଧବିଶ୍ୱାସ ଓ ପ୍ରକୃତିର କ୍ରୋଧ ଏହି ଉଭୟର ଚମତ୍କାର ମିଶ୍ରଣ ପରିଲକ୍ଷିତ ହୋଇଥାଏ । ଖରା ହେତୁ ଶୁଖିଯାଇଥିବା ଗୋଟିଏ ପଡ଼ିଆ ଯେଉଁଠି ଘାସ ବି କଅଁଳୁ ନଥିଲା କି ଚଢ଼େଇ ଆସି ବୋବାଉ ନ ଥିଲେ, ସେହି ସ୍ଥାନରେ ଜଣେ ସ୍ତ୍ରୀଲୋକ ଥିଲା । ତାକୁ ଗାଁ ଡାହାଣୀ କୁହାଯାଉଥିଲା । ଅନ୍ୟମାନଙ୍କ ପରି ସେ ମଧ୍ୟ ବିଶ୍ୱାସ କରୁଥିଲା ଯେ ମଣିଷର କ୍ଷତି କଲା ପରି ତାର କେତେକ କୁଶକ୍ତି ରହିଛି । ସେ ଏକାକୀ ରୁହେ ଏବଂ କେହି ତା ସାଙ୍ଗେ କଥାବାର୍ତ୍ତା କରନ୍ତି ନାହିଁ । ଡରରେ ଗାଁଲୋକମାନେ ତାକୁ ଖାଇବାକୁ ଦେଇଥାନ୍ତି । ଯଦି କେହି ମରେ, ତେବେ ଡାହାଣୀର ରକ୍ତ ଲୋଭ ହେତୁ ତାର ମରଣ ହେଲା ବୋଲି ତାକୁ ଦାୟୀ କରାଯାଏ । ଦିନେ ପ୍ରେମରେ ପଡ଼ିଥିବା ଯୁବକ ଯୁବତୀ ତା ଘରକୁ ଆସିଥିଲେ । ଡାହାଣୀଟି ମଣିଷ ପରି ତାଙ୍କ ସଙ୍ଗେ ବ୍ୟବହାର କରିଥିଲା । ସେ ପ୍ରେମିକା ରାଗରେ ଛାଡ଼ି ଚାଲିଯାଇଥିବା ପ୍ରେମିକକୁ ଡାହାଣୀ ଶାନ୍ତ୍ୱନା ଦେଇଥିଲା । ଯୁବକଟି ଏଥିରେ ଭୟଭୀତ ହୋଇ ଜୋରରେ ଘରକୁ ଦୌଡ଼ି ପଳାଇବାରେ ହୃଦ୍‌ଘାତ ହେତୁ ତାର ମୃତ୍ୟୁ ହୋଇଯାଇ-ଥିଲା । ଡାହାଣୀ ଏଥିରେ ଆତଙ୍କିତ ହୋଇ ଉଠିଥିଲା । କାରଣ ସେ ଭାବୁଥିଲା ଗାଁ ଲୋକେ ତାକୁ ଏଥର ନିଶ୍ଚୟ ମାରିଦେବେ । ସେ ସେହି ସ୍ଥାନ ଛାଡ଼ି ଚାଲିଯିବାକୁ ଚେଷ୍ଟା କଲାବେଳେ ହଠାତ୍ ଖୁବ୍ ବଡ ଧୂଳିଝଡ଼ ଉଠିଲା ଏବଂ ସେହି ଝଡ଼ ସେ ଧୋକଡ଼ି ବୁଢ଼ୀକୁ ଉଡ଼େଇନେଲା । ତା ପରଦିନ ଗୋଟାଏ ଗଛଡାଳରେ ବୁଢ଼ୀ ଝୁଲି ରହିଥିବାର ଲୋକମାନେ ଦେଖିବାକୁ ପାଇଲେ । ଏହି ଅପ୍ରାକୃତିକ ମୃତ୍ୟୁ ହେତୁ ସେ ଯେ ଡାହାଣୀ ଥିଲା ତାହା ଦୃଢ଼ ଭାବରେ ପ୍ରମାଣିତ ହେଲା । ତାରାଶଙ୍କର ନିଜ ପିଲା-ଦିନେ ଜାଣିଥିବା ଗାଁ ଡାହାଣୀକୁ ଭିତ୍ତି କରି ଏହି ଗଳ୍ପଟି ଲେଖିଥିଲେ । ସେ ଯେତେବେଳେ ଅସ୍ପଷ୍ଟତା ଏବଂ କୌତୁହଳପୂର୍ଣ୍ଣ ଘଟଣା ଉପରେ ଲେଖନ୍ତି, ସେତେ-ବେଳେ ପାଠକ ଅନେକ ସମୟରେ ତାହା ସତ ବୋଲି ଅନୁଭବ କରିଥାଏ । ଲେଖକଙ୍କର କାହାଣୀ କହିବାର ଦୁର୍ବଳତା ହେତୁ ମଣିଷରୂପୀ ଡାହାଣୀର ଦୁଃଖ ଯଥାର୍ଥଭାବେ ପ୍ରକାଶ ପାଇଲାନାହିଁ ।

ସେ ପଶୁପକ୍ଷୀଙ୍କ ଜୀବନ ଓ ସେମାନଙ୍କ ଆଚରଣ ପ୍ରତି ଆଗ୍ରହୀ ଥିଲେ । ବିଶେଷତଃ ସାପମାନଙ୍କ ପ୍ରତି ତାଙ୍କର ଖୁବ୍ ଦୁର୍ବଳତା ଥିଲା । ପଶୁ ଓ ମଣିଷ ସମ୍ପର୍କକୁ ଭିତ୍ତି କରି ସେ ଅତି ଉନ୍ନତ ଗଳ୍ପ ସୃଷ୍ଟି କରି ପାରୁଥିଲେ । ଦୁଇଜଣ ଲେଖକ ପ୍ରଭାକର ମୁଖାର୍ଜୀ ଏବଂ ଶରତଚନ୍ଦ୍ର ଚଟ୍ଟାର୍ଜୀ 'ଆଦରିଣୀ' (ପ୍ରିୟହାତୀ) ଓ 'ମହେଶ' (ଗୋଟିଏ ଗାଈର ନାମ) ନାମକ ଦୁଇଟି ଗଳ୍ପ ଲେଖିଛନ୍ତି । ମାତ୍ର ତାରାଶଙ୍କରଙ୍କର ପଶୁପକ୍ଷୀଙ୍କୁ ନେଇ ଗଳ୍ପ ଭିନ୍ନ ଧରଣର ଥିଲା । ବିଶେଷତଃ ସାପ କଥାବସ୍ତୁକୁ ଭିତ୍ତି କରି ଲିଖିତ ତାଙ୍କ ଗଳ୍ପଗୁଡ଼ିକରୁ ଅନ୍ଧବିଶ୍ୱାସ ଓ ନିର୍ବୋଧତା କ'ଣ ତାହା ବେଶ୍ ବୁଝାଯାଏ । ଯୁଗଯୁଗ ଧରି ସାପକୁ କେନ୍ଦ୍ର କରି ବହୁ ପୌରାଣିକ ଗଳ୍ପ ଏବଂ ଲୋକକଥା ଭାରତରେ ଶୁଣିବାକୁ ମିଳେ, କାରଣ ଭାରତରେ ଅନେକ ସାପ ଦେଖା-ଯାଆନ୍ତି । ମୃତ୍ୟୁ ସହିତ ସାପମାନଙ୍କ ସମ୍ପର୍କ ରହିଛି । ଭାରତରେ ଏବେ ବି ସାପକାମୁଡ଼ା ବ୍ୟକ୍ତିକୁ ଭଲ କରିଦେବାପାଇଁ ଓଝା ନିକଟକୁ ନିଆଯାଏ । ମନ୍ତ୍ରପାଠ କରି ସେ ଲୋକଙ୍କୁ ଭଲ କରିବାକୁ ଚେଷ୍ଟା କରେ ଏବଂ ଯାଦୁ ପ୍ରୟୋଗ କରେ । ଯେତେବେଳେ ସେମାନେ ଅନୁଭବ କରନ୍ତି ଯେ ଏହି ସାପକାମୁଡ଼ା ହେତୁ ରୋଗୀର ମୃତ୍ୟୁ ହେବ ନାହିଁ, ସେତେବେଳେ ସେମାନେ ତା'ର ଚିକିତ୍ସା କରନ୍ତି ଏବଂ ଭଲ କରିବାରେ ସଫଳ ହୋଇଥାନ୍ତି । ଯାହାବେଳେ ଲୋକ ମରିଯାଆନ୍ତି । ଭୟ ହେତୁ ବି ଅନେକ ସମୟରେ ମୃତ୍ୟୁ ହୋଇଥାଏ । ତେଣୁ ସାପ କାମୁଡ଼ାରୁ ବଞ୍ଚିବାଟା ଲୋକେ ଭାଗ୍ୟର କଥା ବୋଲି ବିଶ୍ୱାସ କରନ୍ତି । ତାରାଶଙ୍କରଙ୍କ ସମୟର ଯେକୌଣସି ଲେଖକ ଅପେକ୍ଷା ସେ ମଣିଷର ଦୋଷ ଦୁର୍ବଳତା ସମ୍ପର୍କରେ ଅଧିକ ଜାଣିଥିଲେ ଏବଂ ଲେଖାଲେଖି ମାଧ୍ୟମରେ ସେସବୁର ସୁ ବିନିଯୋଗ କରିଥିଲେ । ଭାରତୀୟ ସାପ ବିଷୟରେ ଖୁବ୍ କମ୍ଲୋକ ଜାଣନ୍ତି ବୋଲି ଜିମ୍ କର୍ବେଟ୍ ଓ ଆହୁରି ଅନେକ ଯାହା କହନ୍ତି ତାରାଶଙ୍କର ତାହା ଜାଣିଥିଲେ । ସାଧାରଣଭାବେ ଭାରତୀୟଙ୍କ ପାଇଁ ସାପ ହେଉଛି ସାମର୍ଥ୍ୟ, ଘରବାଡ଼ି ଓ ମୃତ୍ୟୁର ପ୍ରତୀକ । କେତେକ କ୍ଷେତ୍ରରେ ସାପ ସହିତ ଗୁଢ଼ ଜ୍ଞାନତତ୍ତ୍ୱ ଓ ଅଲୌକିକ ଶକ୍ତିକୁ ମଧ୍ୟ ଆରୋପ କରାଯାଇଥାଏ । ଜଣେ ସାଧାରଣ ଭାରତୀୟ ପାଇଁ ସାପ କେବଳ ସରୀସୃପ ନୁହେଁ । ତାରାଶଙ୍କର ସାଧାରଣ ବଙ୍ଗାଳିର ସରଳ ବିଶ୍ୱାସରେ ଆସ୍ଥା ସ୍ଥାପନ କରି 'ନାଗ ଓ ନାଗୁଣୀ' କ୍ଷୁଦ୍ରଗଳ୍ପ ଓ 'ନାଗୁଣୀ କନ୍ୟାର କାହାଣୀ' ଉପନ୍ୟାସ ରଚନା କରିଥିଲେ ।

ତାରାଶଙ୍କର ଗୋଟିଏ ନାଗୁଣୀଠାରେ ମାନବିକ ଗୁଣର ଆରୋପ କରିଛନ୍ତି । ଏହି ସାପଟି ତାକୁ ଧରିଥିବା ବ୍ୟକ୍ତିର ପ୍ରେମରେ ପଡ଼ିଥିଲା । ତାକୁ ସେ ଏପରି ଗମ୍ଭୀରଭାବେ ପ୍ରେମକଲା ଯେ ଛୁଆଦେବା ଋତୁରେ ଏହି ସାପଟି ଆସି ସାପ ଧରାଳିର ସ୍ତ୍ରୀକୁ କାମୁଡ଼ିଦେଲା । ତାଙ୍କ 'ହଂସୁଲି ବାଙ୍କେର ଉପକଥା' ଉପନ୍ୟାସରେ ଗ୍ରାମବାସୀ

ମାନଙ୍କ ବିଶ୍ୱାସ ଯେ ସେମାନଙ୍କୁ ରକ୍ଷା କରୁଥିବା ଗ୍ରାମଦେବୀଙ୍କ ପ୍ରତୀକ ହେଉଛି ବିଷଧର ଚନ୍ଦ୍ରବୋଡ଼ା ସାପ । ସୌଭାଗ୍ୟକୁ 'କଳାପାହାଡ଼' (ବଡ଼ ମଇଁଷି) ଗଳ୍ପରେ ପଶୁଟି ସହିତ ସେ ମାନବିକ ଗୁଣ ଆରୋପ କରିନାହାନ୍ତି । ଏହା ଗୋଟିଏ ଗଭୀର ପ୍ରକୃତ ଦୁଃଖର କାହାଣୀ । ମଇଁଷିକୁ ଖାଇବାକୁ ଦେଇ ନ ପାରି ବାଧ୍ୟହୋଇ ଶେଷରେ ସେ ତାକୁ ବିକି ଦେଇଥିଲା । ନୂଆ ଜାଗାରେ ପଶୁଟି ଆତଙ୍କିତ ହୋଇ ଗୁହାଳକୁ ପଳାଇ ଆସିବାକୁ ଚେଷ୍ଟାକରିଥିଲା । ପୋଲିସ, ମଇଁଷିଟି ହିଂସ୍ର ରାଗିଯାଇଛି ଭାବି ତାକୁ ମାରିଦେଇଛି । 'କାମଧେନୁ' (ସ୍ୱର୍ଗୀୟ ଗାଈ) ତାଙ୍କର ଏକ ଅଧିକ ଜଟିଳ ଗଳ୍ପ । ଯେଉଁ ଗାଈ ବାଛୁରି ଜନ୍ମ ନ କରି ଦୁଧ ଦିଏ ତାକୁ ସ୍ୱର୍ଗୀୟ ଗାଈ ବୋଲି ଧରାଯାଏ । ସର୍ବଦା ଏହି ଗାଈମାନଙ୍କୁ ସ୍ୱର୍ଗର ଦେବତାମାନଙ୍କର ଗାଈ ସୁରଭିର ନାମାନୁସାରେ ନାମିତ କରାଯାଇଥାଏ । ଏପରି ଗାଈଥିବା ଲୋକମାନଙ୍କୁ ଭଗବାନ ବୋଲି ବିଚାର କରାଯାଏ । ପଶୁ ଚିକିତ୍ସା କରୁଥିବା ନାଥୁ ସ୍ୱର୍ଗୀୟ ଗାଈର ପ୍ରଶଂସା କରି ସୁରଭିମଙ୍ଗଳ ଶ୍ଲୋକ ଗାନ କରି ସ୍ଥାନୀୟ ଅସୁସ୍ଥ ଗାଈଗୁଡ଼ିକୁ ଚିକିତ୍ସା କରିଥାଏ । ସେ ସୁରଭିକୁ ଗଭୀରଭାବେ ଭଲ ପାଏ ଏବଂ ସ୍ଥାନୀୟ ଜଣେ ଧନୀ ମହିଳା ଗାଈକୁ କିଣିବାକୁ ଯେତେବେଳେ ଟଙ୍କା ଯାଚିଲେ, ସେ ତାକୁ ବିକିବାକୁ ମନା କରିଦେଇଥିଲା । କାରଣ ଏପରି ଗାଈକୁ ବିକିବା ପାପ ବୋଲି ନାଥୁ ବିଶ୍ୱାସ କରୁଥିଲା; ମାତ୍ର ଫୁଲମଣିର ପ୍ରେମରେ ସେ ପଡ଼ିଯାଏ, ଯାହାର ସ୍ୱାମୀ ଶହେ ଟଙ୍କା ଓ ପାଞ୍ଚମହଣ ଧାନ ପାଇଁ ସୁରଭିକୁ ହେଫାଯାଦୀ ଶେଖ୍‌କୁ ବିକ୍ରୀ କରିଦେବା ପାଇଁ ସ୍ଥିର କରିଥିଲା । ମାତ୍ର ସୁରଭି ହେଉଛି ଲକ୍ଷ୍ମୀ ଏବଂ ସମ୍ପତ୍ତି ଆସିବାର ହେତୁ । ଫୁଲମଣି ହେଉଛି ଉର୍ବଶୀ । ନାଥୁ ଦୃଷ୍ଟିରେ ସେ ସୁନ୍ଦରୀ । ନାଥୁହିଁ ଅନ୍ତିମ ପାପ କାର୍ଯ୍ୟ କରିଛି । ସୁରଭିକୁ ସେ ଧନୀ ସ୍ତ୍ରୀ ଲୋକକୁ ବିକ୍ରୀ କରିଦେଇଛି ଏବଂ ଫୁଲମଣିକୁ କିଣିଛି । ମାତ୍ର କିଣିସାରିବାପରେ ସେ ଫୁଲମଣିକୁ ଘୃଣା କରିଛି କାରଣ ଏହି ଫୁଲମଣି ପାଇଁ ବାଧ୍ୟହୋଇ ସେ ସୁରଭିକୁ ବିକିଛି । ତାର ମନ ମଧ୍ୟରେ ଏହି ଘଟଣା ସେହି ସ୍ତ୍ରୀଲୋକ ପ୍ରତି କ୍ରୋଧ ସୃଷ୍ଟି କଲା । ଯଦି ନାଥୁ ସୁରଭିକୁ ପାଇପାରିବ ନାହିଁ, ତେବେ ସେ ଧନୀ ସ୍ତ୍ରୀଲୋକ ମଧ୍ୟ ତାକୁ ପାଇବା ଉଚିତ ନୁହେଁ । ସେ ସୁରଭିକୁ ବିଷ ଦେଇଦେଲା । ବର୍ତ୍ତମାନ ସେ ଜଣେ ନିନ୍ଦିତ ବ୍ୟକ୍ତି । ସେ ଫୁଲମଣିକୁ ହେଫାଯାଦୀ ଶେଖ୍‌କୁ ବିକିଦେଲା ଏବଂ ସେ ତାକୁ ମାରି ତାର ଚମଡ଼ା ପ୍ରସ୍ତୁତ କଲା । ଏହିପରି ନାଥୁର ଅଧଃପତନ ଆରମ୍ଭ ହୁଏ । ଜଣେ ଗୋରକ୍ଷକ ଶେଷରେ ଗାଈ ଚମଡ଼ା ପ୍ରସ୍ତୁତ କଲା । ଗାଁର ପ୍ରଚଳିତ ପ୍ରଥା ଅନୁସାରେ ଗାଁରେ ଯାହାର ଗାଈ ମରେ, ଗାଈ ପରି ବୋବାଇ ବୋବାଇ ସେ ନାଥୁର କବାଟ ପାଖକୁ ଆସେ ଏବଂ ଭିକ୍ଷା ମାଗେ । ନାଥୁ ହଠାତ୍ ରାଗିଯାଇ ଜଣେ ମଣିଷକୁ ମାରିଦେବା ଦ୍ୱାରା ଗିରଫ ହୋଇ ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେଲା । ବର୍ତ୍ତମାନ ସେ ହୃଦୟରେ ଶାନ୍ତି ପାଇଲା । ତାକୁ

ଗାଈ ଅନ୍ତବୃଜୁଲାରେ ଯଦି ଫାଶୀ ଦିଆଯିବ ବୋଲି ସେ ଜାଣିଥାନ୍ତା, ତେବେ ଅଧିକ ଖୁସି ହୋଇଥାନ୍ତା । ବର୍ତ୍ତମାନ ସେ ଆପଣାର ମୃତ୍ୟୁ ଅପେକ୍ଷାରେ ଥିବାବେଳେ ଖଣ୍ଡେ ଅଙ୍ଗାର ନେଇ କାନ୍ଥରେ ଫୁଲମଣିର ଆଖିର ଚିତ୍ର ଆଙ୍କିଲା । ଏ ଆଖି ଦୁଇଟି ହିଁ ତାର ପତନର କାରଣ ଥିଲା ।

ଏହି ଗଳ୍ପରେ ସୁରଭି ସମ୍ପର୍କରେ ଅଳ୍ପ ଏବଂ ନାଥୁର ମାନସିକ ଯନ୍ତ୍ରଣା ସମ୍ପର୍କରେ ଅଧିକ କୁହାଯାଇଛି । ସାଧାରଣ ସରଳ ଲୋକଙ୍କ ବିଷୟରେ ତାରାଶଙ୍କରଙ୍କ ଗଭୀର ଜ୍ଞାନ ଥିଲା ଓ ସେମାନେ କିପରି ପରିସ୍ଥିତିର ଦାସ ହୁଅନ୍ତି, ତାହା ସେ ବେଶ୍ ଜାଣିଥିଲେ । ସେ ଜଣେ ସଚେତନ ଶିଳ୍ପୀ ନ ଥିଲେ । ସେ ଶବ୍ଦ ଓ ବାକ୍ୟମାଳା ସତର୍କତାର ସହିତ ବ୍ୟବହାର କରୁ ନ ଥିଲେ । ସେ କୌଣସି ମତେ ତାଙ୍କର ଗଳ୍ପ କହିଥାନ୍ତି । ଏହା ତାଙ୍କର ଶୈଳୀ ବୋଲି କୁହାଯାଇପାରେ । ପାଠକଙ୍କ ମତରେ ସେ କେବଳ ଗଳ୍ପ ଲେଖନ୍ତି ନାହିଁ, ଗଳ୍ପ ଭିତରେ ସେ ଜୀବନର କେତେଗୋଟି ପୃଷ୍ଠା ଉନ୍ମୋଚିତ କରିଥାଆନ୍ତି । ଏହି ଗଳ୍ପଗୁଡ଼ିକ ଉଦାସୀନତା ଏବଂ ନିଷ୍ଠୁରତାର ଏକ ମିଶ୍ରିତଭାବ ପାଠକ ମନକୁ ଆଣି ଦେଇଥାଏ । କିନ୍ତୁ ତାଙ୍କ ଲେଖାରେ ଥିବା ରୁକ୍ଷତା, ସର୍ଜୀକରଣରେ ତ୍ରୁଟି ଏବଂ ଅଯତ୍ନଶୀଳତାକୁ ବିଚାରକୁ ନେବା ଉଚିତ ନୁହେଁ । ଏସବୁକୁ ଯଦି ତାଙ୍କ ଲେଖାର ତ୍ରୁଟି ବୋଲି କୁହାଯିବ ତେବେ ମଣିଷ ଜୀବନରେ ଏହିସବୁ ତ୍ରୁଟିବିଚ୍ୟୁତି ରହିଛି ବୋଲି କହିବାକୁ ହେବ । ମଣିଷର ଜୀବନ କର୍କଶତା, ଅସଙ୍ଗତି ଓ କୁତ୍ସିତତାରେ ଭରପୂର । ତାଙ୍କର ଭାଷା ବଳିଷ୍ଠ ଏବଂ ବେଳେବେଳେ ଆଳଙ୍କାରିକତାରେ ଭରା । କିନ୍ତୁ ସେ ଯେତେ ଯାହା ଦେଖିଛନ୍ତି ସବୁବେଳେ ତାହା ଲେଖିପାରି ନାହାନ୍ତି । ସେ ଯଦି ଲେଖିବା ପୂର୍ବରୁ ପ୍ରତିଟି ବିଷୟ ଉପରେ କିଛିଟା ଚିନ୍ତା କରୁଥାଆନ୍ତେ ଓ ସେସବୁ ତାଙ୍କ ମନରେ ଦ୍ରବୀଭୂତ ହେଲା ପରେ ଲେଖୁଥାଆନ୍ତେ, ତେବେ ତାଙ୍କର ଭାଷା ଓ ଶୈଳୀରେ ସରସତା ବୃଦ୍ଧି ପାଇଥାଆନ୍ତା । ମାତ୍ର ଅନ୍ୟ ପକ୍ଷରେ ତାହା ଯଦି ସେ କରୁଥାଆନ୍ତେ, ତେବେ ସେ ଯେତେବେଳେ ଯାହା ଚିନ୍ତା କରୁଥିଲେ ତାହା ଲେଖିପାରି ନ ଥାନ୍ତେ ।

ତାଙ୍କର ଅନେକଗୁଡ଼ିଏ ଗଳ୍ପର ମୃଖ୍ୟ ଚେର ମାଟିର ଏତେ ଗଭୀରକୁ ଗ୍ଲଲିଯାଇଛି ଯେ ସେଥିରେ ବର୍ଣ୍ଣିତ ଚରିତ୍ରଗୁଡ଼ିକ ଆଞ୍ଚଳିକତା ହରାଇ ବସିଛନ୍ତି । ପାଠକ ଅନୁଭବ କରେ ଯେ ସ୍ଥାନ ଓ ପରିବେଶର ପରିବର୍ତ୍ତନ କରିଦେଲେ ଏହି କାହାଣୀଗୁଡ଼ିକୁ ଭାରତର ଯେ କୌଣସି ଗ୍ରାମର କାହାଣୀ ବୋଲି କୁହାଯାଇପାରିବ । ଯେତେବେଳେ ଗୋଟିଏ ସାଧାରଣ ମଣିଷ ବଞ୍ଚିବାପାଇଁ ପ୍ରତିଟି ମୁହୂର୍ତ୍ତ ମୃତ୍ୟୁ ସଙ୍ଗେ ସଂଗ୍ରାମ କରେ, ସେତେବେଳେ ତାର ପ୍ରତିଟି ଦିନ ସରସ ହୋଇଉଠେ ଏବଂ ସେ ଆଦର୍ଶସ୍ଥାନୀୟ ହୋଇଯାଏ । 'ପୌଷଲକ୍ଷ୍ମୀ' (ଲକ୍ଷ୍ମୀଙ୍କୁ ଶୀତ ଦିନର ଧାନକଟା

ସମୟରେ ପୂଜା କରାଯାଏ)ରେ ମୁକୁନ୍ଦପାଲ ସେହିପରି ଉଚ୍ଚ ଆଦର୍ଶସ୍ଥାନକୁ ଯାଇ-ପାରିଛି । ସେ ନିଜ ଅଞ୍ଚଳର ଜଣେ ଖୁବ୍ ଭଲ ଏବଂ ବୃଦ୍ଧ ଚାଷୀ । ଯେଉଁବର୍ଷ ବଙ୍ଗଳାରେ ବଡ଼ ଝଡ଼ ଓ ମରୁଡ଼ି ଦେଖାଦେଇଥିଲା, ଠିକ୍ ତା' ପରବର୍ଷ, ୧୯୪୪ର କଥା । ସେହି ବର୍ଷ ଧାନ ଖୁବ୍ ଭଲ ହୋଇଥିଲା । କିନ୍ତୁ ଦ୍ୱିତୀୟ ମହାଯୁଦ୍ଧ ଚାଲିଥିବାରୁ ସ୍ଥାନୀୟ ଚାଷୀ ଓ ଶ୍ରମିକମାନେ ବିଭିନ୍ନ ଯୁଦ୍ଧ କାମ କରିବା ପାଇଁ ନିଯୁକ୍ତ ହୋଇ-ଥାଆନ୍ତି ଓ ଜମିରେ କାମ କରିବାକୁ ଲୋକଟିଏ ପାଇବା କଷ୍ଟକର ହୋଇପଡ଼ିଥିଲା । ପାଚିଲା ଏବଂ ସୁନାରଙ୍ଗର ଧାନ କ୍ଷେତ ମୁକୁନ୍ଦ ପାଇଁ ମଙ୍ଗଳର ପ୍ରତୀକ ଏବଂ ଲକ୍ଷ୍ମୀ ସଦୃଶ ଥିଲା । କେବଳ ବଳବାନ ଲକ୍ଷ୍ମୀଙ୍କୁ ଲାଭ କରେ । ମୁକୁନ୍ଦ ଅନୁଭବ କଲା ତା'ର ଦେହର ଶକ୍ତି କମିଆସୁଛି ଏବଂ ଏକଦା ଦକ୍ଷ ଶସ୍ୟକଟାଳି ଦୁର୍ବଳ ହୋଇ ପଡ଼ୁଛି । ସେ କିନ୍ତୁ ସେ କଥା ମାନିବାକୁ ପ୍ରସ୍ତୁତ ନ ଥିଲା । ନିଜକୁ ସତେଜ ରଖିବା ପାଇଁ ସେ ମଦ ପିଏ, ଏବଂ ଅସୁର ପରି ଜୋରରେ କ୍ଷେତରେ ଧାନ ଅମଳ କରେ । ତା ମଇଁଷିମାନେ ଧାନ ଲଦା ହୋଇଥିବା ଶଗଡ଼କୁ ଯେତେବେଳେ ଟାଣିପାରନ୍ତି ନାହିଁ, ସେତେବେଳେ ସେ ଶଗଡ଼ରେ କାନ୍ଧ ଲଗାଇ ଗାଡ଼ିକୁ ଆଗକୁ ଗଡ଼ାଇଦେବାକୁ ଚେଷ୍ଟା କରେ । କିନ୍ତୁ ଶେଷରେ ଶଗଡ଼ର ଓଜନ ସହି ନ ପାରି ତା ତଳେ ଚାପି-ହୋଇ ହାତରେ ଶସ୍ୟ କେଣ୍ଡା ଧରି ଶେଷଥର ପାଇଁ ତାର ସୁନାର କ୍ଷେତକୁ ଚାହିଁ ଚାହିଁ ସେ ଶେଷ ନିଶ୍ୱାସ ତ୍ୟାଗ କରେ । ଲକ୍ଷ୍ମୀଙ୍କୁ ପାଇବା ତା ପକ୍ଷେ ସମ୍ଭବ ହୁଏ ନାହିଁ ।

'ଇମାରତ'ର ଜନାବଅଲ୍ଲି ଗାଁର ମୁଖ୍ୟ କାରିଗର ଓ ସେ ସେହିପରି ଅନ୍ୟ ଏକ ଆଦର୍ଶ ଚରିତ । ଜୀବନସାରା ସେ ସୁନ୍ଦର ସୁନ୍ଦର ଘର ଓ ମସ୍‌ଜିଦ୍ ନିର୍ମାଣ କରିଛି ଓ ନିଜର ହାତକାମ ପାଇଁ ଗର୍ବ ଅନୁଭବ କରିଛି । କିନ୍ତୁ ବାର୍ଦ୍ଧକ୍ୟରେ ସେ ଦରିଦ୍ର ହୋଇଯାଇଛି ଏବଂ ଗୋଟିଏ ବରଗଛ ତଳେ ଯାଇ ରହିଛି । ସେଠାରେ ବସି ସେ ମୃତ୍ୟୁକୁ ଅପେକ୍ଷା କରିଛି । ବର୍ତ୍ତମାନ ସେ ଭଗବାନଙ୍କ ନିକଟତର ହେଉଛି ବୋଲି ଅନୁଭବ କରୁଛି । ସେ ନିର୍ମାଣ କରିଥିବା ଯେ କୌଣସି ଗୀର୍ଜା ଅପେକ୍ଷା ଶୁଭ୍ର ମେଘମାଳା ତାକୁ ଅଧିକ ସୁନ୍ଦର ଦେଖା-ଯାଉଛି । ସେ ମନେ କରୁଥିଲା ଘଞ୍ଚ ପତ୍ରଭରା ଗୋଲ ଛତା ପରି ଆକାଶରେ ଦେଖାଯାଉଥିବା ବରଗଛଟି ଗୋଟିଏ ଇମାରତ ଏବଂ ଭଗବାନ ତାହା ତା ପାଇଁ ନିର୍ମାଣ କରିଛନ୍ତି । ଏହି ଗଳ୍ପରେ ତାରାଶଙ୍କର ଭାରତୀୟଙ୍କ ଭାଗ୍ୟ ଉପରେ ଥିବା ବିଶ୍ୱାସ କଥା ସୂଚାଇଛନ୍ତି । ସେ ଯେତେବେଳେ ଭଗବାନଙ୍କ ନିକଟରେ ଆପଣାକୁ ସମର୍ପି ଦେଇଛି ସେତେବେଳେ ତା ହୃଦୟରେ ଶାନ୍ତି ପାଇଛି । ଜୀବନସାରା ଯେଉଁ ଲୋକଟି ଅନ୍ୟ ପାଇଁ ଆଶ୍ରୟସ୍ଥଳ ନିର୍ମାଣ କରିଛି, ସମାଜ ତାକୁ ଆଶ୍ରୟ ଦେଇନାହିଁ

ଏବଂ ଗୋଟିଏ ଗଛତଳେ ସେ ଆଶ୍ରୟ ନେଇଛି । ଧର୍ମ ଦୃଷ୍ଟିରୁ ବିଚାର କଲେ ଏହି ଗଛଟି ହେଉଛି ଭଗବାନଙ୍କ ସୃଷ୍ଟି । ତାଙ୍କର ଗ୍ରାମ୍ୟ ଚରିତ୍ରଗୁଡ଼ିକ କେବେ କୌଣସି ପ୍ରଶ୍ନ ଉତ୍ଥାପନ କରିନାହାନ୍ତି କିମ୍ବା ପ୍ରତିବାଦ ମଧ୍ୟ କରିନାହାନ୍ତି । ସମସ୍ତେ ପ୍ରାୟ ପ୍ରଚଳିତ ପଦ୍ଧତି ମାନି ଚାଲିଆସିଛନ୍ତି । ମାତ୍ର ସେମାନଙ୍କଠାରେ ଅସାଧାରଣ ମାନବିକଗୁଣ ଦୃଷ୍ଟିଗୋଚର ହୋଇଥିଲା । ସେଥିପାଇଁ ସେମାନେ ମହାନ୍ । ସେହି ଲୋକମାନଙ୍କୁ ତାରାଶଙ୍କର ଭଲଭାବେ ଜାଣିଥିଲେ ଏବଂ ବାରମ୍ବାର ସେମାନଙ୍କ ମହତପଣିଆ ପ୍ରତି ପାଠକର ଦୃଷ୍ଟି ଆକର୍ଷଣ କରିଛନ୍ତି ।

'ଡାକ ହରକରା' ଗଳ୍ପର ନାୟକ ଦିନୁ ସେହିପରି ଏକ ଚରିତ୍ର । ଡାକ ବିଭାଗର ଜଣେ ସଚ୍ଚୋଟ କର୍ମଚାରୀ ରୂପେ ମାସକୁ ପନ୍ଦର ଟଙ୍କା ବେତନରେ ରେଲଷ୍ଟେସନକୁ ସେ ଡାକବ୍ୟାଗ୍ ନେବା ଆଣିବା କରିଥାଏ । ତାର ପୁଅ ନିତାଇ ଯେତେବେଳେ ଟଙ୍କା ଥିବା ଡାକମୁଣି ଚୋରି କରିବାକୁ ଉଦ୍ୟମ କରିଛି, ଦିନୁ ତାକୁ ଚିହ୍ନଟ କରି ପୋଲିସକୁ ଜଣାଇ ଦେଇଛି । କ୍ୱଚିତ୍ ଦେଖା ଯାଉଥିବା ତାର ଏହି ସଚ୍ଚୋଟପଣିଆ ଲାଗି ତାକୁ ତିନିଶହ ଟଙ୍କା ପୁରସ୍କାର ମିଳିଛି । ତା'ର ପୁଅ ଖସି ପଳାଇଛି । ଏହି ନିର୍ଦ୍ଦୟ କାମ ପାଇଁ ତାର ସ୍ତ୍ରୀ ଓ ଗ୍ରାମବାସୀମାନେ ତାକୁ ନିନ୍ଦା କରିଛନ୍ତି । ଦିନୁ ନିଃସଙ୍ଗ ଜୀବନ ବିତାଇଛି ଓ ଅନେକଦିନ ପରେ ସେ ଜାଣି ପାରିଛି ଯେ ନିତାଇ ତାର ଜୀବନଧାରା ବଦଳାଇ ଦେଇଛି ଏବଂ ଗୋଟିଏ ଭଲ କାମ କରି ଜୀବନ ଦେଇଛି । ବହୁବର୍ଷ ଧରି ସେ ଲୋକମାନଙ୍କୁ ଚିଠିପତ୍ର ବାଣ୍ଟୁଥିଲା । ଏବେ ନିଜେ ସେ ତାର ଚିଠି ପାଇଛି । କୌଣସି ପ୍ରକାରେ ଦିନୁର ମ୍ଳାନ ପଡ଼ି ଆସୁଥିବା ଚେତନାରେ ଅନୁଭବ କରିଛି ଯେ ତାର ଭାଗ୍ୟଚକ୍ର ପୂର୍ଣ୍ଣତା ଲାଭ କରିଛି । ଜଣେ ଦରିଦ୍ର ଓ ସଚ୍ଚୋଟ ଲୋକର ବିବେକ ଓ ତା'ର ପୁତ୍ର ପ୍ରତି ସ୍ନେହ ମଧ୍ୟରେ ଦ୍ୱନ୍ଦ୍ୱ ଏବଂ ଅବଶେଷରେ ବିବେକ ନିକଟରେ ପିତାର ପୁତ୍ରସ୍ନେହର ପରାଜୟ ଦିନୁର ଚରିତ୍ରକୁ ମହାନ୍ କରିଛି । ଏହି କ୍ଷୁଦ୍ର ଗଳ୍ପଟି ଗାଳ୍ପିକରୂପେ ତାରାଶଙ୍କରଙ୍କ ବୈଶିଷ୍ଟ୍ୟ ପ୍ରତିପାଦନ କରିଥାଏ । ଗଳ୍ପ ସୃଷ୍ଟି ପାଇଁ ଗୋଟିଏ ସାଧାରଣ ଲୋକକୁ ସେ ବାଛିଥାଆନ୍ତି ଏବଂ ତାକୁ ବିଶେଷ ଭାବେ ବିଶ୍ଳେଷଣ କରି ସମ୍ଭବପର ସବୁ କିଛି ସଂଗ୍ରହ କରି ସେ ଚରିତ୍ରରେ ସଂପୂର୍ଣ୍ଣ ବ୍ୟକ୍ତିତ୍ୱ ଆରୋପ କରିଥାନ୍ତି । ଜନାବ ଅଲି, ମୁକୁନ୍ଦପାଲ, ଦିନୁ ପ୍ରଭୃତି ଚରିତ୍ରଗୁଡ଼ିକ ଏହି ଶ୍ରେଣୀର ଅଟନ୍ତି ।

କ୍ଷୁଦ୍ର ଗଳ୍ପରେ ବଙ୍ଗଳା ସାହିତ୍ୟ ଅତି ଉନ୍ନତ । ଏ କ୍ଷେତ୍ରରେ ଅନେକ ପରୀକ୍ଷା, ନିରୀକ୍ଷା ହୋଇସାରିଲାଣି । ନାଟକୀୟତା ପରିହାର କରି ପ୍ରେମେନ୍ଦ୍ର ମିତ୍ରଙ୍କ ଗଳ୍ପ ପାରଦ ଭଳି ଯେପରି ଉଜ୍ଜ୍ୱଳ, ମାନିକ୍ ବାନାର୍ଜୀଙ୍କ ଗଳ୍ପରେ ଗଭୀର ନିର୍ଦ୍ଦିଷ୍ଟ ଜଟିଳତା ଏବଂ ଅଚିନ୍ତ୍ୟ ସେନଗୁପ୍ତଙ୍କ ଗଳ୍ପରେ, ସୂକ୍ଷ୍ମକଳା ସେପରି ଦେଖା

ଯାଇଥାଏ । କିନ୍ତୁ ତାରାଶଙ୍କରଙ୍କ ଗଳ୍ପରେ ସେସବୁ ଦେଖାଯାଏ ନାହିଁ । ଏ ସବୁ ସତ୍ତ୍ୱେ ସେ ଜଣେ ମହାନ୍ କଥାଶିଳ୍ପୀ ହୋଇପାରିଛନ୍ତି । ଏହା କିପରି ସମ୍ଭବ ହେଲା ? ଜୀବନର ବିଭିନ୍ନ ବିଭାବ ସହିତ ସେ ଏପରିଭାବେ ଜଡ଼ିତ ଯେ ସେ ଯାହା ଲେଖନ୍ତି ସେଥିରେ ସେ ନିଜକୁ ସାମିଲ କରିଦିଅନ୍ତି । ଏହାହିଁ ତାଙ୍କ ଦୃଷ୍ଟିର ସଫଳତାର କାରଣ । ଅବଚେତନ ମନର ଜଟିଳତା, ମନସ୍ତାତ୍ତ୍ୱିକ ବିକୃତି, ନୀରସ ମନର ବ୍ୟର୍ଥତା!, ଯାହାକି ସାମାଜିକ ଅବ୍ୟବସ୍ଥାର ଫଳ, ସେସବୁ ତାରାଶଙ୍କରଙ୍କୁ କେବେ ଆକୃଷ୍ଟ କରିପାରି ନ ଥିଲା । ନିଜର ଲେଖାର ଶୈଳୀରୁ ସେ ଯାହା ପାଇ ପାରି ନ ଥିଲେ, ନାଟକୀୟତାର ପ୍ରୟୋଗ ଏବଂ ମଣିଷର ବାସ୍ତବ ମନୋଭାବ ପ୍ରକାଶ କରି ସେ ତାହା ପୂରଣ କରିବାକୁ ସମର୍ଥ ହୋଇଛନ୍ତି । ସେ ଅନାୟାସରେ ପାଠକର ହୃଦୟସ୍ପର୍ଶ କରିପାରନ୍ତି । ତାଙ୍କ ଗଳ୍ପ ମଧ୍ୟରେ ଜଣେ ସାଧାରଣ ମଣିଷ ଆପଣାର ପରିଚୟ ପାଇଥାଏ । □

# ଷଷ୍ଠ ପରିଚ୍ଛେଦ

'ଚଇତାଲି ଘୂର୍ଣ୍ଣି', 'ପାଷାଣ ପୁରୀ', 'ନୀଳକଣ୍ଠ' ଏବଂ 'ମନ୍ୱନ୍ତର' ପ୍ରଭୃତି ଉପନ୍ୟାସମାନଙ୍କରେ ଅଶାନ୍ତି ଓ ସଂଗ୍ରାମର କଥାବସ୍ତୁ ରହିଛି । ଏହି ଚାରିଗୋଟି ଉପନ୍ୟାସ ଏଥିପାଇଁ ସ୍ୱତନ୍ତ୍ର ଆଲୋଚନା ଦାବୀ କରେ ।

ଧନୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମାଜରେ ଗୋଟିଏ ସାଧାରଣ ଲୋକର ଦୁଃଖ, ଦୁର୍ଦ୍ଦଶାର କାହାଣୀ, 'ଚଇତାଲି ଘୂର୍ଣ୍ଣି'ର କଥାବସ୍ତୁ । ଗୋଟିଏ ଗ୍ରାମରେ ଦେଖାଦେଇଥିବା ମରୁଡ଼ିର ଚିତ୍ର ବର୍ଣ୍ଣନା କରାଯାଇ ପୁସ୍ତକର ଆରମ୍ଭ କରାଯାଇଛି । ଚୈତ୍ର ବଙ୍ଗଳା ବର୍ଷର ଶେଷ ମାସ । ଏହି ମାସରେ ଘୂର୍ଣ୍ଣିବାତ୍ୟା ଶୁଖିଲା ପତ୍ରଗୁଡ଼ିକୁ ଉଡ଼ାଇନିଏ, ଏବଂ ବଙ୍ଗାଳୀମାନଙ୍କର ନଆବର୍ଷକୁ ସ୍ୱାଗତ କରିଆଣେ । ମରୁଡ଼ିହେତୁ ଲୋକେ ଅନାହାରରେ ରହିଲେ ଓ ମଲେ ଏବଂ ମଲା ମଣିଷଙ୍କ ହାଡ଼ ବାଲୁଆ ଓ ଶାଗୁଣା ଖାଇଲେ । ସେମାନଙ୍କୁ ସାହାଯ୍ୟ କରିବାକୁ କେହି ଆସିଲେ ନାହିଁ । ସମଗ୍ର ଗାଁ ଶ୍ମଶାନ ପଡ଼ିଆରେ ପରିଣତ ହେଲା । ଦରିଦ୍ର କୃଷକ ଗୋଷ୍ଠ ପୁଅର ମୃତ୍ୟୁପରେ ନିଜର ସ୍ତ୍ରୀ ଦାମିନୀକୁ ସାଙ୍ଗରେ ଧରି ଗାଁ ଛାଡ଼ି ଚାଲିଗଲା । କାରଣ ଜମିଦାର ଓ କାବୁଲିବାଲାଠାରୁ ଋଣକରି ଆଣିଥିବା ଟଙ୍କା ପରିଶୋଧ କରିବାର କୌଣସି ବାଟ ତାପାଇଁ ନ ଥିଲା । ସେ ସହରକୁ ଯାଇ ସେଠାରେ କାରଖାନାରେ କାମ କଲା । ସେଠାରେ ମଧ୍ୟ ସେ ଦେଖେ ଯେ ଦରିଦ୍ର ଲୋକମାନଙ୍କ ପ୍ରତି ଅନ୍ୟମାନେ ନିର୍ଦ୍ଦୟ ଆଚରଣ କରୁଛନ୍ତି । ସାମାନ୍ୟ ଦୟା ଟିକିଏ କରୁନାହାନ୍ତି । ଷାଠିଏ ସତୁରି ପଇସା ପାଇଁ ତାକୁ ଦିନକୁ ଆଠଘଣ୍ଟା ପରିଶ୍ରମ କରିବାକୁ ପଡ଼ୁଛି । ସେ ଯାଇ ଯେଉଁ ସହରତଳି ଅଞ୍ଚଳରେ ରହିଲା ତାହା ହେଉଛି ଏ ସମାଜର ମଇଳା ଖାତ ଏବଂ ଧନୀମାନଙ୍କର ମଇଳା ରଖିବା ସ୍ଥାନ । ବଳବାନ ବ୍ୟକ୍ତି ସମ୍ମୁଖରେ ନାରୀର କୌଣସି ମାନ ସମ୍ମାନ ନାହିଁ । ଛୁଟ୍ଟୁ ମିସ୍ତ୍ରୀ ତାର ସ୍ତ୍ରୀ ଦାମିନୀ ଉପରେ କୁତ୍ସିତ ଦୃଷ୍ଟି ପକାଏ । ଅଧିକ ସମୟପାଇଁ ଅଧିକ ମଜୁରି ଦାବୀ କରି ରାଜନୈତିକ କର୍ମୀମାନେ ଯେତେବେଳେ ଧର୍ମଘଟର ଡାକରା ଦେଲେ, ସେତେବେଳେ କାରଖାନା ବନ୍ଦ ହୋଇ ରହିଲା । ଫଳରେ ଶ୍ରମିକମାନେ ଉପବାସ ରହିଲେ । ଶ୍ରମିକମାନେ କାରଖାନାର ମାଲିକମାନଙ୍କ ନିକଟକୁ ଯାଇ ସେମାନଙ୍କୁ ପୁନର୍ବାର ଗ୍ରହଣ କରିବାକୁ ନିବେଦନ କଲେ । ଧର୍ମଘଟର ସମର୍ଥକମାନେ ସେମାନଙ୍କ ବିରୁଦ୍ଧରେ ଲଢ଼ିଲେ । ଠେଲାପେଲା ପରେ ହଠାତ୍ ରାଗିଯାଇ ଛୁଟ୍ଟୁ ମିସ୍ତ୍ରୀ ଗୋଷ୍ଠକୁ ମାରିଦେଲା । ଗୋଟିଏ ରାଜନୈତିକ କର୍ମୀର ଅନ୍ତିମ ଉକ୍ତି 'ଅପ୍ରେଲ ଧୂଳିଝଡ଼ କିଛି ନୁହେଁ, ମାତ୍ର ଏହା ଏକ ବୃହତ୍ ଝଡ଼ର ଆଗମନୀର ସୂଚନା ଦେଇଥାଏ ।'

ଏହି କ୍ଷୁଦ୍ର ଉପନ୍ୟାସଟିର ଲେଖା ସେ ଜେଲ୍‌ରେ ଆରମ୍ଭ କରିଥିଲେ ଏବଂ ଏ ବହିଟିକୁ ସେ ସୁଭାଷଚନ୍ଦ୍ରଙ୍କୁ ଉତ୍ସର୍ଗ କରିଥିଲେ । ଏହାର ବର୍ଣ୍ଣନା ଲକ୍ଷଣ ଏବଂ ଉପନ୍ୟାସର ଗତି ଦ୍ରୁତ । ନୂତନ ଦୃଷ୍ଟିକୋଣରୁ ଏହା ରଚିତ । ତାରାଶଙ୍କରଙ୍କ ଠାରେ ପରିଲକ୍ଷିତ ହୋଇଥିବା ତ୍ରୁଟିବିଚ୍ୟୁତି ସତ୍ତ୍ୱେ ଏହା ଏକ ସଫଳ ଉପନ୍ୟାସ । ଏଥିରେ ତାରାଶଙ୍କରଙ୍କ ପୂର୍ବ ସମୟଠାରୁ ବର୍ତ୍ତମାନ ସମୟ ପର୍ଯ୍ୟନ୍ତ ସମାଜର ଲକ୍ଷଣ ଚିତ୍ର ପ୍ରଦତ୍ତ ହୋଇଛି । ଏହି ପୁସ୍ତକରେ କୌଣସି କଥାବସ୍ତୁ ଏପର୍ଯ୍ୟନ୍ତ ବି ଅପ୍ରାସଙ୍ଗିକ ମନେହୁଏ ନାହିଁ । ବର୍ତ୍ତମାନ ସୁଦ୍ଧା ଗରିବ ଚାଷୀମାନଙ୍କ ଜମି ଟଙ୍କା ଦେଉଥିବା ମହାଜନ ଏବଂ ଧନୀ ଜମିମାଲିକମାନେ ନେଇଯାଉଛନ୍ତି । ସେମାନେ ବାଧ୍ୟ ହୋଇ ସେମାନଙ୍କ ଭିଟାମାଟି ଛାଡ଼ି ଚାଲିଯାଉଛନ୍ତି । ଏବେ ମଧ୍ୟ ସେମାନଙ୍କ ପ୍ରତି ହୋଇଥିବା ଘୋର ଅନ୍ୟାୟର ପ୍ରତିକାର ହେଉନାହିଁ । ଦରିଦ୍ର ଚାଷୀ ଏବଂ କାରଖାନାର ସାଧାରଣ ଶ୍ରମିକକୁ ଆଇନ ସହାୟକ ହେଉନାହିଁ । ପୁସ୍ତକଟି ଅନେକ ଦୃଷ୍ଟିରୁ ଏକ ଦଲିଲ ପରି ହୋଇଛି । ସେହି ଦୃଷ୍ଟିରୁ ଏହା ମୂଲ୍ୟବାନ । ତାଙ୍କର ପରବର୍ତ୍ତୀ ଉପନ୍ୟାସଗୁଡ଼ିକ ତୁଳନାରେ ଏହି ଉପନ୍ୟାସର ଗଠନଶୈଳୀ ଅଧିକ ଘନ ସନ୍ନିବିଷ୍ଟ । ଏଥିରେ ଖୁବ୍ କମ୍ ପୁନରାବୃତ୍ତି ଦେଖାଯାଏ ।

'ପାଷାଣପୁରୀ' ଶୈଳୀଦୃଷ୍ଟିରୁ ଅନେକ ସ୍ଥଳରେ ଅସଂଲଗ୍ନ ମନେହୁଏ । ତାଙ୍କ ଜେଲ୍ ଜୀବନର ଅନୁଭୂତିସତ୍ତ୍ୱେ ସେ ଜେଲଜୀବନର ଅନ୍ଧକାର ଦିଗ ସମ୍ପର୍କରେ କମ୍ କହିଛନ୍ତି । ହତ୍ୟା ଓ ପୋଡ଼ାଜଳା ଅଭିଯୋଗରେ ଫାଶି ପାଇବାକୁ ଥିବା ଆସାମୀ କାଳୀ କର୍ମକାର ସମ୍ପର୍କରେ ଅଧିକ କୁହାଯାଇଛି । ତାଙ୍କ ଆଦ୍ୟ ଲେଖକ-ଜୀବନରେ ମଧ୍ୟ ନାଟକୀୟତା ଏବଂ ଅସ୍ପଷ୍ଟତାରେ ସେ ଅଧିକ ଆଗ୍ରହ ଦେଖାଉଥିଲେ । ବନ୍ଦୀ ଜୀବନ ସମ୍ପର୍କରେ ସେ ଲେଖିଛନ୍ତି, "ଆଇନ ଅନୁସାରେ ଶାସକ ଅପରାଧୀ-ଠାରେ ରହିଥିବା ଅପରାଧ କରିବାର ପ୍ରବୃତ୍ତିକୁ ବିନାଶକରିବାକୁ ଚେଷ୍ଟା କରି ତା'ହା ହାତରେ ହାତକଡ଼ି ବାନ୍ଧନ୍ତି ଏବଂ ପାଷାଣ ପ୍ରାଚୀର ମଧ୍ୟରେ ବନ୍ଦୀକରି ରଖନ୍ତି । ମାତ୍ର ମଣିଷ ଭିତରେ ଥିବା ଅପରାଧୀର ପରିବର୍ତ୍ତନ ହୁଏ ନାହିଁ । ଗୋଟିଏ ଆଘାତପ୍ରାପ୍ତ ସର୍ପ ଗାତରେ ଲୁଚିଲା ପରି ସେ ମଣିଷର ମନ ଗଭୀରକୁ ଚାଲିଯାଏ । ଆଘାତପ୍ରାପ୍ତ ସାପ ଗାତରେ ଲୁଚି ରହି ରାଗରେ ଯେପରି ଫଁ ଫଁ କରୁଥାଏ ଠିକ୍ ସେ ସେହିପରି କରେ । ଆଜି ସୁଦ୍ଧା ମଣିଷ ବିଷକୁ ଅମୃତରେ ପରିଣତ କରିବାକୁ ଶିକ୍ଷା କଲା ନାହିଁ । ସେଥିପାଇଁ ଜଣେ ଅପରାଧୀ କିଛିଦିନ ଜେଲ୍‌ରେ ରହିଗଲାପରେ ତା'ର ଅପରାଧ କରିବା'ର ପ୍ରବୃତ୍ତି ଅଧିକରୁ ଅଧିକ ହୋଇପଡ଼େ । "ସାପ, ଅମୃତ, ବିଷ ପ୍ରଭୃତି ତାରାଶଙ୍କରଙ୍କର ପ୍ରିୟ ପ୍ରତୀକଗୁଡ଼ିକ ଏଥିରେ ଦେଖାଯାଇଛି । ରାଜନୈତିକ ବନ୍ଦୀର ଜୀବନକୁ ଉପକଥା ରୂପେ ଆରମ୍ଭକରି ସେ ସିଧାସଳଖ ମୃତ୍ୟୁ ଅଭିଯୋଗରେ

ଅଭିଯୁକ୍ତ କାଳୀ କର୍ମକାରର ଜୀବନୀ ବ୍ୟାଖ୍ୟାକରିଛନ୍ତି । ତାକୁ ତାରାଶଙ୍କର ଗୋଟିଏ ଜିଲ୍ଲାକୋର୍ଟରେ ଦେଖିଥିଲେ ।

'ପାଷାଣପୁରୀ' ଉପନ୍ୟାସର ବର୍ଣ୍ଣନା ସଂକ୍ଷେପରେ ହୋଇଛି । ଏହା ସଂକ୍ଷିପ୍ତ ଉପକଥାରେ ପୂର୍ଣ୍ଣ । ଏସବୁ ନୀଳକଣ୍ଠଠାରେ ଅଧିକ ପରିମାଣରେ ରହିଛି । ଗାଁର ଦରିଦ୍ର ବ୍ୟକ୍ତି ଶ୍ରୀମନ୍ତ ଓ ତା'ର ସ୍ତ୍ରୀ ଗିରିକୁ ନେଇ ଏହି ଉପନ୍ୟାସଟି ରଚିତ ହୋଇଛି । ଶ୍ରୀମନ୍ତର ସଂପର୍କୀୟ ହରିଲାଲର କୁଚକ୍ରାନ୍ତରେ ସେମାନଙ୍କର ଜୀବନ ଯନ୍ତ୍ରଣାଦାୟକ ହୋଇଉଠିଛି । ଏହି ସନ୍ତାନହୀନ ଦମ୍ପତିର କନ୍ୟା ଗୌରୀପ୍ରତି ସେମାନଙ୍କର ଥିବା ସ୍ନେହର ସେ ସୁଯୋଗ ନେଇଛି । ଗୌରୀର ଗୋଟିଏ ଭଲ ପିଲା ସହ ବିବାହ ନିମନ୍ତେ ସେମାନଙ୍କର ଜମିଖଣ୍ଡିକ ବନ୍ଧକୀକରିଦେବାକୁ ସେ ଶ୍ରୀମନ୍ତକୁ ବାଧ କରିଛି । ହରିଲାଲ ଗୌରୀକୁ ଅଯୋଗ୍ୟ ପାତ୍ର ସଙ୍ଗେ ବିବାହ ଦିଏ । ଶ୍ରୀମନ୍ତ ହରିଲାଲକୁ ମାଡ଼ଦେଇ ଗିରଫ ହୋଇଥିଲା । ସେ ଗିରଫ ହେବା ପରେ ଆସନ୍ନ-ପ୍ରସବା ଗୌରୀ ଏକାକୀ ରହିଲା । ଶ୍ରୀମନ୍ତପ୍ରତି ସେ ବିଶ୍ୱାସଘାତକତା କରିଛି ବୋଲି ଗ୍ରାମବାସୀମାନେ ଯେତେବେଳେ ସନ୍ଦେହ କଲେ, ସେତେବେଳେ ଗୌରୀ ଗାଁରେ ନିଆଁ ଲଗାଇଦେଇ ଗାଁ ଛାଡ଼ି ଚାଲିଗଲା । ଗୋଟିଏ ସହରର ଡାକ୍ତରଖାନାରେ ତା'ର ପୁଅଟିଏ ହେଲା । ପୁଅଟିର ନାମ ସେ ରଖିଲା ନୀଳକଣ୍ଠ । ତା'ପରେ ସେ ଆତ୍ମହତ୍ୟା କଲା । ପିଲାଟି ବଡ଼ ହେଲା ପରେ ତା' ବାପର ଗାଁରୁ ଫଳ ନେଇ ସହରରେ ବିକିବା ପାଇଁ ଆସିଛି । ଏହି ଗାଁ ସହିତ ତା'ର ସଂପର୍କ ନେଇ ସେତେବେଳେ ତା'ର କୌଣସି ଧାରଣା ନ ଥିଲା । ଜେଲ ଭୋଗ କରିସାରିବା ପରେ ସେ ଗାଁକୁ ଆସିଛି । ଗାଁରେ ସେ ସେହି ପିଲାଟିକୁ ଦେଖିଛି ଏବଂ ତା' ସଂପର୍କରେ ପଚରାଉଚରା ନ କରି ତା' ସାଙ୍ଗରେ ଚାଲିଯାଇଛି । ଏହା ଏକ ଦୁର୍ବଳ ଏବଂ ରୋମାଞ୍ଚକର ଉପନ୍ୟାସ । କୌଣସି ଗୋଟିଏ ହେଲେ ଚରିତ୍ର ଆପଣାର ଯଥାର୍ଥତା ପ୍ରତିପାଦନ କରିନାହାନ୍ତି । ନୀଳକଣ୍ଠପରି ଏକ ଅନାଥ ଶିଶୁ କିପରି ବାଳକ ଅବସ୍ଥାକୁ ଆସିପାରିଲା ସେ ତାହା ଦର୍ଶାଇନାହାନ୍ତି ।

'ମନ୍ୱନ୍ତର' ବାସ୍ତବତା ଓ ପ୍ରାମାଣିକତା ଦୃଷ୍ଟିରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ୧୯୪୪ ମସିହାରେ ଏହି ପୁସ୍ତକଟି ପ୍ରକାଶିତ ହୋଇଥିଲା । ସମସାମୟିକ ବହୁ ଘଟଣା—ଉଦାହରଣ ସ୍ୱରୂପ, କଲିକତା ଉପରେ ଜାପାନର ଉଡ଼ାଜାହାଜ ଆକ୍ରମଣ-ଜନିତ ଆତଙ୍କ, ଦୁର୍ଭିକ୍ଷହେତୁ ମଫସଲରୁ ଶହ ଶହ ଲୋକ କଲିକତାକୁ ଚାଲି ଆସିବା, ଖାଦ୍ୟାଭାବ ଓ ଅନ୍ୟାନ୍ୟ ଦରକାରୀ ଦ୍ରବ୍ୟର ଅଭାବ ହେତୁ ଦରିଦ୍ର ଓ ମଧ୍ୟବିତ୍ତ ପରିବାରଗୁଡ଼ିକ ଭୋଗୁଥିବା ନାହିଁ ନ ଥିବା ଦୁଃଖ ଓ ମହାତ୍ମା ଗାନ୍ଧୀଙ୍କ ଏକୋଇଶ ଦିନ ଅନଶନ ହେତୁ ସାରା ଦେଶବାସୀଙ୍କ ମଧ୍ୟରେ ଦେଖାଦେଇଥିବା ଉଦ୍‌ବେଗ ପ୍ରଭୃତି ଏଥିରେ ଲିପିବଦ୍ଧ ହୋଇଛି ।

ଏକଦା ଧନୀ ଥିବା ସୁଖମୟ ଚକ୍ରବର୍ତ୍ତୀଙ୍କର ଉତ୍ତରାଧିକାରୀ କହ୍ନାଇ ଏହି ଉପନ୍ୟାସର ନାୟକ । ବର୍ତ୍ତମାନ ଚକ୍ରବର୍ତ୍ତୀ ପରିବାରର ଅବସ୍ଥା ଶୋଚନୀୟ । ପରିବାର ଲୋକଙ୍କର ସ୍ଫୂର୍ତ୍ତି ପତନ ହୋଇଛି । କହ୍ନାଇ ନୀଳାକୁ ପ୍ରେମକରେ; ମାତ୍ର ତାକୁ ବିବାହ କରିବାକୁ ଭୟକରେ କାରଣ, ସେ ଭାବେ ତା'ର ରକ୍ତ ଦୂଷିତ ହୋଇଛି । ବିବାହ କଲେ ଅନ୍ୟମାନଙ୍କପରି ସେ ରୋଗଗ୍ରସ୍ତ ହୋଇପଡ଼ିବ । ଜମିଦାର ଚକ୍ରବର୍ତ୍ତୀ ପରିବାର ସଚେତନ ନ ଥିବାରୁ ବାସ୍ତବତା ଓ ସମୟ ସଙ୍ଗେ ତାଳଦେଇ ଚାଲି ପାରୁ ନ ଥିବାରୁ ନିନ୍ଦିତ ହେଉଥିଲା । ପରିବାରର ଜଣେ ଯୁବକ ଘର ଭିତରେ ଉଲଗ୍ନ ଅବସ୍ଥାରେ ରହୁଥିଲା । ତା'ର ପିତାମାତା ତାକୁ ଧାର୍ମିକ ବୋଲି ମନେ କରୁଥିଲେ । ମହିଳାମାନେ ଚୋରି କରୁଥିଲେ, ପୁରୁଷମାନେ ନିଷ୍କର୍ମା ଥିଲେ । କହ୍ନାଇ ମା' ପରିବାରରେ ଏକମାତ୍ର ବ୍ୟତିକ୍ରମ ଥିଲେ ।

କହ୍ନାଇ, ନୀଳା, ଏବଂ ନୀଳାର ଭାଇ ନେପି, ଦୁର୍ଭିକ୍ଷ ପ୍ରପୀଡ଼ିତ ବ୍ୟକ୍ତି ଏବଂ ମେଦିନୀପୁରର ବନ୍ୟାଗ୍ରସ୍ତ ଲୋକଙ୍କ ପାଇଁ ସାହାଯ୍ୟ ଦେବାଲାଗି ସଂଗଠନ ଗଠନ କରିଥିଲେ । ପଶ୍ଚିମବଙ୍ଗର ଦକ୍ଷିଣ ପଶ୍ଚିମ ଜିଲ୍ଲା ମେଦିନୀପୁର ଦୋହରି ଆଘାତର ଶିକାର ହୋଇଥିଲା । ୧୯୪୨ ପରେ ସେଠାରେ ଦୁଇ ବର୍ଷ ଧରି ପୋଲିସ ଜୁଲୁମ ଚାଲିଥିଲା ଏବଂ ଘୂର୍ଣ୍ଣିବାତ୍ୟାହେତୁ ଫସଲ କ୍ଷତିଗ୍ରସ୍ତ ହୋଇଥିଲା । କହ୍ନାଇ ଘରର ପରିବେଶ ମଣିଷକୁ ଅଣନିଶ୍ୱାସୀ କରିଦେଇଥିଲା । ସେ ନୀଳାସଙ୍ଗେ ମିଶି କାମ କଲାପରେ ସାମାନ୍ୟ ସୁସ୍ଥ ଅନୁଭବ କରିଥିଲା ।

ଯୁଦ୍ଧ ବିଭିନ୍ନ ଭାବେ ଭିନ୍ନ ଭିନ୍ନ ପରିବାରକୁ ପଙ୍ଗୁ କରି ଦେଇଥିଲା । କହ୍ନାଇର ପଡ଼ୋଶୀର ଝିଅ ଗୀତାକୁ ତାର ବାପ, ଝିଅ ସଂଗ୍ରହ କରୁଥିବା ସ୍ତ୍ରୀଲୋକ ପାଖକୁ ପଠାଇ ଦେଇଥିଲା । ଯୁଦ୍ଧହେତୁ ହଠାତ୍ ଅନେକ ଧନୀ ହୋଇଯାଇଥିଲେ । ଗୀତା ପରି କୁଆଁରୀ କନ୍ୟାମାନଙ୍କର ଚାହିଦା ଖୁବ୍ ଅଧିକ ଥିଲା । ଗୋଟିଏ ଧନୀ ଲୋକ ସହିତ ଗୀତାକୁ ବିବାହ କରି ଦିଆ ଯାଇଥିଲା । ତାଦ୍ୱାରା ଜବରଦସ୍ତ ଉପଭୋଗ ହୋଇସାରିବା ପରେ ସେ ସେଠାରୁ ଲୁଚି ପଳାଇ ଆସିଥିଲା । ତାକୁ ରାସ୍ତାରୁ ପାଇ କନାଇଁ ସାମ୍ବାଦିକ ଏବଂ କମ୍ୟୁନିଷ୍ଟ ବିଜୟଦା ପାଖକୁ ନେଇଯାଇଥିଲେ । ଯୁଦ୍ଧ ଗୋଟାଏ ନୂଆ ବଂଶଧର ସୃଷ୍ଟି କରିଥିଲା । ପିତାମାତା ଓ ସନ୍ତାନସନ୍ତତିଙ୍କ ମଧ୍ୟରେ ଦୂରତ୍ୱ ସୃଷ୍ଟି ହୋଇଥିଲା । କନାଇଁ ବାପା ତାର କଷ୍ଟ ଅର୍ଜିତ ଟଙ୍କାରେ ମଦ ପିଉଛି ଦେଖି ସେ ଘର ଛାଡ଼ି ଚାଲିଯାଇଥିଲା । ରୋଜଗାରିଆ ପୁଅ କନାଇଁ ଘର ଛାଡ଼ି ଚାଲିଯିବାରୁ ନୀଳାର ବାପା ଭାଙ୍ଗି ପଡ଼ିଲା । ଝିଅଠାରୁ ଟଙ୍କା ନେବା ତା ନୀତିବିରୁଦ୍ଧ ଥିଲା । ଶେଷରେ ନୀଳା ବି ଘର ଛାଡ଼ି ଚାଲିଯାଇଥିଲା । ଅଳ୍ପ କେତେଦିନ ହେଲା ବିଧିବଦ୍ଧ ଦଳ ରୂପେ ସ୍ୱୀକୃତିପ୍ରାପ୍ତ କମ୍ୟୁନିଷ୍ଟ ପାର୍ଟିରେ ନେପି ଯୋଗ ଦେଇଥିଲା । ପରିବାର-

ଗୁଡ଼ିକ ଛିନ୍ନଛତ୍ର ହୋଇଗଲା ଓ ତାର ମା ରାସ୍ତାରେ ବୁଲିବୁଲି ଭିକ ମାଗିଲା । ଜନାର୍ଦ୍ଦ ତାର ରକ୍ତ ପରୀକ୍ଷା କରାଇଲା । ପରୀକ୍ଷାରୁ ଜଣାଗଲା ଯେ ତାର ରକ୍ତ ଠିକ୍ ଅଛି । ସାମ୍ବାଦିକ ବିଜୟିଦା ତାଙ୍କ ନିଜ କାଗଜରେ ଯୁଦ୍ଧକୁ ସମର୍ଥନ କରି ଗୋଟିଏ ଲେଖା ଲେଖିଲେ । ଏହି ଯୁଦ୍ଧ ସବୁ ଯୁଦ୍ଧର ଅବସାନ ଘଟାଇବ ଏବଂ ଗାନ୍ଧିଜୀଙ୍କ ଆଦର୍ଶ ଭାରତ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଣିପାରିବ । ଭବିଷ୍ୟତର ସମାଜ ସାମ୍ୟନୀତି ଉପରେ ମୁଣ୍ଡ ଟେକି ଉଠିବ । ତାରାଶଙ୍କର ସମସ୍ୟାଉପଯୋଗୀ ଏପରି ଏକ କଥାବସ୍ତୁକୁ ଗ୍ରହଣ କରିଛନ୍ତି । ଏହା ତାଙ୍କ ନିଜ ଭିତରେ ଥିବା ଯୁଗସଚେତନତାର ପ୍ରମାଣ ଦେଇଥାଏ । ସମାଲୋଚକମାନେ କୁହନ୍ତି ତାରାଶଙ୍କର ସାମ୍ବାଦିକତା ପାଇଁ ସାହିତ୍ୟକୁ ବଳି ଦେଇଛନ୍ତି । ମାତ୍ର ବର୍ତ୍ତମାନର ପାଠକ ପାଇଁ ଏହି ପୁସ୍ତକର ମୂଲ୍ୟ ଅତି ଅଧିକ । ଏହି ପୁସ୍ତକ ଅଧ୍ୟୟନ ପାଇଁ ପାଠକ ଅଧିକ ଆଗ୍ରହୀ ହେବେ । ସରୋଜକୁମାର ରାୟଚୌଧୁରୀଙ୍କ 'କାଲୋଘୋଡ଼ା' ପୁସ୍ତକକୁ ବାଦ୍‌ଦେଲେ ଅନ୍ୟ କୌଣସି ଉପନ୍ୟାସରେ ଯୁଦ୍ଧର ବିଭୀଷିକାକୁ ସେପରି ବିଶ୍ୱସ୍ତତାର ସହିତ ଚିତ୍ରଣ କରାଯାଇ ନାହିଁ, ଯଦିଓ କେତେକ ବିଶିଷ୍ଟ ସାହିତ୍ୟିକ ଯୁଦ୍ଧକୁ ଭିତ୍ତି କରି ଗଳ୍ପ ରଚନା କରିଥିଲେ । ଏଠାରେ ପ୍ରଶ୍ନ ଉଠେ କେବଳ କ୍ଷୁଦ୍ରଗଳ୍ପ ରଚିତ ହେଲା କାହିଁକି ? ସେ ସମୟରେ ବଙ୍ଗଳାର ଦୁର୍ଦ୍ଦଶା କ'ଣ ଲେଖକମାନଙ୍କୁ ଲେଖିବାପାଇଁ ପ୍ରେରଣା ଯୋଗାଇପାରିଲା ନାହିଁ ? ତାରାଶଙ୍କର ଏକମାତ୍ର ଲେଖକ ଯିଏ ଅନୁଭବ କଲେ ଯେ ଏହା ସଦ୍ୟ ଘଟି ଯାଇଥିବା ଏକ ଜରୁରୀ କଥାବସ୍ତୁ ଏବଂ ଏହାର ବିଭିନ୍ନ ଘଟଣାକୁ ଉପନ୍ୟାସ ମାଧ୍ୟମରେ କେବଳ ଚିତ୍ରଣ କରାଯାଇପାରିବ । ସେ ଏକମାତ୍ର ଲେଖକ ଯିଏ ଅନୁଭବ କରିଥିଲେ ଯେ କମ୍ୟୁନିଷ୍ଟ ପାର୍ଟିକୁ କେବେ ଅବହେଳା କରାଯାଇ ପାରିବ ନାହିଁ । କାରଣ ଏହା ଶିକ୍ଷିତ ଯୁବକ ଏବଂ ଦେଶର ପୁରାତନ ରାଜନୈତିକ କର୍ମୀମାନଙ୍କ ଉପରେ ଖୁବ୍ ପ୍ରଭାବ ପକାଉଥିଲା । କମ୍ୟୁନିଷ୍ଟମାନଙ୍କୁ ସମାଲୋଚନା କରିବା ପାଇଁ ଅନେକ କାରଣ ଥିଲା । ତା ସତ୍ତ୍ୱେ ସଂଗଠନ ମାଧ୍ୟମରେ ଦୁର୍ଭିକ୍ଷ ପ୍ରପୀଡ଼ିତମାନଙ୍କ ମଧ୍ୟରେ ସେମାନେ ଯେପରି ସାହାଯ୍ୟ ବାଣ୍ଟୁଥିଲେ, ସମସ୍ତେ ସେଥିପାଇଁ ସେମାନଙ୍କର ପ୍ରଶଂସା କରୁଥିଲେ । ତାରାଶଙ୍କର ତାଙ୍କର ଉପନ୍ୟାସରେ ବାସ୍ତବତାର ଚିତ୍ର ଚିତ୍ରଣ କରିଛନ୍ତି । ଚକ୍ରବର୍ତ୍ତୀ ପରିବାରର ଉପାଖ୍ୟାନ ସବୁଠାରୁ ଚମତ୍କାର ଭାବରେ ଉପନ୍ୟାସରେ ବର୍ଣ୍ଣିତ । ନୀଳା ଗୋଟିଏ ଅତି ବିଶ୍ୱସ୍ତ କମ୍ୟୁନିଷ୍ଟ୍ୟ ଚିତ୍ର ନୁହେଁ । ତାରାଶଙ୍କରଙ୍କ ଚରିତ୍ରଗୁଡ଼ିକ ମଧ୍ୟରେ ବିଜୟ ଦା ଏକ ଉତ୍ସର୍ଗୀକୃତ ଶାନ୍ତ ଚରିତ୍ର । ସେ ପୁରାତନ ଶୈଳୀ ତ୍ୟାଗକରି ପ୍ରଚଳିତ ଢଙ୍ଗରେ ଏ ଉପନ୍ୟାସ ରଚନା କରିଛନ୍ତି ।

ଏହି ପୁସ୍ତକରେ ସାମାଜିକ ପରିବେଶର ବାସ୍ତବ ଏବଂ ପ୍ରାମାଣିକ ଚିତ୍ର ପ୍ରଦାନ କରାଯାଇଛି । ତେଣୁ ତାହା ଆଧୁନିକ ପାଠକର ଆଗ୍ରହ ସୃଷ୍ଟି କରିବ ବୋଲି

କୁହାଯାଏ । ଦୁର୍ଭିକ୍ଷ ହେତୁ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । କେବଳ କଲିକତାର ରାସ୍ତା ଉପରେ ହଜାର ହଜାର ଲୋକ ମରି ପଡ଼ିଥିଲେ । ମହାନଗରୀରେ କଳାଟଙ୍କାର ପ୍ରାଦୁର୍ଭାବ ବୃଦ୍ଧି ପାଇଥିଲା । ଗୋଟିଏ ହେଲେ ସିନେମାହଲ୍ ବନ୍ଦ ହୋଇ ନ ଥିଲା । ବଡ଼ ବଡ଼ ଛକମାନଙ୍କରେ ଖାଉସ୍ର ନାଚ-ତାମ୍ସା ବନ୍ଦ ହୋଇ ନ ଥିଲା । ପରିବାରର ଭରଣ ପୋଷଣ ପାଇଁ ବାଳିକାମାନେ ବେଶ୍ୟାବୃତ୍ତି କରିଥିଲେ । ମେଦିନୀପୁର ବାତ୍ୟାରେ ଅନେକ ଲୋକ ପ୍ରାଣ ହରାଇଥିଲେ । ପୁସ୍ତକରେ ବର୍ଣ୍ଣିତ ସରକାରୀ ରିପୋର୍ଟ ଅନୁସାରେ ଦୁଇଟି ଗାଁର ଦୁଇଶହ ଛୟାଅଶି ଜଣ ଲୋକଙ୍କ ଭିତରୁ ମାତ୍ର ପାଞ୍ଚଜଣ ବଞ୍ଚିଥିଲେ । □

## ସପ୍ତମ ପରିଚ୍ଛେଦ

୧୯୩୯ ମସିହାରେ 'ଧାତ୍ରୀ ଦେବତା' ପ୍ରକାଶିତ ହୋଇଥିଲା । ଲେଖକ ହିସାବରେ ତାରାଶଙ୍କର ସବୁଥିରୁ ନାକ ଟେକୁଥାଆନ୍ତି । କୌଣସି କଥାକୁ ସହଜରେ ଗ୍ରହଣ କରି ନଥାନ୍ତି ନାହିଁ । ନିଜ ଲେଖାକୁ ବାରମ୍ବାର ଲେଖିବା ଏବଂ ବଦଳାଇବା ଅଭ୍ୟାସ ତାଙ୍କର ଥିଲା । ମାତ୍ର ସେ 'ଧାତ୍ରୀଦେବତା'କୁ ପୁନର୍ବାର ଲେଖି ନ ଥିଲେ । ଏହାକୁ ଏକାଥରକେ ଲେଖି ଦେଇଥିଲେ । ଏହା ଏକ ଆତ୍ମଜୀବନୀମୂଳକ ଉପନ୍ୟାସ । ଔପନ୍ୟାସିକ ରୂପେ ଏହି ଉପନ୍ୟାସରେ ତାରାଶଙ୍କର ସମସ୍ତ ଚରିତ୍ରର ଅବତାରଣା କରିଛନ୍ତି । ଶ୍ରେଷ୍ଠ ଜମିଦାରମାନେ ସମ୍ମୁଖୀନ ହେଉଥିବା ସମସ୍ୟା, ବ୍ୟବସାୟୀ ଗୋଷ୍ଠୀର ଉତ୍ଥାନ, କୃଷକମାନଙ୍କର ସମସ୍ୟା, ସାଧାରଣ ମଣିଷର ଜୀବନ ସଂଗ୍ରାମ, ସମାଜରେ ପ୍ରତିପତ୍ତି ଥିବା ପୁରୁଷ ଓ ମହିଳା ବ୍ୟକ୍ତିବିଶେଷ, ଉଦାର ହୃଦୟମନା ଜମିଦାର, ସନ୍ନ୍ୟାସୀ, ବିପ୍ଳବମତପୋଷଣ କରୁଥିବା ରାଜନୈତିକ କର୍ମୀ, ମରୁଡ଼ି ହଇଜା ଦୁର୍ଭିକ୍ଷ ପ୍ରଭୃତି ପ୍ରତ୍ୟେକ ଜିନିଷ ତାଙ୍କ ଉପନ୍ୟାସର କଥାବସ୍ତୁ ଥିଲା । ଉପନ୍ୟାସଟି ଶୃଙ୍ଖଳିତ ଓ ସର୍ବଗୁଣସମ୍ପନ୍ନ ହୋଇପାରିଛି । ଏହା ତାଙ୍କର ପ୍ରଥମ ଉପନ୍ୟାସ, ଯେଉଁଥିରେ ମହାକାବ୍ୟର ଲକ୍ଷଣ ପ୍ରକାଶ ପାଇଛି । ମହାକାବ୍ୟଧର୍ମୀ ଉପନ୍ୟାସରେ ରାଷ୍ଟ୍ରର ଛବି ଓ ସମୟର ପ୍ରତିଫଳନ ହୋଇଥାଏ । ଏହାକୁ ବାସ୍ତବ ଦୃଷ୍ଟିକୋଣରୁ ଏବଂ ଅନାସକ୍ତଭାବେ ଲେଖାଯିବା ଉଚିତ । ଅନ୍ୟ ତିନିଗୋଟି ମହାକାବ୍ୟଧର୍ମୀ ଉପନ୍ୟାସର ରଚନା ନିମନ୍ତେ 'ଧାତ୍ରୀ ଦେବତା' ହେଉଛି ପ୍ରଥମ ପ୍ରଚେଷ୍ଟା । ତାରାଶଙ୍କରଙ୍କର 'ଗଣ ଦେବତା' 'ପଞ୍ଚଗ୍ରାମ', 'ହଂସୁଲି' 'ବାଙ୍କର ଉପକଥା' ଏହି ଉପନ୍ୟାସଗୁଡ଼ିକ ମହାକାବ୍ୟଧର୍ମୀ । ଯଦିଓ ତାରାଶଙ୍କର ଆପଣା ସମୟର କଥା ଏ ସବୁରେ କହିଛନ୍ତି, ଦେଶର ଏତେ ବିରାଟ ଅଞ୍ଚଳର ଏବଂ ଲୋକମାନଙ୍କ କଥା, ବର୍ତ୍ତମାନ ଓ ଅତୀତ ଇତିହାସର ଏତେ ଅଧିକ ଘଟଣା ବର୍ଣ୍ଣନା କରିଛନ୍ତି ଯେ ଏହା ତାଙ୍କ ସମୟର ସୀମା ଟପି ସମଗ୍ର ଦେଶ ଓ ଜନଗଣର ଛବି ଦର୍ଶାଇଛି । 'ଧାତ୍ରୀ ଦେବତା'ର ନାୟକ ଶିବନାଥ । ଜଣେ ଶ୍ରେଷ୍ଠ ଜମିଦାରର ଏକମାତ୍ର ସନ୍ତାନ ଏବଂ ଅତି ପିଲାଦିନରୁ ସେ ତାର ବାପାଙ୍କୁ ହରାଇଛି । ସେ ଦୁଇଜଣ ଅସାଧାରଣ ମହିଳାଙ୍କ ଦ୍ୱାରା ଲାଳିତପାଳିତ ହୋଇଥିଲା । ଜଣେ ତାର ମାଆ ଓ ଆଉ ଜଣେ ତାର ପିଉସୀ । ତାର ମା ସ୍ନେହୀ, ଧୀରସ୍ଥିର, ସହିଷ୍ଣୁ ଓ କଡ଼ାମିଜାଜର । ପିଉସୀ ମଧ୍ୟ ସ୍ନେହୀ, ଗର୍ବୀ । ଶିବନାଥଙ୍କ ପ୍ରତି ତାଙ୍କର ଗଭୀର ପ୍ରେମ ଥିଲା ଏବଂ ସେ ତାଙ୍କୁ ଏକାନ୍ତ ନିଜର ବୋଲି ଭାବୁଥିଲେ । ତାଙ୍କର କଥାରେ ସ୍କୁଲ ଶିକ୍ଷା ଶେଷ କରିବା ପୂର୍ବରୁ ଶିବନାଥ ଜଣେ ଧନୀ ଲୋକର ଝିଅ ଗୌରୀକୁ ବିବାହ କରିଥିଲେ । ଗାଁରୁ ହଇଜା ରୋଗ

ଦୂରୀକରଣ ନିମନ୍ତେ କାର୍ଯ୍ୟ କରୁଥିଲାବେଳେ ଦୁଇଜଣ ରାଜନୈତିକ କର୍ମୀ, ସୁଶୀଲ୍ ଓ ପୂର୍ଣ୍ଣଙ୍କ ସଂପର୍କରେ ସେ ଆସିଥିଲେ । ଭବିଷ୍ୟତରେ ସେମାନଙ୍କ ଚରମପନ୍ଥୀ ଦୃଷ୍ଟିକୋଣରେ ତାଙ୍କୁ ଦୀକ୍ଷିତ କରିବା ନିମନ୍ତେ ସେମାନେ ସ୍ଥିର କରିଥିଲେ । ଗୌରୀ ପ୍ରତି ତାଙ୍କର ପ୍ରେମ ତାଙ୍କ ପିଉସୀ ସହିପାରିଲେ ନାହିଁ । ଶେଷରେ ଗୌରୀର ଦାଦା ତାକୁ କଲିକତା ନେଇଯାଇଥିଲେ ଏବଂ ସେଠାରେ ତା'ର ଗୋଟିଏ ପୁଅ ହୋଇଥିଲା । ଶିବନାଥ କଲେଜରେ ପଢ଼ିବା ପାଇଁ କଲିକତା ଆସିଥିଲେ । ସେଠାରେ ପୂର୍ଣ୍ଣ ଓ ସୁଶୀଲ ସେମାନଙ୍କ ସହିତ କାମ କରିବାକୁ ତାଙ୍କୁ ପ୍ରଲୋଭିତ କରିଥିଲେ । ଶିବନାଥ ମନେ ମନେ ଦାରୁଣ ଆଘାତ ପାଇଥିଲେ ଯେତେବେଳେ ପୂର୍ଣ୍ଣ ତା ପାର୍ଟିର ନିର୍ଦ୍ଦେଶରେ ଜଣେ ବୃଦ୍ଧ, ଯିଏ କି ପରେ ଗାନ୍ଧୀଙ୍କ ଅହିଂସା ନୀତି ଗ୍ରହଣ କରିଥିଲେ ଓ ତାଙ୍କ ଦାୟିତ୍ୱରେ ଥିବା ଅସ୍ତ୍ରଶସ୍ତ୍ର ନଷ୍ଟ କରିଦେଇଥିଲେ, ତାଙ୍କୁ ହତ୍ୟା କରିଥିଲେ । ଇତିମଧ୍ୟରେ ଶିବନାଥ ମା'ଙ୍କର ମୃତ୍ୟୁ ହୋଇଯାଇଛି ଏବଂ ତାର ପିଉସୀ କାଶୀ ଚାଲିଯାଇଛନ୍ତି । ସେ ଆଶା କରିଛନ୍ତି, ହୁଏତ ପୁଣି ଶିବନାଥ ଓ ଗୌରୀଙ୍କ ମଧ୍ୟରେ ବୁଝାସୁଝା ଓ ମିଳନ ହେବ । ତାଙ୍କ ଜମିଦାରୀଠାରୁ ଅନେକ ଦୂରରେ ଥିବା ଗୋଟିଏ ଗାଁରେ ଗରିବ ଜନସାଧାରଣଙ୍କ ମଙ୍ଗଳ ପାଇଁ କାମ କରିବା ନିମନ୍ତେ ଶିବନାଥ ଚାଲି ଯାଇଥିଲେ । ଅସହଯୋଗ ଆନ୍ଦୋଳନ ବେଳେ ଶିବନାଥ ଜେଲ୍‌ବରଣ କରିଥିଲେ । ଗୌରୀ ଏବଂ ତାଙ୍କ ପିଉସୀ ପରସ୍ପର ମଧ୍ୟରେ ଥିବା ମତଭେଦ ଭୁଲି ତାଙ୍କୁ ଭେଟିବାଲାଗି ଜେଲ୍‌କୁ ଯାଇଥିଲେ । ସେ ଦୁହିଁଙ୍କୁ ଏକାଠି ଦେଖି ଶିବନାଥ ବହୁତ ଖୁସି ହୋଇଥିଲେ ଏବଂ ଠିକ୍ ତାଙ୍କୁ ଯେମିତି ଆଦର ଯତ୍ନ କରି ବଢ଼ାଇଥିଲେ ତାଙ୍କ ପୁଅକୁ ଠିକ୍ ସେହିପରି ସ୍ନେହ ଓ ଯତ୍ନ କରି ବଢ଼ାଇବାକୁ କହିଥିଲେ ।

'ଧାତ୍ରୀ ଦେବତା'ରେ ପିଉସୀଙ୍କ ମୃତ୍ୟୁକୁ 'ମୋ ଧାତ୍ରୀ ଦେବତାର ମୃତ୍ୟୁ' ବୋଲି ତାରାଶଙ୍କର ଉଲ୍ଲେଖ କରିଥିବା ଦେଖାଯାଏ । ଉପନ୍ୟାସରେ ବର୍ଣ୍ଣିତ ପିଉସୀ ସମସ୍ତ ଶକ୍ତିର ମୁଖ୍ୟ ନିୟନ୍ତ୍ରଣକାରୀ ଶକ୍ତି ନ ଥିଲେ । ମା' ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଏ ଦେଶ ଓ ଦେଶବାସୀଙ୍କୁ ଭଲ ପାଇବା ନିମନ୍ତେ ସେ ଶିବନାଥଙ୍କୁ ଶିକ୍ଷା ଦେଇଥିଲେ । ଶିବନାଥଙ୍କ ଚରିତ୍ରର ବିକାଶରେ ସାମ୍ୟ ପରିଲକ୍ଷିତ ହୁଏ । ବିଭିନ୍ନ ପରିସ୍ଥିତିରେ ଅନେକ ବ୍ୟକ୍ତିଙ୍କ ସଂପର୍କରେ ଆସି ତାଙ୍କ ଚରିତ୍ର ବିକଶିତ ହୋଇଛି । ତାଙ୍କ ମା', ପିଉସୀ, ଗୋସାଇଁ ବାପା, ସନ୍ନ୍ୟାସୀ, ପୁରାତନ ବିପ୍ଳବୀ ସୁଶୀଲ ସମସ୍ତେ ତାଙ୍କ ଚରିତ୍ରଗଠନରେ ସହାୟକ ହୋଇଛନ୍ତି । ମାତ୍ର ଗୌରୀ ତାଙ୍କ ଉପରେ କୌଣସି ପ୍ରଭାବ ପକାଇପାରି ନାହିଁ, କାରଣ ସେ ଯେଉଁ ପୃଷ୍ଠଭୂମିରୁ ଆସିଥିଲା ତାହା ଅର୍ଥସର୍ବସ୍ୱ ଥିଲା ଏବଂ ତାଙ୍କ ଦୃଷ୍ଟିରେ କେବଳ ଅର୍ଥହିଁ ସାମାଜିକ ସମ୍ମାନର ପ୍ରତୀକ ଥିଲା । ପରବର୍ତ୍ତୀ ସମୟରେ ଗୌରୀର ଯେଉଁ ପରିବର୍ତ୍ତନ

ହୋଇଛୁ ଓ ସେ ଯେପରି ଗଭୀର ପ୍ରେମ କରିଛୁ, ତାହାର ଯଥାର୍ଥତାରେ ପାଠକର ହୃଦ୍‌ବୋଧ ହୁଏ ନାହିଁ । ଭାରତରେ ଆତଙ୍କବାଦୀମାନଙ୍କ ବ୍ୟର୍ଥତା ପରେ ଲୁଚି ଛପି ରହିଥିବା ସୁଶୀଳ ପ୍ରତି ଶିବନାଥଙ୍କ ସାହାଯ୍ୟ ଦେବା ଘଟଣାରୁ ତାରାଶଙ୍କର ଭାରତରେ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ସମ୍ପର୍କରେ କେତେ ଅଧିକ ସଚେତନ ଥିଲେ ତାହା ଜଣାଯାଏ । ସେମାନଙ୍କ ମତବାଦ ସେ ଗ୍ରହଣ କରି ନ ଥିଲେ । ଯେଉଁ ଯୁବକମାନେ ସ୍ୱେଚ୍ଛାକୃତଭାବେ ଦେଶପାଇଁ ପ୍ରାଣବଳି ଦେଇଥିଲେ ଏବଂ ତାଙ୍କର ହିଂସାତ୍ମକ କାର୍ଯ୍ୟପନ୍ଥା ବ୍ୟର୍ଥ ହେବାପରେ ସେମାନେ ରୁଷ, ଜର୍ମାନ୍, ଆମେରିକା ଏବଂ ଅନ୍ୟାନ୍ୟ ଇଉରୋପୀୟ ରାଷ୍ଟ୍ରମାନଙ୍କୁ ପଳାଇଯାଇ ଭାରତର ମୁକ୍ତିପାଇଁ ଗୋପ୍ତ ଗୋପ୍ତ କାର୍ଯ୍ୟକାରୀ ସଂଗଠନ କରିଥିଲେ, ସେମାନଙ୍କ ପ୍ରତି ତାଙ୍କର ଗଭୀର ସହାନୁଭୂତି ଥିଲା । ଶିବନାଥ ସୁଶୀଳକୁ କହନ୍ତି, "ମୋର ସ୍ୱପ୍ନ ହେଉଛି ତେତିଶ କୋଟି ଲୋକଙ୍କ ସ୍ୱାଧୀନତା ପାଇଁ ଛଅଷଠି କୋଟି ଲୋକଙ୍କ ହସ୍ତ ଉତ୍ତୋଳନ, ଜନଗଣର ଆନ୍ଦୋଳନ ।" ଶିବନାଥଙ୍କର କର୍ମପନ୍ଥାରେ ସୁଶୀଳ ଏକମତ ହେଉ ନ ଥିଲେ ହେଁ ସୁଶୀଳର ଶିବନାଥଙ୍କ ପ୍ରତି ସମ୍ମାନ ଥିଲା । ଉପନ୍ୟାସର ଗଠନଶୈଳୀ ସୁନ୍ଦର । ଗୌଣ ଚରିତ୍ରକୁ ବାଦ୍‌ଦେଲେ ଅନ୍ୟ ଚରିତ୍ରଗୁଡ଼ିକର ବିକାଶ ଯୁକ୍ତିଯୁକ୍ତଭାବେ ଘଟିଛି । ବିଷୟବସ୍ତୁ ଗଠନରେ ଅନେକ ରହସ୍ୟ ପ୍ରକାଶ ପାଇନାହିଁ । ମରୁଭୂମି ଓ ମହାମାରୀର ଚିତ୍ରକଳ୍ପ ହୃଦୟସ୍ପର୍ଶୀ ଚିତ୍ର ପ୍ରଦାନ କରାଯାଇଛି । ଭାଷା ମଧ୍ୟ ବଳିଷ୍ଠ ହୋଇଛି ।

'ଗଣଦେବତା' ଓ 'ପଞ୍ଚଗ୍ରାମ' ଦୁଇଟି ମିଶି ମହାଗ୍ରାମ, ଦେଖୁରିଆ, ଶିବକାଳୀପୁର, କୁସୁମପୁର, କାନ୍‌କାନା—ପଞ୍ଚଗ୍ରାମର କାହାଣୀ ପୂର୍ଣ୍ଣାଙ୍ଗ କରିଛନ୍ତି । ପ୍ରାଚୀନକାଳରେ ପଞ୍ଚାୟତ କିପରି ଥିଲା ଏବଂ ଏ ଉପନ୍ୟାସ ରଚନା କରାଯିବାବେଳେ କିପରି ଥିଲା ଏବଂ ଧୀରେ ଧୀରେ କିପରି ଏହି ଅନୁଷ୍ଠାନଗୁଡ଼ିକ ଭାଙ୍ଗିପଡ଼ିଛି ତାହାର ନିଖୁଣ ଚିତ୍ର ଏହି ଉପନ୍ୟାସ ଦୁଇଟିରେ ଦିଆଯାଇଛି । ପ୍ରାଚୀନ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାମାଜିକ ବ୍ୟବସ୍ଥାରେ ଯେଉଁ ପରିବର୍ତ୍ତନ ଘଟିଛି, ତାହାହିଁ ହେଉଛି ଏହି ଉପନ୍ୟାସ ଦୁଇଟିର କଥାବସ୍ତୁ । ଗ୍ରାମ୍ୟ ଜୀବନର ବହୁଳ ମନୋରମ ଚିତ୍ର ଏଥିରେ ପ୍ରଦତ୍ତ ହୋଇଛି ।

ପ୍ରାଚୀନ ଓ ମଧ୍ୟଯୁଗରେ ବଙ୍ଗଳାରେ ନଅଟି, ପାଞ୍ଚଟି କିମ୍ବା ସାତୋଟି ଗ୍ରାମର ସମଷ୍ଟିରେ ଗୋଟିଏ ଗ୍ରାମପୁଞ୍ଜ ହୋଇ ରହିଥିଲା । ଗୋଟିଏ ଗୋଟିଏ ପୁଞ୍ଜରେ ନଅଟି, ପାଞ୍ଚଟି, ତିନୋଟି କିମ୍ବା ସାତୋଟି କରି ଗ୍ରାମ ମିଶି ଏକାଠି ଥିଲେ । ପ୍ରତିଟି ଗ୍ରାମପୁଞ୍ଜ ଜନସାଧାରଣଙ୍କ ସମ୍ମତିରେ ଗଠିତ । ଏହା ଗ୍ରାମ୍ୟ ପରିଚାଳନା ସମିତିଦ୍ୱାରା ପରିଚାଳିତ ହେଉଥିଲା । ଏଥିରୁ ନବଗ୍ରାମ, ପଞ୍ଚଗ୍ରାମ, ସପ୍ତଗ୍ରାମ ପ୍ରଭୃତି ନାମକରଣର ଉତ୍ପତ୍ତି ହୋଇଛି । ଏହି ଗ୍ରାମ ସଂଗଠନଗୁଡ଼ିକ ଏତେ ଦକ୍ଷତାର ସହିତ ଗ୍ରାମ ପରିଚାଳନା କରୁଥିଲେ ଯେ ସୁଦୂର ରାଜଧାନୀରେ ଥିବା

ଶାସକମାନଙ୍କୁ ବିଶେଷ ବ୍ୟସ୍ତ ହେବାକୁ ପଡ଼ୁନ ଥିଲା । ଗ୍ରାମ୍ୟ ସଂଗଠନ ନିର୍ଦ୍ଦେଶକୁ କଡ଼ାକଡ଼ିଭାବେ ପାଳନ କରାଯାଉଥିଲା ।

'ଗଣ ଦେବତା' ଉପନ୍ୟାସ ଗ୍ରାମ୍ୟ ସମିତିର ଅସନ୍ତୋଷ ଓ କ୍ରୋଧରୁ ଆରମ୍ଭ ହୋଇଛି । ଅନିରୁଦ୍ଧ ଗାଁର କମାର । ସେ ଗାଁ ଲୋକଙ୍କ କାମ କରିବାକୁ ମନାକରି ଦେଇଛି କାରଣ ତାର ପ୍ରୟୋଜନାନୁଯାୟୀ ଗାଁଲୋକମାନେ ତାକୁ ଧାନ ଦେଇ-ପାରିଲେ ନାହିଁ । ପ୍ରାଚୀନ ପ୍ରଥାନୁଯାୟୀ କମାର, ବଣିଆ, ବାରିକ, ବଢ଼େଇ, ମୋଚି ସେମାନଙ୍କ ଗ୍ରାମସେବା ପାଇଁ ଗାଁରୁ ଧାନ ପାଉଥିଲେ । ଅନିରୁଦ୍ଧ ଅନ୍ୟତ୍ର ଯାଇ ପେଟ ପୋଷିବାକୁ ଚାହେଁ । ଗ୍ରାମ୍ୟ ସମିତି ତାକୁ କାମ କରିବାକୁ ବାଧ୍ୟ କଲାବେଳେ ସେ ସେମାନଙ୍କ ନିର୍ଦ୍ଦେଶ ମାନେ ନାହିଁ । କେବଳ ଗରିବ ଲୋକ-ମାନଙ୍କୁ ସମିତି ଅତ୍ୟାଚାର କରେ । ମାତ୍ର ଗାଁର ସବୁଠୁ ଧନୀ ବ୍ୟକ୍ତି ଶ୍ରୀହରି ପାଲ ଯେତେବେଳେ ଗ୍ରାମ ସମିତି କଥା ଶୁଣେନାହିଁ, ସେତେବେଳେ ସମିତି ତାକୁ କିଛି କହିବାକୁ ସାହସ କରିପାରେନାହିଁ । ଶ୍ରୀହରି ଶଠ, ଲମ୍ପଟ ପ୍ରକୃତିର ଏବଂ ଅତ୍ୟାଚାରୀ ଥିଲା । ଅନିରୁଦ୍ଧର ସ୍ତ୍ରୀ ପଦ୍ମା ପ୍ରତି ସେ ଆସକ୍ତ ହୋଇପଡ଼େ । ପଦ୍ମା ସନ୍ତାନହୀନା ଥିଲା । ବାଉରିଣୀ ଦୁର୍ଗା ଥିଲା ଶ୍ରୀହରିର ରକ୍ଷିତା । ବାଉରୀମାନେ ଗରିବ ଏବଂ କଠିନ ପରିଶ୍ରମୀ । ସେମାନଙ୍କର ସ୍ତ୍ରୀମାନେ ଗାଁର ଉଚ୍ଚଶ୍ରେଣୀର ଲୋକମାନଙ୍କର ଦେହର କ୍ଷୁଧା ମେଣ୍ଟାଇ ଥାଆନ୍ତି । ଏହା ଖୁବ୍ ଭଲଭାବେ ଜଣା ଥିଲା । ଗାଁର ପ୍ରାଥମିକ ଶିକ୍ଷକ ଦେବୁ ଘୋଷ ପ୍ରତି ଦୁର୍ଗାର ଅସୀମ ଆନୁଗତ୍ୟ ଥିଲା । ସମସ୍ତେ ତାକୁ ଭଲ ପାଉଥିଲେ ଓ ସମ୍ମାନ କରୁଥିଲେ । ଗରିବ ଚାଷୀମାନଙ୍କ ଜମି କରଗତ କରି ଶ୍ରୀହରି ଜମିଦାର ହେବାକୁ ଚାହୁଁଥିଲା । ସେ ଦେବୁକୁ ଭୟ କରୁଥିଲା କାରଣ ଗୋଟାଏ ଅର୍ଥରେ ସେ ଲୋକମାନଙ୍କ ନେତା ଥିଲା । ମିଥ୍ୟା ଅଭିଯୋଗରେ ସେ ଯେତେବେଳେ ଦେବୁକୁ ଗିରଫ କରାଇଦେଲା, ଗାଁ ଲୋକମାନେ ତାଠୁ ଦୂରେଇ ରହିଲେ କାରଣ ସେମାନେ ଦେବୁକୁ ଭଲ ପାଉଥିଲେ । ଦେବୁକୁ କେଣ୍ଟରେ ପକାଇ ଦେବାପାଇଁ ସେ ପୁଣି ଉଦ୍ୟମ କରେ । ମାତ୍ର ଅନିରୁଦ୍ଧ ନିଜ ଉପରକୁ ସବୁ ଦୋଷ ଟାଣିନେଇ ଗିରଫ ହୁଏ । ଶ୍ରୀହରିର ପଦ୍ମାକୁ କରଗତ କରିବା ଉଦ୍ୟମ ବ୍ୟର୍ଥ ହୁଏ । ପଦ୍ମା ଘରେ ଜଣେ ଆଭ୍ୟନ୍ତରୀଣ ବନ୍ଦୀ ରହିବାପାଇଁ ସେ ବ୍ୟବସ୍ଥା କରେ । ସଂକ୍ରାମକ ହଇଜା ରୋଗ ନିବାରଣ ପାଇଁ ଦେବୁ କଠିନ ପରିଶ୍ରମ କରେ । ମାତ୍ର ହଇଜାରେ ତା ନିଜ ସ୍ତ୍ରୀ ଓ ପୁଅ ମରନ୍ତି । ସେ ଅଧୈର୍ଯ୍ୟ ହୋଇଉଠେ । ତା ଅଖିଆଗରେ ଗ୍ରାମ ସମିତି ଭାଙ୍ଗିଯାଏ । ଚାଷୀମାନଙ୍କର ସବୁ ଜମି କିଣି ଶ୍ରୀହରି ଜମିଦାର ସାଜେ ! ଦେବୁର ବନ୍ଧୁ ଓ ସମର୍ଥକ ଯତୀନକୁ ପୋଲିସ ଗିରଫ କରେ । ଅନିରୁଦ୍ଧ ଜେଲ୍‌ରୁ ଖଲାସ ହେବା ପରେ ଗାଁ ଛାଡ଼ି ଚାଲିଯାଏ । ମହାଗ୍ରାମ ଗ୍ରାମସମିତିର ମୁଖ୍ୟ ଏବଂ ବିଦ୍ୱାନ ରକ୍ଷଣଶୀଳ ବ୍ରାହ୍ମଣ ଶିବଶେଖରେଶ୍ୱର ନ୍ୟାୟରତ୍ନଙ୍କଠାରୁ ସେ ଦୁର୍ଦ୍ଦିନରେ ସାନ୍ତ୍ୱନା

ପାଉଥିଲେ । ଜମିହୀନ ଚାଷୀମାନେ ନିକଟବର୍ତ୍ତୀ ରେଲରହିବା ଜାଗା ଓ କାରଖାନା ଥିବା ଏକ ଗ୍ରେଟ ସହରକୁ ଚାଲିଯିବାକୁ ଆରମ୍ଭ କଲେ । କାରଣ ସେମାନେ ଭାବୁଥିଲେ ଯେ ଥରେ ସେମାନେ ସେଠାରୁ ଚାଲିଗଲେ ଆଉ ଉପବାସରେ ରହିବେ ନାହିଁ । ସହରଟିରେ ସେତେବେଳେ ସମସ୍ତପ୍ରକାର ଆଧୁନିକତା ପ୍ରବେଶ କରି ସାରିଥିଲା । ମାତ୍ର ଏହି ପାଞ୍ଚଗ୍ରାମରେ ଏପର୍ଯ୍ୟନ୍ତ ପୁରୁଣା ଚଳଣି ତଥାପି ପ୍ରଚଳିତ ରହି ଯାଇଥିଲା ।

ଚାଷୀମାନଙ୍କଠାରୁ ଅଧିକା ଖଜଣା ଅସୁଲ କରିବାଲାଗି ଜମିଦାରମାନେ ଏକଜୁଟ ହୋଇଥିବା ଘଟଣାକୁ ନେଇ ପଞ୍ଚଗ୍ରାମ ଆରମ୍ଭ ହୋଇଛି । ରାଜସ୍ୱ ବିଭାଗର ବନ୍ଦୋବସ୍ତ ରିପୋର୍ଟ ଅନୁଯାୟୀ ଗତ ଶହେ ବର୍ଷ ମଧ୍ୟରେ କୃଷିଜାତ ପଦାର୍ଥର ଦରଦାମ ବୃଦ୍ଧି ପାଇଛି, ମାତ୍ର ସେହି ପୁରୁଣା ହାରରେ ଚାଷୀମାନେ ଜମିଦାରଙ୍କୁ ଖଜଣା ଦେଉଛନ୍ତି । ଚାଷୀମାନେ ମଧ୍ୟ ଏକଜୁଟ ହୋଇଛନ୍ତି । ସେମାନେ କୁହନ୍ତି କେବଳ କୃଷିଜାତ ପଦାର୍ଥର ଦର ବୃଦ୍ଧି ହୋଇନାହିଁ । ଅନ୍ୟାନ୍ୟ ଜିନିଷପତ୍ରର ଦରଦାମ ମଧ୍ୟ ବୃଦ୍ଧି ପାଇଛି । ସେ ଯାହା ହେଉନା କାହିଁକି, ଜମିଦାରମାନେ ମଧ୍ୟ ସେହି ପୁରୁଣା ହାରରେ ସରକାରଙ୍କୁ ତାଙ୍କର ଦେୟ ଦେଉଛନ୍ତି । ମହାଗ୍ରାମର ଶିବ ଶେଖରଙ୍କ ଘରେ ସେମାନେ ଏକତ୍ର ହୋଇଛନ୍ତି । ଦେବୁ ଅଧିକ ହାରରେ ଖଜଣାଦେବାପାଇଁ ଯୁକ୍ତିକରେ, କାରଣ ଆଇନ କେବଳ ଜମିଦାରମାନଙ୍କୁ ସମର୍ଥନ କରେ । ମାତ୍ର ଶିବଶେଖରଙ୍କ ନାତି ବିଶ୍ୱନାଥ ଚାଷୀମାନଙ୍କୁ ଖଜଣା ନ ଦେଇ ଏକଜୁଟ ହୋଇ ରହିବାକୁ କୁହେ । କାରଣ ଚାପ ଫଳରେ ସରକାର ଏ ଆଇନ ପରିବର୍ତ୍ତନ କରିବାକୁ ବାଧ୍ୟହେବେ । ଶିବଶେଖର ଓ ଦେବୁ ତାଙ୍କ ମତାମତରେ ଆତଙ୍କିତ ହୋଇଉଠିଲେ । ସବୁଥିରେ ବ୍ରାହ୍ମଣମାନଙ୍କ ବଡ଼ପଣିଆ ଓ ରକ୍ଷଣଶୀଳତା ବିରୁଦ୍ଧରେ ସେ ଦୃଢ଼ ପ୍ରତିରୋଧ କରୁଥିଲେ । ଶିବଶେଖରଙ୍କ ପାଇଁ ଏହା ଥିଲା ଅକ୍ଷମଣୀୟ ଅପରାଧ । ଏହି କାରଣ ପାଇଁ ବାପପୁଅଙ୍କ ମଧ୍ୟରେ ମତାନ୍ତର ହୋଇଥିଲା; ବିଶେଷତଃ ଇଂରେଜୀ ଶିକ୍ଷା ପାଇବା ସପର୍କରେ । ଶେଷରେ ପୁଅ ଆତ୍ମହତ୍ୟା କରିଥିଲା ।

ଚମଡ଼ା ବ୍ୟବସାୟୀ ଦୌଲତ୍‌ଶେଖ୍ କୁସୁମପୁର ଗାଁର ସବୁଠାରୁ ପ୍ରତିପତ୍ତିଶାଳୀ ବ୍ୟକ୍ତି । ମୁସଲିମ୍‌ଲିଗ୍ ଓ ମନ୍ତ୍ରୀମାନେ ଜମିଦାରଙ୍କୁ ସମର୍ଥନ କରୁଥିବାରୁ ସେମାନଙ୍କ ବିରୁଦ୍ଧରେ କିଛି ନ କରିବା ପାଇଁ ସେ ଦେବୁକୁ ପ୍ରବର୍ତ୍ତାଉଥିଲେ । ଇରସାଦ ଗାଁ ସ୍କୁଲ ମାଷ୍ଟର । ସେ କହିଲା ମୁସଲମାନ ଚାଷୀମାନେ ସ୍ୱତନ୍ତ୍ରଭାବେ ଆନ୍ଦୋଳନ କରିବେ ନାହିଁ । ମାତ୍ର ହିନ୍ଦୁ ଚାଷୀମାନଙ୍କୁ ସମର୍ଥନ କରିବେ । ଦେବୁ ଆଶଙ୍କା କରୁଥିଲା ଯେ ହୁଏତ ଏ ଆନ୍ଦୋଳନ ଦାୟିତ୍ୱ ତା ଉପରେ ପଡ଼ିପାରେ । ଏଥିପାଇଁ ସେ ମୋଟେ ପ୍ରସ୍ତୁତ ନ ଥିଲା, ବିଶେଷତଃ ନିଜ ଘରେ ଘଟିଥିବା

ବିପଦପରେ । ସେ କୃଷୀମାନଙ୍କୁ ଖୁବ୍ ଭଲ ଭାବେ ଜାଣେ । ମେ ମାସରୁ ସେମାନେ ଖାଦ୍ୟଶସ୍ୟ ଧାର ଉଧାର କରି ଚଳୁଥିଲେ । ସେମାନେ ଯେ ଆଉ ଅଧିକ ଦିନ ଜମିଦାରଙ୍କ ସମ୍ମୁଖୀନ ହୋଇପାରିବେ, ସେ ନେଇ ସେ ସନ୍ଦେହ ପ୍ରକାଶ କରୁଥିଲା ।

ଶ୍ରୀହରି ବର୍ତ୍ତମାନ ଶ୍ରୀହରି ନୁହେଁ, ସେ ଜମିଦାର ଶ୍ରୀହରି ଘୋଷ । କୃଷୀମାନଙ୍କ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ ତାକୁ ମୂଳରୁ ଭାଙ୍ଗି ଦେବାପାଇଁ ସେ ଚାହୁଁଥିଲା । ଦେବୁ ଓ ଜଲବାଟାଙ୍କ ଜାଦର ନିର୍ଭୀକ ଏବଂ ସାହସୀ ପୁରୁଷ ଛନ୍‌କାଣ୍ଡ ବିରୁଦ୍ଧରେ ଗୋଟିଏ ଡକାୟତି ମୋକଦ୍ଦମା ସେ ଦାଏର କରିଥିଲେ । ମିଲ ମାଲିକ-ମାନଙ୍କର ପ୍ରତିନିଧି ମୁଖାର୍ଜିବାବୁ କୃଷୀମାନଙ୍କୁ ସେମାନେ କିପରି ଉପବାସରେ ରହିବେ ସେଥିପାଇଁ ଖାଦ୍ୟ ପଦାର୍ଥ ନ ଦେବାଲାଗି ବିଶେଷତଃ କାମ ମିଳୁ ନ ଥିବା ଦିନଗୁଡ଼ିକରେ ଶ୍ରୀହରିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହିନ୍ଦୁ ଓ ମୁସଲମାନ ଉଭୟ କୃଷୀମାନେ ଅସୁବିଧାର ସମ୍ମୁଖୀନ ହେଲେ । ଦୌଲତ୍‌ଶେଖ୍ ଦେବୁ ବିରୁଦ୍ଧରେ ସମକାଳୀନ ସାମ୍ପ୍ରଦାୟିକ ମନୋଭାବ ଜାଗ୍ରତ କରିବା ପାଇଁ ଉଦ୍ୟମ କରେ । କୁସୁମପୁରର ଇର୍‌ସାଦ୍ ଓ ସଗ୍ରାମୀ କୃଷୀ ରହିମ୍ ଶେଖ୍ ଗାଁରୁ କିପରି ବିଦାହୋଇ-ଯିବେ ତାହା ଥିଲା ମୁଖାର୍ଜୀବାବୁଙ୍କ ଲକ୍ଷ୍ୟ । କୁସୁମପୁରରେ ଦୌଲତ ଶେଖ୍ ଏବଂ ଶ୍ରୀହରି ନିଜ ଗାଁରେ କୃଷୀମାନଙ୍କୁ ଧାନ ଧାର ଦେଇଥିଲେ ଏବଂ ଆପଣାକୁ ସେମାନଙ୍କ ହିତାକାଂକ୍ଷୀ ବୋଲି ଦେଖାଇ ହେଉଥିଲେ । ଇରସାଦ୍ ଓ ଦେବୁ, ଦିନେ ଏହି ଦୁଇଜଣଙ୍କ ପାଇଁ ସମସ୍ତ କୃଷୀ ସେମାନଙ୍କ ଜମି ଯେ ହରାଇବେ ସେ କଥା ସ୍ପଷ୍ଟ ଅନୁମାନ କରିପାରୁଥିଲେ । ବନ୍ୟା ଆସିବାବେଳେ ସେ କୃଷୀମାନଙ୍କୁ ସାହାଯ୍ୟ କରି ସେମାନଙ୍କ ହୃଦୟ ଜୟ କରିବାକୁ ଚିନ୍ତା କରୁଥିଲେ ।

ପଞ୍ଚଗ୍ରାମର ଜନସାଧାରଣ, ଯେଉଁମାନେ କି ଗ୍ରାମର ସ୍ତମ୍ଭଭଳି ଥିଲେ ସେମାନେ ଧୀରେ ଧୀରେ ଛିନ୍ନଛିନ୍ନ ହୋଇଗଲେ । ଜଣଙ୍କ ପରେ ଜଣେ ଭାଙ୍ଗି ପଡ଼ିଲେ । ଶିବଶେଖର ଗାଁ ଛାଡ଼ି ଚାଲିଗଲେ କାରଣ ବିଶ୍ୱନାଥ ତାଙ୍କ ବିରୋଧ କଲା । ଟିଙ୍କାଣ୍ଡ ଗିରଫ ହେଲା । ତାଙ୍କର ବିଧବା କନ୍ୟା ସ୍ୱର୍ଣ୍ଣ ଉଚ୍ଚଶିକ୍ଷାପାଇଁ ସହରକୁ ଗଲା । ଅନିରୁଦ୍ଧର ସ୍ତ୍ରୀ ପଦ୍ମା ନୂଆ ଜୀବନଯାପନ କରିବାପାଇଁ ଗାଁ ଛାଡ଼ି ଚାଲିଗଲା । ଅନିରୁଦ୍ଧ କେବଳ ଗାଁକୁ ଆସି ଗାଁ ଲୋକମାନଙ୍କୁ ଶିଳ୍ପାଞ୍ଚଳମାନଙ୍କୁ ଯିବାକୁ ପ୍ରଲୋଭିତ କଲା । ୧୯୩୦ରେ ଦେବୁ କଂଗ୍ରେସ୍‌ରେ ଯୋଗଦେଇ କାରାବରଣ କଲା । ୧୯୩୩ରେ ସେ ଜେଲରୁ ଖଲାସ ହେଲା । ଅବଶେଷରେ ଏହି ପାଞ୍ଚଗୋଟି ଗାଁ ବର୍ତ୍ତମାନ ସମୟର ନଗ୍ନ ରୁକ୍ଷତା ସମ୍ପର୍କରେ ସଚେତନ ହୋଇ ଉଠିଲେ । ଚତୁଃପାର୍ଶ୍ୱରେ ଥିବା କୃଷି ଜମିଗୁଡ଼ିକୁ ଜମିଦାରମାନେ ହାତକୁ ଆଣିଛନ୍ତି । ସେମାନେ କୃଷୀମାନଙ୍କୁ

ବିଦାକରିଦେଇ ଚାଷପାଇଁ ସାନ୍ତାଳ ଶ୍ରମିକମାନଙ୍କୁ ନିଯୁକ୍ତ କରିଛନ୍ତି । ଇରସାଦ୍ ଚାଷୀ ସଂଗଠନ କରିବା ସଙ୍ଗେ ସଙ୍ଗେ ଆଇନ୍ ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହୁଅନ୍ତି । ଓକିଲ ହୋଇ ସେ ଜମିଦାରମାନଙ୍କର ବିରୁଦ୍ଧରେ ଲଢ଼ିବା ଲକ୍ଷ୍ୟ ରଖିଛନ୍ତି । ଧନୀମାନେ ଅଧିକ ଧନୀ ଓ ଗରିବମାନେ ଅଧିକ ଗରିବ ହେଉଛନ୍ତି । ଦେବୁ ଏହା ଦେଖି ନୀରବ ହୋଇ ରହିପାରିବ ନାହିଁ ବୋଲି ଭାବେ । ଯେହେତୁ ଯାହା ହେଲେ ବି ସେ ଚାଷୀ-କୁଳର ପିଲା । ଚାଷୀଟି ଗଛପରି ତାର ଚେରମୂଳ ମାଟି ଭିତରକୁ ପ୍ରବେଶକରାଇ ବଞ୍ଚି ରହିବାକୁ ଚାହେଁ । ସମୟର ଦାବୀକୁ ଆଉ ଅସ୍ୱୀକାର କରିପାରେ ନାହିଁ । ସ୍କୁଲ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣକୁ ସେ ବିବାହ କରି ପୁଣି ତାର ନୂଆ ଜୀବନ ଆରମ୍ଭ କରେ । ଜଣେ ସାଧାରଣ ଲୋକରୂପେ ଦୈନନ୍ଦିନ ଜୀବନର ଗୁଜୁରାଣ ମେଣ୍ଟାଇ ସେ ପଞ୍ଚଗ୍ରାମ ପାଇଁ ଯାହା କରିବାର କଥା କେବଳ ତାହା କରିପାରିବ ।

ଏହି ଦୁଇଟି ବହି ପ୍ରକୃତରେ ଦୁଇଭାଗରେ ବିଭକ୍ତ ଦୁଇଟି ଉପନ୍ୟାସ । ସାହିତ୍ୟିକ ସ୍ମୃତି କଥାରେ ବ୍ରାହ୍ମଣମାନଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ରହିଥିବା କଥା ସେ ଉଲ୍ଲେଖ କରିଛନ୍ତି ଏବଂ ତାଙ୍କ ବିଚାରରେ ଶିବଶେଖର ଜଣେ ଆଦର୍ଶ ବ୍ରାହ୍ମଣ । ସଂସ୍କୃତ ପଣ୍ଡିତ ଶିବଶେଖର ଓ ଇଂରାଜୀ ଶିକ୍ଷାପ୍ରାପ୍ତ ତାଙ୍କ ପୁଅ ଶିବଶେଖରଙ୍କ ସମ୍ପର୍କରେ ଲିଖିତ 'ପିତାପୁତ୍ର' କ୍ଷୁଦ୍ରଗଳ୍ପରୁ ଏହି ଦୁଇ ମହାକାବ୍ୟଧର୍ମୀ ଉପନ୍ୟାସର ସୃଷ୍ଟି । ବାସ୍ତବକ୍ଷେତ୍ରରେ ଶିବଶେଖରଙ୍କ ଭୂମିକା ଉପନ୍ୟାସରେ ଅତି ନଗଣ୍ୟ । ପ୍ରାଚୀନ ଭାରତର ପ୍ରତିନିଧିତ୍ୱ କରୁଥିବା କାର୍ଯ୍ୟକାରୀ ଶକ୍ତିହୀନ ବ୍ୟକ୍ତିରୂପେ ଉପନ୍ୟାସରେ ତାଙ୍କୁ ଦେଖିବାକୁ ମିଳିଥାଏ । ପୁତ୍ର ସହିତ ଏବଂ ପରେ ନାତି ସହିତ ତାଙ୍କର ଯେପରି ମତଦ୍ୱୈଧ ଘଟିଛି ତାହା ଆଧୁନିକ ପାଠକ ଯଥାର୍ଥ ବୋଲି ବିଚାର କରି ନ ପାରେ । ପ୍ରକୃତରେ ପୁରାତନପନ୍ଥୀ ବ୍ରାହ୍ମଣମାନଙ୍କ ପ୍ରତି ତାରାଶଙ୍କରଙ୍କର ଥିବା ସମ୍ମାନ ତାଙ୍କ ରକ୍ଷଣଶୀଳ ମନୋଭାବର ପ୍ରମାଣ ଦେଇଥାଏ । ମାତ୍ର ବର୍ତ୍ତମାନର ପାଠକ ଉପରେ ତାର କୌଣସି ପ୍ରଭାବ ପଡ଼ି ନ ଥାଏ । ତାରାଶଙ୍କରଙ୍କ ଚିନ୍ତାଧାରା ଯାହା ଥାଉନା କାହିଁକି, 'ଗଣ ଦେବତା' ଓ 'ପଞ୍ଚଗ୍ରାମ'ରେ ବ୍ରାହ୍ମଣମାନଙ୍କ ପ୍ରାଧାନ୍ୟ ଅପେକ୍ଷା ଆହୁରି ଅନେକ ଅଧିକ କିଛି ବିଷୟ କୁହା ଯାଇପାରିଛି ।

ସମୂହଭାବେ ଜନସାଧାରଣ ଓ ସମାଜକୁ ନେଇ ଏହି ଉପନ୍ୟାସ ଦୁଇଟି ରଚିତ ହୋଇଛି । ଉପନ୍ୟାସର ମୁଖ୍ୟ ଚରିତ୍ରଗୁଡ଼ିକର ଅର୍ଥନୈତିକ ଅବସ୍ଥା ସମାନ ଥିଲା । ଗରିବ ଦୁଃସ୍ଥ, ଭୂମିହୀନ, ଶୋଷିତମାନେହିଁ କେନ୍ଦ୍ରୀୟ ଚରିତ୍ର ଏବଂ ସେହି-ମାନଙ୍କୁ କେନ୍ଦ୍ରକରି ଉପନ୍ୟାସଟିର ମୁଖ୍ୟ କଥାବସ୍ତୁ ଗଢ଼ି ଉଠିଛି । ଦ୍ୱାରିକା ଚୌଧୁରୀ, ଶ୍ରୀହରିପାଲ, ଦୌଲତ୍ ଶେଖ୍, ମୁଖାର୍ଜୀବାବୁ ଏବଂ ଅନ୍ୟ କେତେକ ଚରିତ୍ର ଏହାର ବ୍ୟତିକ୍ରମ । ରକ୍ଷଣଶୀଳ ପରିବେଶରେ ବର୍ଦ୍ଧିତ ଓ ସେମାନଙ୍କର

ଚାଷୀମାନଙ୍କ ପ୍ରତି ଥିବା ସହାନୁଭୂତି ଓ ମୂଲ୍ୟବୋଧ ସହିତ ତାରାଶଙ୍କରଙ୍କର ଚାଷୀମାନଙ୍କୁ ଦେଖାଇଥିବା ସହାନୁଭୂତି ତୁଳନା କରାଯାଇପାରେ । ପରମ୍ପରାକୁ ଜାବୁଡ଼ିଧରିବା ଥିଲା ତାଙ୍କର ରକ୍ତଗତ ଗୁଣ । ଶିବଶେଖର ଚରିତ୍ର ଓ ଦେବୁ ଉପରେ ତାର ପ୍ରଭାବକୁ ସେ ଯେପରି ଗୁରୁତ୍ୱ ଦେଇ ଚିତ୍ରଣ କରିଛନ୍ତି, ତାହା ତାଙ୍କର ଏହି ମନୋବୃତ୍ତିର ପ୍ରମାଣ ଦେଇଥାଏ । ମାତ୍ର ଚାଷୀମାନଙ୍କ ଦୁଃଖ ଓ ଶୋଷଣରେ ଦେବୁ ଯେଉଁ ପ୍ରତିକ୍ରିୟା ପ୍ରକାଶ କରେ ସାଧାରଣତଃ ତାଠାରୁ ଏହି ପ୍ରତିକ୍ରିୟା ଆଶା କରାଯାଏ ଏବଂ ଶିବଶେଖରଙ୍କ ପ୍ରଭାବ ତା କାର୍ଯ୍ୟକ୍ରମ ଉପରେ ପ୍ରଭାବ ପକାଇପାରେ ନାହିଁ । ସାଧାରଣ ମଣିଷ ଏବଂ ତାର ଚିନ୍ତାଧାରା, ମନୋବୃତ୍ତି ଉପରେ ତାରାଶଙ୍କରଙ୍କର ଯେ ଗଭୀର ଜ୍ଞାନ ଥିଲା, ତାହା ତାଙ୍କର ଦେବୁ ଚରିତ୍ରରୁ ଜଣାଯାଏ । ଚାଷୀ ସମାଜରେ ଦେବୁ ପରି ଶିକ୍ଷାପ୍ରାପ୍ତ ଯୁବକ ସେମାନଙ୍କଠାରୁ ଉଚ୍ଚରେ ଏବଂ ଭିନ୍ନବୋଲି ଭାବିବା ଏକାନ୍ତ ସ୍ୱାଭାବିକ । ଶିକ୍ଷା, ଚାଷୀକୁ ନିଜର ଭିଟାମାଟିରୁ ଦୂରକୁ ନେଇଯାଏ ଏବଂ ସେ ଏକାକୀ ବୋଧ କରେ ।

ଦେବୁ ଏବଂ ଇସରାଦ୍ ଶେଷପର୍ଯ୍ୟନ୍ତ ଚାଷୀମାନଙ୍କ ଦାବୀହାସଲ ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କରିଛନ୍ତି । 'ହଂସୁଲିଙ୍କର ଉପକଥା'ର କରାଲିଠାରୁ ଅନିରୁଦ୍ଧ ଆଗେଇଯାଇଛି । ସେ ପ୍ରକୃତରେ ଜଣେ ଚାଷୀ ନୁହେଁ । ମାଟି ସହିତ ତାର ସମ୍ପର୍କ ନାହିଁ । ସେ ଜାତିରେ କମାର । ଯଥାର୍ଥରେ ସେ ବିଦ୍ରୋହ କରେ ଗ୍ରାମ ସମିତି ବିରୁଦ୍ଧରେ । ଯେଉଁ ଅନୁଷ୍ଠାନ ପୁରୁଣା ହୋଇଗଲାଣି, ବର୍ତ୍ତମାନ ଆଉ ସକ୍ରିୟ ହୋଇ ନାହିଁ ଏବଂ ନିର୍ମମ ବାସ୍ତବତାର ସମ୍ମୁଖୀନ ହେବାର ଶକ୍ତି ହରାଇ ବସିଲାଣି ସେସବୁ ଲୋକମାନଙ୍କୁ ଆଉ ଆକୃଷ୍ଟ କରିପାରିଲା ନାହିଁ । ସେହିହେତୁ ସେ ଗ୍ରାମର ଅନ୍ୟାନ୍ୟ ଗରିବ ଲୋକଙ୍କୁ ଗାଁ ଛାଡ଼ି ଯାଇ ସହରମାନଙ୍କରେ ଥିବା ଶିଳ୍ପାନୁଷ୍ଠାନ-ମାନଙ୍କରେ କାମଧନ୍ଦା କରିବାକୁ ପ୍ରବର୍ତ୍ତାଇଛି ।

ବୀରଭୂମରେ ଗରିବ ଲୋକମାନେ ଗାଁ ଛାଡ଼ି ବୀରଭୂମର ଅନ୍ୟାନ୍ୟ ସହର-ମାନଙ୍କୁ, ଯେଉଁଠାରେ ରେଳପ୍ରାଙ୍ଗଣ ଓ ଚାଉଳକଳ ଥିଲା, ସେଠାକୁ ଚାଲି ଯାଉଥିଲେ । ଜନଗଣନା ରିପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ରରୁ ସ୍ପଷ୍ଟ ଦେଖାଯାଏ ଯେ କେବେ ବିଶେଷତଃ ଚାରି ଦଶକରେ, ବୀରଭୂମରେ କୌଣସି ଗୁରୁଶିଳ୍ପ ଗଢ଼ିଉଠି ନ ଥିଲା । ତେଣୁ ଶିଳ୍ପ ଏବଂ ଶିଳ୍ପଶ୍ରମିକ ଶବ୍ଦଦୁଇଟି ତାରାଶଙ୍କର କେଉଁ ଅର୍ଥରେ ବୁଝିଛନ୍ତି ତାହା ପାଠକ ସ୍ପଷ୍ଟଭାବେ ବୁଝିପାରିନାହିଁ । ବୀରଭୂମରେ କେବଳ ଚାଉଳ କଳ ଏବଂ ରେଳ ପଥ ଦ୍ୱାରା ସଂଯୋଗ ହୋଇଥିବା ଟାଉନଗୁଡ଼ିକରେ ରେଳପ୍ରାଙ୍ଗଣ ଥିଲା । ସେହି ରିପୋର୍ଟରୁ ଜଣାଯାଏ ଯେ ବୀରଭୂମ ଜିଲ୍ଲାର ଲୋକମାନେ କର୍ମନିଯୁକ୍ତି ନିମନ୍ତେ ଅନ୍ୟ ଜିଲ୍ଲାକୁ ଯିବାପାଇଁ କୁଣ୍ଠା ାଶ କରୁଥିଲେ, ପଶ୍ଚିମ ବଙ୍ଗର

ଅନ୍ୟାନ୍ୟ ଜିଲ୍ଲାର ଲୋକମାନଙ୍କ ତୁଳନାରେ ଏହି ଜିଲ୍ଲାବାସୀମାନେ ପୁରୁଷ ପୁରୁଷ ଧରି ଶହେ ବର୍ଷ ପାଇଁ ଗୋଟିଏ ସ୍ଥାନରେ ବାସ କରି ରହିଛନ୍ତି । ପୁରୁଣା ଚଳଣିକୁ ଛାଡ଼ି ପାରିନାହାନ୍ତି । ବୀରଭୂମିରେ କୃଷି ସମସ୍ୟା ସୃଷ୍ଟି ହୋଇ ପାରିଥାଏ । କାରଣ ଆଜିସୁଦ୍ଧା ବୀରଭୂମର ଲୋକମାନେ କୃଷି ଉପରେ ନିର୍ଭର କରିଥାଆନ୍ତି । ତେଣୁ ତାରାଶଙ୍କର ଯେତେବେଳେ ଶିଳ୍ପ ଶ୍ରମିକମାନଙ୍କ କଥା କୁହନ୍ତି ସେତେ-ବେଳେ ଆମେ ବୁଝୁ ଗାଁ ଛାଡ଼ି ଚାଲି କଲ କିମ୍ବା ରେଳ ମରାମତି କାରଖାନାକୁ କାମ କରିବାକୁ ଯାଉଥିବା ଗ୍ରାମବାସୀମାନଙ୍କୁ ।

ଧୀରେ ଧୀରେ କୃଷକମାନଙ୍କ ଆର୍ଥିକ ଦୁରବସ୍ଥା କିପରି ଚରମ ଅଧୋଗତିକୁ ଖସି ଆସିଛି ତାର ଚିତ୍ର ତାରାଶଙ୍କର ଯେପରି ସହାନୁଭୂତିର ସହ ଚିତ୍ରଣ କରିଛନ୍ତି ତାହା କ୍ୱଚିତ୍ ଦେଖାଯାଇଥାଏ । ଜମିଦାରମାନେ ଯେତେବେଳେ ଏକଜୁଟ ହୋଇ-ଯାଇଛନ୍ତି ସେତେବେଳେ ହିନ୍ଦୁ ମୁସଲମାନ କୃଷୀମାନେ ସେମାନଙ୍କ ମଧ୍ୟରେ ଥିବା ଧର୍ମଗତ ଭାବ ଭୁଲି ଯାଇଛନ୍ତି । ଇରସାଦ୍ ଓ ଶ୍ରୀହରି ନିଜ ସମ୍ପ୍ରଦାୟର ଲୋକଙ୍କୁ ସମର୍ଥନ କରିଛନ୍ତି । ତାରାଶଙ୍କର ଯଥାର୍ଥଭାବେ କହିଛନ୍ତି ଯେ ଅର୍ଥନୈତିକ ବୈଷମ୍ୟ ସମାଜରେ ଶ୍ରେଣୀ ସୃଷ୍ଟି କରିଛି । ଏହା ପଛରେ ଅନ୍ୟ କୌଣସି କାରଣ ନାହିଁ ।

ଜମିଦାରମାନଙ୍କ ବିରୁଦ୍ଧରେ ଧର୍ମଘଟ କରିବା ପାଇଁ ଆହ୍ୱାନର ସିଦ୍ଧାନ୍ତକୁ ସାମ୍ପ୍ରଦାୟିକତାର ବାହାନା ଦେଇ କେତେକ ଭଣ୍ଡୁର କରିଦେଇଛନ୍ତି । ସେ ଧର୍ମ ଏବଂ ଧର୍ମ କାର୍ଯ୍ୟକ୍ରମରେ ବିଶେଷ ଗୁରୁତ୍ୱ ଆରୋପ କରୁଥିଲେ । ତେଣୁ ସେ ଯାହା ହେବା କଥା ନ ଲେଖି ବାସ୍ତବରେ ଯାହା ହୋଇଥିଲା ତାହା ଲେଖିଥିଲେ । ବର୍ତ୍ତମାନ ମଧ୍ୟ ଆମ ସମାଜରେ ଏହା ଦେଖାଯାଇଥାଏ । ଭାରତରେ ଇତିହାସର ପ୍ରକ୍ରିୟା କିପରି କାର୍ଯ୍ୟକାରୀ ହୋଇଥାଏ ତାହା ସେ ଭଲ ଭାବେ ବୁଝିଥିଲେ । ଐତିହାସିକ ପ୍ରକ୍ରିୟାର ଆରମ୍ଭ କିମ୍ବା ଶେଷ ବୋଲି କିଛି ନାହିଁ । ଦୁଇଟି ସ୍ତରରେ ଇତିହାସ ମୁଖ୍ୟତଃ କାର୍ଯ୍ୟ କରିଥାଏ । ପଶ୍ଚାତ୍ ଏବଂ ଅଗ୍ରଗତି, କେତେକ ପୁରାତନ ବସ୍ତୁର ବହିଷ୍କରଣ ଏବଂ ଅନ୍ୟ କେତେକର ସଂରକ୍ଷଣ କରିବା ସଙ୍ଗେ ସଙ୍ଗେ ପ୍ରଗତିର ନୂତନ ଦିଗନ୍ତ ଦର୍ଶାଇଥାଏ । ତେଣୁ ଶିବଶଙ୍କରଙ୍କ ଆନୁଗତ୍ୟ ସ୍ୱୀକାର କରିବା ଏବଂ କୃଷୀମାନଙ୍କ ପାଇଁ କାର୍ଯ୍ୟ କରିବାରେ ଦେବୁ ପାଇଁ କୌଣସି ଅସୁବିଧା ହୋଇ ନାହିଁ । ଭାରତରେ ତଥାକଥିତ ଶିକ୍ଷିତମାନେ ଜ୍ୟୋତିଷ ଏବଂ ଭଗବାନଙ୍କ ଅବତାର ଦୈବିକ ଶକ୍ତିଧାରୀ ବ୍ୟକ୍ତିମାନଙ୍କ ଉପରେ ବିଶ୍ୱାସ କରନ୍ତି । ନାମକୁ ମାତ୍ର ଗୋଟିଏ ମତବାଦକୁ ବାଦ୍‌ଦେଇ ଅନ୍ୟଟିକୁ ଗ୍ରହଣ କରାଯାଇଥାଏ ମାତ୍ର ଆମ ହୃଦୟର ଗଭୀରତମ ପ୍ରଦେଶରେ ଆଧୁନିକ ଯୁଗ ସହିତ ପ୍ରାଚୀନ ଓ ମଧ୍ୟଯୁଗ ମିଳାମିଶି ରହିଛି । ପ୍ରକୃତରେ ଯାହା ଘଟୁଥିଲା ତାରାଶଙ୍କର ତାହା ଠିକ୍ ଭାବେ ବୁଝିଥିଲେ । ତେଣୁ

କୌଣସି ଚରିତ୍ର ଚରମ ପରିବର୍ତ୍ତନ ମଧ୍ୟଦେଇ ଯାଇ ନାହିଁ । ପ୍ରତିଟି ଚରିତ୍ର ଧୀରେ ସୁସ୍ଥେ ଯୁକ୍ତିଯୁକ୍ତଭାବେ ବିକଶିତ ହୋଇଛି । ଶ୍ରୀହରି ଅଧିକ ଦୁର୍ଦ୍ଦାନ୍ତ ଓ କ୍ଷମତାପ୍ରିୟ ହୋଇଉଠିଛି । ଦୁର୍ଗା ଦେବୀଙ୍କୁ ପୋଲିସ ହାତରୁ ରକ୍ଷା କରିଛି । ଦେବୁ ପାଇଁ ସେ ଗଣିକାରୁ ଏକ ଆଦର୍ଶସ୍ଥାନୀୟା ମହିଳାରେ ପରିଣତ ହୋଇଛି । କାରଣ ଦେବୁ ସମସ୍ତଙ୍କ ସହ ସୌଜନ୍ୟପୂର୍ଣ୍ଣ ବ୍ୟବହାର କରିଥାଏ । ପୁରୁଷ କିମ୍ବା ମହିଳାମାନଙ୍କ ଚରିତ୍ରରେ ତାହା ବିରାଟ ପରିବର୍ତ୍ତନ ଆଣିଥାଏ । ଅନ୍ୟମାନେ ଗାଁ ଛାଡ଼ି ଚାଲି-ଯାଇଥିଲେହେଁ ଦେବୁ ଓ ଇଶରାକ ଯାଇନାହାନ୍ତି । ସେମାନେ ବୁଝିଛନ୍ତି ଯେ ଅତ୍ୟାଚାରୀମାନଙ୍କ ବିରୁଦ୍ଧରେ ସଂଗ୍ରାମର ଶେଷ ନାହିଁ । ଏଥିପାଇଁ ଚରମ ଦୁଃଖ ବରଣ କରି ସଂଗ୍ରାମ କରିବାକୁ ପଡ଼ିବ । ସ୍ୱର୍ଣ୍ଣ ଓ ଗୌର ଗାଁର ସେବା କରିବା ପାଇଁ ଆଗେଇ ଆସନ୍ତି । ଦେଶର ଇତିହାସର ଦୃଷ୍ଟିକୋଣରୁ ତାରାଶଙ୍କରଙ୍କର ସ୍ପଷ୍ଟ ହୃଦ୍‌ବୋଧ ହୋଇଥିଲା ଯେ ଗାଁଗୁଡ଼ିକ ଭାରତର ପ୍ରାଣକେନ୍ଦ୍ର । ଏହାର ବିକାଶରେ ଦେଶର ବିକାଶ । ଏଗୁଡ଼ିକ ଦୁର୍ବଳ ହୋଇ ପଡ଼ିଲେ ଦେଶ ଦୁର୍ବଳ ହୋଇପଡ଼ିବ । ଉପନ୍ୟାସ ଦୁଇଟିର ଗଠନଶୈଳୀ ଘନ ସନ୍ନିବେଶିତ ଓ ସୁସଂଗଠିତ ହୋଇଛି । ପାଠକଙ୍କୁ କ୍ଲାନ୍ତ ଏବଂ ବିଭ୍ରାନ୍ତ ଭଳିପରି ଦୀର୍ଘ ବର୍ଣ୍ଣନା ଏଥିରେ ନାହିଁ । ଅନ୍ୟ କେତେକ ଉପନ୍ୟାସର ଭାଷା ଆଡ଼ମ୍ବରପୂର୍ଣ୍ଣ, ମାତ୍ର ଏ ବିଷୟରେ ତାହା ନୁହେଁ । ଏହାର ଭାଷା ସରଳ ଓ ପ୍ରତିଟି ଶବ୍ଦ ଅତି ସାବଧାନତାର ସହ ପ୍ରୟୋଗ କରାଯାଇଛି । ଅନ୍ୟ ଦୃଷ୍ଟିରୁ ଏହି ଉପନ୍ୟାସ ଦୁଇଟି ମହାକାବ୍ୟଧର୍ମୀ, ରୋମାଞ୍ଚ ଏବଂ ସଙ୍ଗୀତମୟତା ଏଥିରେ ନାହିଁ । ନିରପେକ୍ଷଭାବରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଘଟଣାଗୁଡ଼ିକର ଯେପରି ଉତ୍ଥାପନ ତଥା ବର୍ଣ୍ଣନା କରାଯାଇଛି ତାହା ପ୍ରଶଂସନୀୟ । ଦେବୁ ଚରିତ୍ରକୁ ବାଦ୍ ଦେଲେ ଅନ୍ୟ କୌଣସି ଚରିତ୍ର ଅଧିକ ଗୁରୁତ୍ୱ ପାଇପାରିନାହିଁ । ଲେଖକ ପ୍ରତିଟି ଚରିତ୍ରପ୍ରତି ସମାନ ଦୃଷ୍ଟି ଦେଇଛନ୍ତି । ଉପନ୍ୟାସରେ ସେପରି କୌଣସି ମୁଖ୍ୟ କଥାବସ୍ତୁ ନାହିଁ । ପାଞ୍ଚଟି ଗାଁର ଗ୍ରାମବାସୀଙ୍କ ଜୀବନ ହେଉଛି ଉପନ୍ୟାସର କଥାବସ୍ତୁ । ପ୍ରତିଟି ଚରିତ୍ର ଏବଂ ସେମାନଙ୍କ ଜୀବନ ଇତିହାସ ପରସ୍ପର ମଧ୍ୟରେ ଏପରି ଛନ୍ଦାଛନ୍ଦି ଯେ କେତେକ ଚରିତ୍ରକୁ ବାଦ୍ ଦେଇ ଉପନ୍ୟାସର ପରିକଳ୍ପନା କରିବା ଅସମ୍ଭବ । ଜନଗଣର ଇତିହାସ ହେଉଛି ଏହାର ମୁଖ୍ୟ ବସ୍ତୁ । ଏହି ଉପନ୍ୟାସ ଦୁଇଟି ହେଉଛି ତାଙ୍କର ଶେଷ କୃତି । ଏହି ଦୁଇଟି ମହାକାବ୍ୟଧର୍ମୀ ଉପନ୍ୟାସରୂପେ ଦୀର୍ଘଦିନ ରହିବ । ତାଙ୍କର କୌଣସି ଶିଷ୍ୟ ଯେ ଏପରି ଉପନ୍ୟାସ ଲେଖିପାରିବେ ତାହା ଚିନ୍ତାକରି ହେବ ନାହିଁ । ଏପରି ଉପନ୍ୟାସ ରଚନା କରିବା ନିମନ୍ତେ ଜଣଙ୍କର ଜନସାଧାରଣ, ଦେଶର ମାଟି ଓ ତା'ର ଇତିହାସ ସମ୍ପର୍କରେ ବାସ୍ତବ ଜ୍ଞାନ ରହିବା ଉଚିତ । ବର୍ତ୍ତମାନର ଲେଖକମାନଙ୍କଠାରେ ଏହି ଗୁଣ ପରିଲକ୍ଷିତ ହେଉନାହିଁ । ଏହି ପରିପ୍ରେକ୍ଷୀରେ ଜଣେ ମାତ୍ର ଲେଖକ କେବଳ ସ୍ମରଣକୁ ଆସିଥାଆନ୍ତି । ସେ ହେଉଛନ୍ତି 'ଜାଗର' ଏବଂ 'ଢୋଁଡାଇ ଚରିତ ମାନସ'ର ଲେଖକ ସତୀନାଥ ଭାଦୁଡ଼ୀ । ସେ ମଧ୍ୟ ଏକ ସ୍ୱତନ୍ତ୍ର ଧରଣର ଲେଖକ । ତାଙ୍କର ଅନ୍ୟାନ୍ୟ ଅନୁଗାମୀ ଥିଲେହେଁ ତାରାଶଙ୍କରଙ୍କ କୃତିତ୍ୱ କୌଣସି ଗୁଣରେ ନ୍ୟୁନ ନୁହେଁ । □

# ଅଷ୍ଟମ ପରିଚ୍ଛେଦ

୧୯୨୯ ମସିହାରେ କଲ୍ଲୋଲରେ 'ରାଇକମଳ' ପ୍ରଥମେ ଏକ କ୍ଷୁଦ୍ରଗଳ୍ପ ରୂପେ ଆତ୍ମପ୍ରକାଶ କରିଥିଲା । ପରେ ତାରାଶଙ୍କର ଏହାକୁ ଉପନ୍ୟାସ ରୂପ ଦେଇଥିଲେ । ତାଙ୍କ ସାହିତ୍ୟିକ ସ୍ମୃତିକଥାରୁ ଜଣାଯାଏ ଯେ ତାରାଶଙ୍କରଙ୍କର ବୈଷ୍ଣବ ସମ୍ପ୍ରଦାୟ ସହିତ ଘନିଷ୍ଠ ସମ୍ପର୍କ ଥିଲା । ବୈଷ୍ଣବମାନଙ୍କର ପ୍ରେମ ବ୍ୟକ୍ତିକୈନ୍ଦ୍ରିକ ଏବଂ ପାର୍ଥିବ ନ ଥିଲା । କୃଷ୍ଣପ୍ରେମହିଁ ତାଙ୍କ ପାଇଁ ପ୍ରକୃତ ପ୍ରେମ ଥିଲା । ଏହି ଉପନ୍ୟାସର ଆରମ୍ଭରେ 'ଗୀତଗୋବିନ୍ଦ'ର ରଚୟିତା ଜୟଦେବଙ୍କ ସମ୍ପର୍କରେ ସେ ଉଲ୍ଲେଖ କରିଛନ୍ତି । ସେ ଦ୍ୱାଦଶ ଶତାବ୍ଦୀରେ ବୀରଭୂମରେ ବାସ କରୁଥିଲେ ବୋଲି ଉଲ୍ଲେଖ କରିଛନ୍ତି । ଏହି ଜିଲ୍ଲାରେ ଜୟଦେବଙ୍କ ପୂର୍ବରୁ ଏବଂ ଭଗବାନ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ ସମୟରୁ ବୈଷ୍ଣବ ସମ୍ପ୍ରଦାୟ ପ୍ରାଧାନ୍ୟ ବିସ୍ତାର କରିଥିଲା । ବର୍ତ୍ତମାନ ସୁଦ୍ଧା ବୈଷ୍ଣବ ଜୀବନଯାପନ କରିବାର କେତେକ ପ୍ରଣାଳୀ ସାଧାରଣ ଲୋକଙ୍କୁ ଆକୃଷ୍ଟ କରି ରଖିଛି । ବୈଷ୍ଣବ ଧର୍ମରେ ଜାତିଭେଦ ଦେଖାଯାଇ ନ ଥାଏ । ସମସ୍ତେ ସମାନ । ପତିତ, ଶୋଷିତ ଓ ଅତ୍ୟାଚାରିତଙ୍କୁ ଏହି ଧର୍ମ ଆଶ୍ରୟ ଦେଇଥିବାରୁ ସ୍ୱାମୀ ବିବେକାନନ୍ଦ ଏହାର ପ୍ରଶଂସା କରିଥିଲେ ।

ବହୁ ସଂଖ୍ୟାରେ ବସବାସ କରୁଥିବା ବୈଷ୍ଣବମାନଙ୍କର ଏକ ଗ୍ରାମରେ କମଳିନୀ ତାର ବିଧବା ମା କାମିନୀଙ୍କ ସହିତ ବାସ କରୁଥିଲା । କାମିନୀର ନିଜର ଆଶ୍ରମ ଥିଲା । ସେହି ଆଶ୍ରମକୁ ଜନୈକ ବୟସ୍କ ବୈଷ୍ଣବ ରସିକଦାସ ଆସୁଥିଲେ । ସେ କମଳିନୀ ଓ ରାଇକମଳଙ୍କୁ ଦୀକ୍ଷା ଦେଇଥିଲେ । ଜଣେ ଧନୀ ଚାଷୀ ମହେଶ୍ୱରର ପୁଅ ରଞ୍ଜନକୁ ରାଇକମଳ ପ୍ରେମ କରେ । ରାଇକମଳକୁ ବିବାହ କରିବାଲାଗି ରଞ୍ଜନ ବୈଷ୍ଣବ ହେବାଲାଗି ଯେତେବେଳେ ଧମକ ଦିଏ ସେତେବେଳେ ମହେଶ୍ୱର ତାର ଏକମାତ୍ର ପୁଅ ରଞ୍ଜନକୁ ରକ୍ଷା କରିବାକୁ ରାଇକମଳକୁ ଅନୁରୋଧ କରେ । କାମିନୀ, ରାଇକମଳ ଓ ରସିକଦାସ ଗାଁ ଛାଡ଼ି ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମସ୍ଥାନ ନବଦ୍ୱୀପକୁ ଚାଲିଯାଆନ୍ତି । କାମିନୀ ସେଠାରେ ତାଙ୍କର ଆଶ୍ରମ ସ୍ଥାପନ କରନ୍ତି । କିଛିଦିନପରେ ତାଙ୍କର ମୃତ୍ୟୁ ହୁଏ । ରାଇକମଳ ରସିକଦାସକୁ ବିବାହ କରେ । କାରଣ ଜଣେ ବୃଦ୍ଧ ଲୋକକୁ ବିବାହ କରିବା ଫଳରେ ଜୀବନସମ୍ଭୋଗ ଏଡ଼ିଦେଇ ହେବ । ମାତ୍ର ରସିକଦାସଙ୍କ ସୁପ୍ତ ପ୍ରବୃତ୍ତିସମୂହ ଜାଗ୍ରତ ହୋଇ ଉଠିଥିଲା । ଏହା ଜଣେ ଆଦର୍ଶ ବୈଷ୍ଣବର ପତନର କାରଣ । ସେମାନେ ନବଦ୍ୱୀପ ଛାଡ଼ି ଏଣେତେଣେ ବୁଲିବୁଲି କରି ଶେଷରେ ଆସି ନିଜ ଗାଁରେ ପହଞ୍ଚିଛନ୍ତି ଏବଂ ଗାଁରେ ପୁଣି ନୂଆକରି ଆଶ୍ରମ ସ୍ଥାପନ କରିଛନ୍ତି । ରାଇକମଳ ଦେଖିଲା ଯେ ସେ ରଞ୍ଜନ ପ୍ରତି ଯେଉଁ ପରିମାଣରେ ବିଶ୍ରୁତ

ସେ ତା ପ୍ରତି ସେହି ପରିମାଣରେ ବିଶ୍ୱସ୍ତ ନୁହେଁ । ସେ ମଧ୍ୟ ବୈଷ୍ଣବ ହୋଇଯାଇଛି ଏବଂ ପାରିକୁ ବିବାହ କରିଛି । ଜୟଦେବଙ୍କ ମନ୍ଦିରରେ ରାଇକମଲ ତାଙ୍କୁ ଭେଟିଛି ଓ ସେମାନଙ୍କର ମିଳନ ହୋଇଛି । ଅଲ୍ପକିଛିଦିନ ହସଖୁସିରେ ରହିବା ପରେ ରଞ୍ଜନ ପୁଣି ଗୋଟିଏ ଯୁବତୀ ଆଣିଛି । କାରଣ ସେ ପ୍ରେମ ସଂପ୍ରଦାୟର ସେବକ ଥିଲା ଏବଂ ସର୍ବଦା ଯୁବତୀମାନଙ୍କ ସାହଚର୍ଯ୍ୟ କାମନା କରୁଥିଲା । ରାଇକମଲର ହୃଦ୍‌ବୋଧ ହୋଇଥିଲା ଯେ ଜଣେ ଏହି ଦୈହିକ ପ୍ରେମରେ ଆସକ୍ତ ହେବା ଭୁଲ । ତାପରେ ସେ ପ୍ରକୃତ ସନ୍ନ୍ୟାସୀ ସାଜି ଭଜନ ଗାଇ ଗାଇ କେଉଁ ଏକ ଅଜ୍ଞାତ ସ୍ଥାନକୁ ଚାଲିଯାଇଛି ।

ଏହି ଉପନ୍ୟାସରେ ବୈଷ୍ଣବ ସମ୍ପ୍ରଦାୟର ଧର୍ମଧାରଣା କିମ୍ବା ଆଧ୍ୟାତ୍ମିକ ଚିନ୍ତାଧାରାର ଗଭୀର ବିଶ୍ଳେଷଣ କରାଯାଇ ନାହିଁ । ଅନାସକ୍ତ ରହିବା ଏବଂ ଧନ-ସମ୍ପତ୍ତିର ଅଧିକାରୀ ନ ହେବା ବୈଷ୍ଣବ ପ୍ରେମଦର୍ଶନର ଉଲ୍ଲେଖନୀୟ ଲକ୍ଷଣ । 'ରାଇକମଲ୍'ର କଥାବସ୍ତୁ ଯଥାର୍ଥରେ ଏକ ପ୍ରେମ ଓ ରୋମାଞ୍ଚର କାହାଣୀ । ପ୍ରତିଟି ଚରିତ୍ର ଏଇ ମାଟିର, ପ୍ରକୃତିର ଦାସ ଏବଂ ସେଗୁଡ଼ିକ ଯଥାର୍ଥ ଭାବେ ପ୍ରତିପାଦିତ ହୋଇଛି । ଉପନ୍ୟାସରେ ଭକ୍ତିର ପ୍ରଚାର ଯେତେ ନାହିଁ, ସେତେ ଅଛି ମାନବିକ ପ୍ରେମ । ରାଇକମଲ ତାର ଏକ ମାତ୍ର ପ୍ରେମିକ ରଞ୍ଜନକୁ ଛାଡ଼ି ଚାଲି ଯାଇଛି ଏବଂ ଏହି ଘଟଣାରେ ଉପନ୍ୟାସର ପରିସମାପ୍ତି ଘଟିଛି ।

ସେ ରଞ୍ଜନକୁ ଛାଡ଼ି ଚାଲିଯାଇଛି, କାରଣ ରଞ୍ଜନର ପତନ ଦେଖିବା ତା ପକ୍ଷେ ସମ୍ଭବ ନୁହେଁ । ଉପନ୍ୟାସର ଭାଷା ଛନ୍ଦମୟ । ରସିକ ଦାସର ଚରିତ୍ର ଚମତ୍କାର ଭାବେ ବର୍ଣ୍ଣିନା କରାଯାଇଛି । କିନ୍ତୁ ରଞ୍ଜନର ଚରିତ୍ର ସଂକ୍ଷିପ୍ତ । ରାଇକମଲର ଚରିତ୍ରକୁ ଲେଖକ ସମସ୍ତ ଶ୍ରଦ୍ଧାର ସହିତ ଚିତ୍ରଣ କରିଛନ୍ତି । ରଞ୍ଜନଙ୍କ ପ୍ରତି ରାଇକମଲର ପ୍ରେମର କାହାଣୀ ହୃଦୟସ୍ପର୍ଶୀ ଓ ଚିତ୍ତାକର୍ଷକ । ଏହା ଗୋଟିଏ କ୍ଷୁଦ୍ର ଉପନ୍ୟାସ ଓ ଏହାର ଗଠନଶୈଳୀ ସୁନ୍ଦର ।

ହସଖୁସିରେ ରହୁଥିବା ଲୋକମାନେ ତାରାଶଙ୍କରଙ୍କର ଦୃଷ୍ଟି ଅଧିକ ଆକର୍ଷଣ କରିଛନ୍ତି । ସେମାନଙ୍କୁ ସେ ନିକଟରୁ ଦେଖିଛନ୍ତି । ସେମାନଙ୍କର ନିର୍ମଳ ଜୀବନ ଓ ମାନବିକ ପ୍ରେମ ଉପରେ ସେମାନେ ଆରୋପ କରୁଥିବା ଗୁରୁତ୍ୱ ସମ୍ପର୍କରେ ସେ ସଚେତନ ଥିଲେ । ଏସବୁ ତାଙ୍କୁ ତାଙ୍କ କାହାଣୀ ପାଇଁ ଖୋରାକ ଯୋଗାଉଥିଲା । ସେ ଯେତେବେଳେ ଏ ମାଟିର ମଣିଷ ଓ ସେମାନଙ୍କର ପ୍ରବୃତ୍ତିର ବନ୍ଧନ କଥା ବର୍ଣ୍ଣନା କରିଛନ୍ତି ତାହା ଚମତ୍କାରଭାବେ କରିଛନ୍ତି ।

ଏକ ଗ୍ରାମ୍ୟ କବିର ଜୀବନ ତାଙ୍କୁ 'କବି' ଉପନ୍ୟାସ ରଚନା କରିବାଲାଗି ପ୍ରେରଣା ଯୋଗାଇଛି । ଏହା ଫଳରେ ବଙ୍ଗଳା ସାହିତ୍ୟରେ ଏକ ଶ୍ରେଷ୍ଠ ରୋମାଞ୍ଚ-

ଧର୍ମୀ ଉପନ୍ୟାସ 'କବି'ର ରଚନା ସମ୍ଭବ ହୋଇପାରିଛି । ପଶ୍ଚିମବଙ୍ଗଳାର କବିଆଲମାନେ ଧର୍ମଶାସ୍ତ୍ର, ଲୋକ ସଙ୍ଗୀତ, କିମ୍ବଦନ୍ତୀ ଏବଂ ଲୋକସାହିତ୍ୟ ସହିତ ପୁରୁଷ ପୁରୁଷ ଧରି ସମ୍ପର୍କ ରଖି ଆସିଛନ୍ତି । ଫଳରେ ଅଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଉଚ୍ଚକୋଟୀର କଳାନୈପୁଣ୍ୟ ପ୍ରଦର୍ଶନ କରିଛନ୍ତି । ଭାରତର ନିରକ୍ଷର ଜନସାଧାରଣ ବାସ୍ତବିକ ଅଶିକ୍ଷିତ କିମ୍ବା ଅମାର୍ଜିତ ନୁହନ୍ତି । କଳା ଓ ସଂସ୍କୃତି ସମ୍ପର୍କରେ ସେମାନଙ୍କର ସଚେତନତା ଅତି ଉଚ୍ଚକୋଟୀର । ଏହି କବିଆଲ ବା ଆଶୁକବିମାନେ ସଙ୍ଗେସଙ୍ଗେ ଗୀତ ରଚନା କରି ସେଥିରେ ସ୍ୱର ଦେଇ ଗାଇ ଥାଆନ୍ତି । ଏହି କବିମାନଙ୍କ ମଧ୍ୟରେ ଥିବା ବିବାଦ ବା କବିର ଲଢ଼ାଇ ଅନୁରୂପଧର୍ମୀ ଜିନିଷ ଭାରତର ଅନ୍ୟାନ୍ୟ ପ୍ରାନ୍ତରେ ମଧ୍ୟ ଥିବ । ଦୁଇ ଦଳ କବିଆଲ ମଧ୍ୟରେ ଏ ବିବାଦ ଚାଲେ । ଗୀତରେ ଗୋଟିଏ ଦଳ ଅନ୍ୟ ଦଳକୁ ପ୍ରଶ୍ନ କରେ ଏବଂ ଅନ୍ୟ ପକ୍ଷ ସଙ୍ଗେ ସଙ୍ଗେ ଗୀତ ତିଆରି କରି ଗୀତ ମାଧ୍ୟମରେ ତାର ଉତ୍ତର ଦେଇଥାନ୍ତି । କବି ଉପନ୍ୟାସଟି ୧୯୪୪ ମସିହାରେ ପ୍ରକାଶିତ ହୋଇଥିଲା । ଏହି ଉପନ୍ୟାସ ଲେଖିଲା-ବେଳକୁ ତାରାଶଙ୍କର କଲିକତାରେ ଏଗାର ବର୍ଷ ରହିସାରିଥିଲେ । ସେ ଏହି ଉପନ୍ୟାସଟି ରଚନା କଲାବେଳେ ପ୍ରତ୍ୟେକ ଟାଉନ କିମ୍ବା ବଡ଼ ବଡ଼ ସହର-ମାନଙ୍କରେ ବର୍ତ୍ତମାନ ଯେପରି ସିନେମା ଗୃହଗୁଡ଼ିକ ପ୍ରତିଷ୍ଠିତ ହୋଇଛି ସେପରି ହୋଇ ନ ଥିଲା । ଏହିପରି ଏକ ସମୟରେ କବିଆଲ ଓ ଅନ୍ୟମାନେ ଜନସାଧାରଣଙ୍କ ସାଂସ୍କୃତିକ ଓ ଆନନ୍ଦ ଉପଭୋଗର ଖୋରାକ ଯୋଗାଉଥିଲେ । ଲୋକଗୀତରେ ବୀରଭୂମର ବଳିଷ୍ଠ ପରମ୍ପରା ରହିଛି । ବର୍ତ୍ତମାନ ମଧ୍ୟ ବୀରଭୂମ ଜିଲ୍ଲାରେ କବିଆଲ-ମାନଙ୍କର ଚାହିଦା ବହୁ ପରିମାଣରେ ଅଛି ।

ନିମ୍ନ ଶ୍ରେଣୀ ଡମଜାତିର ନିତାଇ ଯେତେବେଳେ କବିରୂପେ ପରିଚିତ ହେଲା, ସେତେବେଳେ ଗ୍ରାମ ଲୋକଙ୍କ ମଧ୍ୟରେ ବିଶେଷ ବିସ୍ମୟ ସୃଷ୍ଟି ହୋଇଥିଲା । ନିମ୍ନ ଶ୍ରେଣୀର ଲୋକରୂପେ ପରିଚିତ ଏହି ଡମମାନେ ବଳିଷ୍ଠ ଯୋଦ୍ଧା ଥିଲେ । ସ୍ଥାନୀୟ ମୁଖ୍ୟବ୍ୟକ୍ତିମାନଙ୍କର ନେତୃତ୍ୱରେ ସେମାନେ ଯୁଦ୍ଧ କରୁଥିଲେ ଏବଂ ସାମନ୍ତ-ବାଦର ବିଲୋପ ହେବା ସଙ୍ଗେ ସଙ୍ଗେ ଏମାନଙ୍କର ଜୀବନଯାପନ ପ୍ରଣାଳୀ ବଦଳି ଗଲା । ଏମାନେ ଯୁଦ୍ଧ ବିଦ୍ୟା ଛାଡ଼ି ଅପରାଧମୂଳକ କାର୍ଯ୍ୟରେ ଲିପ୍ତ ରହିଲେ । କେତେକ ଜାତିର ଲୋକଙ୍କୁ ସରକାର ବିଧିବଦ୍ଧ ଅପରାଧୀ ବୋଲି ଘୋଷଣା କଲେ । ଡମମାନଙ୍କୁ ସରକାର ଅପରାଧୀ ବୋଲି ଘୋଷଣା କରି ନ ଥିଲେ ହେଁ ଜନସାଧାରଣ ସେମାନଙ୍କୁ ଅପରାଧୀ ବୋଲି ଭାବୁଥିଲେ । ତେଣୁ ସେମାନଙ୍କ ଭିତରେ ଜଣେ କବିଅଲା ବାହାରିଛି ଜାଣି ସମସ୍ତେ ବିସ୍ମିତ ହେଲେ । ତା ମା'ଆଡ଼ୁ ହିସାବ କଲେ ଜଣାଯାଏ ଯେ ତାର ଅଜା ଜଣେ ହତ୍ୟାକାରୀ, ତାର କକା ଜଣେ ଡକାୟତ । ବାପାଆଡ଼ୁ ହିସାବ କଲେ ସେ ମଧ୍ୟ ଡକାୟତର ନାତି । ସେ ଦେଖିବାକୁ ଡେଙ୍ଗା, ଶକ୍ତ ଏବଂ

ତା' ଦେହର ରଙ୍ଗ ରାତିର ଅନ୍ଧକାର ପରି ଭେଲଭେଟ୍ ଚକ୍‌ଚକ୍ କଳା । ଆଖି ଦୁଇଟି ଦୀର୍ଘ ଏବଂ କୋମଳ । ଅଞ୍ଚହାସ ଗାଁ ଲୋକମାନଙ୍କ ଦ୍ୱାରା ଆୟୋଜିତ କବିଆଲରେ ଭାଗ ନେବାପାଇଁ ସୁପରିଚିତ କବିଆଲ ସନାତନ ଦାସମନା କରି-ଦେବାରୁ କବିରୂପେ ଆପଣାର ଯୋଗ୍ୟତାର ପ୍ରମାଣ ଦେବାର ସୁଯୋଗ ସେ ପାଇ-ଥିଲା । ଅପର ପକ୍ଷର ମୁଖିଆ କବି ମହାଦେବ, ସେ ଦିନଟା କୌଣସିମତେ ଚଳାଇ-ନେବାକୁ ନିତାଇକୁ କହିଥିଲା । ନିତାଇ ଗୀତ ବୋଲି ଲୋକମାନଙ୍କୁ ଅନେକଟା ପ୍ରଭାବିତ କରିଥିଲା । ଏପର୍ଯ୍ୟନ୍ତ ରେଲବାଇର ଜଣେ କର୍ମଚାରୀ ରାଜାରାମ, ତାର ସ୍ତ୍ରୀ ଏବଂ ତାର ଠାକୁରଝି ରୂପେ ଜଣାଶୁଣା ତାର ଶାଳୀ, ତାର ପ୍ରଶଂସା କରୁଥିଲେ । ଠାକୁରଝି ନୀରବରେ ନିତାଇକୁ ଯେ ପ୍ରେମ କରୁଥିଲା ସେ ନେଇ ନିତାଇ ସଚେତନ ଥିଲା । ମାତ୍ର ପ୍ରତିବଦଳରେ ଯେଉଁ ପରିମାଣରେ ପ୍ରେମ କରିବା କଥା ସେ ତାହା କରୁ ନ ଥିଲା, କାରଣ ସେ ଥିଲା ଜଣେ ବିବାହିତା ମହିଳା । ତା ବ୍ୟକ୍ତିତ ନିତାଇ ଜଣେ ବିଶିଷ୍ଟ କବି ହେବାପାଇଁ ମନେ ମନେ ଆଶା ପୋଷଣ କରିଥିଲା । ନିତାଇ ଗାଁ ଛାଡ଼ି ଯେତେବେଳେ ବାହାର ଦୁନିଆକୁ ଗଲା, ସେତେବେଳେ ଠାକୁରଝି ଅଚେତ ହୋଇ ପଡ଼ିଲା ଏବଂ ଅଶିକ୍ଷିତ ଗାଁ ଲୋକେ ଭାବିଲେ ଯେ ତାକୁ ଡାହାଣୀ ଲାଗିଛି । ନିତାଇ ଯେତେବେଳେ ଜଣେ ବିଶିଷ୍ଟ କବିଆଲ ରୂପେ ନାଁ କମେଇଲା, ଝୁମୁର ପାର୍ଟିର ବିଶିଷ୍ଟ ଗାୟିକା ଏବଂ ନର୍ତ୍ତକୀ ବସନ୍ତ ତାକୁ ପ୍ରେମ କଲା ! ଝୁମୁର ଦଳର ଲୋକ ଗାଁ ଗାଁ ବୁଲି ନାଚଗୀତ କରିଥାନ୍ତି । ନାଚଗୀତ ପରେ ଝୁମୁର ମହିଳା-ମାନେ ଦର୍ଶକମାନଙ୍କ ମନୋରଞ୍ଜନ କରିଥାଆନ୍ତି । ବସନ୍ତର ସୌନ୍ଦର୍ଯ୍ୟରେ ନିତାଇ ମୁଗ୍ଧ ହୋଇଯାଇଥିଲା । ସତେ ଯେପରି ବସନ୍ତ ଆଉ ଅଳ୍ପଦିନ ବଞ୍ଚିବାକୁ ଅଛି, ଏହିପରି ମନୋଭାବ ନେଇ ସବୁ କିଛି କରିଥାଏ । ସେ ନିତାଇକୁ ପାଇବାଲାଗି ଅତି ଗଭୀର ଭାବେ ତାକୁ ଭଲ ପାଉଥିଲା । ସେ ମଦ ପିଏ, ରାତିରେ ନାଚ କରେ ଏବଂ ଅନେକ ସମୟରେ ନାଚି ନାଚି ଅବଶ ହୋଇଯାଏ । ତାର ଆଖି ଦୁଇଟି ବିଚିତ୍ର ଥିଲା । ତା ଆଖିକୁ ଯେତେବେଳେ ମଦ ନିଶା ଧରେ, ଲାଲ୍ ଏବଂ ରକ୍ତବୋଳା ଦାଢ଼ୁଅକୁଷି ପରି ତା ଆଖି ଦେଖାଯାଏ । ନିତାଇ ଚାହେଁ ସେ ଶାନ୍ତିରେ ବଞ୍ଚୁ, ମାତ୍ର ବସନ୍ତ ଜାଣେ ଯେ ସେ କ୍ଷୟକାଶ ରୋଗରେ ଆକ୍ରାନ୍ତ ଏବଂ ସେ ନିଶ୍ଚୟ ମରିବ । ତାରାଶଙ୍କର ଜୀବନ ପ୍ରତି ବିଶ୍ୱସ୍ତ ଥିଲେ । ସେ ବସନ୍ତର ହୃଦୟ ପରିବର୍ତ୍ତନ କରାଇ ନ ଥିଲେ । ଯେପରି ଭାବେ ସେ ମୃତ୍ୟୁକୁ ଗ୍ରହଣ କରିଛି ତାହା ତାକୁ ଭାବପ୍ରବଣତାର ଅତି ଉଚ୍ଚସ୍ତରକୁ ନେଇପାରିଛି ।

ବସନ୍ତର ମୃତ୍ୟୁ ପୂର୍ବରୁ ଦେଖାଦେଇଥିବା ଅସ୍ଥିରତା ଅସ୍ୱାଭାବିକଭାବେ ଶାନ୍ତ ଏବଂ ନିଶ୍ଚଳ ହୋଇପଡ଼ିଛି । ତାର ଲମ୍ବା ଆଖି ଦୁଇଟି ଆହୁରି ଅଧିକ ଲମ୍ବା ହୋଇ-ଯାଇଛି । ସେ ପ୍ରଶ୍ନ କରିଛି "ମୁଁ କ'ଣ ମରୁଛି ?"

ମୁହଁରେ ସାମାନ୍ୟ ହସ ଫୁଟାଇ, ତାର କପାଳ ଉପରେ ହାତ ବୁଲାଇ ଆସ୍ତେ ଆସ୍ତେ ନିତାଇ କହିଲା "ଭଗବାନଙ୍କୁ ସ୍ମରଣ କର । ତାଙ୍କୁ ଡାକିଲେ ସେ ତୋର କଷ୍ଟ ଲାଘବ କରିବେ ।" ଓଠରୁ ତାର ଖସିଲା ପରେ ସେ ହଠାତ୍ ଉଠିପଡ଼ି ନିତାଇକୁ କହିଲା, "ନା ପ୍ରୟୋଜନ ନାହିଁ । ତାଙ୍କୁ ଡାକିବା ପ୍ରୟୋଜନ ନାହିଁ । ଭଗବାନ ମୋତେ କେବେ କିଛି ଦେଇ ନାହାନ୍ତି, ନା ସ୍ୱାମୀ, ପୁତ୍ର, ନା ଘର । ତାଙ୍କୁ ଡାକିବା ଦରକାର ନାହିଁ ।" ତୋଷାମି ପରେ ନିତାଇ ନୀରବ ରହିଲା । ବସନ୍ତ ଆଉଥରେ ବୁଲିପଡ଼ି କହିଲା "ହେ ଗୋବିନ୍ଦ, ମୋତେ ଦୟାକର । ଆର ଜନ୍ମରେ ମୋ ପ୍ରତି ସଦୟ ହୁଅ ।" ମୌସୁମୀର ବର୍ଷା ପଦ୍ମପାଖୁଡ଼ାରେ ଛଳ ଛଳ ହେବା ପରି ତାର ଲମ୍ବା ଆଖି ଦୁଇଟି ସଜଳ ହୋଇଉଠିଲା । ନିତାଇ ତାର ପିନ୍ଧା ଲୁଗା-କାନିରେ ଅତି ଧୀରେ ଧୀରେ ସେ ଲୁହକୁ ପୋଛି ଆଣିଲା । ସେ ଡାକିଲା 'ବସନ୍ତ !' "ନା ମୋତେ ଆଉ କେହି ଡାକ ନାହିଁ ।" ପର ମୁହୂର୍ତ୍ତରେ ନିତାଇ କୋଳରେ ତାର ମୃତ୍ୟୁ ହୋଇଗଲା । ତାର ମୃତ୍ୟୁ ପରେ ନିତାଇ ନାମ ଓ ଯଶ କମାଇବାରେ ଅଗ୍ରହ ହରାଇବସିଲା । ଠାକୁରଝୀ ଗୃହୁଁ ଥିଲା ସେ ଗୋଟାଏ ମେଡାଲ ପାଉ । ସେ ସେହି ସମ୍ମାନଜନକ ମେଡ଼ାଲ ଲାଭକଲା ଏବଂ ତାପରେ ଠାକୁରଝୀ ପାଖକୁ ଫେରି-ଗଲା । ଏ ମଧ୍ୟରେ ନିତାଇକୁ ଖୋଜି ଖୋଜି ତାର ମୃତ୍ୟୁ ହୋଇଯାଇଛି । ନିତାଇର ପ୍ରେମ ଅସମ୍ପୂର୍ଣ୍ଣ ରହିଯାଇଛି । ଯେଉଁ ଗୀତ ପାଇଁ ସେ ସୁପରିଚିତ, ସେହି ଗୀତ ସତ୍ୟରେ ପରିଣତ ହୋଇଛି ।

'ମୁଁ ହୃଦୟଭରି ପ୍ରେମ କରିପାରିଲି ନାହିଁ ।
ମୋର ସ୍ୱଳ୍ପ ଜୀବନ ମୋତେ ସେ ସୁଯୋଗ ଦେଲା ନାହିଁ ।
ଜୀବନକାଳ ଏତେ ସୀମିତ କାହିଁକି ?'

ନିତାଇର ଚରିତ୍ର ଏହି ଦୁଇ ମହିଳାଙ୍କ ସମ୍ପର୍କରେ ଆସି ବିକଶିତ ହୋଇଛି । ନୀଚ ଜାତିରେ ଜନ୍ମ ହେତୁ ସେ ବିଜୟୀ ହୋଇଛି । ସେ ଗୀତ ରଚନା କରି ଯଶସ୍ୱୀ ହୋଇଥିଲେ ହେଁ, ତାର ଜନ୍ମ ଯେ ନୀଚ କୁଳରେ ଏ କଥା ଭୁଲିଯିବା ପାଇଁ ତାକୁ ସୁଯୋଗ ଦିଆଯାଇ ନ ଥିଲା । ସେ ରଚନା କରିଥିବା ଗୀତଗୁଡ଼ିକ ମାଧ୍ୟମରେ ତାର ଭାବାବେଗର ପରିପ୍ରକାଶ ଘଟିଛି । ବସନ୍ତ ଓ ଠାକୁରଝୀ ଚରିତ୍ରଦୁଇଟି ସମସ୍ତ ସହାନୁଭୂତି ଓ ଯତ୍ନର ସହିତ ଚିତ୍ରଣ କରାଯାଇଛି । ମାତ୍ର ଲେଖକଙ୍କୁ ଠାକୁରଝୀ ତୁଳନାରେ ବସନ୍ତ ଅଧିକ ଯତ୍ନ ଓ ଦୃଷ୍ଟି ଅର୍ପଣ କରିଛି । ଏହି ଦୁଇ ପ୍ରେମିକାଙ୍କୁ ପୃଷ୍ଠଭୂମିରେ ରଖି ନିତାଇର ଚରିତ୍ର ଅତି ସଫଳତାର ସହିତ ବର୍ଣ୍ଣନା କରାଯାଇଛି । 'କବି' ମୁଖ୍ୟତଃ ବଙ୍ଗଳାର ଏକ କାହାଣୀ । ନିତାଇ ପରି ଚରିତ୍ର ହୁଏତ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳିପାରେ, ମାତ୍ର ସେ ଯେଉଁ ପୃଷ୍ଠଭୂମିରେ

ବଢ଼ିଛୁ, ସ୍ୱର ସଂଯୋଜନା କରିଛୁ, ସେସବୁ ଲେଖକଙ୍କର ଜନ୍ମସ୍ଥାନ, ବଙ୍ଗଳାର ପଶ୍ଚିମ ଅଞ୍ଚଳ ବ୍ୟତୀତ ଅନ୍ୟ କେଉଁଠାରେ ଦେଖାଯାଏ ନା । ବଙ୍ଗଳାସାହିତ୍ୟରେ 'କବି' ଏକ ଶ୍ରେଷ୍ଠ ରୋମାଞ୍ଚକର ଉପନ୍ୟାସ ରୂପେ ପରିଗଣିତ । ନିତାଇ ଚରିତ୍ର ରୋମାଞ୍ଚକର । ତାର ନିଜର ଦୁଃଖପୂର୍ଣ୍ଣ ଅବସ୍ଥାନ ସାଙ୍ଗକୁ ତାର ଦୁଇ ପ୍ରେମିକାଙ୍କ ଜୀବନର ଦୁଃଖପୂର୍ଣ୍ଣ ଅବସାନର କାହାଣୀକୁ ଲେଖକ ଯୋଡ଼ି ଦେଇଛନ୍ତି । ଯଥାର୍ଥରେ ତଥାକଥିତ ନିମ୍ନ ଶ୍ରେଣୀର ଗୋଟିଏ ଲୋକର ଏ ହେଲା ଦୁଃଖର କାହାଣୀ । ଜାତି-ସଚେତନ ସମାଜରେ ଆପଣାର ସମ୍ମାନ ବୃଦ୍ଧି କରିବାପାଇଁ ଏ ଏକ ସଂଗ୍ରାମୀର କାହାଣୀ । ନିତାଇର ସମସ୍ତ ସୁଗୁଣ, ବୌଦ୍ଧିକତା ସତ୍ତ୍ୱେ ତାର ଗ୍ରେଷ୍ଟ ଜାତରେ ଜନ୍ମ ହେତୁ ସେ ଜୀବନସାରା ସତେ ଯେପରି ଘୋଡ଼େଇ ହୋଇ ରହିଯାଇଛି । ତାରାଶଙ୍କରଙ୍କ ଶ୍ରେଷ୍ଠ ରଚନାଗୁଡ଼ିକରେ ନାୟକ ଓ ନାୟିକାମାନେ ପ୍ରାୟ ସମାନ । ସେମାନେ ସମସ୍ତେ ପ୍ରାୟ ଅବହେଳିତ ଓ ଦରିଦ୍ର ଶ୍ରେଣୀର । ଏପରିକି ବର୍ତ୍ତମାନ ମଧ୍ୟ ସେମାନେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି । ସମସ୍ତ ଆଞ୍ଚଳିକତା ସତ୍ତ୍ୱେ ତାରାଶଙ୍କର ତାଙ୍କର ଉପନ୍ୟାସ ମାଧ୍ୟମରେ ଭାରତୀୟ ମନୋଭାବ ସୃଷ୍ଟି କରିବାରେ ସଫଳ ହୋଇ-ପାରିଛନ୍ତି । ତାଙ୍କର ଶ୍ରେଷ୍ଠ ଉପନ୍ୟାସଗୁଡ଼ିକ ଯଥାର୍ଥରେ ଭାରତୀୟ ଚେତନାର ବାହକ ଏବଂ ସେଥିରେ ଭାରତର ସାଧାରଣ ମଣିଷର ଚରିତ୍ର ଚିତ୍ରିତ ହୋଇଛି କହିଲେ ଭୁଲ୍ ହେବ ନାହିଁ । ତାଙ୍କ ଉପନ୍ୟାସ ପାଠ କଲେ ପାଠକ ଯେପରି ଭାରତବର୍ଷର ପରିଚୟ ପାଏ । □

# ନବମ ପରିଚ୍ଛେଦ

"ହଂସୁଲିବାଙ୍କର ଉପକଥା" ବର୍ତ୍ତମାନ ସର୍ବଭାରତୀୟସ୍ତରରେ ତଥା ବଙ୍ଗଳା ସାହିତ୍ୟରେ ଏକ ଉଚ୍ଚକୋଟୀର ଉପନ୍ୟାସ ରୂପେ ସ୍ୱୀକାର ଲାଭ କରିଛି ।

ବୀରଭୂମ ଜିଲ୍ଲା ମଧ୍ୟଦେଇ ବହିଯାଇଥିବା କୋପାଇ ନଦୀଟି ଗୋଟିଏ ଜାଗାରେ ବଙ୍କା ହୋଇ ବହିଯାଇଛି । ଗାଁ ସ୍ତ୍ରୀଲୋକମାନେ ବ୍ୟବହାର କରୁଥିବା ଦାଆ ଆକୃତିର ହଁସୁଲିହାର ପରି ନଦୀଟି ଦେଖିବାକୁ ବଙ୍କା । ଏହି ବାଙ୍କର କୂଳେ କୂଳେ ବାଉଁଶ ବୁଦା ଏବଂ ବୁଦାବୁଦିକିଆ ଜଙ୍ଗଲ ଭରି ରହିଛି । ବଙ୍ଗଳାରେ ବାଉଁଶକୁ 'ବାଁଶ' କୁହାଯାଏ । ତେଣୁ ଏହାର ନିକଟବର୍ତ୍ତୀ ଗାଁଟି ବାଁଶବାଡ଼ି ରୂପେ ପରିଚିତ । ଜଙ୍ଗଲର ଜମିଦାରମାନଙ୍କର ଏହି ଗାଁଗୁଡ଼ିକରେ ସେମାନଙ୍କର ଖାତକ ରୂପେ କାହାର ଜାତିର ଜମିହୀନ ମୂଲିଆ । ଏହି ଆଦିବାସୀମାନେ ମୁଖ୍ୟତଃ ଏହି ସ୍ଥାନର ଆଦିବାସୀ ଥିଲେ । ଗ୍ରାମ୍ୟମାତା ସୁଗ୍ୱନ୍ଦ ଅତୀତର ପ୍ରତିନିଧି । ସେ ସରଳ କାହାର-ମାନଙ୍କୁ ଏହି ହଂସୁଲିବାଙ୍କର କିଂବଦନ୍ତୀ କହିଥାଆନ୍ତି । କାହାରଙ୍କ ମୁଖିଆ ବୋନାଉର ପୁରାତନ ସାମାଜିକ ବ୍ୟବସ୍ଥାରେ ବିଶ୍ୱାସ । ସେ ସାମନ୍ତବାଦର ଆଇନକାନୁନ୍ ମାନି ଚାଲିଥାଏ । ସେ ଗାଁର ଦାରିଦ୍ର୍ୟ ଓ ଶୋଷିତ ଜୀବନ ଗୁଡ଼ି ଚାଲି-ଯିବାକୁ କହୁଥାଏ । ଲୋକମାନେ ଗାଁ ଛାଡ଼ି ନିକଟବର୍ତ୍ତୀ ରେଲପ୍ରାଙ୍ଗଣ ପାଖକୁ ଚାଲି ଯାଉଥିଲେ । ଦ୍ୱିତୀୟ ମହାଯୁଦ୍ଧ ଚାଲିଥିବାରୁ ଓ ଶିଳ୍ପାଞ୍ଚଳରେ କାମପାଇବା ସହଜ ହେଉଥିବାରୁ ଲୋକମାନେ ଗାଁ ଛାଡ଼ି ଚାଲି ଯାଉଥିଲେ । ଯୁବ ବନ୍ଲୀ କରାଲି ବର୍ତ୍ତମାନ ସମୟର ପ୍ରତିନିଧି । ସେ କାହାରମାନଙ୍କ ଜୀବନପ୍ରତି ଅତି ସଚେତନ ଥିଲା । ସେ ଗାଁରେ ଥାଏ ଓ ବୋନାଉଙ୍କୁ ଏବଂ ସମସ୍ତ ପ୍ରକାର ମୂଲ୍ୟବୋଧକୁ ଅବମାନନା କରୁଥିଲା । ସେ ରେଲ ପ୍ରାଙ୍ଗଣରେ କାମକରେ ଏବଂ ବର୍ତ୍ତମାନ ସମୟକୁ ଚାହିଁ ଯେଉଁମାନେ ବଞ୍ଚିବାକୁ ଚେଷ୍ଟା ନ କରନ୍ତି ସେ ସେମାନଙ୍କୁ ଗାଳିଦିଏ । ଦୀର୍ଘଦିନଧରି ବିଶ୍ୱାସ କରିଆସୁଥିବା ଗ୍ରାମ୍ୟଦେବୀ କର୍ତ୍ତାଙ୍କର ଅଶ୍ରିତ ବଡ଼ ଚନ୍ଦ୍ରବୋଡ଼ା ସାପକୁ କରାଲି ଯେଉଁଦିନ ମାରିଦେଲା, ପ୍ରଥମଥର ପାଇଁ ସେଦିନ କରାଲି ଓ ବୋନାଉ ମଧ୍ୟରେ ଧସ୍ତାଧସ୍ତି ହେଲା । ଯେତେବେଳେ ଗ୍ରାମ୍ୟଦେବୀ ଏଥିପାଇଁ କରାଲିକୁ ଦଣ୍ଡ ଦେଲେ ନାହିଁ ବରଂ ସାହସିକ କାର୍ଯ୍ୟ କରିଥିବାରୁ ସେ ପୁଲିସ ଇନସ୍ପେକ୍ଟରଙ୍କ ଦ୍ୱାରା ପୁରସ୍କୃତ ହେଲା, ସେତେବେଳେ ବୋନାଉ ଆଉ ମୁହଁ ଟେକି ଚାଲିପାରିଲା ନାହିଁ । ଗାଁର ସାମାଜିକ ନିୟମକୁ ଭ୍ରୁକ୍ଷେପ ନ କରି କରାଲି ଅନ୍ୟ ଜଣେ ଲୋକର ସ୍ତ୍ରୀ ପାଖି ସହିତ ରହିଲା । କରାଲି ବୋନାଉର ଏକ ଶକ୍ତିଶାଳୀ ପ୍ରତିଦ୍ୱନ୍ଦୀ ରୂପେ ମୁଣ୍ଡ ଟେକୁଥିଲା । ଏଥିରେ ବୋନାଉ ଆତଙ୍କିତ ହୋଇ ଉଠିଥିଲା । କରାଲିକୁ ପାଖି

ସହିତ ବିବାହ କରିବା ପାଇଁ ବ୍ୟବସ୍ଥା କରିଦେଲ ସେ ତାକୁ ତା ନିଜପଛକୁ ଆଣିବାକୁ ଚେଷ୍ଟା କଲା । ଗାଁ ମୁଖିଆରୂପେ କରିଲାକୁ ଏହି ସୁଯୋଗ ଦେଇଥିବାରୁ ଗାଁ ଲୋକମାନେ ତା ପ୍ରତି ଅସନ୍ତୁଷ୍ଟ ହେଲେ । ମାତ୍ର କରିଲା ତାପଛକୁ ଗଲାନାହିଁ, ଘୋର ଅଜ୍ଞତାହେତୁ କାହାରମାନେ ରହୁଥିବା ପୁରୁଣା ଆଇନ ଦ୍ୱାରା ପରିଚାଳିତ ପରିବେଶକୁ ସେ ପରିତ୍ୟାଗ କଲା । କରିଲାର କହିବାନୁଯାୟୀ ଲୋକମାନେ ବର୍ତ୍ତମାନ ସୁଦ୍ଧା ଏକ ଅବାସ୍ତବ ପୃଥିବୀରେ ବାସ କରୁଛନ୍ତି, ସେଥିପାଇଁ ବାନୋରିଆ ଓ ସୁଗ୍ରିନ୍ଦ ପରି ଲୋକମାନେ ଦାୟୀ ।

ନଦୀର ବାଙ୍କ ଜାଗା ବିଷୟରେ ଯେଉଁ ଉପାଖ୍ୟାନ ରହିଛି ତାହା କେବଳ ସୁଗ୍ରିନ୍ଦ ଜାଣେ । ଏକ ସମୟରେ ଏହି ସ୍ଥାନ ବ୍ରିଟିଶ୍ ନୀଳ ଉତ୍ପାଦନକାରୀମାନଙ୍କର ଥିଲା । କାହାରମାନେ ସେମାନଙ୍କର କାମ କରୁଥିଲେ । ସେମାନେ ଜମି ଭାଗ ନେଉଥିଲେ । ଯେତେବେଳେ ନଦୀ ବଢ଼ିରେ ନୀଳବୃକ୍ଷ ନଷ୍ଟ ହୋଇଗଲା ଏବଂ ନୀଳରୋପଣକାରୀମାନେ ମରିଗଲେ, ବସ୍ତୁତଃ ଜଗଲର ଘୋଷ ପରିବାର ନୀଳବୃକ୍ଷ ହେଉଥିବା ଜମିକୁ ହାତକୁ ନେଲେ ଏବଂ କାହାରମାନଙ୍କୁ ଖାତକରୂପେ ରଖିଲେ । କାହାରମାନଙ୍କର ଜମି ନ ଥିଲା । ସେମାନେ ଟଙ୍କା କମ୍ବା ଧାନ ମୂଲନେଇ ଜମିରେ କାମ କରୁଥିଲେ । ଜମିଦାରମାନେ ସେମାନଙ୍କର ଅଶିକ୍ଷାର ପୂରା ସୁଯୋଗ ନେଉଥିଲେ । ସେମାନେ ଏମାନଙ୍କୁ ସେମାନଙ୍କର ପାଲଙ୍କି ବୁହାଉଥିଲେ । ଏଥିପାଇଁ ସେମାନେ କାହାରମାନଙ୍କୁ ପାରିଶ୍ରମିକ ଦେଉ ନ ଥିଲେ । ବେଠିରେ କାମ କରାଉ-ଥିଲେ । ଜମିଦାରମାନଙ୍କର ଏହି ପ୍ରତାରଣା କେବଳ କରିଲା ଅନୁଭବ କରିପାରୁଥିଲା । ମାତ୍ର କାହାରମାନେ ଏହାର ପ୍ରତିବାଦ କରିବାକୁ ସାହସ କରିପାରୁ ନ ଥିଲେ । ବୋନାରିର ନେତୃତ୍ୱରେ ପରିଚାଳିତ ହୋଇ ସେମାନେ ଅନ୍ଧଭାବେ ସାମନ୍ତବାଦକୁ ମାନି ନେଉଥିଲେ । ବୋନାରି ଯେତେବେଳେ ଅନୁଭବ କଲା କରିଲା କେବେ ତାର ସମର୍ଥକ ହୋଇ ପାରିବ ନାହିଁ, ସେତେବେଳେ ସେ ଆଉଥରେ ଜଣେ ଅଳ୍ପବୟସ୍କା ବିଧବାକୁ ବିବାହ କଲା । ଏହି ବିବାହ ଫଳରେ ସେ ଗୋଟିଏ ପୁତ୍ରସନ୍ତାନ ଲାଭ କରିବ ଏବଂ ସେ ତା'ର ଉତ୍ତରାଧିକାରୀ ହେବ ବୋଲି ଭାବିଥିଲା । ତାର ପ୍ରଥମ ସ୍ତ୍ରୀ ମରିଯାଇଥିଲା । କରିଲା ତାର ଦ୍ୱିତୀୟ ସ୍ତ୍ରୀକୁ ଧରି ପଳାଇଗଲା । ବୋନାରି ଏଥିପାଇଁ ତା ସଙ୍ଗେ ଲଢ଼ିଲା ମାତ୍ର ଲଢ଼ାଇରେ ପରାଜିତ ହେଲା ।

ମାସାଧିକ କାଳ ଅସୁସ୍ଥ ରହି ସେ ଯେତେବେଳେ ଆରୋଗ୍ୟ ଲାଭ କଲା ସେତେବେଳେ ସେ ଦେଖିଲା ଯେ ତାର ପୁରୁଣା ପୃଥିବୀ ନଷ୍ଟଭ୍ରଷ୍ଟ ହୋଇଯାଇଛି । ସେ ଯେଉଁସବୁ କଥାର ବିରୋଧ କରୁଥିଲା ବର୍ତ୍ତମାନ ସେସବୁ ଘଟୁଛି । ଯୁଦ୍ଧ ସମୟର ନିର୍ମାଣ କାର୍ଯ୍ୟକରିବା ଲାଗି କଣ୍ଟ୍ରାକ୍ଟରମାନେ ଲୋକ ସଂଗ୍ରହ ପାଇଁ ଏହିପରି ଦୂରଦୂରାନ୍ତ

ମଫସଲ ଗାଁମାନଙ୍କୁ ଆସୁଛନ୍ତି । ୧୯୪୨ର ଝଡ଼ବାତ୍ୟା ଗ୍ରାମକୁ ସମ୍ପୂର୍ଣ୍ଣ ନଷ୍ଟକରି ଦେଇଛି । ଜମିଦାରମାନେ ଚାଷୀମାନଙ୍କର ସ୍ୱାର୍ଥପ୍ରତି ଦୃଷ୍ଟି ନ ଦେବାରୁ ସେମାନେ ରେଳ କାରଖାନା ପାଖକୁ ଚାଲିଯାଉଛନ୍ତି । କରାଲିର ନେତୃତ୍ୱରେ କଣ୍ଟ୍ରାକ୍ଟରମାନେ ଗଛ ଏବଂ ବାଉଁଶବୁଦା କାଟି ପକାଉଛନ୍ତି । ଗ୍ରାମଦେବୀଙ୍କର ଆବାସସ୍ଥଳ ପବିତ୍ର ବେଲଗଛ ମଧ୍ୟ ସେମାନେ କାଟି ପକାଇଛନ୍ତି । ବାନୋଉଆର ମୃତ୍ୟୁ ହୋଇଯାଇଛି । କରାଲି କାହାରମାନଙ୍କର ନୂଆ ନେତା ହୋଇଛି । ସେମାନେ ସେମାନଙ୍କର ନିଃସଙ୍ଗ ଅସ୍ତିତ୍ୱକୁ ଭୁଲି ଶ୍ରମିକ ସାଧାରଣଙ୍କର ବୃହତ୍ତର ସମାଜସହ ମିଶିଯିବାକୁ ବାଧ୍ୟ ହୋଇଛନ୍ତି । ଶେଷରେ ସୁଚାନ୍ଦ ଭିକାରି ହୋଇଯାଇଛି । ସେ ସହରରେ ବୁଲିବୁଲି ଭିକ ମାଗିଛି ଏବଂ ଦାଆପରି ହୋଇଥିବା ନଦୀର ବାଙ୍କ କଥା କହୁଛି ।

କାହାଣୀଟି ପୁସ୍ତକରେ ଥିବା ବିଷୟ ସମ୍ପର୍କରେ ଧାରଣା ଦେଇଥାଏ । ନାମକରଣରୁ ଜଣାଯାଏ ଯେ ଏହା ଏକ ଆଖ୍ୟାୟିକା । ଆଖ୍ୟାୟିକା କେବେ ଅତୀତ କିମ୍ବା ବର୍ତ୍ତମାନର ହୋଇ ନ ପାରେ । ଏହା ସବୁ ସମୟର । ଗୋଟିଏ କ୍ଷୁଦ୍ର ଗୋଷ୍ଠୀର ଯିଏ ଅନ୍ୟ ଗୋଟିଏ ବୃହତ୍ତର ଗୋଷ୍ଠୀକୁ ଆସିବାର ସୁଯୋଗ ଦେଇଛି । ବାନୋଉଆ ଏବଂ କରାଲି ଦୁଇଟି ମୁଖ୍ୟ ଚରିତ୍ର ହେଲେହେଁ ସମସ୍ତ ଲୋକଙ୍କୁ ଉପନ୍ୟାସର ମୁଖ୍ୟ ନାୟକ ରୂପେ ନିଆଯାଇଛି । ବର୍ତ୍ତମାନର ଜୀବନଯାପନ ପ୍ରଣାଳୀ ପ୍ରତି ଅଜ୍ଞ ଥିବାରୁ କାହାରମାନଙ୍କୁ ଜମିଦାର ଓ କଣ୍ଟ୍ରାକ୍ଟରମାନେ ଅତି ସହଜରେ ଶୋଷଣ କରିପାରିଛନ୍ତି । ପ୍ରକୃତିର ଗତି ଦେଖି ସେମାନେ ଚକିତ ହୋଇପଡ଼ିଛନ୍ତି ଏବଂ ନିଜର ସଂରକ୍ଷଣ ନିମନ୍ତେ ଶକ୍ତିହୀନ ଦେବୀଙ୍କ ନିକଟକୁ ଯାଇଛନ୍ତି । ସୁଚାନ୍ଦ ସେମାନଙ୍କ ମଧ୍ୟରେ ଥିବା ଆଦିମ ପ୍ରବୃତ୍ତିର ପ୍ରତିନିଧିତ୍ୱ କରିଥାଏ । ସାମନ୍ତବାଦର ଶେଷ ଅଙ୍ଗୀଭୂତ ଶ୍ରମିକରୂପେ ବାନୋଉଆକୁ ଚିତ୍ରଣ କରାଯାଇଛି । ଗାଁ ଦେବୀ, ଜମିଦାର ଏବଂ ପୁରୁଣା ପ୍ରଥା ପ୍ରଭୃତିକୁ ଅତିକ୍ରମ କରିଯାଇ ହେବନି ବୋଲି ବାନୋଉଆର ବିଶ୍ୱାସ । ସେ ଯଥାର୍ଥରେ ଆମ ଚାଷୀମାନଙ୍କର ପ୍ରତିନିଧିତ୍ୱ କରେ ଯେଉଁମାନେ କୌଣସି ଆଇନଗତ ପ୍ରଶ୍ନ ନ ଉଠାଇ ବିନା ଆପତ୍ତିରେ ବିଭିନ୍ନ ସାମାଜିକ ବ୍ୟବସ୍ଥାକୁ ମାନିନେଇଥାଆନ୍ତି । ଏହା ସତ୍ତ୍ୱେ ଏହି ଚରିତ୍ରଟି ସମସ୍ତ ସମ୍ମାନର ଅଧିକାରୀ ଏବଂ ଏକାନ୍ତ ଭାବେ ଭାରତୀୟ । ସୁଚାନ୍ଦ ଏକ ମୂଳ ଆଦର୍ଶ ଚରିତ୍ର । ସେ ସବୁ ଆଦିମ ଦେବଦେବୀଙ୍କୁ ଜାଣେ । ତେଣୁ ସେ ବୁଝାଇଦେଇପାରିବ ପରିବେଶରେ ଯାହାସବୁ ଘଟୁଛି ତାହା କାହିଁକି ଘଟୁଛି । ତାର ବିଶ୍ୱାସ ବୋଡ଼ାସାପ ହେଉଛି ଦେବୀଙ୍କର ଆଶ୍ରିତ ଜୀବ । ଝଡ଼ବାତ୍ୟାର ନିର୍ମମ ଆକ୍ରମଣ କାହାରମାନଙ୍କର ପାପର ଉପଯୁକ୍ତ ଶାସ୍ତି ସ୍ୱରୂପ । ଏହିପରି ସ୍ତ୍ରୀଲୋକ ଆମ ସମାଜରେ ଅନେକ ଅଛନ୍ତି ମାତ୍ର ଏହା ପୂର୍ବରୁ ସୁଚାନ୍ଦପରି ଏକ ବଳିଷ୍ଠ ଜୀବନ୍ତ ଚରିତ୍ର ବଙ୍ଗଳାସାହିତ୍ୟରେ ଦେଖାଯାଇ ନ ଥିଲା । ଲେଖକ ଏହି ଚରିତ୍ରକୁ ବାସ୍ତବ ଜୀବନରୁ ସଂଗ୍ରହ କରିଛନ୍ତି । ବିଦ୍ରୋହୀ କରାଲି ଭବିଷ୍ୟତର ପ୍ରତୀକ ।

ଯଦିଓ ତାଙ୍କୁ ବାନୋଶଆର ପ୍ରତିଦ୍ୱନ୍ଦୀଭାବେ ଚିତ୍ରଣ କରାଯାଇଛି, ପ୍ରକୃତରେ ସେ ଗ୍ରାମ ମୁଖିଆଠାରୁ ସେପରି ବିଶେଷଭାବେ ପୃଥକ ନୁହେଁ । ସେ ମଧ୍ୟ କାହାରମାନଙ୍କ ନେତୃତ୍ୱ ନେବାକୁ ଚାହିଁଛି । ଉପନ୍ୟାସ ଶେଷରେ ଦେଖାଯାଏ ଯେ ପରିତ୍ୟକ୍ତ ଗାଁକୁ ସେ ଫେରିଯାଇଛି ଏବଂ ଏହାକୁ ନୂଆକରି ଗଢ଼ିବାର ସ୍ୱପ୍ନ ସେ ଦେଖିଛି । ଏହି ଫରକକୁ ବାଦ୍‌ଦେଲେ କରାଲ 'ଗଣଦେବତା' ଓ 'ପଞ୍ଚଗ୍ରାମ'ର ଅନିରୁଦ୍ଧର କାର୍ବନ-କପି କହିଲେ ଚଳେ । କମାର ହିସାବରେ ଅନିରୁଦ୍ଧ କେବେ ମାଟିର ଅଧୀନତା ସ୍ୱୀକାର କରିନାହିଁ । ମାତ୍ର ବିଦ୍ରୋହୀ କରାଲର ମାଟି ସହ ସମ୍ପର୍କ ଥିଲା ।

କାହାରମାନଙ୍କର ଜୀବନ ଚିତ୍ର ଗଭୀର ଅନ୍ତର୍ଦୃଷ୍ଟି ଏବଂ ଯତ୍ନର ସହିତ ଚିତ୍ରଣ କରାଯାଇଛି । ଦାରିଦ୍ର୍ୟ, ଶୋଷଣ ଓ ବହୁ ପ୍ରତିବନ୍ଧକ ସତ୍ତ୍ୱେ ଏହି ସଂଖ୍ୟାଲଘୁ ସମ୍ପ୍ରଦାୟର ଏକ ମହାନ୍ ଆଦିବାସୀ ସଂସ୍କୃତି ଥିବାର ଦେଖାଯାଏ । ସେମାନେ ନାଚ ଗୀତ ଦାରିଦ୍ର୍ୟ ମଧ୍ୟରେ ଜୀବନ ଅତିବାହିତ କରିଥାଆନ୍ତି । କୃଷିକୁ କେନ୍ଦ୍ରକରି ସେମାନଙ୍କର ମୁଖ୍ୟ ଉତ୍ସବାନୁଷ୍ଠାନ ହୋଇଥାଏ । ସେମାନଙ୍କର ନୈତିକ ମୂଲ୍ୟବୋଧ ସେମାନଙ୍କୁ ଘେରି ରହିଥିବା ବୃହତ୍ତର ଗୋଷ୍ଠୀର ନୈତିକ ମୂଲ୍ୟବୋଧ-ଠାରୁ ସଂପୂର୍ଣ୍ଣରୂପେ ଭିନ୍ନ ଥିଲା । ସେମାନେ ମୁକ୍ତ ପ୍ରେମକୁ ସମ୍ମାନ କରୁଥିଲେ । ସେମାନଙ୍କର ପୁରୁଷ ସ୍ତ୍ରୀ ଏକତ୍ର ମିଶି ମଦ୍ୟ ପାନ କରୁଥିଲେ । ଉପବାସରେ ରହିଲେ ପୁରୁଷ ଲୋକମାନେ ଚୋରି କରୁଥିଲେ । ଦରିଦ୍ର ଗୋଷ୍ଠୀର ଜୀବନ ବୈଚିତ୍ର୍ୟ-ହୀନ ଥିଲା । ମାତ୍ର ସେମାନେ ଏକ ଉଚ୍ଚ ଆଦିବାସୀ ସଂସ୍କୃତିର ଅଧିବାସୀ ଥିଲେ । ସେପର୍ଯ୍ୟନ୍ତ ସେମାନେ ସେମାନଙ୍କର ସ୍ୱତନ୍ତ୍ରତା ରକ୍ଷା କରି ପାରିବେ, ଯେପର୍ଯ୍ୟନ୍ତ ସେମାନେ ବାସ୍ତବତାଠାରୁ ଦୂରରେ ଅଛନ୍ତି ଏବଂ ନିଶ୍ଚିତ ମୃତ୍ୟୁ ବରଣ କରିବାକୁ ଯାଉଥିବା ପୁରାତନ ପଦ୍ଧତି ଅନୁସାରୀ ଚଳୁଛନ୍ତି । ଯେଉଁ ମୁହୂର୍ତ୍ତରେ ସେମାନେ ଆଧୁନିକ ଜୀବନ ପ୍ରଣାଳୀରେ ଜୀବନ ନିର୍ବାହ କରିବେ, ସେହି ମୁହୂର୍ତ୍ତରୁ ସେମାନେ ସେମାନଙ୍କର ସ୍ୱତନ୍ତ୍ରତା ଏବଂ ସାଂସ୍କୃତିକ ପରମ୍ପରା ହରାଇ ବସିବେ । ତାରାଶଙ୍କର ତାହାହିଁ ଦର୍ଶାଇଛନ୍ତି । ସେ କୌଣସି ନିର୍ଦ୍ଦିଷ୍ଟ ପ୍ରଶ୍ନ ଉତ୍ଥାପନ କରି ନ ଥିଲେହେଁ ଗୁଡ଼ାଏ ଗୁଡ଼ାଏ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠିଛି । ଭାରତର ଦରିଦ୍ର ଓ ଶୋଷିତ ଆଦିବାସୀ-ମାନେ ସେମାନଙ୍କର ଉଚ୍ଚ ସାଂସ୍କୃତିକ ପରମ୍ପରା ନିମନ୍ତେ ବେଶ୍ ପରିଚିତ । ଯେଉଁ ଗୋଷ୍ଠୀର ସାଂସ୍କୃତିକ ପରମ୍ପରା ଯେତେ ଅଧିକ ଉନ୍ନତ, ସେମାନେ ସେତିକି ଅଧିକ ଜୋରରେ ପୁରୁଣା ଚଳଣିକୁ ଜାବୁଡ଼ି ଧରି ବସିଛନ୍ତି । ମାତ୍ର ଏପରି କରି ସେମାନେ ନିଶ୍ଚିହ୍ନ ହୋଇ ଯାଉଛନ୍ତି । ଏଥିରୁ ରକ୍ଷା ପାଇବାପାଇଁ ସେମାନେ ବୃହତ୍ତର ସମାଜରେ ମିଶୁଛନ୍ତି ଏବଂ ସେମାନଙ୍କ ସାଂସ୍କୃତିକ ବିଶେଷତ୍ୱ ହରାଉଛନ୍ତି । ଆଧୁନିକ ଜୀବନକୁ ଖାପ ଖୁଆଇ ଅର୍ଥନୈତିକ ସମସ୍ୟାର ସମାଧାନ କରିବା ସଙ୍ଗେ ସଙ୍ଗେ ଆପଣାର ନିଜତ୍ୱ ବଜାୟ ରକ୍ଷା କରିବା ପରି ଅସମ୍ଭବ କଥା କିପରି ସମ୍ଭବ ହୋଇ-

ପାରେ ଏଠାରେ ତାର ଉତ୍ତର ଦିଆଯାଇନାହିଁ । ଏହି କ୍ଷୁଦ୍ର ଏବଂ ନିର୍ଦ୍ଦିଷ୍ଟ କାହାର ଗୋଷ୍ଠୀର ବୃହତ୍ତର ଗୋଷ୍ଠୀ ସହିତ ଐତିହାସିକ ପ୍ରକ୍ରିୟାରେ ମିଶ୍ରଣ ଘଟୁଛି । ଏହା ଆମ୍ଭମାନଙ୍କର ଗଭୀର ସହାନୁଭୂତି ଲାଭ କରେ । କାରଣ ଏହି ପ୍ରକ୍ରିୟା ପଶ୍ଚାତ୍ତରେ ଗଭୀର ଦୁଃଖଦାୟକ ଘଟଣାମାନ ଘଟିଯାଇଛି । କୂଳଦେଶରେ ଦାଆ ପରି ବଙ୍କା ହୋଇ ରହିଥିବା ଗହଳିଆ ବାଉଁଶ ବଣ ହେଉଛି ଏହାର ପ୍ରତୀକ । ଏହା କାହାର-ମାନଙ୍କୁ ଆଧୁନିକ ସମୟଠାରୁ ଦୂରେଇ ନେଇ ଓ ଅତୀତସହ ବାନ୍ଧିରଖେ । ଏହି ବାଉଁଶବୁଦା ଗୁଡ଼ିକ ଯେତେବେଳେ ନଷ୍ଟ ହୋଇଯାଇଛି, କାହାରମାନେ ପୁରୁଣା ସମୟର ସୀମାରେଖା ଅତିକ୍ରମ କରି ବିଂଶଶତାବ୍ଦୀର ନିର୍ମମ ବାସ୍ତବତାରେ ପାଦ ପକାଇଛନ୍ତି । କାହାରମାନେ ବ୍ୟବହାର କରୁଥିବା ଭାଷା ତାରାଶଙ୍କର ସାହିତ୍ୟରେ ବ୍ୟବହାର କରିଛନ୍ତି । ବୀରଭୂମ ଭାଷାଠାରୁ ଏହା କିପରି ଭିନ୍ନ ତାହା ସହଜରେ ଉପଲବ୍ଧି କରିହୁଏ । ଏହା କରି ସେ ସର୍ବପ୍ରଥମେ ସାହିତ୍ୟ ଭିତରକୁ ଏକ ଜୀବନ୍ତ ଭାଷାକୁ ଆଣି ପାରିଛନ୍ତି ଏବଂ ଏକ ବଡ଼ ସମସ୍ୟାର ସମାଧାନ କରିଛନ୍ତି । ଏହା ପୂର୍ବରୁ ଏଥିପ୍ରତି କୌଣସି ବଙ୍ଗାଳି ଲେଖକ ଗୁରୁତ୍ୱ ଆରୋପ କରି ନ ଥିଲେ । ବଙ୍ଗଳାରେ ବହୁ ପ୍ରାଚୀନ କାଳରୁ ଚାଷୀ, ତନ୍ତୀ, କେଉଟ, ବଢ଼େଇ, କୁମ୍ଭାର ଏବଂ ଅନ୍ୟାନ୍ୟ ଅଣଶିଳ୍ପୀ ଜାତିର ଲୋକମାନେ ସେମାନଙ୍କର ଆପଣାର ଭାଷା ବ୍ୟବହାର କରିଆସନ୍ତି । ବଙ୍ଗଳାରେ ଏ ପର୍ଯ୍ୟନ୍ତ କେବଳ ମଧ୍ୟବିତ୍ତ ଓ ଉଚ୍ଚ ମଧ୍ୟବିତ୍ତ ପରିବାର ମଧ୍ୟରୁ ସାହିତ୍ୟିକ ସୃଷ୍ଟି ହୋଇଛନ୍ତି । ତେଣୁ ଏପରି ଜଣେ ଲେଖକ ଯେତେବେଳେ ଗୋଟିଏ କେଉଟ କିମ୍ବା ଚାଷୀ ସମ୍ପର୍କରେ ଲେଖେ, ସେ ଭାଷା ସେ ଅନ୍ୟଠାରୁ ଶିଖି କିମ୍ବା ଅଭିଧାନରୁ ପଢ଼ି ତାହା ଜାଣିଥାଏ । ମାନିକ୍ ବନ୍ଦୋପାଧ୍ୟାୟ 'ପଦ୍ମାନଦୀର ମାଝୀ' ଲେଖିଲାବେଳେ ଅନ୍ୟକେତେକ ଦୃଷ୍ଟିରୁ ସେ ଅନ୍ୟମାନଙ୍କୁ ଟପି ଯାଇଛନ୍ତି । ମାତ୍ର କେଉଟମାନେ ଯେଉଁ ଭାଷା କହନ୍ତି ତାହା ବ୍ୟବହାର କରିବାରେ ସେପରି ସଫଳତା ସେ ଲାଭ କରିପାରିନାହାନ୍ତି । ବଙ୍ଗଳା ସାହିତ୍ୟର ଉତ୍ପତ୍ତି ହେବା-ଦିନୁ ଏପରି ଏକ ସମୃଦ୍ଧ ଜୀବନ୍ତଭାଷା ସାହିତ୍ୟରେ ବ୍ୟବହୃତ ହୋଇ ନ ଥିଲା । କେବଳ ଉପଭାଷାରେ ସାହିତ୍ୟ ରଚନା କରିବା ଯଥେଷ୍ଟ ନୁହେଁ । ଦୈନନ୍ଦିନ ଜୀବନରେ ସେ ଲୋକମାନେ ବ୍ୟବହାର କରୁଥିବା ଭାଷା ସାହିତ୍ୟରେ ପ୍ରଚଳନ କରା-ଯିବା ଉଚିତ । ଏହି କାରଣରୁ ବଙ୍ଗଳାର ଭାଷା ଦୁର୍ବଳ ହୋଇପଡ଼ିଛି । ଊନବିଂଶ ଶତାବ୍ଦୀରେ କେବଳ କାଳୀପ୍ରସନ୍ନ ସିହ୍ନା, ବିଂଶ ଶତାବ୍ଦୀରେ ଦୀନେନ୍ଦ୍ରକୁମାର ରାୟ ଏବଂ ଅଧୁନା ଅଦ୍ୱୈତମଲବର୍ମ୍ମନ ଜୀବନ୍ତଭାଷାକୁ ସଫଳତାର ସହ ବ୍ୟବହାର କରିପାରିଛନ୍ତି । ସେମାନଙ୍କ ମଧ୍ୟରୁ କେହି ସଫଳ ଔପନ୍ୟାସିକ ନୁହନ୍ତି । ସେମାନଙ୍କର ସାହିତ୍ୟରେ ଉପଭାଷା ପ୍ରୟୋଗ ଅନ୍ୟ ଦୃଷ୍ଟିରୁ ପ୍ରଶଂସିତ, ମାତ୍ର ବଙ୍ଗଳାଭାଷାରେ ଏକ ଜୀବନ୍ତଭାଷାର ପ୍ରଥମ ପ୍ରୟୋଗ ପାଇଁ ନୁହେଁ । ମାତ୍ର ତାରାଶଙ୍କର କେବଳ

କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ଲାଗି ଏହି ଭାଷା ବ୍ୟବହାର କରିନାହାନ୍ତି । ତାଙ୍କ ଲେଖିବାର ଉଦ୍ଦେଶ୍ୟ ହେଲା ଯେଉଁ ନିର୍ଦ୍ଦିଷ୍ଟ ଗୋଷ୍ଠୀର କଥା ଲେଖୁଛନ୍ତି ସେମାନଙ୍କ କଥା ସେହିମାନଙ୍କ ଭାଷାରେ ଲେଖିବା । ଉପନ୍ୟାସର ଗଠନଶୈଳୀ ଆହୁରି ଅଧିକ ନିଖୁଣ ହେବା ଉଚିତ ଥିଲା । ଉପନ୍ୟାସଟିକୁ ଆହୁରି ସଂକ୍ଷେପ କରାଯାଇ ପାରିଥାଆନ୍ତା । ଏ ସମସ୍ତ ଦୋଷ ଦୁର୍ବଳତା ସତ୍ତ୍ୱେ ଏହା ତାଙ୍କର ସଫଳ କୃତିଗୁଡ଼ିକ ମଧ୍ୟରେ ଅନ୍ୟତମ ଏବଂ ଶେଷ ବୃହତ୍ତମ ଧରଣର ରଚନା । ଏହାପରେ ସେ ଅନେକ ଭଲ ବହି ଲେଖିଛନ୍ତି ମାତ୍ର ଏପରି ବଡ଼ ବହି ଲେଖିନାହାନ୍ତି । ସେ ସେହି ମୁହୂର୍ତ୍ତରେ ଗୌରବର ଅଧିକାରୀ ହୋଇଛନ୍ତି ଯେତେବେଳେ ସେ ଜାଣିଛନ୍ତି ଯେ ତାଙ୍କର ସୃଷ୍ଟି ଆପଣାର ଅଙ୍ଗଲବ୍ଧ ଅନୁଭୂତିକୁ ଭିତ୍ତିକରି ରଚିତ ହୋଇଛି । ତାଙ୍କର ସ୍ୱଗ୍ନ ଚରିତ୍ରକୁ ସେ ସିଧା ଏ ସମାଜରୁ ନେଇଛନ୍ତି । ନାସୁବାଲା ପୁରୁଷ ହୋଇ ଜନ୍ମ ହୋଇଥିଲେ ହେଁ ନାରୀର ସମସ୍ତ ଗୁଣ ତା'ଠାରେ ପରିଲକ୍ଷିତ ହୋଇଥାଏ । ସେ 'ନାରୀପରି ପୋଷାକପତ୍ର ପିନ୍ଧେ ଓ ସେହିପରି ଆଚରଣ କରିଥାଏ । ଏ ଚରିତ୍ରଟି ମଧ୍ୟ ସେ ସିଧା ସମାଜରୁ ନେଇଛନ୍ତି । ସେ ଯେତେବେଳେ ଆପଣାର ଅନୁଭୂତିକୁ ସିଧା ଲେଖନ୍ତି ସେତେବେଳେ ସବୁଠାରୁ ଚମତ୍କାର ଲେଖନ୍ତି । ସେ ଉଦ୍ୟମ କରି କଳାଧର୍ମୀ କିଛି ଲେଖା କେବେ ଲେଖିନାହାନ୍ତି । ସେପରି କରିବାକୁ ଯେତେବେଳେ ଉଦ୍ୟମ କରିଛନ୍ତି ସେ ବ୍ୟର୍ଥ ହୋଇଛନ୍ତି । ମାତ୍ର ଯେ କୌଣସି ବିଶିଷ୍ଟ ଔପନ୍ୟାସିକ ପରି ତାଙ୍କର ପତନ ଧୀର ମନ୍ଥରଭାବେ ହୋଇଛି ।

ପୁରାତନ ସମାଲୋଚକମାନେ 'ନାଗିନ କନ୍ୟାର କାହାଣୀ'କୁ ତୀବ୍ର ସମାଲୋଚନା କରିଛନ୍ତି । ଜନସାଧାରଣଙ୍କର ସାପମାନଙ୍କ ସମ୍ପର୍କରେ ଥିବା ଅଜ୍ଞତା ହେତୁ ସର୍ପଦେବୀଙ୍କ ମୁଖ୍ୟ ପୂଜାରିଣୀ ଏବଂ ସର୍ପ ଚିକିତ୍ସକ ମଧ୍ୟରେ ଥିବା ଯୁଗଯୁଗର ଶତ୍ରୁତା ବିଷୟରେ ଏଥିରେ ବର୍ଣ୍ଣନା କରାଯାଇଛି । ଯଦି ଜଣେ ବିଶ୍ୱାସ କରେ ସାପ କେବଳ ଗୋଟିଏ ସରୀସୃପ, ଏବଂ ଜୀବଜଗତର ପ୍ରାଣୀମାନଙ୍କ ଭିତରୁ ଅନ୍ୟତମ, ତେବେ ଏ କଥାବସ୍ତୁ ବିଶ୍ୱାସଯୋଗ୍ୟ ହେବନାହିଁ । ଯଦି ଏହାକୁ କେବଳ ସରୀସୃପ ନ କହି ଆହୁରି ଅନେକ ରୂପ ଦିଆଯାଏ ଓ ସ୍ତ୍ରୀ ଲୋକମାନେ ସର୍ପ ପ୍ରକୃତିର ଏବଂ ଏବଂ ସାପ ପରି ଆଚରଣ କରିଥାଆନ୍ତି ବୋଲି କୁହାଯାଏ ତେବେ ତାହା ଖୁବ୍ ସହଜରେ ବିଶ୍ୱାସଯୋଗ୍ୟ ହୋଇପାରିବ ।

'ସନ୍ଧିପନ ପାଠଶାଳା'ର ଗୁରୁତ୍ୱ ଅତି ଅଧିକ । ସୀତାନାଥ ଗୋଟିଏ ଗ୍ରାମ୍ୟ ପ୍ରାଥମିକ ସ୍କୁଲର ଗରିବ ଶିକ୍ଷକ । ଏହିପରି ଏକ ଶିକ୍ଷକ ଜୀବନର ଦୁଃଖ ତାଙ୍କ ପାଇଁ ବହୁ ପରିମାଣରେ ବାସ୍ତବ ଥିଲା । ଯେଉଁ ଶିକ୍ଷକମାନେ ସର୍ବପ୍ରଥମେ ଏ ସମାଜକୁ ଶିକ୍ଷିତ କରନ୍ତି ସମସ୍ତ ଶିକ୍ଷକସମାଜ ମଧ୍ୟରେ ସବୁଠାରୁ କମ୍ ବେତନ ସେମାନେହିଁ

ପାଇଥାନ୍ତି । ୧୯୪୬ ମସିହାରେ ଏ ପୁସ୍ତକର ମୁଖବନ୍ଧରେ ତାରାଶଙ୍କର ଲେଖିଛନ୍ତି "ପାଠଶାଳାର ଶିକ୍ଷକମାନଙ୍କ ସମ୍ପର୍କରେ କିଛି କହିବାର ନାହିଁ । ସେମାନଙ୍କର ଆବଶ୍ୟକତା ଓ ଭଲମନ୍ଦ ପ୍ରତି ମୋଟେ ଗୁରୁତ୍ୱ ଆରୋପ କରାଯାଉ ନାହିଁ । ସେମାନଙ୍କୁ ନେଇ କେବଳ କେତେକ ବ୍ୟଙ୍ଗ କ୍ଷୁଦ୍ରଗଳ୍ପ ରଚନା କରାଯାଇଛି । ସୀତାନାଥ ମୋ ପାଇଁ ଏକାନ୍ତ ବାସ୍ତବ । ମୁଁ ତାକୁ ଜାଣେ । ୧୮୯୩/୯୪ରେ ଏହି ଉପନ୍ୟାସ ଆରମ୍ଭ ହୋଇଥିଲା । ଗ୍ରାମର ସନ୍ତାନ ସୀତାନାଥ ମାଟ୍ରିକ୍ ପାସ୍ କରିପାରିଲା ନାହିଁ, ମାତ୍ର ଗାଁରେ ଶିକ୍ଷା ବିକାଶପାଇଁ ସେ ଜୀବନସାରା ଚେଷ୍ଟା କରିବ ବୋଲି ସ୍ଥିର କରିନେଲା । ୧୯୧୯ ମସିହାରେ ସେ ଗାଁରେ ଗୋଟିଏ ପ୍ରାଥମିକ ସ୍କୁଲ ବା ପାଠଶାଳା ପ୍ରତିଷ୍ଠା କଲା । ଗାଁର ଉଚ୍ଚଶ୍ରେଣୀର ଲୋକମାନେ ତାର ଏହି ଉଦ୍ୟମକୁ ବ୍ୟର୍ଥ କରିଦେଲେ । ହିଂସାପ୍ରଣୋଦିତ ହୋଇ ସେ ଜଣେ ଖଦଡ଼ ସୂତା କଟାଳି ଏବଂ ଜାତୀୟତାବାଦୀ ଚକ୍ରାଧାରୀର ପ୍ରଚାରକ ବୋଲି ପୁଲିସ ଆଗରେ ରିପୋର୍ଟ କରିଦେଲେ । ସେ ନୀଚ ଜାତିରେ ଜନ୍ମ ହୋଇଥିବାରୁ ସେ ଶିକ୍ଷାଦେବା କଥାଟାକୁ ସେମାନେ ବରଦାସ୍ତ କରିପାରିଲେ ନାହିଁ । ଜମିଦାରଙ୍କ ବିଧବାପତ୍ନୀ ସୀତାନାଥଙ୍କର ଜଣେ ପୃଷ୍ଠପୋଷକ ଏବଂ ତାଙ୍କର ପୁତ୍ର ଧୀରାନନ୍ଦ ତାର ଜଣେ ପୁରାତନ ଛାତ୍ର । ୧୯୨୧ ମସିହାରେ ଧୀରାନନ୍ଦ ଗିରଫ ହୋଇଥିଲେ । ପାଠଶାଳା ବନ୍ଦ କରିଦେବାକୁ ପୁଲିସ ସୀତାନାଥଙ୍କୁ ବାଧ୍ୟ କଲା । ବହୁ ପ୍ରତିବନ୍ଧକ ଏବଂ ଉତ୍କଟ ଦାରିଦ୍ର୍ୟ ମଧ୍ୟରେ ସୀତାନାଥ ପାଠଶାଳାଟି ଚଳାଉଥିଲେ । ସେ ନିଜ ଜୀବନପ୍ରତି ଏକାନ୍ତ ଅବହେଳା କରୁଥିଲେ । ସମୟ ବଦଳିଗଲା । ୧୯୩୦ ମସିହାରେ ଏକ ସମ୍ମିଳନୀରେ ଗାଁମାନଙ୍କରେ ବିନା ବେତନରେ ପ୍ରାଥମିକ ସ୍କୁଲର ବ୍ୟବସ୍ଥା କରିବା ନିମନ୍ତେ ନିଷ୍ପତ୍ତି ନିଆଗଲା । ସୀତାନାଥ ଏହି ନିଷ୍ପତ୍ତିରେ ବହୁପରିମାଣରେ ପୁରସ୍କୃତ ହେଲପରି ଅନୁଭବ କଲେ । ସେ ଆଖିରେ ଯନ୍ତ୍ରଣା ଅନୁଭବ କଲେ ଏବଂ ସମ୍ପୂର୍ଣ୍ଣ ଅନ୍ଧ ହୋଇଗଲେ । ପରେ ଅବସର ନେବାକୁ ବାଧ୍ୟହେଲେ । ଇତିମଧ୍ୟରେ ସେ ତାଙ୍କର ସ୍ତ୍ରୀଙ୍କୁ ହରାଇଲେ । ତାଙ୍କର ଏକମାତ୍ର କନ୍ୟା ବିଧବା ହୋଇଗଲା । ସୀତାନାଥ ଆପଣା ଭାଗ୍ୟକୁ ଆଦୋରି ରହିଲେ । ୧୯୪୭ ମସିହା ଆସିଲା । ସୀତାନାଥଙ୍କୁ ବର୍ତ୍ତମାନର ସୁପ୍ରସିଦ୍ଧ ଲେଖକ ଧୀରାନନ୍ଦ ସାକ୍ଷାତ କରିବାକୁ ଆସିଲେ । କଲିକତା ଯାଇ ଆଖି ପରୀକ୍ଷା କରିବାକୁ ସେ ତାଙ୍କୁ ଅନୁରୋଧ କରିଥିଲେ । ମାତ୍ର ସୀତାନାଥ ଯିବାକୁ ମନା କରି ଦେଇଥିଲେ । ଭାଗ୍ୟକୁ ମାନି ନେବା ପରେ ସେ ଶାନ୍ତି ଅନୁଭବ କରୁଥିଲେ । ତାଙ୍କ-ଠାରେ ଥିବା ମନୁଷ୍ୟପଣିଆ ପାଇଁ ଧୀରାନନ୍ଦ ତାଙ୍କୁ ନମସ୍କାର କରୁଥିଲେ । ନୀଚ କୁଳରେ ଜନ୍ମ ହୋଇଥିଲେହେଁ ସୀତାନାଥ ଆଦର୍ଶ ଭାରତୀୟ ଥିଲେ ଏବଂ ସମାଜରେ ଆପଣାର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ ପାଳନ ପାଇଁ ତତ୍ପରଚେଷ୍ଟିତ ଥିଲେ । ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଜମିଦାର ଓ ବ୍ରାହ୍ମଣମାନଙ୍କ ପ୍ରତି ବିଶ୍ୱସ୍ତ ଥିଲେ ।" ସେ ଯାହା

ହେବା ଉଚିତ ଥିଲା ତାହା ତାରାଶଙ୍କର ତାଙ୍କୁ କରିନାହାନ୍ତି । ବାସ୍ତବ ଜୀବନରେ ଯାହା ଦେଖିଛନ୍ତି ତାରାଶଙ୍କର ତାଙ୍କୁ ସେହିପରି ଚିତ୍ରଣ କରିଛନ୍ତି । ଏହି ଗମ୍ଭୀର ହୃଦୟସ୍ପର୍ଶୀ କାହାଣୀଟି ଲେଖକ ଅତି ସାବଧାନତାର ସହିତ କହିଛନ୍ତି ; ଯାହାକି ସାଧାରଣତଃ ତାରାଶଙ୍କରଙ୍କଠାରେ ଦେଖା ଯାଇ ନ ଥାଏ । ଗାଁ ଗହଳରେ ପ୍ରଚଳିତ ପ୍ରାଥମିକ ଶିକ୍ଷା ସଂପର୍କରେ ତାରାଶଙ୍କରଙ୍କର ସବିଶେଷ ଜ୍ଞାନ ହେତୁ କାହାଣୀଟି ଅତି ମାତ୍ରାରେ ବାସ୍ତବ ହୋଇଉଠିଛି । ଏକ ସମୟରେ ଏହି ପାଠଶାଳା ମାଧ୍ୟମରେ ପ୍ରାଥମିକ ଶିକ୍ଷା ଦିଆଯାଉଥିଲା । ଗାଁମାନଙ୍କରେ ନୂତନ ପ୍ରାଥମିକ ସ୍କୁଲ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଏହି ପାଠଶାଳାଗୁଡ଼ିକୁ ମଧ୍ୟ ପ୍ରାଥମିକ ସ୍କୁଲ ରୂପେ ପରିବର୍ତ୍ତିତ କରାଯାଇଥିଲା । ପ୍ରାଥମିକ ଶିକ୍ଷାର କ୍ରମିକ ବିକାଶ ହୋଇଛି ତାର ଇତିହାସ ସେ ସରକାରୀ ଶିକ୍ଷା ଆଇନ ଇତ୍ୟାଦି ଅଧିସୂଚନ କରି ଲେଖିଛନ୍ତି । ଗାଁରେ ପ୍ରାଥମିକ ଶିକ୍ଷକ ଜୀବନ ପରବର୍ତ୍ତୀ ଲେଖକମାନଙ୍କ ଦ୍ୱାରା ଚିତ୍ରଣ କରାଯାଇନାହିଁ, ଯଦିଓ ଚରମ ଦାରିଦ୍ର୍ୟ ଓ କଷ୍ଟ ମଧ୍ୟରେ ସେମାନେ ଏ ଜାତିକୁ ସାକ୍ଷର କରୁଛନ୍ତି । ଏ ପୁସ୍ତକରେ ସୀତାନାଥ ଚରିତ୍ରଟି ସବୁଠାରୁ ଉତ୍ତମରୂପେ ଚିତ୍ରଣ କରାଯାଇଛି । ଅନ୍ୟାନ୍ୟ ଚରିତ୍ରଗୁଡ଼ିକ ଗୌଣ ଏବଂ ସୀତାନାଥଙ୍କୁ କେନ୍ଦ୍ର କରି ଗଢ଼ିଉଠିଛି । ଧୀରାନନ୍ଦଙ୍କ ପ୍ରତି ଲେଖକ ସମ୍ବେଦନଶୀଳ । ତାଙ୍କ ଭିତରେ ସେ ଆପଣାକୁ କେତେକାଂଶରେ ଫୁଟାଇଛନ୍ତି । ଉପନ୍ୟାସରେ ଧୀରାନନ୍ଦଙ୍କ ଭୂମିକା ଅତି ଅଳ୍ପ ।

'ଆରୋଗ୍ୟ ନିକେତନ' ସଂପର୍କରେ ଅନେକ କଥା କୁହାଯାଇଛି । ଏହି ଉପନ୍ୟାସରେ ମେଡ଼ିକାଲ କଲେଜରେ ପଢ଼ି ଗ୍ରାଜୁଏଟ୍ ହୋଇ ନ ଥିବା ଜଣେ ଡାକ୍ତରଙ୍କ କଥା କୁହାଯାଇଛି । ଉତ୍ସର୍ଗୀକୃତ ଗ୍ରାମ୍ୟ ଡାକ୍ତର ଜୀବନକୁ ନେଇ ଏହି ଉପନ୍ୟାସଟି ରଚିତ । ବିଷୟବସ୍ତୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ଏହା ଗୋଟିଏ ନୁହେଁ, ଏକାଧିକ ବହି । ଉପନ୍ୟାସର ନାୟକ ଜୀବନମଶାୟ ଖୁବ୍ ଭଲ ଭାବେ ନାଡ଼ି ଦେଖିପାରନ୍ତି ଏବଂ ଆସନ୍ନ ମୃତ୍ୟୁ ସଂପର୍କରେ ତାଙ୍କର ଜ୍ଞାନ ଅତି ରହସ୍ୟମୟ ଥିଲା । ଡାକ୍ତରରୂପେ ମୃତ୍ୟୁ ମୁଖରୁ ଲୋକମାନଙ୍କୁ ରକ୍ଷା କରିବା ତାଙ୍କର କର୍ତ୍ତବ୍ୟ ଥିଲା । ଜଣେ ରୋମାଣ୍ଟିକ ବ୍ୟକ୍ତିରୂପେ ସେ ମୃତ୍ୟୁର ପ୍ରତୀକ ସହିତ ପ୍ରେମାସକ୍ତ ଥିଲେ । ସେ ମୃତ୍ୟୁକୁ ଜଣେ ସୁନ୍ଦରୀ ନାରୀରୂପେ କଳ୍ପନା କରନ୍ତି । ସେ କେବଳ ଘଟଣା ପରେ ଘଟଣା ସୃଷ୍ଟି କରିବାଲାଗି ସୁଯୋଗ ଦେଇଥାଆନ୍ତି । ନାୟକର ସ୍ମୃତିରେ ତାଙ୍କର ଅତୀତ ଜୀବନ ଏବଂ ଯୌବନରେ ମଂଜରୀ ପ୍ରତି ପ୍ରେମ ପୁସ୍ତକରେ ଶେଷ ପର୍ଯ୍ୟନ୍ତ ସଜୀବ ଦେଖାଯାଇଥାଏ । ପୁନଶ୍ଚ ମଞ୍ଜରୀକୁ ଏକ ବୃଦ୍ଧା ନାରୀ ରୂପେ ଦେଖା-ଯାଇଛି । ତାଙ୍କର ବ୍ୟକ୍ତିଗତ ଜୀବନ ଅନ୍ୟ ଏକ କଥାବସ୍ତୁ । ସ୍ତ୍ରୀଙ୍କ ସହିତ ତାଙ୍କର ସଂପର୍କ ତିକ୍ତ । ସ୍ତ୍ରୀ ତାଙ୍କର କର୍କଶ ସ୍ୱଭାବର ଥିଲେ ଓ ତାଙ୍କୁ ସର୍ବଦା ଅକ୍ତିଆରରେ ରଖିବାକୁ ଚାହୁଁଥିଲେ । ତାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁରେ ସେ ଯେପରି

ଶାନ୍ତ ରହିଲେ ହେଥିପାଇଁ ସେ ସ୍ୱାମୀଙ୍କୁ କେବେ କ୍ଷମା ଦେଇ ନ ଥିଲେ । ଜୀବନମଶାୟଙ୍କ କାହାଣୀ ହିନ୍ଦୁତ ପୁରାତନ ଆୟୁର୍ବେଦିକ ଚିକିତ୍ସା ପଦ୍ଧତି ଏବଂ ବର୍ତ୍ତମାନର ଚିକିତ୍ସା ପଦ୍ଧତିର ପାର୍ଥକ୍ୟ ଦର୍ଶାଇବାକୁ ଯାଇ ଏହି ଦୁଇ ଚିକିତ୍ସା ପଦ୍ଧତି ସଂପର୍କରେ ଲେଖକ ମତାମତ ଦେବାକୁ ଯାଇଛନ୍ତି । ତାରାଶଙ୍କର ଅତି ଦୃଢ଼ତାର ସହିତ କହନ୍ତି, ପୁରାତନ ଆୟୁର୍ବେଦିକ ଚିକିତ୍ସକମାନେ ଭାଗ୍ୟ ଓ ଭଗବାନଙ୍କ ଉପରେ ବିଶ୍ୱାସ କରୁଥିବାବେଳେ ଆଧୁନିକ ଚିକିତ୍ସକମାନେ ଏ ସବୁଥିରେ ବିଶ୍ୱାସ କରନ୍ତି ନାହିଁ । ଆୟୁର୍ବେଦିକ ଚିକିତ୍ସା ଦେହକୁ ରୋଗମୁକ୍ତ କରିବା ସଙ୍ଗେ ସଙ୍ଗେ ମନକୁ ମଧ୍ୟ ଆରୋଗ୍ୟ କରିବାକୁ ଚେଷ୍ଟା କରେ । ମାତ୍ର ଆଧୁନିକ ଚିକିତ୍ସା ପଦ୍ଧତି କେବଳ ଦେହକୁ ଆରୋଗ୍ୟ କରେ । ଏହା ବିଜ୍ଞାନ ଗବେଷଣାଜନିତ ଶକ୍ତି ବ୍ୟତୀତ ଅନ୍ୟ କୌଣସି ଶକ୍ତି ଉପରେ ଆସ୍ଥା ସ୍ଥାପନ କରି ନ ଥାଏ । ଅନୁରୂପ ବିଶ୍ଳେଷଣ ପୁସ୍ତକରେ ବହୁଳ ପରିମାଣରେ ଦେଖାଯାଏ । ପ୍ରାଚୀନପନ୍ଥୀମାନଙ୍କର ଜୀବନମଶାୟ ପ୍ରତିନିଧିତ୍ୱ କରନ୍ତି ଏବଂ ଜଣେ ଯୁବଡାକ୍ତର ଆଧୁନିକ ଡାକ୍ତର-ମାନଙ୍କର ପ୍ରତିନିଧିତ୍ୱ କରିଥାଏ । ସେମାନଙ୍କ ମଧ୍ୟରେ ସଂଘର୍ଷ ହୁଏ । ଧୀରେ ଧୀରେ ସେମାନେ ପରସ୍ପରକୁ ଜାଣନ୍ତି ଏବଂ ଶେଷରେ ଦୁହିଁଙ୍କ ମଧ୍ୟରେ ଏକ ମଧୁର ସଂପର୍କ ଗଢ଼ିଉଠେ ।

ମୃତ୍ୟୁ ସଂପର୍କରେ ବିଭିନ୍ନ ଲୋକଙ୍କ ପ୍ରତିକ୍ରିୟା ଦେଖି ଜୀବନମଶାୟ ବିସ୍ମିତ ହୋଇଥାଆନ୍ତି । ତାଙ୍କର ପ୍ରେମିକାର ଆସନ୍ନ ମୃତ୍ୟୁରେ ଲୋକେ କିପରି ମନୋଭାବ ଦେଖାଉଛନ୍ତି ତାହା ଲକ୍ଷ୍ୟକରି ସେ ଆନନ୍ଦ ପାଇଥାଆନ୍ତି । ସେ ମଧ୍ୟ ଆପଣାର ମୃତ୍ୟୁ ଅପେକ୍ଷା ରେ ଥାଆନ୍ତି । ମଞ୍ଜରୀ ସ୍ମୃତିପ୍ରତି ଆନୁଗତ୍ୟହେତୁ ଆପଣାର ସ୍ତ୍ରୀ ଅତର ସହିତ ତାଙ୍କର ଘନିଷ୍ଠ ସଂପର୍କ ନ ଥିଲା । ତେଣୁ ବାର୍ଦ୍ଧକ୍ୟରେ ସେ ନିଃସଙ୍ଗ ଅନୁଭବ କରୁଥିଲେ । ଏହା ଜୀବନର ଗତି । ପାପ ଓ ଶୋଚନାର ସ୍ମୃତିର କାନ୍ଥଘେରା ବନ୍ଦୀଶାଳାରେ ସେ ଆପଣ ସ୍ୱୟଂ ନିଜକୁ ବନ୍ଦୀ କରିଥିଲେ । ମୃତ୍ୟୁ କେବଳ ଜୀବନ-ମଶାୟଙ୍କୁ ଏଥିରୁ ମୁକ୍ତିଦେଇପାରିବ । ଜୀବନମଶାୟଙ୍କୁ ବାଦ୍‌ଦେଲେ ଏ ବହିର ଅନ୍ୟାନ୍ୟ ଚରିତ୍ରଗୁଡ଼ିକ ସାମାନ୍ୟ ବ୍ୟତିକ୍ରମ ସହ ପୂର୍ବରୁ ଲେଖା ଅନ୍ୟାନ୍ୟ ବହିରେ ଦେଖିବାକୁ ମିଳିଥାଏ । ଅତର ହେଉଛି ଧାତ୍ରୀଦେବତାର ଗୌରୀଚରିତ୍ରର ଉନ୍ନତ ସଂସ୍କରଣ । ଏହା ମାଧ୍ୟମରେ ଅତିମାତ୍ରାରେ ଜୀବନମଶାୟଙ୍କର ସ୍ମୃତିଚାରଣ କରାଯାଇଛି । ଭାରତୀୟ ମୃତ୍ୟୁଦର୍ଶନ ପ୍ରତିଫଳିତ ହୋଇଥିବାରୁ ଏହି ପୁସ୍ତକଟିର ଉଚ୍ଚପ୍ରଶଂସା କରାଯାଇଛି । ଏହା କେତେଦୂର ଆଧୁନିକ ପାଠକଙ୍କ ଦ୍ୱାରା ଆଦୃତ ହେବ ତାହା ସଂପୂର୍ଣ୍ଣ ରୂପେ ପାଠକଙ୍କ ଉପରେ ନିର୍ଭର କରେ । ଯେଉଁ ପାଠକ ମଝିରେ ମଝିରେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥାଏ ତା ପକ୍ଷରେ ଏହା ସୁଖପାଠ୍ୟ ହୋଇ ନ ପାରେ । ମାତ୍ର ଜୀବନମଶାୟଙ୍କ ଚରିତ୍ର ଓ ଅନ୍ୟ କେତେକ ଘଟଣା,

ଉଦାହରଣ ସ୍ୱରୂପ ଜୀବନମଶାୟଙ୍କର ମଞ୍ଜରୀଙ୍କ ସହିତ ଅନ୍ତିମ ସାକ୍ଷାତ ଇତ୍ୟାଦି ପାଠକଙ୍କ ସ୍ମୃତିରେ ଦୀର୍ଘଦିନଧରି ରହିବ । ମଞ୍ଜରୀ ତାଙ୍କପାଇଁ ମୃତ୍ୟୁର ବାର୍ତ୍ତା ଧରି ଆସିଥିଲେ । କାରଣ ତା'ର ଅଳ୍ପ କେତେଦିନ ମଧ୍ୟରେ ସେ ମରିଯାଇଥିଲି । ମୃତ୍ୟୁରେ ସେ ଅନ୍ତିମଶାନ୍ତି ଲାଭ କରିଥିଲି ।

ଅପରାଧ ଓ ଶାସ୍ତି, ଦୋଷ ଓ ପ୍ରାୟଶ୍ଚିତ ଏବଂ ବିଶେଷ କରି ଅପରାଧୀମାନେ ତାରାଶଙ୍କରଙ୍କୁ ବିଶେଷଭାବେ ଆକୃଷ୍ଟ କରିଥିଲେ । ଜୀବନସାରା ସେ ଏହି ବିଷୟବସ୍ତୁ ଉପରେ ଲେଖିଛନ୍ତି । 'ବିଚାରକ' ଉପନ୍ୟାସରେ ବିଚାରପତି ନାୟକ ଅଜଣା ପରିସ୍ଥିତିର ଚାପରେ ନିଜ ଭାଇକୁ ହତ୍ୟା କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ଦୋଷୀକୁ ଦଣ୍ଡବିଧାନ କଲାବେଳେ ନିଜର ପ୍ରଥମ ସ୍ତ୍ରୀ ନିଆଁରେ ପଡ଼ିମରିବା ଏବଂ ସେ ତାକୁ ସେଥିରୁ ରକ୍ଷା କରିପାରି ନ ଥିବା କଥା ତାଙ୍କର ମନେ ପଡ଼ିଯାଇଛି । ଦୋଷୀର କଥା ଏବଂ ବିଚାରକର ନିଜର କଥା ସମାନ୍ତରାଳଭାବେ ଗତିକରି ଚାଲିଛି । ଏହାର କଥାବସ୍ତୁ ରବିଠାକୁରଙ୍କର ଗୋଟିଏ ଦୁଇଟି କ୍ଷୁଦ୍ରଗଳ୍ପକୁ ସ୍ମରଣ କରାଇ ଦେଇଥାଏ । 'ବିଚାରକ'ରେ ଅତି ନାଟକୀୟତା ଓ ଉଚ୍ଚ ନୈତିକତାର ସୁମିଶ୍ରଣ ପରିଲକ୍ଷିତ ହୁଏ । ଉପଦେଶପୂର୍ଣ୍ଣ, ବାର୍ତ୍ତାବହୁଳ ଏହି ଉପନ୍ୟାସଟି ସୁଖପାଠ୍ୟ ହୋଇପାରିଛି, ଯଦିଓ ସେ ଲେଖିଥିବା ଅନ୍ୟାନ୍ୟ ମୂଲ୍ୟବାନ ଉପନ୍ୟାସଠାରୁ ଏହା ଏକ ବ୍ୟତିକ୍ରମ ।

'ସପ୍ତପଦୀ' (ସାତପାଦ) ଲେଖକର ଅନ୍ୟ ଏକ ଖୁବ୍ ଜନପ୍ରିୟ ଉପନ୍ୟାସ । ୧୯୧୬ ମସିହାର ଆଦ୍ୟଭାଗରେ ସେ ଜାଣିଥିବା ଜନୈକ ବ୍ୟକ୍ତିଙ୍କୁ ନେଇ ସେ ଏ ଉପନ୍ୟାସଟି ରଚନା କରିଥିଲେ । ଏହି ବ୍ୟକ୍ତି ଜଣଙ୍କ ଜାତିରେ ହିନ୍ଦୁ । ଛାତ୍ରରୂପେ ସେ କଲିକତା ଆସିଥିଲେ ଏବଂ ଜଣେ ଆଙ୍ଗ୍ଲୋଇଣ୍ଡିଆନ୍ ବାଳିକା ପ୍ରେମରେ ପଡ଼ିଥିଲେ । ସେ ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କଲାପରେ ତାକୁ ବିବାହ କରିବେ ବୋଲି ସଂକଳ୍ପ କରିଥିଲେ । ଦୀର୍ଘ ୪୦ ବର୍ଷ ପରେ ତାରାଶଙ୍କର ତାଙ୍କୁ ହିମାଳୟର ଗୋଟିଏ ଗ୍ରେଟ୍ ଚର୍ଚ୍ଚରେ ଦେଖିବାକୁ ଯାଇଥିଲେ । ସେ ବ୍ୟକ୍ତିଟି ତାଙ୍କୁ କହିଥିଲା ଯେ ସେ ଝିଅଟି ତାଙ୍କର ଆଖି ଖୋଲିଦେଇଛି । ଗୋଟିଏ ସାମାନ୍ୟ ଝିଅ ପାଇଁ ଯେ ନିଜର ଧର୍ମକୁ ଛାଡ଼ିଦେଇପାରେ ସେପରି ବ୍ୟକ୍ତିକୁ ବିବାହ କରିବାକୁ ସେ ଝିଅଟି ସ୍ପଷ୍ଟ ମନା କରି ଦେଇଥିଲି । ତେଣୁ ସେ ଭଗବାନଙ୍କ ସେବା କରିବା ନିମନ୍ତେ ସିଦ୍ଧାନ୍ତ କରି ନେଇଛନ୍ତି । କାରଣ ଭଗବାନ ଯେଉଁ ପ୍ରେମ ଦାନ କରିବେ ତାହା ନାରୀର ପ୍ରେମ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହି ଉପନ୍ୟାସର ନାୟକ ରେଭରେଣ୍ଡ୍ କ୍ରୀଷ୍ଟସ୍ୱାମୀ ସେହି ବ୍ୟକ୍ତିର ଚରିତ୍ର ଉପରେ ଆଧାରିତ । ଦ୍ୱିତୀୟ ମହାଯୁଦ୍ଧ କ୍ୟାମ୍ପରେ ଥିବା ଏକ ସୁନ୍ଦରୀର ଅନୁସରଣରେ ତାଙ୍କର ନାୟିକା ଚିତ୍ରିତ । ଏହା ଏ ସଂକ୍ଷିପ୍ତ ଓ ସୁଲିଖିତ

ଉପନ୍ୟାସ । ପାଠକ ମହଲରେ ଏହା ଏବେ ମଧ୍ୟ ବହୁପରିମାଣରେ ଆଦୃତ । ଏହି ବହିଗୁଡ଼ିକ ରଚନା କରିବା ପାଇଁ ତାରାଶଙ୍କର ତାଙ୍କର ପ୍ରିୟ ଗାଁ ଭୂମିରେ ଘୂରି ବୁଲିଛନ୍ତି ଏବଂ ଗାଁ ଲୋକଙ୍କ ସଙ୍ଗେ ମିଶିଛନ୍ତି ।

'ଯୋଗଭ୍ରଷ୍ଟ' ଉପନ୍ୟାସର ନାୟକ ସୁଦର୍ଶନ ଜଣେ ଆଧୁନିକ ଫାଉଷ୍ଟ । ସେ ଧର୍ମଜ୍ଞାନ ଅନୁସନ୍ଧାନରେ ଜୀବନ ଆରମ୍ଭ କରେ ମାତ୍ର ଦେବୀଙ୍କର ସ୍ୱର୍ଣ୍ଣମୂର୍ତ୍ତି ବଦଳାଇ ସେ ତାର ଅନୁସନ୍ଧାନ କାର୍ଯ୍ୟର ପରିସମାପ୍ତି କରେ । ଏହା ତାର ପ୍ରେମିକା ପ୍ରାଣରେ ଭୟ ସଂଚାର କରିଥାଏ । ଲଗାଲଗି ଅନେକ ବିଚିତ୍ର ଘଟଣା ଘଟାଇ ଏବଂ ଅନେକଗୁଡ଼ିଏ ହତ୍ୟାକାଣ୍ଡ ଘଟାଇବା ପରେ ସେ ଗିରଫ ହୋଇଛି ଏବଂ ଶେଷରେ ଫାଶୀ ପାଇଛି । ଡେଥ୍ ସେଲ୍‌ରେ ଥିବାବେଳେ ସେ ତାର ଆତ୍ମଜୀବନୀ ଲେଖିଛି ଏବଂ ସେଥିରେ ସେ ଜୀବନରେ କରିଥିବା ପାପର ସ୍ୱୀକାର କରିଛି । ଏହି ପୁସ୍ତକରେ ସୁଦର୍ଶନର ଭଗବାନଙ୍କ ଉପରେ ଅନାସ୍ଥାଭାବ ତାର ପତନର କାରଣ ବୋଲି ଦର୍ଶାଯାଇଛି । ଯେଉଁ ମୁହୂର୍ତ୍ତିରୁ ନାୟକ ଭଗବାନଙ୍କ ଉପରୁ ଆସ୍ଥା ହରାଇଛି ସେହି ମୁହୂର୍ତ୍ତିରୁ ତାର ପତନ ଆରମ୍ଭ ହୋଇଛି । ଲେଖକଙ୍କର ନୈତିକ ଦୃଷ୍ଟିକୋଣ ସତ୍ତ୍ୱେ ସୁଦର୍ଶନ ଚରିତ୍ରଟି ଅତି ଚମତ୍କାର ହୋଇପାରିଛି । ଜୀବନପ୍ରତି ଗଭୀର ଆସକ୍ତି, କାମ ପ୍ରବୃତ୍ତି, ଶକ୍ତି, ଲୋଭ ବିଭିନ୍ନ କଥାରେ ଅତି ମାତ୍ରାରେ ଆଗ୍ରହ ପ୍ରକାଶ ତାର ଚରିତ୍ରର ବିଶେଷତ୍ୱ ଥିଲା । ସେ ଅପରାଧି ହେବାପାଇଁ ବାଛି ନେଇଛି, କାରଣ ଅପରାଧି ଜୀବନ ତାକୁ ମୁକ୍ତିଦେବ ବୋଲି ସେ ବୁଝିଛି ।

ପୁସ୍ତକଟି କ୍ଷୁଦ୍ର, ମାତ୍ର ସୁଦର୍ଶନର ଚରିତ୍ର ଚିତ୍ରଣ ଲେଖକ ଯେପରି କରିଛନ୍ତି ସେଥିରୁ ଜଣାଯାଏ ଯେ ସେ ସୁଦର୍ଶନ ପରି ଯେତେ ଲୋକଙ୍କ ସଂପର୍କରେ ଆସିଛନ୍ତି ସେମାନଙ୍କୁ ଭୁଲିପାରିନାହାନ୍ତି । ଯେଉଁମାନେ ସମାଜର ନିମ୍ନସ୍ତରରେ ରହନ୍ତି, ବଞ୍ଚିବାପାଇଁ ବଞ୍ଚନ୍ତି, ସେମାନେ ନିତିଦିନ ସମାଜର ପ୍ରତାରଣା ସହିତ ଖାପଖୁଆଇ ପାରନ୍ତି ନାହିଁ ।

ଜୀବନର ଶେଷ ମୁହୂର୍ତ୍ତି ପର୍ଯ୍ୟନ୍ତ ସେ ଲେଖିଥିବା ପୁସ୍ତକଗୁଡ଼ିକରୁ ଔପନ୍ୟାସିକ ରୂପେ ତାଙ୍କର ହୋଇଥିବା କ୍ରମ ଅବନତି ଜଣାପଡ଼ିଥାଏ । 'ହଂସୁଲିବାଙ୍କର ଉପକଥା' ହେଉଛି ତାଙ୍କର ଶେଷ ବଡ଼ ରଚନା । ଶେଷବେଳକୁ ଅନେକ କଥା ସେ ପୁନରାବୃତ୍ତି କରିଛନ୍ତି ।

ସେ ଯାହାକିଛି ଦେଖିଛନ୍ତି ସେ ସଂପର୍କରେ ଲେଖିଛନ୍ତି । ସେ ନିଜେ ରହୁଥିବା ସହର ସଂପର୍କରେ ବିଶେଷ କିଛି ଉଲ୍ଲେଖ କରି ନାହାନ୍ତି । ଅଧ୍ୟୟନ କରି କିମ୍ବା ସଂଗୃହୀତ ଜ୍ଞାନକୁ ଭିତ୍ତିକରି ଅନେକ ଲେଖକ ଲେଖନ୍ତି, ମାତ୍ର ସେ ସେହି ଧରଣର ଲେଖକ ନ ଥିଲେ । ତେଣୁ ସହରଭିତ୍ତିକ ଘଟଣାକୁ ନେଇ ସେ ଯେତେବେଳେ ଲେଖିବାକୁ

ଚେଷ୍ଟା କରିଛନ୍ତି ସେତେବେଳେ ବ୍ୟର୍ଥ ହୋଇଛନ୍ତି । ନୈତିକତାଶୂନ୍ୟ, ଭଗବତ ବିଶ୍ୱାସ ନ ଥିବା, ଆତ୍ମବିଶ୍ୱାସ ହରାଇଥିବା ଘଟଣାଗୁଡ଼ିକ ଏକାଧିକ ବାର ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ମାତ୍ର ଔପନ୍ୟାସିକ ଭାବେ ଏହା ତାଙ୍କୁ ବିଶେଷ ସାହାଯ୍ୟ କରିପାରି ନ ଥିଲା । 'ହଂସୁଲିବାଙ୍କର ଉପକଥା' ପରେ ସେ ଅଠାଅଶି ଗୋଟି ବହି ଲେଖିଛନ୍ତି । ସେଥିମଧ୍ୟରୁ ଅଧିକାଂଶ ଉପନ୍ୟାସ । ମାତ୍ର ଏଥିରୁ କୌଣସି ଗୋଟିକରେ ସେ ତାଙ୍କର ପୂର୍ବର କୃତିତ୍ୱ ପ୍ରଦର୍ଶନ କରିପାରିନାହାନ୍ତି ।

□

## ଦଶମ ପରିଚ୍ଛେଦ

ଔପନ୍ୟାସିକରୂପେ ତାରାଶଙ୍କରଙ୍କ କୃତିତ୍ୱ କ'ଣ ? ତାଙ୍କର ସଫଳତା କେଉଁଠାରେ ଏବଂ ବିଫଳତା କେଉଁଠାରେ ରହିଛି ? ଗତ କେତେବର୍ଷ ହେଲା ସମାଲୋଚକମାନେ ସେ ସମ୍ପର୍କରେ ଆଲୋଚନା କରୁଛନ୍ତି । କେବଳ ଶରତ୍ ଚନ୍ଦ୍ରଙ୍କୁ ବାଦଦେଲେ ବାନାର୍ଜୀତ୍ରୟ, ତାରାଶଙ୍କର, ବିଭୂତିଭୂଷଣ ଏବଂ ମାନିକ ଠାକୁର ପରବର୍ତ୍ତୀ ବଙ୍ଗଳା ଉପନ୍ୟାସ ଇତିହାସରେ ତିନିଗୋଟି ମାଇଲଖୁଣ୍ଟ । ଏମାନଙ୍କ ମଧ୍ୟରେ ତାରାଶଙ୍କର ସର୍ବଶ୍ରେଷ୍ଠ । ଔପନ୍ୟାସିକ ରୂପେ ତାରାଶଙ୍କରଙ୍କର କୃତିର ସବିଶେଷ ବିଚାର ପାଇଁ ବର୍ତ୍ତମାନ ହେଉଛି ଉପଯୁକ୍ତ ସମୟ । ନିର୍ଦ୍ଦିଷ୍ଟ ଦୃଷ୍ଟିକୋଣ ରଖି ସମାଲୋଚନା କରିବା ବର୍ତ୍ତମାନ ପ୍ରାୟ ବଙ୍ଗଳା ସାହିତ୍ୟରେ ଦେଖାଯାଉ ନାହିଁ । ଗତ କୋଡ଼ିଏ ବର୍ଷ ଧରି ଆମ୍ଭେମାନେ ପ୍ରତିବର୍ଷ ଜଣେ ବଙ୍ଗାଳି ରୋମାଁରୋଲାଁ କିମ୍ବା ବଙ୍ଗାଳି ଦସ୍ତୋଭସ୍କି କିମ୍ବା ବଙ୍ଗାଳି ଟଲଷ୍ଟୟଙ୍କୁ ଉପହାର ଦେଉଛୁ । ବିଭିନ୍ନ ଗୋଷ୍ଠୀର ଲେଖକମାନେ ଆପଣା ଆପଣା ଗୋଷ୍ଠୀର ଲେଖକମାନଙ୍କୁ ସର୍ବଶ୍ରେଷ୍ଠ ରୂପେ ପ୍ରତିପାଦିତ କରିବା ପାଇଁ ଉଦ୍ୟମ କରନ୍ତି । ଜଣେ ପ୍ରକୃତ ଶକ୍ତିଶାଳୀ ଲେଖକ ଏକତରଫା ସମାଲୋଚନା ଫଳରେ କେତେଦୂର କ୍ଷତିଗ୍ରସ୍ତ ହୋଇପାରନ୍ତି ମାନିକ୍ ବାନାର୍ଜୀ ହେଉଛନ୍ତି ତାର ସର୍ବଶ୍ରେଷ୍ଠ ଦୃଷ୍ଟାନ୍ତ । ତାଙ୍କର ଶ୍ରେଷ୍ଠକୃତି 'ପଦ୍ମା ନଦୀର ମାଝି' ଏବଂ 'ପୁତୁଲ୍ ନାଚେର ଇତିକଥା' ଦ୍ୱିତୀୟ ମହାଯୁଦ୍ଧର ଯଥେଷ୍ଟ ପୂର୍ବରୁ ପ୍ରକାଶିତ ହୋଇଥିଲା । ତୃତୀୟ ଦଶକର ଜଣେ ବିଶିଷ୍ଟ ଔପନ୍ୟାସିକରୂପେ ସେ ଯଥାର୍ଥରେ ପ୍ରଶଂସିତ ହୋଇଥିଲେ । ମାତ୍ର ଯୁଦ୍ଧ ସମୟରେ ସେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଲେ । ତାପରେ ସେ ଯେଉଁ ବହି ରଚନା କଲେ ତାହା ପୂର୍ବର ବହିଦୁଇଟି ପରି ଉଚ୍ଚମାନର ହୋଇପାରିଲା ନାହିଁ । ଅବିଳମ୍ବେ ପୂର୍ବର ସମାଲୋଚକମାନେ ତାଙ୍କପ୍ରତି ଉଦାସୀନ ରହିଲେ । ଏହା ନିଶ୍ଚିତଭାବେ ଏକ ଭୁଲ୍ ମନୋଭାବ । ଗୋଟିଏ ନୂତନ ସମାଲୋଚକଗୋଷ୍ଠୀ, ପରେ ସେ ଯେଉଁ ପୁସ୍ତକଗୁଡ଼ିକ ରଚନା କଲେ ସେ ସବୁର ବହୁ ପ୍ରଶଂସା କଲେ, ମାତ୍ର ଏହିସବୁ ଉପନ୍ୟାସଗୁଡ଼ିକୁ ତାଙ୍କର ପୂର୍ବ ଉପନ୍ୟାସ ଦୁଇଟି ସଙ୍ଗେ ତୁଳନା କଲେ ନାହିଁ । ବର୍ତ୍ତମାନ ଗୋଟିଏ ଗୋଷ୍ଠୀ ପରବର୍ତ୍ତୀ ଉପନ୍ୟାସଗୁଡ଼ିକୁ ଏବଂ ଆଉ ଗୋଟିଏ ଗୋଷ୍ଠୀ ପୂର୍ବବର୍ତ୍ତୀ ଉପନ୍ୟାସଗୁଡ଼ିକୁ ନ୍ୟୂନକରି ବିଚାରନ୍ତି । ମାନିକ୍ ବାନାର୍ଜୀ ଏଥିପ୍ରତି କିପରି ମନୋଭାବ ପ୍ରକାଶ କରିଥାଆନ୍ତେ ତାହାର ବିଚାର ନ କରିବା ସବୁଠାରୁ ଭଲ । କାରଣ ସେ ଜଣେ ବଳିଷ୍ଠ ସ୍ୱାଧୀନ ମନୋଭାବାସମ୍ପନ୍ନ ବ୍ୟକ୍ତି ଏବଂ ବିଭିନ୍ନ ସମୟରେ ସେ ଆପଣାର ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଥାଆନ୍ତି ।

ଅନ୍ୟ ଦୁଇଜଣ ଔପନ୍ୟାସିକଙ୍କ ସଙ୍ଗେ ତୁଳନା କରି ତାରାଶଙ୍କରଙ୍କର କୃତିତ୍ୱର ବିଚାର କରିବା ସମ୍ଭବ ନୁହେଁ । ଏହି ତିନିଜଣ ପରସ୍ପରଠାରୁ ସମ୍ପୂର୍ଣ୍ଣଭାବେ

ଭିନ୍ନ । ଏହି ତିନିଜଣ କୌଣସି ଗୋଟିଏ ବିଷୟରେ ଏକମତ ହୋଇପାରି ନାହାନ୍ତି । ସମାଜକୁ ଆଭ୍ୟନ୍ତରୀଣ ରୁଗ୍ଣ ମନୋଭାବ ଉପରେ ନିଃଶେଷ କରି ଚାଲିଛି ତାରାଶଙ୍କର ତା'ର ବିଶ୍ଳେଷଣ କରି ନାହାନ୍ତି । ମାନିକ ବାନାର୍ଜୀ ଉପରେ ଭାଗ୍ୟବାଦୀ ତାହା ପୂର୍ବରୁ କୁହାଯାଇଥିବା ତାଙ୍କ ଉପନ୍ୟାସ ଦୁଇଟିରୁ ଜଣାଯାଏ । ବିଭୂତିଭୂଷଣଙ୍କର ମଧ୍ୟ ତାଙ୍କ ସହ କୌଣସି ସାମଞ୍ଜସ୍ୟ ନାହିଁ । କେଉଁ ଲେଖକ ସହିତ କେଉଁ ଲେଖକର ବା ସାମଞ୍ଜସ୍ୟ ରହିଛି ? ଜୀବନର ରହସ୍ୟାବଳୀ ଓ ପ୍ରକୃତି ସଂପର୍କରେ ବିଭୂତିଭୂଷଣଙ୍କର ଯେଉଁ ଗଭୀର ଅନ୍ତର୍ଦୃଷ୍ଟି ଥିଲା ତାହା ସାଧାରଣତଃ ଦେଖାଯାଏ ନାହିଁ । ଏଥି ନିମନ୍ତେ ଜଣଙ୍କର ଅସମ୍ଭବ ମାନସିକ ଶକ୍ତି ଓ ଆଗ୍ରହ ରହିବା ଦରକାର । 'ପଥେର ପାଞ୍ଚାଲି'ରେ ଅପୁର ଶୈଶବର ଦୁଃଖ ଦାରିଦ୍ର୍ୟର କଥା କିଏ ମନେ ରଖିଥାଏ । ବଣୁଆ ଫୁଲର ପାଖୁଡ଼ା ପରି ଅବହେଳିତ ଶିଶୁର ସ୍ୱପ୍ନିଳ ଆଖିରେ ଦେଖାଯାଉଥିବା କୌତୁକମୟ ପୃଥିବୀର ଚିତ୍ର ବିଭୂତିଭୂଷଣ ଯେପରି ପ୍ରଦାନ କରିଛନ୍ତି ତାହା ପାଠକ ସ୍ମୃତିରେ ରେଖାପାତ କରିଥାଏ ।

ବିଭୂତିଭୂଷଣଙ୍କର କଳାନୈପୁଣ୍ୟର ଦୃଷ୍ଟାନ୍ତ ତାଙ୍କ ପୂର୍ବର କିମ୍ବା ପରବର୍ତ୍ତୀ ବଙ୍ଗଳା ସାହିତ୍ୟରେ ସହଜେ ଦେଖାଯାଏ ନାହିଁ । ବଙ୍ଗଳା ସାହିତ୍ୟର ପରମ୍ପରା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ତାଙ୍କ ବ୍ୟତୀତ ଅନ୍ୟ କୌଣସି ଲେଖକ 'ପଥେର୍ ପାଞ୍ଚାଲି' କିମ୍ବା 'ଆରଣ୍ୟକ' ଲେଖିପାରି ନ ଥାନ୍ତେ । କାରଣ ଗୋଟିଏ ଗ୍ରାମ୍ୟ ବାଳକର ଶୈଶବାବସ୍ଥା କିମ୍ବା ନିଘଞ୍ଚ ବନାନୀର ସୌନ୍ଦର୍ଯ୍ୟ ଯେ ଗୋଟିଏ ବିରାଟ ଉପନ୍ୟାସର କଥାବସ୍ତୁ ହୋଇପାରେ ଏକଥା ଅନ୍ୟ କେହି ଚିନ୍ତାକରି ପାରି ନ ଥାନ୍ତେ । ବିଭୂତିଭୂଷଣ ହେଉଛନ୍ତି ଏକମାତ୍ର ଲେଖକ ଯେକି ଅନ୍ୟମାନଙ୍କ ଦ୍ୱାରା ମୋଟେ ପ୍ରଭାବିତ ନୁହନ୍ତି, ଏପରିକି ମାନିକ୍ ବାନାର୍ଜୀଙ୍କ ମୁଖ୍ୟ ଗଳ୍ପଗୁଡ଼ିକରେ ଜଗଦୀଶ ଗୁପ୍ତାଙ୍କର ସମାଲୋଚନାପୂର୍ଣ୍ଣ ବିଶ୍ଳେଷଣ ଏବଂ ମୂଳକଥାର ଅନୁଧ୍ୟାନମୂଳକ ଆଭିମୁଖ୍ୟର ଛାୟା ପରିଲକ୍ଷିତ । ଏହାକୁ ବାଦ୍ ଦେଲେ ମାନିକ୍ ବାନାର୍ଜୀ ମଧ୍ୟ ବଙ୍ଗଳା ଉପନ୍ୟାସ ଦ୍ୱାରା ପ୍ରଭାବିତ ହୋଇ ନ ଥିଲେ । ମାତ୍ର ତାରାଶଙ୍କରଙ୍କ ସଂପର୍କରେ ଅନୁରୂପ କଥା କୁହାଯାଇପାରିବ ନାହିଁ । କଥାବସ୍ତୁର ନିର୍ବାଚନକଲାବେଳେ ସେ ପ୍ରାଚୀନ ମୂଲ୍ୟବୋଧପ୍ରତି ଅନୁରକ୍ତ ଓ ପୁରାଣ ମହାକାବ୍ୟପ୍ରତି ସଚେତନ ରହୁଥିଲେ । ସେ ବହୁଳଭାବେ ପରମ୍ପରାରେ ବିଶ୍ୱାସସ୍ଥାପନ କରୁଥିଲେ । ବିଭୂତିଭୂଷଣଙ୍କର ମହାକାବ୍ୟ ଉପରେ ଗଭୀର ଜ୍ଞାନ ଥିଲା । ମାତ୍ର ସେ କେହିଁ ତାରାଶଙ୍କରଙ୍କ ପରି ନ ଥିଲେ ।

ହଠାତ୍ ତାରାଶଙ୍କର ପାଠକମାନଙ୍କ ଦ୍ୱାରା ଏପରି ଆଦୃତହେବାର କାରଣ କ'ଣ ? ଏହାର ଉତ୍ତର ହେଲା ତାଙ୍କର ବିଷୟ ନିର୍ବାଚନ । ପ୍ରଥମତଃ ତାଙ୍କର ତିନୋଟି

ମହାକାବ୍ୟଧର୍ମୀ ଉପନ୍ୟାସର ସଫଳତା ଦ୍ୱାରା ସେ ପ୍ରମାଣ କରିଦେଲେ ଯେ ଜଣେ ଲେଖକ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ କିମ୍ବା ଗୋଟିଏ ପରିବାର ଉପରେ ନ ଲେଖି ସମୂହଭାବେ ଜନସାଧାରଣଙ୍କୁ ନେଇ ଲେଖିଲେ ତାହା ସର୍ବାଧିକ ପାଠକଙ୍କୁ ଆକୃଷ୍ଟ କରିପାରିବ । ଦ୍ୱିତୀୟରେ ସେ ଏପରି ବିଷୟବସ୍ତୁ ନିର୍ବାଚନ କଲେ ନାହିଁ ଯାହାକୁ ସହଜରେ ଗ୍ରହଣ ନ କରି ବିରୋଧ କରାଯାଇପାରେ । ଯଦିଓ ଅବିଚ୍ଛିନ୍ନଭାବେ ସେ ମାନବଜାତିର ପ୍ରଗତିର କଥା ଲେଖିଛନ୍ତି, ସେ ପରମ୍ପରାରେ ଦୃଢ଼ବିଶ୍ୱାସ କରୁଥିଲେ, ଯେଉଁ ପରମ୍ପରାର ଚେର ଏ ଜାତିର ମନରେ ଅତି ଗଭୀରକୁ ଯାଇପାରିଛି । ଶେଷରେ ପ୍ରତ୍ୟକ୍ଷ ଜ୍ଞାନ ଓ ଅନୁଭୂତିରୁ ସେ ବଙ୍ଗଳାର ଗ୍ରାମ ସମ୍ପର୍କରେ ଲେଖିଛନ୍ତି । ଏହା ଫଳରେ ସେ ତିନି ଓ ଚାରି ଦଶକର ପାଠକ, ଯେଉଁମାନଙ୍କର ଗାଁ ସହିତ ସମ୍ପର୍କ ଥିଲା ସେମାନଙ୍କର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି । ପରେ ବୁଦ୍ଧିଜୀବୀମାନେ ଅଧିକ ମାତ୍ରାରେ ସହରବାସୀ ହୋଇଛନ୍ତି । ସେହି କାରଣରୁ ଗ୍ରାମ୍ୟକଥାବସ୍ତୁକୁ ଭିତ୍ତିକରି ବଙ୍ଗଳା ସାହିତ୍ୟରେ ଲିଖିତ ଉପନ୍ୟାସଗୁଡ଼ିକ ଶାଶ୍ୱତ ବୋଲି କହିଲେ ବୋଧହୁଏ ଅପ୍ରାସଙ୍ଗିକ ହେବ ନାହିଁ । ବିଚିତ୍ର କଥା ଯେ କେବଳ କବି ଠାକୁରଙ୍କ ଉପନ୍ୟାସକୁ ବାଦ୍‌ଦେଲେ ପ୍ରାୟ ପ୍ରତିଟି ବିଶିଷ୍ଟ ବଙ୍ଗଳା ଉପନ୍ୟାସ ଗ୍ରାମ୍ୟ କଥାବସ୍ତୁକୁ ନେଇ ରଚିତ । ଏପରିକି ଆଧୁନିକ ଲେଖକମାନେ ବଡ଼ ଧରଣର କିଛି ଲେଖିବାକୁ ଚାହିଁଲେ ସେମାନେ ଗ୍ରାମ୍ୟ କଥାବସ୍ତୁକୁ ନେଇ ଲେଖିବାକୁ ଚେଷ୍ଟା କରୁଛନ୍ତି । ବୋଧହୁଏ ମାନସିକ ସ୍ତରରେ ଏ ପର୍ଯ୍ୟନ୍ତ ଆମେ ଗାଁକୁ ଛାଡ଼ିପାରିଲୁ ନାହିଁ । ଚାରିପୁରୁଷଧରି କଲିକତାରେ ଜଣେ ରହିବାପରେ ଯେତେବେଳେ ସେ କହେ ଯେ ସେ ଅମୁକ ଗାଁରୁ ଆସିଛି ଶୁଣି ଆଶ୍ଚର୍ଯ୍ୟ ଲାଗେ ନାହିଁ ।

ତାରାଶଙ୍କର ଲେଖିବାକୁ ଆରମ୍ଭ କଲାବେଳେ ଏସବୁ କଥା ବିଚାରକୁ ନେଇ ନ ଥିଲେ । ବାଧ୍ୟବାଧକତାହେତୁ ସେ କିଛି ଲେଖୁ ନ ଥିଲେ । ଯେଉଁ ବିଷୟରେ ତାଙ୍କର ପ୍ରତ୍ୟକ୍ଷ ଅନୁଭୂତି ଥିଲା କେବଳ ସେ ସେହି କଥା ଲେଖୁଥିଲେ । ସମୂହ ମଣିଷ-ସମାଜ ସମ୍ପର୍କରେ ଲେଖିବାରେ ବୋଧହୁଏ ସେ ହେଉଛନ୍ତି ପ୍ରଥମ ସଫଳ ଲେଖକ । ତାଙ୍କର ମହାକାବ୍ୟଧର୍ମୀ ଉପନ୍ୟାସଗୁଡ଼ିକ ତାର ପ୍ରମାଣ ଦେଇଥାଏ ।

ଗାଁ ଏବଂ ଗ୍ରାମବାସୀଙ୍କ କଥା ଲେଖି ସେ କୌଣସି ନୂତନତ୍ୱ ପ୍ରଦର୍ଶନ କରିନାହାନ୍ତି । କାରଣ ଶରତ୍‌ଚନ୍ଦ୍ର ଚାଟାର୍ଜି ଓ ଆଉ କେତେକ ସ୍ୱଳ୍ପ ପ୍ରତିଷ୍ଠିତ ଲେଖକ ଗାଁ ସମ୍ପର୍କରେ ପୂର୍ବରୁ ଲେଖି ସାରିଥିଲେ । ଗାଁ ସମ୍ପର୍କରେ ତାରାଶଙ୍କରଙ୍କର ଥିବା ଗଭୀର ଜ୍ଞାନ ଓ ସୁବିସ୍ତୃତ ଦୃଷ୍ଟିକୋଣ ଶରତ୍‌ଚନ୍ଦ୍ରଙ୍କର ନ ଥିଲା । ତାରାଶଙ୍କରଙ୍କର ଐତିହାସିକ ସଚେତନତା ମଧ୍ୟ ଶରତ୍‌ଚନ୍ଦ୍ରଙ୍କର ନ ଥିଲା ।

ଅଞ୍ଚଳର ଅନୁଭୂତିରୁ ତାରାଶଙ୍କରଙ୍କର କଥାବସ୍ତୁ ଗଢ଼ି ଉଠିଛି । ବିଷୟବସ୍ତୁ ନିର୍ବାଚନ ଉପରେ ସେ ସବୁଠାରୁ ଅଧିକ ଗୁରୁତ୍ୱ ଆରୋପ କରୁଥିଲେ । ଏହାହିଁ ଥିଲା ତାଙ୍କ ସଫଳତାର ରହସ୍ୟ । ଗାଁରେ ଜନ୍ମହୋଇଥିବା ଜଣେ ବ୍ୟକ୍ତି ରୂପେ ସେ ବେଶ୍ ହୃଦ୍‌ବୋଧ କରିପାରିଥିଲେ ଯେ ସହରର ଅର୍ଥନୈତିକ ଚାପ ହେତୁ ମଫସଲର ଅର୍ଥ-ନୈତିକ ଢାଞ୍ଚା ବାଧ ହୋଇ ବଦଳିଯାଉଛି । ତାଙ୍କର ହୃଦବୋଧ ହୋଇଥିଲା ଯେ କଲିକତା ନଗର ଏବଂ ତାର ନିକଟବର୍ତ୍ତୀ ଶିଳ୍ପାଞ୍ଚଳଗୁଡ଼ିକର ଆସୁରିକ ବିକାଶ ପଶ୍ଚିମବଙ୍ଗଳାର ଗ୍ରାମଗୁଡ଼ିକର ଧ୍ୱଂସ ପାଇଦିବାର ମୁଖ୍ୟ କାରଣ । ଏହି ଏକପାଖିଆ ବିକାଶ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଥିଲା ଏବଂ ଗ୍ରାମଗୁଡ଼ିକୁ ଆଶୁ ଧ୍ୱଂସ ପଥକୁ ଟାଣି ନେଉଥିଲା । ଗ୍ରାମ୍ୟ ଅର୍ଥନୀତିର ବିକାଶପ୍ରତି ଚରମ ଅବହେଳା ପ୍ରଦର୍ଶନ କରାଯାଉଥିଲା । ଭାରତପରି ଏକ କୃଷିଭିତ୍ତିକ ରାଷ୍ଟ୍ରରେ ଏହା ଏକ ବିରାଟ ଭୁଲ୍ ବୋଲି ସେ ଅନୁଭବ କରିଥିଲେ । ଗରିବ ମୂଲିଆମାନେ ଖିଆଲମତ ଜମିମାଲିକ ଓ ମହାଜନମାନଙ୍କ ଦ୍ୱାରା କିପରି ଶୋଷିତ ହେଉଥିଲେ ଏବଂ କାମପାଇଁ ବାଧହୋଇ ଗାଁ ଛାଡ଼ି ଚାଲିଯାଉଥିଲେ ତାହା ସେ ତାଙ୍କର ଉପନ୍ୟାସମାନଙ୍କରେ ବର୍ଣ୍ଣନା କରିଛନ୍ତି । ଏହିସବୁ ଅନୁଭୂତି ତାଙ୍କ ଲେଖାର ଆଭିମୁଖ୍ୟ ସ୍ଥିର କରିବାରେ ସାହାଯ୍ୟ କରୁଥିଲା ।

ସେ ଯେଉଁ ବିଷୟ ଲେଖୁଥିଲେ ପ୍ରଥମେ ସେ ସମ୍ପର୍କରେ ସବିଶେଷ ଜ୍ଞାନ ଆହରଣ କରିବା ପରେ ଯାଇ ଲେଖୁଥିଲେ । ମୋଗଲ ଶାସନ ଆରମ୍ଭରୁ ଏ ପର୍ଯ୍ୟନ୍ତ ଚାଲିଆସୁଥିବା ଜମିଜମା ବ୍ୟବସ୍ଥା ଉପରେ ଥିବା ଇତିହାସ ଏବଂ ସେ ସମ୍ପର୍କରେ ଥିବା ବିଭିନ୍ନ ଦଲିଲ ସେ ଅଧ୍ୟୟନ କରି ଜ୍ଞାନ ଆହରଣ କରିଥିଲେ । ଏଥିପାଇଁ ତାଙ୍କୁ ପ୍ରଶଂସା ନ କରି ରହିହୁଏ ନାହିଁ । ଏହି କାରଣରୁ ସେ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ବିଶେଷଜ୍ଞଙ୍କ ପରି କହିପାରୁଥିଲେ । ଜମିଜମାର ମୂଲ୍ୟନିରୂପଣ, ବଣ୍ଟନ, ବର୍ଗାଦାରୀ ବ୍ୟବସ୍ଥା, ଜମିଉପରେ କର ନିର୍ଦ୍ଧାରଣ ନୀତି ଏବଂ ଜମି ଜାଗା କିପରି ହୁଏ ସେ ଜାଣିଥିଲେ । ସେ ମଧ୍ୟ ଜାଣିଥିଲେ କିପରି ପରବର୍ତ୍ତୀ ଜମିଜମା ସଂପର୍କରେ କେବେ ବିଘା (ଏକ ଏକରର ତିନି ଭାଗରୁ ଭାଗେ) ବ୍ୟବସ୍ଥା ପ୍ରଚଳିତ ହେଲା । କେବେଠାରୁ ଦୌଡ଼ାରେ ଜମିମାପ ବନ୍ଦ ହୋଇ ଚେନ୍‌ରେ ମପାମପି କାମ ଆରମ୍ଭ ହେଲା । ବିଭିନ୍ନ ସମୟରେ ହୋଇଥିବା ଟିକସ ସଂସ୍କାର ଏବଂ ଜମିର ସର୍ବୋଚ୍ଚସୀମା ନିର୍ଦ୍ଧାରଣ ସଂପର୍କରେ ସେ ଜାଣିଥିଲେ । ଅନ୍ୟ ଲେଖକମାନଙ୍କ ଅପେକ୍ଷା ଜମିଜମା ସଂପର୍କରେ କିଛି କହିବାଲାଗି ଏ ସମସ୍ତ ଜ୍ଞାନ ତାଙ୍କୁ ଅଧିକ ସୁଯୋଗ ଦେଇଥିଲା । ଦେଶ କହିଲେ ସେପରି କୌଣସି ଅସ୍ପଷ୍ଟ ବସ୍ତୁକୁ ବୁଝାଏ ନାହିଁ । ଏହା ସମୂହ-ଭାବେ ତାର ଲୋକ, ମାଟି, ଶସ୍ୟ, କୃଷି, ଟିକସ ରାଜସ୍ୱ, କୃଷିଭିତ୍ତିକ ଋଣ, କେନାଲ ଟିକସ, ଫସଲହାନୀ ହେତୁ ମରୁଡ଼ି, ବନ୍ୟା, ଜମି ନ ଥିବା ଶ୍ରମିକର ହାଡ଼ଭଙ୍ଗା ପରିଶ୍ରମକୁ ବୁଝାଯାଇଥାଏ ।

ଏହାବ୍ୟତୀତ ତାଙ୍କର ଅନ୍ୟ ସୁବିଧାଗୁଡ଼ିକ ହେଲା, ତାଙ୍କ ବେଳର ଦେଶର ଧର୍ମଗ୍ରନ୍ଥ, ପୁରାଣଶାସ୍ତ୍ର ଓ ଲୋକକଥା ଉପରେ ବିଶେଷ ଜ୍ଞାନ ଥିଲା । ସେଇମାନଙ୍କ ସମ୍ପର୍କରେ ସେ ଲେଖୁଥିଲେ ସେମାନଙ୍କ ଜୀବନଯାପନ ପ୍ରଣାଳୀ ଉପରେ ମଧ୍ୟ ଯଥେଷ୍ଟ ଜ୍ଞାନଥିଲା । ତାଙ୍କ ଚରିତ୍ରଗୁଡ଼ିକ ଦୈନ୍ୟନ୍ଦିନ ଜୀବନରୁ ସଂଗୃହୀତ । ଖୁବ୍ ଭଲ ଧାନ ହୋଇଥିବା ବିଲ, ଯେଉଁଠାରୁ କି କେବେ ନିଜେ ଅମଳ କରିବା ସମ୍ଭବ ନୁହେଁ । ତାହାଦେଖି ମକୁନ୍ଦ ପାଲ୍ ପରି କୃଷକମନରେ କି ପ୍ରତିକ୍ରିୟା ସୃଷ୍ଟିହୁଏ ସେକଥା କେବଳ ସେ ଜାଣିଥିଲେ । ନାସୁବାଲା ପରି ଅସ୍ୱାଭାବିକ ଚରିତ୍ର କିପରି ପ୍ରତିକ୍ରିୟା ପ୍ରକାଶ କରେ, ଗ୍ରାମର ଡାହାଣୀରୂପେ ନିନ୍ଦିତ ସ୍ତ୍ରୀଲୋକ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ଏକାକୀ କିପରି ମୃତ୍ୟୁ ଅପେକ୍ଷାରେ ଥାଏ, ତାହା ସେ କେବଳ ଜାଣନ୍ତି ।

ଜଣେ ଔପନ୍ୟାସିକ ରୂପେ ସେ ଯେଉଁ ବିଷୟ ଲେଖୁଥିଲେ ତା ଉପରେ ଥିବା ତାଙ୍କର ସବିଶେଷ ଜ୍ଞାନ ତାଙ୍କ ସୃଷ୍ଟିର ପିଲ୍ଭନୈପୁଣ୍ୟ ପାଇଁ ଦାୟୀ, ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ । ଜଣେ ଲେଖକର ଏପରି ଜ୍ଞାନ ରହିବା ଉଚିତ ବୋଲି ସେ ବିଶ୍ୱାସ କରୁଥିଲେ । ମୃତ୍ୟୁପରେ ପ୍ରକାଶିତ ତାଙ୍କର ଉପନ୍ୟାସ 'ଶତାବ୍ଦୀର ମୃତ୍ୟୁ' ତାର ପ୍ରମାଣ ଦେଇଥାଏ । ଏହି ଉପନ୍ୟାସଟି ରଚନା କଲାବେଳେ ସେ ତାଙ୍କର ଚିରପରିଚିତ ବୀରଭୂମି ଗାଁକୁ ଛାଡ଼ିଯାଇଛନ୍ତି । କଲିକତା ନିକଟବର୍ତ୍ତୀ ଗୋଟିଏ ଗାଁରୁ ଶିକ୍ଷାପାଇଁ କଲିକତା ନଗରୀକୁ ଆସିଥିବା ଗୋଟିଏ ବାଳକକୁ ନେଇ ଏହି ଉପନ୍ୟାସଟିକୁ ସେ ରଚନା କରିଛନ୍ତି । ଏଠାରେ ପୁଣି ସେ କଲିକତା ନଗରୀର ବିକାଶ ଓ ସଂପ୍ରସାରଣ ବିଷୟ ବର୍ଣ୍ଣନା କରିଛନ୍ତି, ଯାହାକି ସେ ସମୟର ଏକ ଚମତ୍କାର ଘଟଣା । ଅନ୍ୟ କେତେକ ଲେଖକଙ୍କପରି ସେ କେତେଗୋଟି ସମ୍ଭ୍ରାନ୍ତ ପରିବାରର ଦୁର୍ନାମ କରୁଥିବା କାହାଣୀକୁ ପୁଞ୍ଜିକରି ଲେଖିଦିବାଟାକୁ ଯଥେଷ୍ଟ ନୁହେଁ ବୋଲି ଧରି ନେଇଥିଲେ । ଜମିଦାରମାନେ ଏହି ନଗରୀକୁ ନିର୍ମାଣ କରି ନାହାନ୍ତି । ଆଜିର କଲିକତା ଯାହା ଦିନେ ଜଙ୍ଗଲ ଥିଲା ତାହା ବାଣିଜ୍ୟ ବ୍ୟବସାୟ ହେତୁ ସମୃଦ୍ଧ ହୋଇଛି । ତାରାଶଙ୍କର ଦେଖାଇବାକୁ ଚେଷ୍ଟାକରିଛନ୍ତି ଯେ ଯେଉଁମାନେ ବାଣିଜ୍ୟ ବ୍ୟବସାୟ ହେତୁ ଧନୀ ହୋଇଛନ୍ତି ସେମାନେ ଜମିଦାରମାନଙ୍କ ଅନୁକରଣ କରି ଚାଲିଲେ । ଫଳରେ କଲିକତାର ବିକାଶରେ ସହାୟକ ନ ହୋଇ ସେମାନେ ତାର ଅଧୋପତନର କାରଣ ହେଲେ । ଏହି ଉପନ୍ୟାସର କଥାବସ୍ତୁ ଆଜିର ପାଠକପାଇଁ ଦ୍ୱିଗୁଣ ଆଗ୍ରହ ସୃଷ୍ଟି କରିଥାଏ । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ ଏବଂ ଊନବିଂଶ ଶତାବ୍ଦୀର ଆରମ୍ଭ ସମୟରେ ବଙ୍ଗାଳୀମାନେ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଆଗ୍ରହ ପ୍ରଦର୍ଶନ କରୁଥିଲେ ବୋଲି ଏଥିରୁ ଜଣାଯାଇଥାଏ । ଗବେଷକମାନେ ଏଥିପାଇଁ ଧନ୍ୟବାଦର ପାତ୍ର । ବାସ୍ତବରେ ସେମାନେ ଅନେକ ବ୍ୟବସାୟ ପ୍ରତିଷ୍ଠାନ ପ୍ରତିଷ୍ଠା କରିଥିଲେ । ସେମାନେ

ଯେତେବେଳେ ନିଜେ ନିର୍ଦ୍ଧାରଣ କରିଥିବା ନୀତିନିୟମ ଦ୍ୱାରା ପରିଚାଳିତ ନ ହୋଇ ଖ୍ରୀଷ୍ଟିୟ ଜମିଦାରମାନଙ୍କ ଅନୁକରଣ କଲେ ସେତେବେଳକୁ ସେମାନେ ରାଜ୍ୟର ଶିଳ୍ପ ଅର୍ଥନୀତି ଗଠନ କ୍ଷେତ୍ରରେ ଭାଗିଦାର ହୋଇପାରିଲେ ନାହିଁ । ତାରାଶଙ୍କର ଠିକ୍ ଭାବେ ଦର୍ଶାଇଛନ୍ତି ଯେ ଊନବିଂଶ ଶତାବ୍ଦୀରେ ଯେଉଁ ନବଜାଗରଣ ହେଲା ସେଥିରେ ପ୍ରାଧାନ୍ୟ ହରାଇ ଆସୁଥିବା ଜମିଦାରମାନଙ୍କର କୌଣସି ଅବଦାନ ନାହିଁ । ସେମାନେ କେବଳ ନିଜର ବିବାହିତ ସ୍ତ୍ରୀମାନଙ୍କୁ କଷ୍ଟଦେଇ ସମସ୍ତ ଅର୍ଥ ନର୍ତ୍ତକୀମାନଙ୍କପାଇଁ ଖର୍ଚ୍ଚ କରୁଥିଲେ । ତାରାଶଙ୍କର ଜାଣିଥିଲେ ଯେ ଏଥର ସେ ନୂଆ କଥାବସ୍ତୁ ଉପରେ ଲେଖୁଛନ୍ତି । ନଗରର ବିକାଶ ସମ୍ପର୍କରେ ସବିଶେଷ ଅଧ୍ୟୟନକରି ବିଷୟବସ୍ତୁକୁ ଅଧିକ ନ୍ୟାୟ ଦେବାପାଇଁ ସେ ଚେଷ୍ଟିତ ଥିଲେ । ଔପନ୍ୟାସିକ ରୂପେ ସଫଳତା ଲାଭ କରିବାରେ ଏହା ଥିଲା ତାଙ୍କର ଗୁରୁଚାବି । ତାଙ୍କ ସଫଳତାର ଅନ୍ୟଏକ କାରଣ ହେଲା ସିଧାସଳଖ ଭାବେ ତାଙ୍କ ଗପ କହିବାର ଶୈଳୀ । ନାଟକୀୟତା, ନାରକୀୟତା, ଓ ମଣିଷମନର ଚିତ୍ର ତାଙ୍କ ଲେଖାରେ ସେ ଯେପରି ଚିତ୍ରଣ କରିଛନ୍ତି ତାହା ପାଠକ-ମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଗଳ୍ପଗୁଡ଼ିକର କଥନଶୈଳୀ ଦ୍ୱାରା ଆକୃଷ୍ଟ ହୋଇ ପାଠକମାନେ ମୁଖ୍ୟତଃ ତାଙ୍କ ଗଳ୍ପଗୁଡ଼ିକ ପଢ଼ିଥାଆନ୍ତି । ପାଠକମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଚିନ୍ତାଶୀଳ ସେମାନେ ଗଳ୍ପର ଅଧିକ ଗଭୀରକୁ ଯାଆନ୍ତି ଏବଂ ସୁବିସ୍ତୃତ ଦିଗ୍‌ବଳୟର ସନ୍ଧାନ ପାଇଥାଆନ୍ତି । ପାଠକମାନେ ବିସ୍ମିତ ହୁଅନ୍ତି ଯେ ତାରାଶଙ୍କରଙ୍କର ଗଳ୍ପଉପନ୍ୟାସରେ ବର୍ଣ୍ଣିତ ଚରିତ୍ରଗୁଡ଼ିକ ବାସ୍ତବ ଦୁନିଆରେ ଅଛନ୍ତି । ମାତ୍ର ତାରାଶଙ୍କରଙ୍କୁ ପଢ଼ିବା ପୂର୍ବରୁ ସେମାନଙ୍କ ସମ୍ପର୍କରେ ସେମାନେ ଖୁବ୍ କମ୍ ଜାଣିଥିଲେ ଓ ସେମାନଙ୍କ ସମ୍ପର୍କରେ ଜାଣିବାକୁ ଆହୁରି ଅନେକ କଥା ବାକି ଅଛି ବୋଲି ପାଠକମାନେ ବୁଝିପାରନ୍ତି ।

ତାରାଶଙ୍କରଙ୍କୁ ଭାଷା ମଧ୍ୟ ବହୁ ସାହାଯ୍ୟ କରିଛି । ତାଙ୍କ ଭାଷା ଲାଳିତ୍ୟପୂର୍ଣ୍ଣ ମାତ୍ର ବଳିଷ୍ଠ ଓ ସମୃଦ୍ଧ । ସେ ସଂସ୍କୃତ ଭାଷା ଓ ଗ୍ରାମ୍ୟକଥିତ ବଙ୍ଗଳାଭାଷା ମିଶାଇ ଲେଖିଛନ୍ତି । ଏହା ଷୋଡ଼ଶ ଶତାବ୍ଦୀର ଗ୍ରାମ୍ୟ କବି କଙ୍କଣ ମୁକୁନ୍ଦରାମ ଚକ୍ରବର୍ତ୍ତୀଙ୍କ କଥା ସ୍ମରଣ କରାଇଦିଏ । ଏଥିରୁ ପ୍ରମାଣିତ ହୁଏ ଯେ ସେ ସଂସ୍କୃତଭାଷା ଓ ଗ୍ରାମ୍ୟଭାଷା ଭଲ ଭାବରେ ଜାଣିଥିଲେ । ଏଥିରୁ ଜଣାଯାଏ ଯେ ଗାଁଗହଳର ଅଶିକ୍ଷିତ ବ୍ୟକ୍ତିମାନେ ଦୈନନ୍ଦିନ କଥାବାର୍ତ୍ତାରେ ସଂସ୍କୃତରୁ ଆସିଥିବା ଶବ୍ଦଗୁଡ଼ିକ ଅତି ସହଜରେ ବ୍ୟବହାର କରୁଥିଲେ । ଏହି ଉନ୍ନତ ଭାଷା ବ୍ୟବହାରରୁ ପ୍ରତିପାଦିତ ହୁଏ ଯେ ମହାକାବ୍ୟ ପୁରାଣଶାସ୍ତ୍ର ସମ୍ପର୍କରେ ସେମାନେ ଜାଣିଥିଲେ । ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ତାରାଶଙ୍କର ହେଉଛନ୍ତି ପ୍ରଥମ ଲେଖକ ଯିଏ ସଫଳତାର ସହିତ ଗାଁ ଲୋକମାନେ ବ୍ୟବହାର କରୁଥିବା ଭାଷାକୁ ଆପଣାର ଲେଖାରେ ବ୍ୟବହାର କରିଛନ୍ତି ।

ପୂର୍ବରୁ ଏହି ଜୀବନ୍ତଭାଷାର ବ୍ୟବହାର ସାହିତ୍ୟରେ ହେଉ ନ ଥିଲା । ତାରାଶଙ୍କର ଏହି ଭାଷା ବ୍ୟବହାର କରି ଦୁର୍ବଳ ହୋଇ ପଡ଼ିଥିବା ବଙ୍ଗଳା ଭାଷାକୁ ପୁନର୍ଜୀବିତ କରାଇଲେ ଏବଂ ଏହାର ପୁନର୍ଜାଗରଣ ପାଇଁ ଏକ ନୂତନ ଦିଗ୍‌ବଳୟର ସନ୍ଧାନ ଦେଲେ ।

ଜଣେ ଶୁଣ୍ଡୀ କିମ୍ବା କେଉଟରେ କହୁଥିବା ଭାଷା ବ୍ୟବହାର କରିବାପାଇଁ ଜଣେ ଲେଖକଙ୍କୁ କେଉଟ କିମ୍ବା ଶୁଣ୍ଡୀ ହେବାର ପ୍ରୟୋଜନ ନାହିଁ । ମଧ୍ୟବିତ୍ତ ପରିବାରରୁ ଆସିଥିବା ଜଣେ ଲେଖକର ତାରାଶଙ୍କରଙ୍କ ପରି ଗ୍ରାମ୍ୟଜୀବନ ସମ୍ପର୍କରେ ଜ୍ଞାନ ଓ ଅଭିଜ୍ଞତା ନ ଥାଇପାରେ ମାତ୍ର ସାଧାରଣ ଲୋକଙ୍କ ଭାଷା ଶିକ୍ଷାକରି ସେମାନଙ୍କ ଉପରେ ଲେଖିପାରନ୍ତି । ଆଜିର ଲେଖକମାନେ ଏସବୁ ଜାଣିବାର ଆବଶ୍ୟକତା ଉପଲବ୍ଧି କରୁନାହାନ୍ତି ଏବଂ ସୀମିତ ଅନୁଭୂତିକୁ ପାଥେୟ କରି ଲେଖୁଛନ୍ତି । ଫଳରେ ସେମାନଙ୍କ ଲେଖା ବାସ୍ତବଜୀବନ ସହିତ କମ୍ ମେଳ ଖାଉଛି ।

ଗାଁର କାହାଣୀ କହୁଥିବା ଲୋକପରି ମହାନ୍ ଲକ୍ଷ୍ୟ ରଖି ଅନାସକ୍ତଭାବେ ତାରାଶଙ୍କର ଗଳ୍ପଗୁଡ଼ିକ ଲେଖିଛନ୍ତି । ତାଙ୍କର ପ୍ରଧାନ ତିନିଗୋଟି ଉପନ୍ୟାସରେ ମଧ୍ୟ ସେ ତାହା କରିଛନ୍ତି । ଏହି ରଚନାଗୁଡ଼ିକରେ ସେ ଐତିହାସିକ ସଚେତନତା ଜାଗ୍ରତ କରାଇବାକୁ ଚେଷ୍ଟା କରିଛନ୍ତି । ପଞ୍ଚଗ୍ରାମ ଓ କାହାରମାନଙ୍କ ଉପରେ ଲିଖିତ ଉପନ୍ୟାସ ପାଠକରି ଜଣେ ଅନୁଭବ କରେ, ସତେ ଯେପରି ଜଣେ ଐତିହାସିକ ଏହି ଲୋକ-ମାନଙ୍କର ଉତ୍‌ଥାନ ପତନ, ପୁନର୍ଜାଗରଣ କାହାଣୀ ବର୍ଣ୍ଣନା କରୁଛନ୍ତି । ଏହି ଉପନ୍ୟାସଗୁଡ଼ିକ ତାଙ୍କର ଉଚ୍ଚ କଳାନୈପୁଣ୍ୟର ପ୍ରମାଣ ଦେଇଥାଏ ।

ଏ ସବୁ ହେଲା ତାଙ୍କ ସଫଳତାର କାହାଣୀ । ତେବେ ତାଙ୍କ ରଚନାରେ ଦୋଷ ଦୁର୍ବଳତା କେଉଁଠି ରହିଛି ? ଯେତେବେଳେ ସେ ଆପଣାର ପରିଚିତ ପରିବେଶ, ଯେଉଁଠାରେ ବଢ଼ି ମଣିଷ ହୋଇଛନ୍ତି ସେଠାରୁ ଦୂରେଇଯାଇ କୌଣସି ବିଷୟବସ୍ତୁ ନିର୍ବାଚନ କରିଛନ୍ତି ସେତେବେଳେ ସେ ପାଠକମାନଙ୍କୁ ପ୍ରଭାବିତ କରିପାରିନାହାନ୍ତି । ପରଜୀବନରେ ତାଙ୍କୁ କେନ୍ଦ୍ର କରି ରହିଥିବା ନଗର ଜୀବନର ଅନୁଭୂତିକୁ ଭିତ୍ତିକରି ଲେଖିଛନ୍ତି । ହିନ୍ଦୁମୁସଲମାନ ହାଣକାଟ, ଭାରତ ଭାଗଭାଗ ହେବା, ଦେଶ ସ୍ୱାଧୀନତା ଲାଭ କରିବା ପ୍ରଭୃତି ଜାତୀୟ ଘଟଣାଗୁଡ଼ିକ ବ୍ୟକ୍ତିବିଶେଷରୂପେ ତାଙ୍କୁ ବିଶେଷଭାବେ ପ୍ରଭାବିତ କରିଛି ଏବଂ ସେ ବାଧ୍ୟହୋଇ ଏ ସମସ୍ତ ବିଷୟରେ ଲେଖିଛନ୍ତି । ମାତ୍ର ପୂର୍ବରୁ ନିଜ ଜୀବନର ଅଭିଜ୍ଞତାରୁ ସଂଗୃହୀତ କଥାବସ୍ତୁ ଉପରେ ତାଙ୍କର ଥିବା ଦଖଲ ପରବର୍ତ୍ତୀ ସମୟରେ ରଚିତ କଥାବସ୍ତୁ ଉପରେ ଦେଖାଯାଏନା । ୧୯୩୩ ମସିହାରେ ସେ କଲିକତାରେ ରହିବାପାଇଁ ଆସିଥିଲେ । ସେତେବେଳକୁ ତାଙ୍କୁ ପଇଁତିରିଶ ବର୍ଷ ପୂରିଗଲାଣି । ତାଙ୍କ ଚିନ୍ତାଧାରା ନିର୍ଦ୍ଦିଷ୍ଟ ରୂପ ନେଲାଣି ।

ଜାତୀୟ ଜୀବନରେ କୃଷିର ଭୂମିକା ସମ୍ପର୍କରେ ସେ ଯେତେ ଭଲଭାବରେ ହୃଦୟଙ୍ଗମ କରିପାରିଥିଲେ ସେହି ପରିମାଣରେ ଶିଳ୍ପର ଭୂମିକା ସମ୍ପର୍କରେ ସଚେତନ ନ ଥିଲେ । ଏହି ତ୍ରୁଟି ତାଙ୍କର ପ୍ରଧାନ ଉପନ୍ୟାସରେ ଦେଖାଯାଇଥାଏ । ପରିସଂଖ୍ୟାନ ଏବଂ ଜନଗଣନା ରିପୋର୍ଟରୁ ଜଣାଯାଏ ଯେ ବୀରଭୂମରେ କେବେ କୌଣସି ଗୁରୁଶିଳ୍ପ ନ ଥିଲା । ସେ ଜିଲ୍ଲାରେ କେବଳ କେତେଗୁଡ଼ିଏ ଚାଉଳ କଳ ଓ ରେଳଷ୍ଟେସନର ରେଳପ୍ରାଙ୍ଗଣ ଥିଲା । ଏହା ଯଦି ସତ୍ୟ ହୋଇଥାଏ ତେବେ ତାଙ୍କର ଚରିତ୍ରଗୁଡ଼ିକ ସେହି ଜିଲ୍ଲାର ଶିଳ୍ପାଞ୍ଚଳକୁ ଚାଲିଗଲେ କିପରି ? ଏହା ସତ ଯେ କୃଷି ଶ୍ରମିକମାନଙ୍କୁ ଶିଳ୍ପ ଆକର୍ଷିତ କରିଥାଏ । ମାତ୍ର ଏହା ବୀରଭୂମରେ ହୋଇନାହିଁ । ସରକାରୀ ରିପୋର୍ଟ ଏବଂ ଅନ୍ୟାନ୍ୟ ତଥ୍ୟାବଳୀରୁ ଜଣାଯାଏ ଯେ ଅନାହାରରେ ରହି ମଧ୍ୟ ଖୁବ୍ କମ୍ ଲୋକ ଏ ଜିଲ୍ଲା ଛାଡ଼ି ଚାଲିଯାଇ ନାହାନ୍ତି । ହୁଏତ କୃଷି କରୁଥିବା ଲୋକମାନେ ଶିଳ୍ପାଞ୍ଚଳକୁ ଚାଲିଯାଉଥିବାର ତାରାଶଙ୍କର ଲକ୍ଷ୍ୟ କରିଥିଲେ ଏବଂ ସେହି ଚିତ୍ର ସେ ତାଙ୍କ ବହିରେ ଦେଇଛନ୍ତି କିମ୍ବା ପ୍ରକୃତରେ ତାଙ୍କ ଜିଲ୍ଲାରେ କ'ଣ ହେଉଥିଲା ସେ ବୁଝିପାରୁ ନ ଥିଲେ ।

ତାଙ୍କର ରଚନାଶୈଳୀରେ ଥିବା ତ୍ରୁଟିବିଚ୍ୟୁତି ସମ୍ପର୍କରେ ଅନେକ କଥା କୁହାହେଲାଣି । ତାଙ୍କର ଶୈଳୀ ଉଚ୍ଚକୋଟିର ନ ଥିଲା । ଏହା ସତ ଯେ ପ୍ରେମେନ୍ଦ୍ର ମିତ୍ରଙ୍କ ଗଳ୍ପରେ ଦେଖାଯାଇଥିବା ଶୈଳୀ କିମ୍ବା ମାନିକ ବାନାର୍ଜୀଙ୍କର 'ପୁତୁଲ୍ ନାଚେର ଇତିକଥା'ରେ ଦେଖାଦେଇଥିବା ଶୈଳୀ ତାରାଶଙ୍କର ହାସଲ କରିପାରି ନ ଥିଲେ । ମାତ୍ର କେବଳ ଶୈଳୀ ପାଇଁ ଜଣେ ତାରାଶଙ୍କରଙ୍କୁ ପଢ଼ି ନ ଥାଏ । ଅନ୍ୟ ସାହିତ୍ୟିକମାନେ ସେମାନଙ୍କ ଚିନ୍ତାଧାରାକୁ ପ୍ରଥମେ ସୁସଜ୍ଜିତ କରି ତାପରେ ଭାଷା ଦେଇଥାଆନ୍ତି । ମାତ୍ର ତାରାଶଙ୍କରଙ୍କ ରଚନାରେ ଭାବବିହ୍ୱଳତା ପ୍ରାଧାନ୍ୟବିସ୍ତାର କରିଥାଏ । ଏହି ଭାବବିହ୍ୱଳତାକୁ ସେ ପ୍ରକାଶ କରିଛନ୍ତି । ସେଥିପାଇଁ ସେ ମୋଟେ ସଚେତନ ନ ଥିଲେ । ତାଙ୍କର ସାହିତ୍ୟିକ ଚିନ୍ତାଧାରା ସଜ୍ଜିତ ହୋଇ ନାଟକୀୟଭାବେ ତାଙ୍କ ମନକୁ ଆସିଥାଏ ଏବଂ ସେ ତାହାକୁ ଲେଖିଥାଆନ୍ତି । ତାଙ୍କର ପ୍ରଧାନ ପ୍ରଧାନ ଗଳ୍ପଗୁଡ଼ିକରେ ତାହା ଦେଖାଯାଇଥାଏ । ତାଙ୍କର ଭାଷା ଓ ବର୍ଣ୍ଣନାଶୈଳୀ ଗ୍ରାମ୍ୟକଥାବସ୍ତୁ ସହିତ ବେଶ୍ ଚମତ୍କାର ଭାବେ ଖାପ୍ ଖାଇଯାଇଛି । ମାତ୍ର ଅନ୍ୟ କଥାବସ୍ତୁ ବର୍ଣ୍ଣନା କଲାବେଳେ ସେ ଭାଷା ପାଠକକୁ ସେତେ ସ୍ପର୍ଶ କରିପାରିନାହିଁ । ଯେତେବେଳେ ଜଣେ ପ୍ରାସଙ୍ଗିକ କଥାବସ୍ତୁ ଯଥା ଦୁର୍ଭିକ୍ଷ ଯୁଦ୍ଧ, ହିନ୍ଦୁମୁସଲମାନ ହଣାକଟା, ଭାରତ ବିଭାଗୀକରଣ ପ୍ରଭୃତିକୁ ପ୍ରତିନିଧିତ୍ୱ କରୁଥିବା ଚରିତ୍ରଗୁଡ଼ିକ ସୃଷ୍ଟି କରନ୍ତି ସେତେବେଳେ ସେ ବୁଝିବା ଉଚିତ ଯେ ଚରିତ୍ରଗୁଡ଼ିକ ତାଙ୍କ ସମୟର ବ୍ୟବହୃତଭାଷାରେ କଥୋପକଥନ କରିଥାଆନ୍ତି । କୌଣସି କ୍ଷଣସ୍ଥାୟୀ ଘଟଣାର ବର୍ଣ୍ଣନା କଲାବେଳେ ଧର୍ମଶାସ୍ତ୍ରର ଅବତାରଣା କରିବା ଯଥେଷ୍ଟ ନୁହେଁ । ବୋଧହୁଏ ଆଧୁନିକ ପୁରୁଷ ବା ନାରୀର ମାନସିକ

ଦ୍ୱନ୍ଦ୍ୱର ଚିତ୍ରଣ ନିମନ୍ତେ ଏକ ସ୍ୱତନ୍ତ୍ର ଧରଣର ବିଶ୍ଳେଷଣ ଓ ପ୍ରତୀକର ଆବଶ୍ୟକତା ରହିଛି । ସମୟର ଅଗ୍ରଗତି ସଙ୍ଗେ ସଙ୍ଗେ ତାରାଶଙ୍କରଙ୍କ ଚିନ୍ତାଧାରା ତାଳଦେଇ ଆଗେଇଥିଲେହେଁ ଭାଷା ଆଗେଇପାରି ନାହିଁ । ଦୁଃଖର କଥା ତାଙ୍କପରି ଜଣେ ଲେଖକ ଦୀର୍ଘଦିନଧରି ଲେଖିଆସୁଥିଲେହେଁ ଶୈଳୀର ଉନ୍ନତି ପାଇଁ ଧ୍ୟାନଦେଇ ନାହାନ୍ତି ଏବଂ ବର୍ଷ ବର୍ଷ ଧରି ଜଟିଳଭାଷାରେ ଲେଖିଛନ୍ତି । କଥାବସ୍ତୁକୁ କିମ୍ବା ଶୈଳୀର ଉନ୍ନତି କିମ୍ବା ଭାଷାର ପରିବର୍ତ୍ତନ କରିନାହାନ୍ତି ।

ସେ ତାଙ୍କର ଉପନ୍ୟାସର ଗଠନଶୈଳୀ କିପରି ହେବ ସେଥିପ୍ରତି ଗୁରୁତ୍ୱ ଆରୋପ କରି ନାହାନ୍ତି । ଗଠନଶୈଳୀ ଦୃଷ୍ଟିରୁ ‘ଗଣଦେବତା’, ‘ପଞ୍ଚଗ୍ରାମ’ ଏବଂ ‘ଧାତ୍ରୀଦେବତା’ ସର୍ବଶ୍ରେଷ୍ଠ । ‘ହଂସୁଲିବାଙ୍କର ଉପକଥା’ ତାଙ୍କର ଅନ୍ୟ ଏକ ସର୍ବଶ୍ରେଷ୍ଠ ରଚନା; ମାତ୍ର ତାର ଗଠନକୌଶଳ ଅତିମାତ୍ରାରେ ବିଶୃଙ୍ଖଳିତ । ଯେଉଁ ପୁସ୍ତକର କଳେବର ଯେତେ ଅଧିକ ସେହି ପୁସ୍ତକର ଗଠନକୌଶଳ ସେହି ପରିମାଣରେ ସଙ୍କୁଚିତ ହୋଇଛି । ତାଙ୍କର ବଡ଼ ବଡ଼ ଉପନ୍ୟାସଗୁଡ଼ିକୁ ବାଦଦେଲେ ଅନ୍ୟାନ୍ୟ ଉପନ୍ୟାସ ମଧ୍ୟରେ ‘ରାଧା’, ‘ମଞ୍ଜରୀ ଅପେରା’, ‘ନାଗିନ୍ କନ୍ୟାର କାହାଣୀ’, ‘ଆରୋଗ୍ୟ ନିକେତନ’ ‘ଯୋଗଭ୍ରଷ୍ଟ’ ପ୍ରଭୃତି ଉପନ୍ୟାସଗୁଡ଼ିକରେ ସେ ପରିଧାସଳଖ ଗୋଟିଏ କାହାଣୀ କହିବାରେ ବ୍ୟର୍ଥ ହୋଇଛନ୍ତି । ବହୁ ସମୟରେ ମୁଖ୍ୟପ୍ଲଟ, ଉପପ୍ଲଟ ଗୁଡ଼ିକମଧ୍ୟରେ ଲୀନ ହୋଇଯାଇଛି । ଘଟଣାର ପୁନରାବୃତ୍ତି କରିବା ମଧ୍ୟ ତାଙ୍କର ଅନ୍ୟ ଏକ ଅଭ୍ୟାସ । ବହୁ ସମୟରେ ସେ ପୁନରାବୃତ୍ତି କରିଥାଆନ୍ତି କିମ୍ବା ଅଯଥାଗୁଡ଼ାଏ ଶବ୍ଦ ପ୍ରୟୋଗକରି ପୁସ୍ତକକୁ କଷ୍ଟପାଠ୍ୟ କରିଥାଆନ୍ତି । ମାତ୍ର ତାଙ୍କର ପ୍ରଧାନ ପ୍ରଧାନ କ୍ଷୁଦ୍ରଗଳ୍ପଗୁଡ଼ିକରେ ଏହି ଦୁର୍ବଳତା ପ୍ରାୟ ନାହିଁ କହିଲେ ଚଳେ ।

ଉପନ୍ୟାସର ଗଠନଶୈଳୀ ଦୃଷ୍ଟିରୁ ଏ ସବୁ ହେଲା ତାଙ୍କର ତ୍ରୁଟି । ମାତ୍ର ଉପନ୍ୟାସର କଥାବସ୍ତୁରେ ତ୍ରୁଟି ଦେଖାଇବା କଷ୍ଟକର । କଥାବସ୍ତୁରେ ତ୍ରୁଟି ଦେଖାଇବା ଅର୍ଥ ଲେଖକ ତାରାଶଙ୍କରଙ୍କୁ ସମାଲୋଚନା କରିବା । ଆଧୁନିକ ପାଠକ ତାରାଶଙ୍କରଙ୍କର ଲେଖାରେ ନୈତିକତା ଓ ରକ୍ଷଣଶୀଳତା ଉପରେ ଯେପରି ଅତ୍ୟଧିକ ଗୁରୁତ୍ୱ ଦିଆଯାଉଛି ତାକୁ ଏକ ଦୁର୍ବଳତା ବୋଲି ମନେକରିପାରନ୍ତି । ତାଙ୍କର ରକ୍ଷଣଶୀଳ ମନୋଭାବ ଏବଂ ବ୍ରାହ୍ମଣମାନଙ୍କର ଆଚାର ବ୍ୟବହାର ପ୍ରତି ସମ୍ମାନ ପ୍ରଦର୍ଶନ ସତ୍ତ୍ୱେ, ପାଶ୍ଚାତ୍ୟ ଜୀବନଯାତ୍ରାର ପ୍ରଭାବରୁ ସମାଜରେ ଦେଖାଦେଇଥିବା ବିଭିନ୍ନ ଦୋଷଦୁର୍ବଳତାର ସେ ଯେପରି ବର୍ଣ୍ଣନା କରିଛନ୍ତି ତାହା ଦେଖି ଯେ କେହି ବିସ୍ମିତ ହେବ । ଯାହାକିଛି ପାଶ୍ଚାତ୍ୟ ତାହା ନିନ୍ଦନୀୟ ଏହି ମନୋବୃତ୍ତିର ବଶବର୍ତ୍ତୀ ହୋଇ ସେ ‘ସପ୍ତପଦୀ’ ଉପନ୍ୟାସର ନାୟକ ଗୋଟିଏ ଜିଲ୍ଲା-ଟାଉନର ତୃତୀୟ ମୁନସଫ୍ ହୋଇ ମଧ୍ୟ ପାଶ୍ଚାତ୍ୟ ଲୋକଙ୍କ ପରି ରହୁଥିବାର ଚିତ୍ରଣ କରିଛନ୍ତି । ସେ ଯଦି

ବାସ୍ତବବାଦୀ ହୋଇଥାଆନ୍ତେ ତେବେ ସେ ବେଶ୍ ବୁଝିପାରିଥାଆନ୍ତେ ଯେ ତୃତୀୟ ମୁନସଫ ପାଉଥିବା ସ୍ୱଳ୍ପ ବେତନରେ ଏପରି ଜୀବନଯାପନ କରିବା ସମ୍ଭବ ନୁହେଁ । ସତରେ କଣ ତାରାଶଙ୍କର ବିଶ୍ୱାସ କରୁଥିଲେ ଯେ ଆମ ଶିକ୍ଷାକ୍ଷେତ୍ରରେ ଇଂରାଜୀର ପ୍ରବେଶ ଏବଂ ଆଧୁନିକ ଜୀବନଯାପନ ପ୍ରଣାଳୀ ମଣିଷକୁ ନିମ୍ନସ୍ତରକୁ ନେଇଆସିଛି । ଆଧୁନିକ ମଣିଷକୁ ସେ କେବଳ ଉପରୁ ଉପରୁ ଦେଖୁଥିଲେ । ଜଣେ ଆଧୁନିକ ମଣିଷ କିପରି କଥାବାର୍ତ୍ତା କରେ । କିପରି ଆଚରଣ କରେ, ସେ କଥା ସେ ଜାଣି ନ ଥିଲେ । ତାଙ୍କ ବିଚାରରେ ମଣିଷ ଯେ କଷ୍ଟ ଭୋଗୁଛି ତାର କାରଣ ହେଲା ସେ ଭଗବତ୍ ବିଶ୍ୱାସ କରେନାହିଁ । ମାତ୍ର ଆଧୁନିକ ମଣିଷ ଆଜି ଯେଉଁସବୁ କାରଣରୁ କଷ୍ଟଭୋଗ କରୁଅଛି ସେ ସବୁ ମଧ୍ୟରେ ବେକାରି, ଦାରିଦ୍ର୍ୟ, କ୍ଷୁଧା ଏବଂ ଦରଦାମବୃଦ୍ଧି ଇତ୍ୟାଦି ରହିଛି । ଏ ସବୁର ଭଗବତ୍‌ବିଶ୍ୱାସ ସହିତ କୌଣସି ସମ୍ପର୍କ ନାହିଁ । ଭାରତପରି ଭାଗ୍ୟ ଓ ଭଗବାନଙ୍କ ଉପରେ ବିଶ୍ୱାସ କରୁଥିବା ଏକ ଦେଶରେ ଭଗବାନ ଧନୀମାନଙ୍କର ଏକ ବିଳାସ ଏବଂ ଦରିଦ୍ର ଜନସାଧାରଣଙ୍କ ଏକ ଶେଷ ଆଶ୍ରୟସ୍ଥଳରେ ପରିଣତ ହେଲେଣି । ଶିକ୍ଷିତ ଭାରତୀୟ ଯୁବକମାନଙ୍କର ଭଗବାନଙ୍କ କଥା ଚିନ୍ତା କରିବାକୁ ଅବସର କାହିଁ ? ବିଭବହେତୁ ଏକ ଭିତ୍ତି ନ ଥିବା ବଂଶଧର ଯେ ମୁଣ୍ଡଟେକି ଉଠିବ, ହୁଏତ ତାରାଶଙ୍କର ଏହାହିଁ ଭାବୁଥିଲେ । ସେ କଥା ତାଙ୍କ ପୁସ୍ତକମାନଙ୍କରୁ ସ୍ପଷ୍ଟଭାବେ ଜାଣିହୁଏ ନାହିଁ । ନିର୍ମମ ସତ୍ୟ କହିବାକୁ ଗଲେ ଏପରି ଏକ ବଂଶଧରଙ୍କର ସତ୍ତା ଏ ମାଟିରେ କେବେ ଦେଖାଯାଇନାହିଁ ।

ଏ ସବୁ ହେଲା ତାଙ୍କର ଦୁର୍ବଳତା । ମାତ୍ର ତାଙ୍କର କୃତିତ୍ୱ ଓ ସଫଳତା ତୁଳନାରେ ତାଙ୍କର ଏହି ଦୁର୍ବଳତା ଅତି ନଗଣ୍ୟ । ଯଦି ଆଧୁନିକ ପାଠକ ଗଭୀରକୁ ନ ଯାଇ ଉପର ଠାଉରିଆ ଭାବେ ତାଙ୍କୁ ଅଧ୍ୟୟନ କରେ ତେବେ ତାହା ଦୁଃଖଦାୟକ ହେବ । ତାଙ୍କର ତିନଗୋଟି ମହାକାବ୍ୟଧର୍ମୀ ଉପନ୍ୟାସ ପାଇଁ ସେ ସମସ୍ତ ଲେଖକଙ୍କୁ ଟପିଯିବେ, କାରଣ ଏହି ଉପନ୍ୟାସଗୁଡ଼ିକ ଅଧ୍ୟୟନ କରି ଜଣେ ଭାରତକୁ ପୁନର୍ବାର ଆବିଷ୍କାର କରିପାରିବ । ମୁଖ୍ୟତଃ ସେହି ଦାରିଦ୍ର୍ୟକବଳିତ ଗ୍ରାମ୍ୟ ବହୁଳ ଭାରତବର୍ଷ । ଅନ୍ୟ ଲେଖକମାନଙ୍କ ତୁଳନାରେ ସେ ଅଧିକ ସ୍ମରଣୀୟ ହୋଇରହିବେ କାରଣ ମୁଷ୍ଟିମେୟ ନିଛକ ଭାରତୀୟ ଲେଖକମାନଙ୍କ ମଧ୍ୟରୁ ସେ ଅନ୍ୟତମ ଯାହାଙ୍କୁ କି ବଙ୍ଗଳା ସାହିତ୍ୟ ସୃଷ୍ଟି କରିପାରିଛି । ସେ ପ୍ରଦର୍ଶନ କରିଯାଇଥିବା ପଥକୁ ପ୍ରଜ୍ୱଳିତ କରି ରଖାଯାଇ ପାରିବ କି ନାହିଁ ତାର ଉତ୍ତର ଦେବା କଷ୍ଟକର । ଏଥିପାଇଁ ଏକାନ୍ତ ପ୍ରୟୋଜନ ସାହସ, ପୌରୁଷ ଏବଂ ବୁଦ୍ଧିପାଇଁ ଗଭୀର ନିଷ୍ଠା । ଏହା ଏତେ ସହଜ କଥା ନୁହେଁ ବା ଆଜିର ଲେଖକମାନଙ୍କଠାରେ ଏତେ ସହଜଲଭ୍ୟ ନୁହେଁ । ତାଙ୍କ-ପରି ମହାରଥୀମାନଙ୍କ ସମୟର ଅବସାନ ହୋଇଯାଇଛି । ବର୍ତ୍ତମାନ ସେପରି ଲେଖକ ପାଇବା ସମ୍ଭବ ନୁହେଁ । ଜଣେ କେବଳ ଆଶା କରିବ ଜନ୍ମଣୋପିଷ୍ଟ ପଶ୍ଚିମବଙ୍ଗଳା,

ଲେଖକମାନଙ୍କର ଏକ ନୂତନ ବଂଶଧରଙ୍କୁ ଜନ୍ମଦେବ ଯେଉଁମାନେ ସେମାନଙ୍କ ଅଜ୍ଞାତସାରରେ ତାରାଶଙ୍କରଙ୍କ ପଦାଙ୍କ ଅନୁସରଣ କରିବେ । ପ୍ରତ୍ୟେକଥର ଦେଖିଲାବେଳେ ସେମାନେ ସମୂହ ମଣିଷର ଦୁଃଖ ଦୈନ୍ୟ ଏବଂ ସମଗ୍ର ଦେଶବାସୀଙ୍କର ଦୁଃଖ ଓ ଜୀବନସଂଗ୍ରାମର କାହାଣୀ ଲେଖିବସିବେ । ସେତେବେଳେ ଯଥାର୍ଥରେ ଏକ ନିଚ୍ଛକ ଭାରତୀୟ ଲେଖକ ବଂଶଧର ସୃଷ୍ଟି ହେବେ, ସେତେବେଳେ କେବଳ ତାରାଶଙ୍କରଙ୍କ କୃତତ୍ୱ ସଂପୂର୍ଣ୍ଣଭାବେ ସଫଳହେଲା ବୋଲି କହିବାକୁ ହେବ; ତା ପୂର୍ବରୁ ନୁହେଁ ।

# ତାରାଶଙ୍କର ବନ୍ଦୋପାଧ୍ୟାୟଙ୍କ ରଚନାବଳୀ

୧ । ତ୍ରିପତ୍ର, କବିତା, ୧୯୨୬
୨ । ଚଇତାଳି ଘୂର୍ଣ୍ଣି, ଉପନ୍ୟାସ, ୧୯୩୨
୩ । ପାଷାଣପୁରୀ, ଉପନ୍ୟାସ, ୧୯୩୩
୪ । ନୀଳକଣ୍ଠ, ଉପନ୍ୟାସ, ୧୯୩୩
୫ । ରାଇକମଳ, ଉପନ୍ୟାସ, ୧୯୩୦
୬ । ପ୍ରେମ ଓ ପ୍ରୟୋଜନ, ଉପନ୍ୟାସ, ୧୯୩୬
୭ । ଛଳନାମୟୀ, କ୍ଷୁଦ୍ରଗଳ୍ପ, ୧୯୩୭
୮ । ଜଲ୍‌ସାଘର, କ୍ଷୁଦ୍ରଗଳ୍ପ, ୧୯୩୮
୯ । ଆଗୁନ୍, ଉପନ୍ୟାସ, ୧୯୩୮
୧୦ । ରସକଲି, କ୍ଷୁଦ୍ରଗଳ୍ପ, ୧୯୩୯
୧୧ । ଧାତ୍ରୀଦେବତା, ଉପନ୍ୟାସ, ୧୯୩୯
୧୨ । କାଳନ୍ଦୀ, ଉପନ୍ୟାସ, ୧୯୪୨
୧୩ । ତିନଶୂନ୍ୟ, କ୍ଷୁଦ୍ରଗଳ୍ପ, ୧୯୪୨
୧୪ । କାଳିନ୍ଦୀ, ନାଟକ, ୧୯୪୨
୧୫ । ଦୁଇ ପୁରୁଷ, ନାଟକ, ୧୯୪୩
୧୬ । ଗଣ ଦେବତା, ଉପନ୍ୟାସ, ୧୯୪୩
୧୭ । ପଥେର ଡାକ, ନାଟକ, ୧୯୪୩
୧୮ । ପ୍ରତିଧ୍ୱନି, କ୍ଷୁଦ୍ରଗଳ୍ପ, ୧୯୪୩
୧୯ । ବେଦନୀ, କ୍ଷୁଦ୍ରଗଳ୍ପ, ୧୯୪୩
୨୦ । ଦିଲ୍ଲୀ କା ଲଡ଼୍ଡୁ, କ୍ଷୁଦ୍ରଗଳ୍ପ, ୧୯୪୩
୨୧ । ମନ୍ୱନ୍ତର, ଉପନ୍ୟାସ, ୧୯୪୪
୨୨ । ପଞ୍ଚଗ୍ରାମ, ଉପନ୍ୟାସ, ୧୯୪୪
୨୩ । ଯାଦୁକରୀ, କ୍ଷୁଦ୍ରଗଳ୍ପ, ୧୯୪୪
୨୪ । ସ୍ଥଳପଦ୍ମ, କ୍ଷୁଦ୍ରଗଳ୍ପ, ୧୯୪୪
୨୫ । କବି, ଉପନ୍ୟାସ, ୧୯୪୪
୨୬ । ତେରଶୋ ପଞ୍ଚାଶ, (ତେରଶ ପଞ୍ଚାଶ) କ୍ଷୁଦ୍ରଗଳ୍ପ, ୧୯୪୪
୨୭ । ବିଂଶ ଶତାବ୍ଦୀ, ୧୯୪୫
୨୮ । ଚକ୍‌ମକି, ଫାର୍ସ, ୧୯୪୫
୨୯ । ଦ୍ୱିପାନ୍ତର, ନାଟକ, ୧୯୪୫
୩୦ । ପ୍ରସାଦମାଳା, କ୍ଷୁଦ୍ରଗଳ୍ପ ୧୯୪୫
୩୧ । ହାରାନୋ ସୁର, (ହଜିଲସୁର), କ୍ଷୁଦ୍ରଗଳ୍ପ, ୧୯୪୫
୩୨ । ସନ୍ଦିପନ ପାଠଶାଳା, ଉପନ୍ୟାସ, ୧୯୪୬
୩୩ । ଝଡ଼ ଓ ଝରାପାତା (ଝଡ଼ ଓ ଝଡ଼ରେ ପତ୍ର), ଉପନ୍ୟାସ,୧୯୪୬
୩୪ । ଅଭିଯାନ, ଉପନ୍ୟାସ, ୧୯୪୬
୩୫ । ଇମାରତ୍, କ୍ଷୁଦ୍ରଗଳ୍ପ, ୧୯୪୭
୩୬ । ରାମଧନୁ (ଇନ୍ଦ୍ରଧନୁ) କ୍ଷୁଦ୍ରଗଳ୍ପ, ୧୯୪୭
୩୭ । ତାରାଶଙ୍କରେର୍ ଶ୍ରେଷ୍ଠ ଗଳ୍ପ, ୧୯୪୭
୩୮ । ଶ୍ରୀପଞ୍ଚମୀ, କ୍ଷୁଦ୍ରଗଳ୍ପ
୩୯ । କାମଧେନୁ, କ୍ଷୁଦ୍ରଗଳ୍ପ, ୧୯୪୯
୪୦ । ପଦଚିହ୍ନ, ଉପନ୍ୟାସ, ୧୯୫୦
୪୧ । ତାରାଶଙ୍କର ବନ୍ଦୋପାଧ୍ୟାୟେର୍ ଶ୍ରେଷ୍ଠଗଳ୍ପ, ୧୯୫୦
୪୨ । ଉତ୍ତରାୟଣ ଉପନ୍ୟାସ, ୧୯୫୦
୪୩ । ମାଟି କ୍ଷୁଦ୍ରଗଳ୍ପ, ୧୯୫୦
୪୪ । ଆମାର୍ କାଲେର୍ କଥା (ମୋ ସମୟର କଥା,) ସ୍ମୃତିକଥା,୧୯୫୧
୪୫ । ହାଂସୁଲି ବାଙ୍କେର୍ ଉପକଥା ଉପନ୍ୟାସ, ୧୯୫୧

୪୬ । ଯୁଗବିପ୍ଳବ, ନାଟକ, ୧୯୫୧
୪୭ । ଶିଳାସନ, କ୍ଷୁଦ୍ରଗଳ୍ପ, ୧୯୫୨
୪୮ । ତାମସ ତପସ୍ୟା, ଉପନ୍ୟାସ, ୧୯୫୨
୪୯ । ନାଗିନ୍ କନ୍ୟାର କାହାଣୀ
(ନାଗୁଣୀ କନ୍ୟାର କାହାଣୀ)
ଉପନ୍ୟାସ, ୧୯୫୨
୫୦ । ବିଚିତ୍ର ସ୍ମୃତି କାହାଣୀ, ୧୯୫୩
୫୧ । ଆରୋଗ୍ୟ ନିକେତନ
ଉପନ୍ୟାସ, ୧୯୫୩
୫୨ । ଆମାର୍ ସାହିତ୍ୟ ଜୀବନ (ମୋର
ସାହିତ୍ୟ ଜୀବନ) ସ୍ମୃତିକଥା
୧୯୫୩
୫୩ । ତାରାଶଙ୍କର ବନ୍ଦୋପାଧ୍ୟାୟେର୍
ପ୍ରିୟ ଗଳ୍ପ, କ୍ଷୁଦ୍ରଗଳ୍ପ, ୧୯୫୪
୫୪ । ସ୍ୱନିର୍ବାଚିତ ଗଳ୍ପ, କ୍ଷୁଦ୍ରଗଳ୍ପ,
୧୯୫୪
୫୫ । ଚମ୍ପାଡାଙ୍ଗାର ବୋଉ, ଉପନ୍ୟାସ
୧୯୫୪
୫୬ । ଗଳ୍ପ ସଂଚୟନ, କ୍ଷୁଦ୍ରଗଳ୍ପ, ୧୯୫୫
୫୭ । ବିସ୍ଫୋରଣ, କ୍ଷୁଦ୍ରଗଳ୍ପ, ୧୯୫୫
୫୮ । କୈଶୋର ସ୍ମୃତି, (କିଶୋର
ସ୍ମୃତି) ସ୍ମୃତିକଥା, ୧୯୫୬
୫୯ । ପଞ୍ଚପୁତ୍ତଲି, (ପାଞ୍ଚ କଣ୍ଢେଇ)
ଉପନ୍ୟାସ, ୧୯୫୬
୬୦ । ଶ୍ରେଷ୍ଠ ଦେର, ଶ୍ରେଷ୍ଠ ଗଳ୍ପ, ୧୯୫୬
୬୧ । କାଲାନ୍ତର, କ୍ଷୁଦ୍ରଗଳ୍ପ, ୧୯୫୭
୬୨ । କବି, ନାଟକ, ୧୯୫୭
୬୩ । ବିଚାରକ, ଉପନ୍ୟାସ, ୧୯୫୭
୬୪ । କାଲରାତ୍ରି, ନାଟକ, ୧୯୫୭
୬୫ । ବିଷପଥର, କ୍ଷୁଦ୍ରଗଳ୍ପ, ୧୯୫୭
୬୬ । ସପ୍ତପଦୀ, ଉପନ୍ୟାସ, ୧୯୫୮
୬୭ । ବିପାଶା, ଉପନ୍ୟାସ, ୧୯୫୯
୬୮ । ରାଧା, ଉପନ୍ୟାସ, ୧୯୫୯
୬୯ । ମାନୁଷେର ମନ, ଉପନ୍ୟାସ
୧୯୫୯
୭୦ । ଡାକ ହରକରା, ଉପନ୍ୟାସ,
୧୯୫୯
୭୧ । ରଚନା ସଂଗ୍ରହ ପ୍ରଥମଭାଗ,
୭୨ । ରବିବାରର ଆସର, କ୍ଷୁଦ୍ରଗଳ୍ପ,
୧୯୫୯
୭୩ । ମସ୍କୋରେ କେତୋଟି ଦିନ,
ଭ୍ରମଣ କାହାଣୀ, ୧୯୫୯
୭୪ । ମହାଶ୍ୱେତା, ଉପନ୍ୟାସ, ୧୯୫୯
୭୫ । ଯୋଗଭ୍ରଷ୍ଟ, ଉପନ୍ୟାସ, ୧୯୬୧
୭୬ । ପ୍ରେମେର୍ ଗଳ୍ପ, ଉପନ୍ୟାସ, ୧୯୬୧
୭୭ । ପୌଷଲକ୍ଷ୍ମୀ କ୍ଷୁଦ୍ରଗଳ୍ପ, ୧୯୬୧
୭୮ । ଆଲୋକଅଭିସାର, କ୍ଷୁଦ୍ରଗଳ୍ପ,
୭୯ । ନା, ଉପନ୍ୟାସ, ୧୯୬୧
୮୦ । ସାହିତ୍ୟରେ ସତ୍ୟ, ପ୍ରବନ୍ଧ, ୧୯୬୧
୮୧ । ନାଗରିକ, ଉପନ୍ୟାସ, ୧୯୬୧
୮୨ । ନିଶିପଦ୍ମ, ଉପନ୍ୟାସ, ୧୯୬୨
୮୩ । ଚିରନ୍ତନୀ, କ୍ଷୁଦ୍ରଗଳ୍ପ, ୧୯୬୨
୮୪ । ଜାତିଭଙ୍ଗ, ଉପନ୍ୟାସ, ୧୯୬୨
୮୫ । ଆକ୍ସିଡେଣ୍ଟ, କ୍ଷୁଦ୍ରଗଳ୍ପ, ୧୯୬୨
୮୬ । ସଂଘାତ, ନାଟକ, ୧୯୬୨
୮୭ । ଶ୍ରେଷ୍ଠଦେର ଭାଲୋଭାଲୋ ଗଳ୍ପ,
କ୍ଷୁଦ୍ରଗଳ୍ପ, ୧୯୬୨
୮୮ । ଆମାର ସାହିତ୍ୟ ଜୀବନ, ସ୍ମୃତିକଥା
(୨ୟ ଭାଗ), ୧୯୬୨
୮୯ । କାନା, ଉପନ୍ୟାସ, ୧୯୬୨
୯୦ । ତାମସୀ, କ୍ଷୁଦ୍ରଗଳ୍ପ, ୧୯୬୩
୯୧ । କାଲବୈଶାଖୀ, ଉପନ୍ୟାସ, ୧୯୬୩

୯୨ । ଭାରତବର୍ଷ ଓ ଚୀନ, ପ୍ରବନ୍ଧ, ୧୯୬୩
୯୩ । ଗଳ୍ପ ପଞ୍ଚାଶତ, କ୍ଷୁଦ୍ରଗଳ୍ପ, ୧୯୬୩
୯୪ । ଏକ୍ଟି ଚୌଘ୍ର ପକ୍ଷୀ ଓ କାଲୋ ମେଁ, ଉପନ୍ୟାସ, ୧୯୬୩
୯୫ । ଅଇନା, କ୍ଷୁଦ୍ରଗଳ୍ପ, ୧୯୬୩
୯୬ । ଜଙ୍ଗଲଗଡ଼, ଉପନ୍ୟାସ, ୧୯୬୪
୯୭ । ଚନ୍ମୟୀ, କ୍ଷୁଦ୍ରଗଳ୍ପ, ୧୯୬୪
୯୮ । ମଞ୍ଜରୀ ଅପେରା, ଉପନ୍ୟାସ, ୧୯୬୪
୯୯ । ସଙ୍କେତ, ଉପନ୍ୟାସ, ୧୯୬୪
୧୦୦ । ଭୁବନପୁରେର ହାଟ, ଉପନ୍ୟାସ ୧୯୬୪
୧୦୧ । ବସନ୍ତରାଗ, ଉପନ୍ୟାସ, ୧୯୬୪
୧୦୨ । ଏକଟି ପ୍ରେମେର ଗଳ୍ପ, କ୍ଷୁଦ୍ରଗଳ୍ପ ୧୯୬୫
୧୦୩ । ସ୍ୱର୍ଗମର୍ତ୍ତ୍ୟ, ଉପନ୍ୟାସ, ୧୯୬୫
୧୦୪ । ବିଚିତ୍ରା, ଉପନ୍ୟାସ, ୧୯୬୫
୧୦୫ । ଗନା ବେଗମ୍, ଉପନ୍ୟାସ, ୧୯୬୫
୧୦୬ । ଅରଣ୍ୟ ବହ୍ନି, ଉପନ୍ୟାସ, ୧୯୬୬
୧୦୭ । ହୀରାପାନ୍ନା, ଉପନ୍ୟାସ, ୧୯୬୬
୧୦୮ । କିଶୋର ସଂଚୟନ, କ୍ଷୁଦ୍ରଗଳ୍ପ, ୧୯୬୬
୧୦୯ । ମହାନଗରୀ, ଉପନ୍ୟାସ, ୧୯୬୬
୧୧୦ । ଗୁରୁଦକ୍ଷିଣା, ଉପନ୍ୟାସ, ୧୯୬୬
୧୧୧ । ତପୋଭଙ୍ଗ, କ୍ଷୁଦ୍ରଗଳ୍ପ, (ସମସ୍ତ ଦିଆଯାଇନାହିଁ)
୧୧୨ । ଖାପାର୍ ପ୍ରେମ୍, କ୍ଷୁଦ୍ରଗଳ୍ପ, ୧୯୬୬
୧୧୩ । ନାରୀ ରହସ୍ୟମୟୀ, କ୍ଷୁଦ୍ରଗଳ୍ପ, ୧୯୬୬
୧୧୪ । ପଞ୍ଚକନ୍ୟା, କ୍ଷୁଦ୍ରଗଳ୍ପ, ୧୯୬୭
୧୧୫ । ଶୁକସାରୀ କଥା, ଉପନ୍ୟାସ, ୧୯୬୭
୧୧୬ । ଶିବାନୀର ଅଦୃଷ୍ଟ, ଉପନ୍ୟାସ, ୧୯୬୭
୧୧୭ । ସକର ବାଇ, ଉପନ୍ୟାସ, ୧୯୬୭
୧୧୮ । ଗୋବିନ୍ଦ ସିଂହେର୍ ଘୋଡ଼ା, କ୍ଷୁଦ୍ରଗଳ୍ପ, ୧୯୬୮
୧୧୯ । ଜୟା, କ୍ଷୁଦ୍ରଗଳ୍ପ, ୧୯୬୮
୧୨୦ । ଆରୋଗ୍ୟ ନିକେତନ, ନାଟକ ୧୯୬୮
୧୨୧ । ଏକ ପାଶ୍ଲା ବୃଷ୍ଟି, କ୍ଷୁଦ୍ରଗଳ୍ପ, ୧୯୬୯
୧୨୨ । ମନ ବୋଉଦି, ଉପନ୍ୟାସ, ୧୯୬୯
୧୨୩ । ଶ୍ରେଷ୍ଠଦେର ଶ୍ରେଷ୍ଠଗଳ୍ପ, କ୍ଷୁଦ୍ରଗଳ୍ପ ୧୯୬୯
୧୨୪ । ମିଛିଲ, ଉପନ୍ୟାସ, ୧୯୬୯
୧୨୫ । ଗ୍ରୁସ୍ଥାପଥ, ଉପନ୍ୟାସ, ୧୯୬୯
୧୨୬ । କାଲରାତ୍ରି, ଉପନ୍ୟାସ, ୧୯୭୦
୧୨୭ । ରୂପସୀ ବିହଙ୍ଗିନୀ, ଉପନ୍ୟାସ ୧୯୭୦
୧୨୮ । ଅଭିନେତ୍ରୀ, ଉପନ୍ୟାସ, ୧୯୭୦
୧୨୯ । ଫରିଆଦ, ଉପନ୍ୟାସ, ୧୯୭୧
୧୩୦ । ରବୀନ୍ଦ୍ରନାଥ ଓ ବଙ୍ଗଲାର ପଲ୍ଲୀ, ପ୍ରବନ୍ଧ, ୧୯୭୧
୧୩୧ । ଉନିଶୋ ଏକାତ୍ତର, (ଊଣେଇଶ ଏକସ୍ତରୀ) ଦୁଇଟି ଗଳ୍ପ, ୧୯୭୧
୧୩୨ । ଶତାବ୍ଦୀର ମୃତ୍ୟୁ, ଉପନ୍ୟାସ, ୧୯୭୧
୧୩୩ । କିଷ୍କିନ୍ଧ୍ୟା କାଣ୍ଡ, ଶିଶୁ ଉପନ୍ୟାସ, ୧୯୭୨

□ □

# ଜୀବନ-ପଞ୍ଜି

ତାରାଶଙ୍କର ବନ୍ଦୋପାଧ୍ୟାୟ ବୀରଭୂମ ଜିଲ୍ଲାର ଲାଭପୁର ଗାଁରେ ଥିବା ତାଙ୍କ ପୈତୃକ ଗୃହରେ ୨୩ ଜୁଲାଇ ୧୮୯୮ ମସିହାରେ ଜନ୍ମଗ୍ରହଣ କରିଥିଲେ । ୧୯୦୫ ମସିହାରେ ତାଙ୍କ ପିତା ହରିଦାସ ବନ୍ଦୋପାଧ୍ୟାୟ ଏବଂ ୧୯୬୧ ମସିହାରେ ତାଙ୍କର ମାତା ପ୍ରଭାବତୀ ଦେବୀଙ୍କୁ ସେ ହରାଇଥିଲେ । ୧୯୧୬ ମସିହାରେ ଲାଭପୁରର ଯାଦବଲାଲ ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ସେ ମାଟ୍ରିକ୍ ପାସ୍ କରିଥିଲେ । ସେ ପ୍ରଥମେ କଲିକତାର ସେଣ୍ଟ୍ ଜାଭିୟର୍ସ କଲେଜ ଏବଂ ପରେ ସାଉଥ୍ ସବରବାନ୍ କଲେଜରେ ଭର୍ତ୍ତିହୋଇଥିଲେ । ମାତ୍ର ଭଗ୍ନ ସ୍ୱାସ୍ଥ୍ୟ ଓ ରାଜନୈତିକ କାର୍ଯ୍ୟକଳାପ ପାଇଁ ସେ ତାଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷା ସମାପ୍ତ କରିପାରି ନ ଥିଲେ ।

୧୯୧୬ ମସିହାରେ ଉମାଶଶି ଦେବୀଙ୍କ ସଙ୍ଗେ ତାଙ୍କର ବିବାହ ହୋଇଥିଲା । ୧୯୧୮ ମସିହାରେ ତାଙ୍କର ପ୍ରଥମ ପୁଅ ସନତ୍ କୁମାର, ୧୯୨୨ ମସିହାରେ ସବାସାନ ପୁଅ ସରିତ୍ କୁମାର, ୧୯୨୪ରେ ବଡ଼ଝିଅ ଗଙ୍ଗା, ୧୯୨୬ ମସିହାରେ ଦ୍ୱିତୀୟ ଝିଅ ବୁଲୁ, ୧୯୩୨ ମସିହାରେ ସବାସାନଝିଅ ବାଣୀ ଜନ୍ମ ହୋଇଥିଲେ । ୧୯୩୨ ମସିହାରେ ବୁଲୁର ମୃତ୍ୟୁ ହୋଇଥିଲା ।

୧୯୩୦ରେ ସେ ଗିରଫ ହୋଇ ଡିସେମ୍ବର ମାସରେ ଜେଲରୁ ଛୁଟି-ପାଇଥିଲେ । ୧୯୩୨ ମସିହାରେ ପ୍ରଥମଥର ପାଇଁ କବିଗୁରୁ ରବୀନ୍ଦ୍ରନାଥ ଠାକୁରଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା । ୧୯୩୨ ମସିହାରେ ତାଙ୍କର ପ୍ରଥମ ଉପନ୍ୟାସ 'ଚଇତାଳିଘୂର୍ଣ୍ଣି' ପ୍ରକାଶ ପାଇଥିଲା ।

୧୯୩୫ ମସିହାରେ ଲାଭପୁରବାସୀ ତାଙ୍କୁ ପ୍ରଥମଥର ଏବଂ ୧୯୩୭ ମସିହାରେ ଦ୍ୱିତୀୟଥର ସମ୍ବର୍ଦ୍ଧନା ଜଣାଇଲେ । ୧୯୪୦ ମସିହାରେ କଲିକତା ବାଘାବଜାରରେ ସେ ଘରଭଡ଼ା ନେଇ ସପରିବାର ରହିଥିଲେ । ୧୯୪୧ରେ ଉତ୍ତର କଲିକତାର ସହରତଳି ଅଞ୍ଚଳରେ ବରାନଗରରେ ରହିବାଲାଗି ଯାଇଥିଲେ । ୧୯୪୨ ମସିହାରେ ବୀରଭୂମଜିଲ୍ଲା ସାହିତ୍ୟ ସମ୍ମେଳନରେ ସାହିତ୍ୟ ବିଭାଗରେ ସେ ସଭାପତିତ୍ୱ କରିଥିଲେ । ୧୯୪୨ ମସିହାରେ ଫାସିଜମ୍ ବିରୁଦ୍ଧରେ ଗଠିତ ଲେଖକ ଓ କଳାକାର ସଂଘର ସେ ସଭାପତି ହୋଇଥିଲେ । ୧୯୪୪ ମସିହାରେ ସେ କାନପୁର ପ୍ରବାସୀ ସାହିତ୍ୟ ସମ୍ମିଳନୀର ସାହିତ୍ୟ ବିଭାଗରେ ସଭାପତିତ୍ୱ କରିଥିଲେ । ୧୯୪୭ରେ କଲିକତାରେ ଅନୁଷ୍ଠିତ ହୋଇଥିବା ପ୍ରବାସୀ ବଙ୍ଗ ସାହିତ୍ୟ ସମ୍ମେଳନ ସେ ଉଦ୍‌ଘାଟନ କରିଥିଲେ ।

ସେହିବର୍ଷ ମଧ୍ୟ ସେ ବମ୍ବେରେ ଅନୁଷ୍ଠିତ ପ୍ରବାସୀ ବଙ୍ଗ ସାହିତ୍ୟ ସମ୍ମେଳନର ରଜତ ଜୟନ୍ତୀରେ ସାହିତ୍ୟ ବିଭାଗର ସଭାପତିତ୍ୱ କରିଥିଲେ । ୧୯୪୭ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଶରତ୍ ସ୍ମାରକୀ ପଦକ ଲାଭ କରିଥିଲେ । ୧୯୪୭ ମସିହାରେ ତାଙ୍କୁ ପଚାଶବର୍ଷ ପୂରିଯାଇଥିଲା । ଏହି ଅବସରରେ ତାଙ୍କୁ ବଙ୍ଗଳାର ଲେଖକମାନେ ସମ୍ବର୍ଦ୍ଧନା ଜଣାଇଥିଲେ । ୧୯୪୮ ମସିହାରେ କଲିକତା ଟାଲାପାର୍କରେ ତାଙ୍କର ନବନିର୍ମିତ ଗୃହରେ ସେ ପ୍ରବେଶ କରିଥିଲେ ।

୧୯୫୧ ମସିହାରେ ସୋଭିଏତ୍‌ଦେଶ ଯିବାପାଇଁ ନିମନ୍ତ୍ରଣକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ୧୯୫୨ ମସିହାରେ ସେ ବିଧାନସଭାକୁ ମନୋନୀତ ହୋଇଥିଲେ । ୧୯୫୪ ମସିହାରେ ସେ ତାଙ୍କ ମା'ଙ୍କଠାରୁ ଦୀକ୍ଷାଗ୍ରହଣ କରିଥିଲେ । ୧୯୫୫ ମସିହାରେ ପଶ୍ଚିମବଙ୍ଗ ସରକାର ତାଙ୍କୁ ରବୀନ୍ଦ୍ରସ୍ମାରକୀ ପୁରସ୍କାର ପ୍ରଦାନ କରିଥିଲେ । ୧୯୫୬ ମସିହାରେ ଚୀନ୍‌ର ଲେଖକ ଲୁ ସୁନ୍‌ଙ୍କ ମୃତ୍ୟୁ ବାର୍ଷିକୀରେ ଯୋଗଦେବାପାଇଁ ଭାରତ ସରକାର ତାଙ୍କୁ ଚୀନ ପଠାଇଥିଲେ । ମାତ୍ର ଅସୁସ୍ଥତା ହେତୁ ସେ ରେଙ୍ଗୁନ୍‌ରୁ ଫେରିଆସିଥିଲେ । ୧୯୫୬ ମସିହାରେ ସେ ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ । ୧୯୫୭ ମସିହାରେ ଚୀନ ସରକାରଙ୍କ ନିମନ୍ତ୍ରଣରେ ସେ ଚୀନ ଯାଇଥିଲେ । ୧୯୫୮ ମସିହାରେ ଆଫ୍ରୋ-ଏସିଆନ ଲେଖକ ସମ୍ମେଳନର ପ୍ରସ୍ତୁତି କମିଟିରେ ଯୋଗଦେବାପାଇଁ ରୁଷିଆ ଯାଇଥିଲେ । ସେହିବର୍ଷ ତାସକେଣ୍ଟରେ ଅନୁଷ୍ଠିତ ଆଫ୍ରୋ-ଏସିଆନ ଲେଖକ-ସମ୍ମେଳନରେ ଯୋଗଦେବା ପାଇଁ ଭାରତୀୟ ପ୍ରତିନିଧି ଦଳର ନେତାରୂପେ ସେ ସେଠାକୁ ଯାଇଥିଲେ ।

୧୯୫୯ ମସିହାରେ ସେ କଲିକତା ବିଶ୍ୱବିଦ୍ୟାଳୟରୁ ଜଗତ୍ତାରିଣୀ ସ୍ୱର୍ଣ୍ଣପଦକ ପାଇଥିଲେ । ସେହିବର୍ଷ ମାନ୍ଦ୍ରାଜରେ ସର୍ବଭାରତୀୟ ଲେଖକ ସମ୍ମେଳନରେ ସେ ପୌରୋହିତ୍ୟ କରିଥିଲେ । ୧୯୬୦ ମସିହାରେ ସେ ରାଜ୍ୟ ବିଧାନସଭାରୁ ଅବସର ନେଇଥିଲେ ଏବଂ ରାଜ୍ୟସଭାକୁ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୋଇଥିଲେ । ଏଥିପାଇଁ ତାଙ୍କୁ ବାଲୀ, ହାଓଡ଼ା ଅଧିବାସୀମାନେ ଏକ ନାଗରିକ ସମ୍ବର୍ଦ୍ଧନା ଦେଇଥିଲେ । ସେହିବର୍ଷ ଲାଭପୁରବାସୀଙ୍କ ପକ୍ଷରୁ ତାଙ୍କୁ ଦ୍ୱିତୀୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ୧୯୬୨ ମସିହାରେ ପଦ୍ମଶ୍ରୀ ପଦରେ ତାଙ୍କୁ ସମ୍ମାନିତ କରାଯାଇଥିଲା । ସେହିବର୍ଷ ତାଙ୍କର ବଡ଼ଜ୍ୱାଇଁ ଶାନ୍ତିଶଙ୍କର ମୁଖାର୍ଜୀଙ୍କର ମୃତ୍ୟୁ ହୋଇଥିଲା । ଏହା ଫଳରେ ସେ ଭାଙ୍ଗି ପଡ଼ିଥିଲେ । ନିଜକୁ ବ୍ୟସ୍ତ ରଖିବା ପାଇଁ ସେ ଚିତ୍ର ଓ କାଠର ଖେଳନା ଗଢ଼ୁଥିଲେ । ୧୯୬୩ ମସିହାରେ ସେ ଶିଶିର କୁମାର ପୁରସ୍କାର ପାଇଥିଲେ । ୧୯୬୬ ମସିହାରେ ସେ ରାଜ୍ୟସଭା ସଦସ୍ୟ ପଦରୁ ଅବସର ନେଇଥିଲେ । ୧୯୬୬ ମସିହାରେ ସେ ନାଗପୁରଠାରେ ଅନୁଷ୍ଠିତ ନାଗପୁର ବଙ୍ଗ ସାହିତ୍ୟ ସମ୍ମେଳନରେ ସଭାପତିତ୍ୱ

କରିଥିଲେ । ୧୯୬୭ ମସିହାରେ ସେ ଜ୍ଞାନପୀଠ ପୁରସ୍କାର ପାଇଥିଲେ । ଏହି ଅବସରରେ ତାଙ୍କୁ କଲିକତା କର୍ପୋରେସନ ପକ୍ଷରୁ ଏକ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ତାଙ୍କୁ ସତୁରିବର୍ଷ ହେବାରେ କଲିକତାର ନାଗରିକମାନେ ତାଙ୍କୁ ମହାଜାତି ସଦନରେ ଏକ ସମ୍ବର୍ଦ୍ଧନା ଦେଇଥିଲେ । ୧୯୬୮ ମସିହାରେ ତାଙ୍କୁ ପଦ୍ମଭୂଷଣ ପଦ ଦିଆଯାଇଥିଲା । ସେହିବର୍ଷ କଲିକତା ବିଶ୍ୱବିଦ୍ୟାଳୟ ଓ ଯାଦବପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ସାହିତ୍ୟରେ ସମ୍ମାନାସ୍ପଦ ଡକ୍ଟରେଟ ଉପାଧି ଦେଇଥିଲେ । ୧୯୬୯ରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋସିପ୍ ମିଳିଥିଲା । ସେହିବର୍ଷ ସେ ବଙ୍ଗୀୟ ସାହିତ୍ୟ ପରିଷଦର ସଭାପତି ଏବଂ 'ସାତରୂପ' ଦ୍ୱିମାସିକ ପତ୍ରିକାର ସମ୍ପାଦକୀୟ ବୋର୍ଡର ସଭାପତି ହୋଇଥିଲେ । ୧୯୭୦ ମସିହାରେ ଚତୁର୍ଥଥର ପାଇଁ ଲାଭପୁରବାସୀ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ । ୧୯୭୧ ମସିହାରେ ବିଶ୍ୱଭାରତୀର ନିମନ୍ତ୍ରଣ କ୍ରମେ ସେ ସେଠାରେ ନୃପେନ୍ଦ୍ରଚନ୍ଦ୍ର ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟରେ ଡି. ଏଲ୍. ରାୟ ସ୍ମାରକୀ ବକ୍ତୃତା ଦେବାଲାଗି ନିମନ୍ତ୍ରିତ ହୋଇଥିଲେ ।

ପ୍ରାୟ ୧୯୭୧ ମସିହା ଜୁଲାଇ ମାସରୁ ସାଇନସ୍‌ଜନିତ ଯନ୍ତ୍ରଣାଯୋଗୁଁ କଷ୍ଟ ହେଉଛି ବୋଲି ସେ ଅଭିଯୋଗ କରୁଥିଲେ । ଅଗଷ୍ଟ ୧୩ ତାରିଖରେ ହଠାତ୍ ତାଙ୍କ ଚେତା ବୁଡ଼ିଗଲା । ସେହି ଅପରାହ୍ଣରେ ସେ ଚେତା ଫେରପାଇଲେ ଏବଂ ପୁଣି ଥରେ ବେହୋସ ହୋଇପଡ଼ିଲେ । ୧୪ ତାରିଖ ସେପ୍ଟେମ୍ବର ଭୋର ସକାଳେ ତାଙ୍କର ଜୀବନ ପ୍ରଦୀପ ଲିଭିଗଲା । ଉତ୍ତର କଲିକତାର ନିମତାଲାଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ସନତ୍ କୁମାର ବନ୍ଦୋପାଧ୍ୟାୟ ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରିଥିଲେ ।

□ □ □

Indian In... ...dvance
117817
21/12/84
SHIMLA

ବିଭୂତିଭୂଷଣ ଓ ମାଣିକଙ୍କ ସହିତ ତାରାଶଙ୍କର ରବୀନ୍ଦ୍ରୋତ୍ତର ବଙ୍ଗଳା ଉପନ୍ୟାସର ଇତିହାସରେ ତ୍ରିସ୍ତମ୍ଭରୂପେ ଗ୍ରହଣୀୟ । ଶରତଚନ୍ଦ୍ର ଅନ୍ୟ ଏକ ବିଭୂତି । କିନ୍ତୁ ମୂଲ୍ୟାଙ୍କନ କରିବା ସମୟରେ ତାରାଶଙ୍କରଙ୍କୁ ଅନ୍ୟ ଦୁଇ ଲେଖକଙ୍କ ସହିତ ତୁଳନା କରିବା ଉଚିତ ହେବ ନାହିଁ । ଏଇ ତିନି-ଜଣ ପରସ୍ପର ଠାରୁ ଭିନ୍ନ । ତେବେ ଉପନ୍ୟାସକାର ଭାବରେ ତାରାଶଙ୍କରଙ୍କ ସ୍ଥାନ କେଉଁଠି ? ମାଣିକ ବନ୍ଦ୍ୟୋପାଧ୍ୟାୟଙ୍କଭଳି ସେମାନଙ୍କର ଲଗିଥିବା ଘୁଣର ବିଶ୍ଳେଷଣ କରି ନାହାନ୍ତି । ବିଭୂତିଭୂଷଣଙ୍କ ସହିତ ମଧ୍ୟ ତାଙ୍କର କୌଣସି ସାମ୍ୟ ନାହିଁ । ବିଭୂତିଭୂଷଣଙ୍କ କଳା ଅପ୍ରତିମ ଯାହାକି ବଙ୍ଗଳା ସାହିତ୍ୟରେ ତାଙ୍କ ପୂର୍ବରୁ କିମ୍ବା ପରେ ଉପଲବ୍ଧ ହୁଏନା ।

ତାହାହେଲେ ତାରାଶଙ୍କରଙ୍କୁ ତାଙ୍କର ପାଠକମାନେ ଏତେ ସହଜରେ ଚାହିଁକି ସ୍ୱୀକାର କରି ନେଲେ ? ଏହାର ଉତ୍ତର ମୁଖ୍ୟତଃ ତାଙ୍କର ବିଷୟ ଚୟନ ମଧ୍ୟରେ ମିଳିବ । ନିଜର ବିଷୟ ସମ୍ପର୍କରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନ ଥିଲା । ଏହା ତାଙ୍କର ଏକ ବିଶିଷ୍ଟ ଗୁଣ । ତାଙ୍କ ଦୃଷ୍ଟିରେ ଦେଶ ଅମୂର୍ତ୍ତ ବସ୍ତୁ ନୁହେଁ । ସାଧାରଣ ଲୋକ, ପୃଥିବୀ, ଫସଲ, କ୍ଷେତ, ଖଜଣା, ରାଜସ୍ୱ, କୃଷି ଋଣ, ଜଳକର, ମଜୁରି, … ଙ୍କ ଅଣ୍ଟା ଭଙ୍ଗା ପରିଶ୍ରମ ପ୍ରଭୃ… ଙ୍କର ସଫଳତାର ରହସ୍ୟ ।

Library IIAS, Shimla
OR 891.443 092 B 223 A
00117817

ଏଭଳି ଜଣେ ମହାନ୍ ଉପନ… ବର୍ଦ୍ଧମାନ, ପତନ, ନୈରାଶ୍ୟ ଏବଂ ପୁନରୁତ୍ଥାନର ଇତିହାସର ସୂକ୍ଷ୍ମ ଚିତ୍ରକାର ଅଟନ୍ତି ତାଙ୍କର ଜୀବନ କଥା ବିଖ୍ୟାତ ଔପନ୍ୟାସିକା ମହାଶ୍ୱେତା ଦେବୀ ଅତ୍ୟନ୍ତ ପରିଶ୍ରମ ସହକାରେ ଅଙ୍କନ କରିଛନ୍ତି ।